ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 12/2024 Page 20 ₹ 7.00 | SAMBALPUR
୫୦ଶ ଭାଗ ୧୬୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 167 ମୂଲ୍ୟ ₹୭/-

ORERA Registration No.: RP/07/2022/00795
Website: www.rera.odisha.gov.in

# Find Your Perfect Space for Life




Member Of CREDAI Bhubaneswar Foundation

CMC Approved

Work in Full Swing, Possession on March 2026

## NETRA GALAXY :

### Iconic Paradise Living Apartments

"Netra Galaxy" located @**Nuahat adjacent to NH-16, Phulnakhara Square, Cuttack** & well connected to all the major landmarks having wide road access and very comfortable communication rout.



**3 side** ventilated 3, 3.5 & 4.5 BHK Residential Apartments | S+5 Floor | 1380 sft. onwards | 5 Blocks | Dedicated Luxury Club House with Modern Amenities | 12000 sft. of central courtyard area | 60% open to sky area | 3.770 Acres of Land Parcel.

**3 BHK Price Starts From ₹80 Lacs*** with all amenities
(Excluding Registration & GST)

### OUTDOOR Amenities

- Kid's Play Area.
- Water Wall & Lilly Pool.
- Open Amphitheater.
- Senior Citizen's Sit-out.
- Walking Track.
- Lush Green Landscaping.

30% Units Left out



LOCATION MAP




- Close to Panda Cancer Hospital, Grand Bazaar and Reliance Petrol Pump.
- 2 mins drive from SUM Hospital (Under Construction), Phulnakhara Sqr.
- 5 to 6 mins drive from Pal Heights Mantra and Pahala Square.
- 6 to 8 mins drive from DPS Kalinga School and Mothers Public School.
- 6 to 8 mins drive from Symphony Mall.
- 8 to 10 mins drive from Rasulgarh Square, Esplanade Mall.
- 8 to 10 mins drive from Link Road, Cuttack.
- 20 to 25 mins drive from Bhubaneswar Railway Station.
- 30 to 35 mins drive from Biju Patnaik International Airport.

### CLUB CALISTO

*Blending Relaxation with Sophistication*



Preferred Banking Partners
State Bank of India — THE BANKER TO EVERY INDIAN
ICICI Bank Home Loans
LIC HFL — LIC HOUSING FINANCE LTD
बैंक ऑफ इंडिया Bank of India
केनरा बैंक Canara Bank

Developer:
ALISHAN
# ALISHAN REALCON PVT. LTD.
Plot No.-N2/12, IRC Village, Nayapalli, Bhubaneswar, Odisha-751015
E-mail: netragalaxy@gmail.com, Web: www.netragalaxy.com

:: Contact us ::
7008563697 / 9937938024
9937005103

# ଖୋଲା ବିତର୍କ ପାଇଁ ମୁଁ ପ୍ରସ୍ତୁତ, ମୋଦି ରାଜି ତ: ରାହୁଲ

ନୂଆଦିଲ୍ଲୀ,୧୧।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଖୋଲା ବିତର୍କ ଆହ୍ୱାନକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଗ୍ରହଣ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ବିତର୍କରେ ସାମିଲ ହେବାକୁ ପ୍ରସ୍ତୁତ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ପୂର୍ବତନ ବିଚାରପତି ମଦନ ବି ଲୋକୁର, ଅଜିତ ପି. ଶାହ ଏବଂ ବରିଷ୍ଠ ସାମ୍ବାଦିକ ଏନ୍ ରାମ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାହୁଲ ଗାନ୍ଧୀଙ୍କୁ ପତ୍ର ଲେଖି ଲୋକ ସଭା ନିର୍ବାଚନ ବେଳେ ଖୋଲା ବିତର୍କରେ ସାମିଲ ହେବାକୁ ଆମନ୍ତ୍ରଣ କରିଥିଲେ। ଏହାଦ୍ୱାରା ଉଭୟ ପକ୍ଷ ପରସ୍ପର ବିରୋଧରେ ଆଣୁଥିବା ଅଭିଯୋଗ ଓ ଚ୍ୟାଲେଞ୍ଜର ଉପଯୁକ୍ତ ଜବାବ ମିଳିପାରିବ ବୋଲି ପୂର୍ବତନ ବିଚାରପତି ଓ ସାମ୍ବାଦିକ ସେମାନଙ୍କ ପତ୍ରରେ ଉଲ୍ଲେଖ କରିଥିଲେ। ଜନସାଧାରଣ କେବଳ ଉଭୟଙ୍କ ଅଭିଯୋଗ ଓ ଚ୍ୟାଲେଞ୍ଜକୁ ଶୁଣି ଅତିଷ୍ଠ ହୋଇପଡ଼ିଥିବାବେଳେ ପରସ୍ପର ମୁହଁରୁ ଅର୍ଥପୂର୍ଣ୍ଣ ପ୍ରତିଜବାବ ଶୁଣିପାରୁ ନାହାନ୍ତି। ରାହୁଲ ସେମାନଙ୍କ ଆମନ୍ତ୍ରଣକୁ ଗ୍ରହଣ କରି ଏକ୍ସ'ରେ ଲେଖିଛନ୍ତି, ଗୋଟିଏ ମଞ୍ଚରେ ବୃହତ୍ ଦଳର ନେତା ଖୋଲା ବିତର୍କରେ ଭାଗ ନେବା ସୁସ୍ଥ ଗଣତନ୍ତ୍ର ପାଇଁ ସକାରାତ୍ମକ ଆମନ୍ତ୍ରଣ। କଂଗ୍ରେସ ଏହାକୁ ସ୍ୱାଗତ କରୁଛି। ପ୍ରଧାନମନ୍ତ୍ରୀ ବିତର୍କରେ ଭାଗନେବା ଦେଶ ଆଶା କରେ ବୋଲି ରାହୁଲ କହିଛନ୍ତି। ବିତର୍କରେ ଭାଗ ନେବାକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଖୁସି ହେବେ। ତେବେ ପ୍ରଧାନମନ୍ତ୍ରୀ ବିତର୍କରେ ସାମିଲ ହେବାକୁ ରାଜି କି ବୋଲି ଜଣାଇବାକୁ ରାହୁଲ କହିଛନ୍ତି।



ଆନ୍ଧ୍ରପ୍ରଦେଶର କଡ୍ଡାପାରେ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ନେତ୍ରୀ ୱାଇ.ଏସ୍. ଶର୍ମିଳାଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି।



ଉତ୍ତରପ୍ରଦେଶର କନୌଜରେ ସୋମବାର ହେବାକୁ ଥିବା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ଏହି ଆସନର ଦଳୀୟ ପ୍ରାର୍ଥୀ ଅଖିଳେଶ ଯାଦବ ପ୍ରଚାର କରୁଛନ୍ତି।

# 'ଶାହା, ଯୋଗୀଙ୍କୁ ବି ଛାଡ଼ିବେନି ମୋଦି'

ନୂଆଦିଲ୍ଲୀ,୧୧।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବିପଜ୍ଜନକ ମିଶନରେ ବାହାରିଛନ୍ତି। ଦେଶରେ ଜଣେ ମାତ୍ର ନେତା (ନିଜେ) ରୁହନ୍ତୁ ବୋଲି ସେ ଚାହୁଁଛନ୍ତି। ଏପରି କି ସବୁ ବିରୋଧୀ ନେତାଙ୍କୁ ଜେଲରେ ପୂରାଇବା ସହ ଭାଜପାରେ ଥିବା ତାଙ୍କ ଚ୍ୟାଲେଞ୍ଜରମାନଙ୍କୁ ଶେଷ କରିଦେବାକୁ ମୋଦି ଆଗ୍ରହୀ ବୋଲି ଶନିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତିହାର ଜେଲରେ ୫୦ ଦିନ ରହିବା ପରେ ଶୁକ୍ରବାର ସୁପ୍ରିମକୋର୍ଟରୁ ଜାମିନ ପାଇ ସେ ବାହାରିଛନ୍ତି। ମେ' ୨୫ରେ ଷଷ୍ଠ ପର୍ଯ୍ୟାୟରେ ଦିଲ୍ଲୀର ୭ ଲୋକ ସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଜେଲରୁ ମୁକୁଳିବାର ଦିନକ ପରେ କେଜ୍‌ରିୱାଲ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଜପା ଏଥର ଜିତିଲେ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀ, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଜେଲ ଯିବେ। ଏପରି କି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପ୍ରତି ମଧ୍ୟ ବିପଦ ଦେଖାଦେବ। କାରଣ ଏହି ୨ ଜଣ ଦଳ ଭିତରେ ମୋଦିଙ୍କ ଚ୍ୟାଲେଞ୍ଜର ହୋଇପାରନ୍ତି। ଲାଲ୍‌କୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ସୁମିତ୍ରା ମହାଜନ, ଶିବରାଜ ଚୌହାନ୍ ଏବଂ ଡ. ରମଣ ସିଂଙ୍କ ରାଜନୈତିକ କ୍ୟାରିୟରକୁ ମୋଦି ଶେଷ କରିଦେଇଛନ୍ତି। ଭାଜପା ପୁନର୍ବାର କ୍ଷମତାକୁ ଫେରିଲେ ୨ ମାସ ଭିତରେ ଯୋଗୀ ମୁଖ୍ୟମନ୍ତ୍ରୀ ପଦ ହରାଇବେ। ଦେଶରେ କେବଳ ଜଣେ ଏକଚ୍ଛତ୍ରବାଦୀ ରହିବେ। ତଥାପି ମୋଦି ଆସନ୍ତା ବର୍ଷ ସେପ୍ଟେମ୍ବର ୧୭ରେ ୭୫ ବର୍ଷରେ ଉପନୀତ ହେବା ପରେ ଅନ୍ୟ ବରିଷ୍ଠ ନେତାମାନଙ୍କ ଭଳି ରାଜନୀତିରୁ ଅବସର ନେବେ ବୋଲି କେଜ୍‌ରିୱାଲ କହିଛନ୍ତି। ତେବେ ଭାଜପା ଜିତିପାରିବ ନାହିଁ। ଇଣ୍ଡିଆ ବ୍ଲକ୍ ଜୁନ୍ ୪ରେ ସରକାର ଗଢ଼ିବ ଏବଂ ଆପ୍ ଏଥିରେ ସାମିଲ ହେବ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନବଗ୍ରହ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବାବେଳେ ସାଙ୍ଗରେ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍।

## କେଜ୍‌ରିୱାଲ ନିଶାରେ କହୁଛନ୍ତି: ଭାଜପା

ଏହାର ଜବାବରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଦ ନିଶାରେ ଏପରି କହୁଛନ୍ତି ନା ଜେଲ ପ୍ରଭାବରେ। ମଦ୍ୟପାନ କଲେ ବ୍ୟକ୍ତି ନିଜ ଉପରୁ ନିୟନ୍ତ୍ରଣ ହରାଇଥାନ୍ତି। ସେତେବେଳେ ତାଙ୍କ ପାଟିରୁ ସତକଥା ବାହାରିଥାଏ। ମୋଦି କ୍ଷମତାକୁ ଫେରି ପୁଣି ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି ବୋଲି କେଜ୍‌ରିୱାଲ କହିଥିବା କଥା ସତ। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଛନ୍ତି, ୭୫-ବର୍ଷ ସମୟସୀମା ମୋଦିଙ୍କ କ୍ଷେତ୍ରରେ ଲାଗୁ ହେବନାହିଁ। ମୋଦି ଭବିଷ୍ୟତରେ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ପଦରେ ରହିଥିବେ। ଏହାକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ମଦ ଦୁର୍ନୀତି ମାମଲାରେ ଜାମିନ ପାଇଁ ନେହୁରା ହେବାରୁ ସୁପ୍ରିମକୋର୍ଟ ତାଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଛାଡ଼ିଛନ୍ତି। ୨ ତାରିଖରେ ତାଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିବ ବୋଲି ଶାହା କହିଛନ୍ତି।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

ନୂଆଦିଲ୍ଲୀ,୧୧।୫

ଆସନ୍ତା ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ସହ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସେଥିପାଇଁ ପ୍ରଚାର ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ଭୋଟରମାନଙ୍କୁ ମନାଇବା ପାଇଁ ଶୀର୍ଷ ରାଜନେତାମାନେ ଶେଷ ଦିନରେ ମାରାଥନ୍ ରାଲି କରି ଜୋର୍‌ଦାର ପ୍ରଚାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶାର ଫୁଲବାଣୀ, ବଲାଙ୍ଗୀର ଓ ବରଗଡ଼ରେ ସଭା କରିବା ସାଙ୍ଗକୁ ଝାଡ଼ଖଣ୍ଡରେ ମଧ୍ୟ ପ୍ରଚାର କରିଥିଲେ। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଟିଏମ୍‌ସିର ମହୁଆ ମୋଇତ୍ର, ଓମାର ଅବଦୁଲ୍ଲା, ଗିରିରାଜ ସିଂ, ଅଧୀର ରଞ୍ଜନ ଚୌଧୁରୀ, ଶତ୍ରୁଘ୍ନ ସିହ୍ନା, ଅସାଦୁଦ୍ଦିନ ଓୱାଇସି ଏବଂ ୱାଇ.ଏସ୍. ଶର୍ମିଳାଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ସୋମବାର ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନରେ ମତଦାନ ହେବ। ଉତ୍ତରପ୍ରଦେଶର ୧୩ ଆସନ ସମେତ ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗର ୮ଟି ଲେଖାଏ, ବିହାରର ୫, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏ ଆସନ ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନ ଲାଗି ଭୋଟ ହେବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଆସନ ଏବଂ ତେଲଙ୍ଗାନାର ୧୭ ଆସନରେ ମଧ୍ୟ ସୋମବାର ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିସହିତ ଆନ୍ଧ୍ରପ୍ରଦେଶର ସମସ୍ତ ୧୭୫ ବିଧାନସଭା ଆସନ ଏବଂ ଓଡ଼ିଶାର ୧୪୭ ଆସନ ମଧ୍ୟରୁ ୨୮ଟିରେ ମତଦାନ ହେବାକୁ ଯାଉଛି।

# ପିଓକେରେ ବିକ୍ଷୋଭକାରୀଙ୍କୁ ପୋଲିସର ଗୁଳି: ୨ ମୃତ

ଇସ୍‌ଲାମାବାଦ,୧୧।୫

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଟିକସ ବୃଦ୍ଧି, ବିଦ୍ୟୁତ୍ ଅଭାବ ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ଓ ଅର୍ଦ୍ଧସାମରିକ ବଳ ଏକେ-୪୭ରୁ ଗୁଳି ଚଳାଉଥିବା ଜଣାପଡ଼ିଛି। ପିଓକେରେ ସୁରକ୍ଷା ବଳର ଦମନ ଲୀଳା ନୂଆ ନୁହେଁ। ଶନିବାର ହଜାର ହଜାର ବିକ୍ଷୋଭକାରୀ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରିଥିବାବେଳେ ପୋଲିସର ଦମନଲୀଳା ଆରମ୍ଭ ହୋଇଥିଲା। ପାକିସ୍ତାନୀ ରେଞ୍ଜର ଏବଂ ପୋଲିସ ପକ୍ଷରୁ ଲୁହବୁହା ବାଷ୍ପ ଛଡ଼ାଯିବା ସହ ଗୁଳିମାଡ଼ କରାଯାଇଥିଲା। ଏଥିରେ ୨ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇଛନ୍ତି। ପୋଲିସ ଏକେ-୪୭ରୁ ଫାଙ୍କା ଗୁଳିଚାଳନା ସହ ଲୋକଙ୍କ ଉପରକୁ ଗୁଳି ଚଳାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଗୁଳିମାଡ଼ରେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ପିଓକେରେ ଉତ୍ପାଦିତ ବିଦ୍ୟୁତ୍‌କୁ ଅନ୍ୟ ବୃହତ୍ ସହରଗୁଡ଼ିକୁ ଯୋଗାଇଦିଆଯାଉଥିବାବେଳେ ସ୍ଥାନୀୟ ଲୋକେ ବିଜୁଳି ଅଭାବ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିଲେ।

# ପରିବାରର ୫ ଜଣଙ୍କୁ ହତ୍ୟା ପରେ ଆତ୍ମହତ୍ୟା

ସୀତାପୁର,୧୧।୫

ଉତ୍ତରପ୍ରଦେଶର ସୀତାପୁରରେ ଜଣେ ବ୍ୟବସାୟୀ ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଅଭିଯୁକ୍ତ ଅନୁରାଗ ସିଂ(୪୫) ନିଶା ଅଭ୍ୟସ୍ତ ଥିଲେ ବୋଲି ପୋଲିସ କହିଛି। ମୃତକଙ୍କ ମଧ୍ୟରେ ଅଛନ୍ତି ଅନୁରାଗଙ୍କ ମା' ସାବିତ୍ରୀ ଦେବୀ(୬୦), ସ୍ତ୍ରୀ ପ୍ରିୟଙ୍କା(୪୦) ଏବଂ ୩ ପିଲା ଅଶ୍ୱିନୀ(୧୨), ଅଶ୍ୱୀ(୧୦) ଏବଂ ଅଦ୍ୱୈତ(୬)। ରାମପୁର ଥାନା ଅନ୍ତର୍ଗତ ପାଲାପୁର ଗ୍ରାମରେ ଶନିବାର ସକାଳେ ଏହି ହତ୍ୟାକାଣ୍ଡ ଘଟିଛି। ଘର ବାହାରେ ପିଲାମାନଙ୍କ ମୃତଦେହ ପଡ଼ିଥିବାବେଳେ ଅନ୍ୟମାନଙ୍କ ମରଶରୀର ଘର ଭିତରେ ଥିଲା। ଅନୁରାଗ ଓ ସ୍ତ୍ରୀଙ୍କ ଦେହରେ ଗୁଳି ବାଜିଥିବା ବେଳେ ତାଙ୍କ ମାଆ ଓ ପିଲାମାନଙ୍କୁ ହାତୁଡ଼ିରେ ପିଟି ମାରିଦିଆଯାଇଥିବା ଜଣାପଡ଼ିଛି। ଡ୍ରଗ୍ସ ଓ ମଦ ନିଶାରେ ବୁଡ଼ି ରହୁଥିବା ଅନୁରାଗଙ୍କୁ ତାଙ୍କ ପରିବାର ଲୋକେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିବାକୁ ଯୋଜନା କରୁଥିବାବେଳେ ଏହାକୁ ନେଇ ତାଙ୍କର ପରିବାର ସଦସ୍ୟଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା ବୋଲି ପୋଲିସ କହିଛି।

# ବ୍ରାଜିଲ ବନ୍ୟା: ୧୩୬ ମୃତ, ୧୨୫ ନିଖୋଜ



ଆକାଶମାର୍ଗରୁ ବ୍ରାଜିଲ ବନ୍ୟାର ଦୃଶ୍ୟ।

ବ୍ରାସିଲିଆ,୧୧।୫

ବ୍ରାଜିଲର ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟାରେ ଶନିବାର ସୁଦ୍ଧା ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨୫ ଜଣ ନିଖୋଜ ହୋଇଯାଇଛନ୍ତି। ସପ୍ତାହେ ହେଲା ସେଠାରେ ବର୍ଷା ଲାଗିରହିଥିବାରୁ ବ୍ରାଜିଲର ଦକ୍ଷିଣ ଭାଗରେ ଥିବା ଏହି ରାଜ୍ୟର ବହୁ ସହର ବନ୍ୟାପାଣି ଘେରରେ ରହିଛି। ବନ୍ୟା ଯୋଗୁ ୪ ଲକ୍ଷ ଲୋକ ବିସ୍ଥାପିତ ହେବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପାନୀୟ ଜଳଯୋଗାଣ ଓ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିବାରୁ ୧୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ପ୍ରବଳ ବର୍ଷା ଯୋଗୁ ୫ଟି ଜଳବିଦ୍ୟୁତ ଡ୍ୟାମ୍ ଏବଂ ସରବରାହ ଲାଇନ୍‌କୁ ବନ୍ଦ ରଖାଯାଇଥିବା ଜାତୀୟ ଗ୍ରୀଡ୍ ଅପରେଟର ଓଏନ୍‌ଏସ୍ କହିଛି। ସହରର ଏୟାରପୋର୍ଟ ବନ୍ୟାପାଣିରେ ବୁଡ଼ିରହିଥିବାରୁ ବିମାନ ଚଳାଚଳ ଶୁକ୍ରବାରଠାରୁ ବନ୍ଦ ରହିଛି।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୭ କୋଟି ଜବତ

## ଆନ୍ଧ୍ରରେ କାଲି ଭୋଟ

ନୂଆଦିଲ୍ଲୀ,୧୧।୫

ଆନ୍ଧ୍ରପ୍ରଦେଶରେ ସୋମବାର ଲୋକ ସଭା ସହ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ୩ ଦିନ ପୂର୍ବରୁ ଏକ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୭ କୋଟି ଟଙ୍କା ଜବତ ହୋଇଛି। ଏକ ବ୍ୟବସାୟିକ ଯାନରେ ଶୁକ୍ରବାର ଏହି ଟଙ୍କା ଯାଉଥିବାବେଳେ ଏହା ନଲାଜର୍ଲା ମଣ୍ଡଳର ଅନନ୍ତପାଲ୍ଲୀଠାରେ ଏକ ଟ୍ରକ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ରାଜ୍ୟରେ ୩ ଦିନରେ ଏହା ଦ୍ୱିତୀୟ ବଡ଼ ଜବତ ଘଟଣା। ୭ଟି ବାକ୍ସରେ ଥିବା ଏହି ଟଙ୍କାକୁ ପୂର୍ବ ଗୋଦାବରୀ ଜିଲାର ପୋଲିସ ଜବତ କରିଛି। ଗାଡ଼ିଟି ବିଜୟୱାଡ଼ାରୁ ବିଶାଖାପାଟଣା ଯାଉଥିଲା।

# ବିଏସ୍‌ଏଫ୍‌ର ଗୁଳି ପରେ ଖସି ପଳାଇଲା ପାକିସ୍ତାନୀ ଡ୍ରୋନ୍

ସାମ୍ବା/ଜମ୍ମୁ,୧୧।୫

ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମା ନିକଟରେ ଶୁକ୍ରବାର ରାତିରେ ଉଡୁଥିବା ଏକ ପାକିସ୍ତାନୀ ଡ୍ରୋନ୍‌କୁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନମାନେ ଗୁଳି ଚଳାଇଥିଲା। ଫଳରେ ଡ୍ରୋନ୍‌ଟି ପାକିସ୍ତାନ ପଟକୁ ଖସିଯାଇଥିଲା। ଡ୍ରୋନ୍‌ରୁ ଅସ୍ତ୍ରଶସ୍ତ୍ର କିମ୍ବା ଡ୍ରଗ୍ସ ଖସାଯାଇଛି କି ନାହିଁ, ତାହା ଜାଣିବା ପାଇଁ ଶନିବାର ସକାଳେ ରାମଗଡ଼ ସେକ୍ଟରର ନାରାୟଣପୁର ଅଞ୍ଚଳରେ ତଲାସି ଅଭିଯାନ କରାଯାଇଥିଲା।

# ମାଳଦ୍ୱୀପରୁ ଫେରିଲେ ସବୁ ଭାରତୀୟ ସୈନ୍ୟ

## ୩ ବିମାନ ପ୍ଲାଟ୍‌ଫର୍ମ ଚଳାଉଛନ୍ତି ହାଲ୍ କର୍ମଚାରୀ

ମାଲେ,୧୧।୫(ପି.ଟି.)

ମାଳଦ୍ୱୀପରୁ ୭୬ ଭାରତୀୟ ସୈନ୍ୟ ବିଦାହେବା ପରେ ଭାରତ ଦେଇଥିବା ହେଲିକପ୍ଟରଗୁଡ଼ିକର ନିର୍ମାତା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) କର୍ମଚାରୀମାନେ ଏବେ ସେଠାର ୩ଟି ବିମାନ ପ୍ଲାଟ୍‌ଫର୍ମ ଚଳାଉଛନ୍ତି। ମାଳଦ୍ୱୀପ ବହିର୍ବ୍ୟାପାର ମନ୍ତ୍ରୀ ମୂସା ଜମିର ଶନିବାର ଏହି ସୂଚନା ଦେଇଛନ୍ତି। ମାଳଦ୍ୱୀପରେ ହେଲିକପ୍ଟର ଏବଂ ଡୋର୍ନିୟର ବିମାନର ଦୁଇଟି ପ୍ଲାଟ୍‌ଫର୍ମକୁ ଭାରତୀୟ ସୈନ୍ୟମାନେ ପରିଚାଳନା କରୁଥିଲେ। ଶୁକ୍ରବାର ସେଠାରୁ ସବୁ ଭାରତୀୟ ସୈନ୍ୟ ଫେରିଆସିଛନ୍ତି। ଭାରତ ଏହାର ସୈନ୍ୟମାନଙ୍କୁ ଫେରାଇନେବା ଲାଗି ମାଳଦ୍ୱୀପ ମେ' ୧୦କୁ ଡେଡ୍‌ଲାଇନ ଧାର୍ଯ୍ୟ କରିଥିଲା। ଗତବର୍ଷ ନଭେମ୍ବରରେ ଚାଇନା ସପକ୍ଷବାଦୀ ମୋହମ୍ମଦ ମୁଇଜ୍ଜୁ ମାଳଦ୍ୱୀପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଭାରତୀୟ ସୈନ୍ୟ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଫୁରସତ୍



# କରିନାଙ୍କୁ କୋର୍ଟ ନୋଟିସ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କରିନା କପୁର ଖାନ୍‌ଙ୍କ ସମସ୍ୟା ବଢ଼ିଛି। ନିଜ ପୁସ୍ତକର ଟାଇଟଲକୁ ନେଇ ଅଡୁଆରେ ପଡିଛନ୍ତି ଅଭିନେତ୍ରୀ। ବେବୋ ତାଙ୍କର ପ୍ରେଗ୍ନେସି ଜର୍ନିକୁ ନେଇ ଏକ ପୁସ୍ତକ ଲେଖିଥିଲେ, ଯାହାର ନାମ ଦେଇଥିଲେ 'କରିନା କପୁର ଖାନ୍‌ସ ପ୍ରେଗ୍ନେସି ବାଇବେଲ'। ପୁସ୍ତକର ନାମରେ ବାଇବେଲ ଶବ୍ଦ ଥିବାରୁ ଏହା ବିରୋଧରେ ଜବଲପୁରର ଜଣେ ଖ୍ରୀଷ୍ଟିଆନ ସମାଜସେବୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ କୋର୍ଟ କରିନାଙ୍କୁ ନୋଟିସ ପଠାଇଛନ୍ତି। ଜବଲପୁରର ଖ୍ରୀଷ୍ଟିଆନ ସାମାଜିକ କର୍ମୀ ଖ୍ରୀଷ୍ଟୋଫର ଆନ୍ଥୋନୀ ମଧ୍ୟପ୍ରଦେଶ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ, ଯେଉଁଥିରେ କୋର୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କୋର୍ଟ କରିନା କପୁର ଏବଂ ପୁସ୍ତକ ବିକ୍ରେତାଙ୍କଠାରୁ ଉତ୍ତର ମାଗିଛନ୍ତି। ସୂଚନାଯୋଗ୍ୟ, ଜବଲପୁରର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସାମାଜିକ କର୍ମୀ ଖ୍ରୀଷ୍ଟୋଫର୍ କହିଛନ୍ତି ଯେ, କରିନା କେବଳ ପୁସ୍ତକର ପ୍ରଚାର ପ୍ରସାରକରିବା ପାଇଁ ଖ୍ରୀଷ୍ଟିଆନ ଧର୍ମର ପୁସ୍ତକ ନାମ ନେଇ ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ଏମିତି କରିଛନ୍ତି।

# ଆଜି ବିଶ୍ୱ ମାତୃ ଦିବସ

**ବିଶ୍ୱ** ମାତୃ ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ଉତ୍ସବ ଯାହାକି ମା' ଏବଂ ମାତୃଭାଷାଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପାଳନ କରାଯାଏ। ଏହା ଜଣେ ମା'ର ସନ୍ତାନ ତଥା ସମାଜ ପାଇଁ ଥିବା ଅମୂଲ୍ୟ ଅବଦାନର ସ୍ୱୀକୃତି। ଆନ୍ତର୍ଜାତୀୟ ମାତୃ ଦିବସର କୌଣସି ନିର୍ଦ୍ଦିଷ୍ଟ ତାରିଖ ନାହିଁ ସାଧାରଣତଃ ପ୍ରତିବର୍ଷ ମେ' ମାସର ଦ୍ୱିତୀୟ ରବିବାରରେ ଏହା ପାଳନ କରାଯାଇଥାଏ। ଚଳିତି ବର୍ଷ, ୨୦୨୪ରେ, ଏହା ୧୨ ମେ' ରବିବାର ଦିନ ପାଳନ କରାଯାଉଛି। ଏବେ ପୃଥିବୀର ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ଆଧୁନିକ ମାତୃ ଦିବସର ଛୁଟି ଆନ୍ନା ଜାରଭିସଙ୍କ ଦ୍ୱାରା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆରମ୍ଭ ହୋଇଥିଲା, ଏଥିରେ ସେ ନିଜ ମାତାଙ୍କ ଉତ୍ସର୍ଗୀକୃତ ସାମାଜିକ କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ।

୧୯୧୪ରେ, ରାଷ୍ଟ୍ରପତି ଉଡ୍ରୋ ୱିଲସନ ଆନୁଷ୍ଠାନିକ ଭାବରେ ମେ'ର ଦ୍ୱିତୀୟ ରବିବାରକୁ ଆମେରିକାରେ ମାତୃ ଦିବସ ଭାବରେ ପାଳନ କରିଥିଲେ, ଯାହା ପରେ ଅନ୍ୟ ଦେଶମାନେ ଗ୍ରହଣ କରିଥିଲେ। ପ୍ରାଚୀନ ଗ୍ରୀକ ଏବଂ ରୋମାନ ସଂସ୍କୃତିର ମୂଳତଃ ବସନ୍ତ ପର୍ବ ସମୟରେ ମାତା ଏବଂ ମାତୃଭାଷା ପାଳନ କରିବାର ପରମ୍ପରା ସହିତ ଏହି ତାରିଖକୁ ମନୋନୀତ କରାଯାଇଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ | Bhubaneswar, Sunday, May 12/2024 | ପୃଷ୍ଠା-୧



ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶନିବାର ପୋଲିଂ ଅଧିକାରୀମାନେ ନବରଙ୍ଗପୁରରୁ ଝରିଗାଁ ଅଭିମୁଖେ ଯାଉଛନ୍ତି। (ଫଟୋ- ସଦାଶିବ ପ୍ରହରାଜ)

# ପ୍ରଥମ ପର୍ଯ୍ୟାୟ ପ୍ରଚାର ସରିଲା

## ୧୩ରେ ରାଜ୍ୟର ୪ ଲୋକ ସଭା, ୨୮ ବିଧାନସଭା ଆସନରେ ଭୋଟ

**ଭୁବନେଶ୍ୱର,୧୧ା୫(ଅନିଲ ଦାସ)**

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଆସନ୍ତା ୧୩ ତାରିଖରେ ଭୋଟ ଗ୍ରହଣ ହେବ। ଏ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକ ସଭା କ୍ଷେତ୍ର ଓ ଏହା ଅଧୀନରେ ଥିବା ୨୮ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ। ୪ ଲୋକ ସଭା କ୍ଷେତ୍ର ପାଇଁ ୩୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ୨୮ ବିଧାନସଭା ଆସନ ପାଇଁ ୨୪୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ପର୍ଯ୍ୟାୟରେ ୪ଟି ସଂସଦୀୟ କ୍ଷେତ୍ରରେ ମୋଟ ୬୨,୮୭,୨୨୨ ମତଦାତା ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୦,୯୭,୫୨୭ ପୁରୁଷ, ୩୧,୮୯,୦୬୦ ମହିଳା ଓ ୬୩୫ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ମତଦାତା ଲିଙ୍ଗ ଅନୁପାତ ୧୦୩୦ ରହିଛି। ପୁରୁଷ ଭୋଟରଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଏମାନଙ୍କ ମଧ୍ୟରେ ୧୮ରୁ ୧୯ ବର୍ଷ ବୟସର ୧,୭୫,୧୩୪ ଜଣ ପ୍ରଥମ ଥର ଭୋଟର ରହିଥିବା ବେଳେ ୨୦ରୁ ୨୯ ବର୍ଷ ବୟସର ୧୪,୬୮,୫୦୪ ଜଣ ଯୁବ ମତଦାତା ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୭୨୮୯ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସେ କହିଛନ୍ତି ଯେ ପରିସୀମା ଭାବରେ ଏହି ପର୍ଯ୍ୟାୟରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ସବୁଠୁ ସାନ ଓ କୋରାପୁଟ ସବୁଠାରୁ ବଡ଼ ସଂସଦୀୟ କ୍ଷେତ୍ର । କୋରାପୁଟ ସଂସଦୀୟ କ୍ଷେତ୍ରରେ ସର୍ବନିମ୍ନ ୧୪,୮୦,୯୨୨ ମତଦାତା ଥିବାବେଳେ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୧୭,୦୦,୬୮୦ ମତଦାତା ରହିଛନ୍ତି। ବିଧାନସଭା କ୍ଷେତ୍ରଗୁଡ଼ିକ ମଧ୍ୟରେ ☞ପୃଷ୍ଠା–୭




## ଆଫଗାନିସ୍ତାନ ବନ୍ୟାରେ ୩୦୦ ମୃତ

**କାବୁଲ,୧୧ା୫**

ବିପର୍ଯ୍ୟୟ ଆଫଗାନିସ୍ତାନର ପିଛା ଛାଡୁନାହିଁ। କିଛି ମାସ ତଳେ ଲଗାତର ଭାବେ ୩ ଥର ଭୂକମ୍ପ ପ୍ରଭାବିତ ଏହି ଇସ୍‌ଲାମିକ ରାଷ୍ଟ୍ର ବର୍ତ୍ତମାନ ବର୍ଷାବିପ୍ଳାତ ଯୋଗୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଉତ୍ତର ଆଫଗାନିସ୍ତାନରେ ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ମାଡ଼ିଆସି ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଘରଦ୍ୱାର ଭାଙ୍ଗିଯାଇଛି। ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ବନ୍ୟାରେ ବାଗଲାନ୍ ପ୍ରଦେଶ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ବାୟୁସେନାକୁ ନିୟୋଜିତ କରାଯାଇଥିବା ତାଲିବାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ସମଙ୍ଗନ ପ୍ରଦେଶର ଫିରୋଜ ନଖଚିର ଜିଲାରେ ପ୍ରବଳ ବର୍ଷା ଯୋଗୁ ଅନେକ ଅଞ୍ଚଳ ବନ୍ୟାପାଣି ଘେରରେ ରହିଥିବାରୁ ଲୋକମାନେ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି। ଜାତିସଂଘ ଫୁଡ୍ ଏଜେନ୍ସି ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟାରେ ଶତାଧିକ ଲୋକ ପ୍ରାଣ ହରାଇଥିବା ସହ ଅନେକ ଆହତ ହୋଇଥିବା ତାଲିବାନ ସରକାରଙ୍କ ମୁଖ୍ୟ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ଲେଖିଛନ୍ତି। ବନ୍ୟାରେ ବଦଖସ୍ତାନ, ବାଗଲାନ, ଘୋର ଏବଂ ହେରାତ ପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ମୁଜାହିଦ କହିଛନ୍ତି।




## କାଳବୈଶାଖୀ ସହ ବଜ୍ରପାତ, ୩ ମୃତ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଉଦଳା(ସନ୍ତୋଷ କୁମାର ବାଛିନୀ)/ହାଟଡିହୀ(ଶୁଭକାନ୍ତ ନାୟକ)/ ବଉଳା(ଦୁର୍ଗା ପ୍ରସାଦ ଆୟଚ), ୧୧ା୫**

ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ପୃଥକ ସ୍ଥାନରେ ଶନିବାର କାଳବୈଶାଖୀ ସହ ବଜ୍ରପାତ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କଷାଫଳ ପଞ୍ଚାୟତ ସାହୁ ଚକ ଗ୍ରାମର ଅମୂଲ୍ୟ କୁମାର ପୃଷ୍ଟିଙ୍କ ସ୍ତ୍ରୀ ବୀନତି (୪୦) ବିଲକୁ ଗୋରୁ ଆଣିବାକୁ ଯାଇଥିବା ବେଳେ ସେହି ସମୟରେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବସ୍ତା ଡାକ୍ତରଖାନାକୁ ନେଇ ଯାଇଥିଲେ। ଡାକ୍ତର ସେଠାର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଠଣଗାଁ ଗ୍ରାମର ମୁନା ସିଂ ନିଜର ୩ଜଣ ସାଥୀଙ୍କ ସହିତ ନଦୀରେ ଗାଧୋଉଥିବା ବେଳେ ବଜ୍ରପାତ ହୋଇଥିଲା। ଯେଉଁଥିରେ ନଦୀ ବାହାରେ ଛିଡା ☞ପୃଷ୍ଠା–୭

**ଆଜିର ସମ୍ପାଦକୀୟ**

**ମୁହଁ ବନ୍ଦ ପାଇଁ ପଦକ୍ଷେପ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିନ୍ଦୁ ସାହିତ୍ୟ ସମାଜର ୧୦ମ ସାରସ୍ୱତ ସମାରୋହ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- 'ମୁନୀନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ' କୁରୁକ୍ଷେତ୍ର, ହରିୟାଣାର ଓଡ଼ିଶା ଶାଖାର ସମସ୍ତ ସଦସ୍ୟଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରଘୁନାଥପୁରସ୍ଥିତ ଗ୍ରାଣ୍ଡ ଡିଭାଇନ କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୧ଟା।
- ମାତୃ ଦିବସ ପାଳନ, ସ୍ଥାନ: ଡିଏନ୍ ରେଗାଲିଆ, ସମୟ: ଅପରାହ୍ନ ୩ଟା।
- ଆନ୍ତର୍ଜାତିକ ସେବିକା ଦିବସ ପାଳନ, ସ୍ଥାନ: ଆଇଏମ୍‌ଏ ଇନ୍‌ଷ୍ଟିଚ୍ୟୁଟ୍, ୟୁନିଟ୍-୬, ସମୟ: ଅପରାହ୍ନ ୫ଟା।
- ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ, ସ୍ଥାନ: ୱାକିଂ ବୁକ ଫେୟାର୍‌ସ, ଆମରି ହସ୍ପିଟାଲ ମୁଖ୍ୟ ରାସ୍ତା, ଖଣ୍ଡଗିରି, ସମୟ: ସନ୍ଧ୍ୟା ୬ଟା।
- ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଶ୍ରୀ ରାଧାମୋହନ ମହାପାତ୍ରଙ୍କ ଆତ୍ମଜୀବନୀ 'ଅଧାରେ ରାଧା' ଲୋକାର୍ପିତ, ସ୍ଥାନ: ସଂସଦ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଡଲଜ୍: ଦି ସେଲୁନ ଉଦ୍‌ଘାଟନ, ସ୍ଥାନ: ଡିଏନ୍ ରେଗାଲିଆ, ସମୟ: ସନ୍ଧ୍ୟା ୬ଟା।

## କଟକ

- ନାହାଳପୁର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: କଣ୍ଟାପଡା ବ୍ଲକ ନାହାଳପୁର ବାଳିକା ବିଦ୍ୟାଳୟ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଶଙ୍କରାଚାର୍ଯ୍ୟଙ୍କ ୨୫୩୧ତମ ଜୟନ୍ତୀ ଅବସରରେ ମହାଭିଷେକ ପୂଜା, ସ୍ଥାନ: ଗୋବର୍ଦ୍ଧନ ମଠ, ସମୟ: ସକାଳ ୮ଟା ୩୦। ଚଳନ୍ତି ପ୍ରତିମାଙ୍କ ନଗର ପରିକ୍ରମା, ସମୟ: ଅପରାହ୍ନ ୩ଟା ୩୦।
- ପ୍ରିୟଙ୍କା ଦେବୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ନର୍ସେସ ସପ୍ତାହ ଓ ବାର୍ଷିକୋତ୍ସବ ପାଳନ, ସ୍ଥାନ: ପୁରୀ ପୌର ସଦନ ସମୟ: ସକାଳ ୯ଟା ୩୦।
- ମାତୃ ଦିବସ ପାଳନ ଉତ୍ସବ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: ଗୋପ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା ୧୫।
- ପୁରୀ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଇଣ୍ଟରସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡ଼ିୟମ୍, ପୁରୀ, ସମୟ: ଅପରାହ୍ନ ୫ଟା ୩୦।
- ବିଶ୍ୱ ନର୍ସିଂ ଦିବସ ଅବସରରେ ମୁକ୍ତି ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ପରିସର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଧନୁଯାତ୍ରା ପଡ଼ିଆ, ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସମ୍ଭବ ବାଲେଶ୍ୱର ତରଫରୁ ପ୍ରାଣୀମାନଙ୍କ ନିମନ୍ତେ ଜଳକୁଣ୍ଡ ବ୍ୟବସ୍ଥା, ସ୍ଥାନ: ପାଣିଟାଙ୍କି, ଜେଲରୋଡ୍ ବାଲେଶ୍ୱର, ସମୟ: ସକାଳ ୭ଟା।
- ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଖଇରା ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବିଶେଷ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ନୋସି ଉତ୍କଳା ମୁକ୍ତମଞ୍ଚ, ବାମପଦା, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମଞ୍ଜୁରୀରୋଡ୍ ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜେନ୍ଦ୍ରପୁର ମଞ୍ଜୁରୀରୋଡ୍, ସମୟ: ସକାଳ ୭ଟା।
- ମା' ମଙ୍ଗଳାଙ୍କ ତ୍ରିଦିବସୀୟ ବାର୍ଷିକୋତ୍ସବ ଯଜ୍ଞ, ସ୍ଥାନ: ଆର୍ଡୁ ମଙ୍ଗଳା ପୀଠ ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ଦିବଂଗତ ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ମୃତି ଅର୍ଘ୍ୟ ଅନନ୍ୟା ପାର୍ବତୀର ଉନ୍ମୋଚନ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୁଆମାଳ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାରସ୍ୱତ ଗ୍ରୀଷ୍ମ ଆଲୋଚନା ଓ କବିତା ପାଠ ଉତ୍ସବ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ନଗୁଆଁ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୪୫।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ମାର୍‌ପୁର ଖେଳପଡ଼ିଆ, ବରହମପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ତାଳପଦା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ନାରାୟଣ ଚନ୍ଦ୍ର କରଙ୍କ ଜୟନ୍ତୀ ଉତ୍ସବ ଓ ଗୀତି କବିତା ଆସର, ସ୍ଥାନ: ଟାଉନହଲ୍, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ବିଷ୍ଣୁପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବଣିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଶନି ମହାଗ୍ରହଙ୍କ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କା, ମଟରାଗଡିଆ, ହାଟଡ଼ିହୀ, ସମୟ: ଭୋର ୫ ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଇଚିଣ୍ଡା, ଚମ୍ପୁଆ, ସମୟ: ସକାଳ ୯ ଟା।
- ତିନି ନଂ. ଜୋନ୍‌ରେ କଂଗ୍ରେସର ବାଇକ ଶୋଭାଯାତ୍ରା, ସ୍ଥାନ: ବାରିଙ୍ଗା ପେଟ୍ରୋଲ ପମ୍ପ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଭାଜପାର ମହିଳା ସମାବେଶ, ସ୍ଥାନ: ଚିନାମାଳିପଶି ହାଟ ପଡ଼ିଆ, ପାଟଣା, ସମୟ: ପୂର୍ବାହ୍ନ ୧୧ ଟା।
- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭୂୟାଁ ବସ୍ତି, ଯୋଡ଼ା, ସମୟ: ମଧ୍ୟାହ୍ନ ୧ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ଶାସଙ୍ଗ, ହାଟଡିହୀ, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ମନୋହରପୁର, ହାଟଡିହୀ, ସମୟ : ଅପରାହ୍ନ ୪ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ଭାଜପାର ୱାର୍ଡସ୍ତରୀୟ ନିର୍ବାଚନୀ ସଭା, ସ୍ଥାନ: ୱାର୍ଡ ନଂ -୧୦, ୧୧,୧୨ ଓ ୧୩, ବଡବିଲ ପୌରାଞ୍ଚଳ, ସମୟ: ସନ୍ଧ୍ୟା ୫ଟା।

## ମୟୂରଭଞ୍ଜ

- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଶ୍ରୀ ଅରବିନ୍ଦଙ୍କ ଦେହାଂଶ ସଂସ୍ଥାପନ ଦିବସ ପାଳନ, ସ୍ଥାନ:ଶ୍ରୀଅରବିନ୍ଦ ଭବନ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରକ୍ତ ଭଣ୍ଡାର ପରିସର, ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ବ୍ୟାଡ ମିଟନ ସମର କ୍ୟାମ୍ପ ଉଦ୍‌ଯାପନ ସମାରୋହ, ସ୍ଥାନ: ଇନ୍‌ଡୋର ହଲ୍ ଉଦ୍ୟାନ କୃଷି କାର୍ଯ୍ୟାଳୟ ପାଖ ଢେଙ୍କାନାଳ, ସମୟ: ସକାଳ ୯ଟା ୩୦।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଭିଏମ୍ ପ୍ୟାରିଂ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ:ଦିନ ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ସାଇ ଜଗନ୍ନାଥ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୂଆଗଡ, ପାରାଦୀପ, ସମୟ: ସକାଳ ୬ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଞ୍ଚନ ଜ୍ଞାନଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ମଧୁବନ,ପାରାଦୀପ ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ମା' ସିଂହବାହିନୀ ଦେବୀଙ୍କ ୧୧ତମ ବାର୍ଷିକ ମହୋତ୍ସବ ଓ ନଗର ପରିକ୍ରମା, ସ୍ଥାନ: ମା' ସିଂହବାହିନୀ ପୀଠ, ମଣ୍ଡାସାହି, ଜଗତ୍‌ସିଂହପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଏସ୍‌ଏଫ୍ ଏବଂ କୋଷ୍ଟଗାର୍ଡ ପକ୍ଷରୁ କମିଟିମେଣ୍ଟ ମକ୍‌ଡ୍ରିଲ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ ପରିସର, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଜୟରାଷ୍ଟ୍ର ସଙ୍ଗଠନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:କାଙ୍କଦିଆ, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ:ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ:ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୭ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ବ୍ୟାସନଗର ପୌର ପରିଷଦ ଝାଟିଆସାହି ଶନିଶ୍ଚର ମନ୍ଦିର କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ରାମଲୀଳାର ୩ୟ ଦିବସ, ସ୍ଥାନ:କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ:ରାତି ୧୧ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ,ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୩ୟ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୩ୟ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୩ୟ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ରାୟଗଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ଅଧିକାରୀଙ୍କ ଯୋଗଦାନ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସମୟ: ସକାଳ ୭ ଟା।

## ନବରଙ୍ଗପୁର

- ନବରଙ୍ଗପୁର, ଡାବୁଗାଁ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌କୁ ଯିବେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ, ସ୍ଥାନ: ତେଲିଗୁଡା ରାସ୍ତା ପଡିଆରେ ପ୍ରସ୍ତୁତ କାଉଣ୍ଟର, ସମୟ: ସକାଳ ୮ଟା।

## କୋରାପୁଟ

- ଶନିମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମାଥାଲପୁଟ ଆମ୍ବତୋଟା,ଦାମନଯୋଡ଼ି, ସମୟ: ସକାଳ ୬ଟାରୁ ଆରମ୍ଭ।

## ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ: ସକାଳ ୧୦ଟା।
- ଶ୍ରୀଶ୍ରୀ ମାନଧାତା ମହାଦେବ ଟ୍ରଷ୍ଟ ବୋର୍ଡର ବୈଠକ, ମାନେଶ୍ୱର ମାନଧାତା ବାବା ମନ୍ଦିର, ସମୟ : ସକାଳ ୧୦ଟା।
- କୁଲତା ସମାଜର ବୈଠକ, ସ୍ଥାନ : ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସକାଳ ୧୦ଟା।
- କଲମ ପକ୍ଷରୁ ସମ୍ବଲପୁରୀ ବହିହାଟ ପ୍ରସ୍ତୁତି ବୈଠକ, ସ୍ଥାନ ସମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୫ଟା।
- ଭାରତ ବିକାଶ ପରିଷଦ ଓ ରାଧା ଶ୍ରୀନିବାସ ଟ୍ରଷ୍ଟ ଆୟୋଜିତ ମୋର ସ୍ୱପ୍ନର ସମ୍ବଲପୁର : ଲକ୍ଷ୍ୟ ୨୦୪୭, ସ୍ଥାନ : ଫାର୍ମ ରୋଡ ସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ସନ୍ଧ୍ୟା ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ରଥପୁର,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଢୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ- ୧, ସମୟ : ସକାଳ ୯ ଟା ।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ -୧, ସମୟ : ସକାଳ ୯ ଟା ।
- ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତର ବାରିକପାଲି ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାରିକପାଲି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ସାଇବାବା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତିନଗର, ସମୟ: ସକାଳ ୭ଟା।
- ଆରଜିଏଚ୍ ପରିସରରେ ନର୍ସ ଡେ ପାଳିତ, ସ୍ଥାନ: ଆରଜିଏଚ,ସମୟ: ସକାଳ ସାଢେ ୮ଟା।
- ଏଚ୍‌ଏମ୍‌ଏସ୍ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ସିଭିଲଟାଉନଶିପ୍ ତାରିଣୀ ମନ୍ଦିର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ମଦର ଡେ ପାଳିତ,ସ୍ଥାନ: ଭଞ୍ଜଭବନ, ସେକ୍ଟର-୫ ସମୟ: ଅପରାହ୍ନ ୪ଟା ।

## ବରଗଡ଼

- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ରାମଲୀଳାରେ ରାବଣ ଦରବାର, ସ୍ଥାନ: କଟାପାଲି, ବରଗଡ, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ୍।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗ୍ରାମ, ସମୟ: ସକାଳ ୮ଟା ୪୦।

## ବୌଦ୍ଧ

ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ଟିକରାପଡା, ସମୟ: ରାତି ୯ଟା।

## ଦେବଗଡ଼

- ଜିଲାସ୍ତରୀୟ ବେଦ ମହୋତ୍ସବ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସକାଳ ୮ଟା ୩୦ମିନିଟ୍।
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ: ଏଏନ୍‌ଏମ୍ ସେଣ୍ଟର, ଦେବଗଡ, ସମୟ: ସକାଳ ୯ଟା।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବାଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ବାରକୋଟ ବ୍ଲକ: ସମୟ: ମଧ୍ୟାହ୍ନ ୧୨ଟା ୩୦ମିନିଟ୍।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୧ଟା ୩୦ ମିନିଟ।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ରିଆମାଳ ବ୍ଲକ, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗା ସାର୍କିଲ ଦି ଦିବସିୟ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର ପଡ଼ିଆ, ସମୟ: ରାତି ୧୦ଟା ୩୦ମିନିଟ୍।

## ଝାରସୁଗୁଡ଼ା

- କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: କୋଲାବିରା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଝାରସୁଗୁଡା ସହରସ୍ଥିତ ଝଣ୍ଡା ଛକ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ ପ୍ରତ୍ୟେକ କ୍ଷେତ୍ରରେ ଉଦ୍ୟମ ଅବ୍ୟାହତ ରଖିଲେ ଉପକୃତ ହୋଇପାରିବେ। ବିରୋଧୀମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ପଛରେ ନିନ୍ଦା ରଚନା କରିପାରନ୍ତି। ରବି ଓ ବୁଧଙ୍କ ଏକତ୍ର ସନ୍ନିବେଶରୁ ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ପାଇ ଖୁସି ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରୁ ଉଚ୍ଚ ଫଳ ପ୍ରାପ୍ତହେବ।

**ବୃଷ** ସୁଚିନ୍ତିତ ଯୋଜନା ସାଙ୍ଗକୁ ଉପଯୁକ୍ତ ବିଚାର ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ଭଲ ସମ୍ପର୍କ ଥିବା କୌଣସି ବନ୍ଧୁଙ୍କ ସହ ଭଙ୍ଗା ପଡ଼ିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହୋଇପାରେ। ପରିବାରରେ ଆଗନ୍ତୁକ ଅତିଥିଙ୍କ ସେବାର ସୁଯୋଗ ଲାଭ କରିବେ। କଳା, ସାହିତ୍ୟ ଓ ରଚନାତ୍ମକ କାମରୁ ପ୍ରଶଂସା ମିଳିବ।

**ମିଥୁନ** ଆଜିର ପରିସ୍ଥିତି କାର୍ଯ୍ୟସିଦ୍ଧି ସକାଶେ ସଂଘର୍ଷମୟ ସ୍ଥିତି ଉତ୍ପନ୍ନ କରି ଟେନ୍‌ସନ ସୃଷ୍ଟି କରିପାରେ। ଶୁକ୍ର ଓ ଚନ୍ଦ୍ରଙ୍କ ଅବସ୍ଥିତି ଜନିତ କଳାକାର, ସଙ୍ଗୀତଜ୍ଞ, ଗବେଷକ ଓ ସାହିତ୍ୟ ସାଧକଙ୍କ ପାଇଁ ଦିନଟି ଭଲ। ଶାରୀରିକ ଅବସ୍ଥାରେ ଉନ୍ନତି ସହିତ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା, ଶିଳ୍ପ, ବାଣିଜ୍ୟ ସମ୍ପର୍କରେ ଦୁଃଚିନ୍ତା ବଢ଼ିପାରେ।

**କର୍କଟ** ମାନସିକ ଅସୁସ୍ଥତା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ମନୋରଞ୍ଜନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ବିଳମ୍ବିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ଆଶଙ୍କା ରହିଛି। ରାଜନୀତି, ସଙ୍ଗଠନ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ର ଭଲ ରହିବ।

**ସିଂହ** ପାରିବାରିକ କ୍ଷେତ୍ରରେ ଅସାମଞ୍ଜସ୍ୟ ରହିଥିଲେ ମଧ୍ୟ ସେସବୁକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ବାଧ୍ୟ ହେବେ। ଚେଷ୍ଟା କରୁଥିବା କାମରେ ସୁଯୋଗ ହାତଛଡ଼ା ହୋଇପାରେ। ମାଲିମକଦ୍ଦମାରେ ଆଶଙ୍କା କରୁଥିବା ଫଳାଫଳ ଚିନ୍ତାଜନକ ନ ହୋଇପାରେ। କର୍ମାରମ୍ଭ, ମାଙ୍ଗଳିକ କାର୍ଯ୍ୟ, ରାଜନୈତିକ ସଙ୍ଗଠନ ଉନ୍ନତ ରହିବ।

**କନ୍ୟା** ସାଧାରଣ କଥାରେ ଉତ୍ତେଜିତ ହେଲେ କଳହର ସମ୍ମୁଖୀନ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତିର ବାତାବରଣ ମଧ୍ୟରେ ଚଳିବାକୁ ପଡ଼ିପାରେ। ପ୍ରଶାସନିକ ସ୍ତରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ କିମ୍ବା ଆଲୋଚନା ପରିବେଶରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ତୁଳା** ଅଭିଳଷିତ ଦିଗଗୁଡ଼ିକରୁ ଅର୍ଥଲାଭ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ଉଚ୍ଚବର୍ଗଙ୍କ ସାନ୍ନିଧ୍ୟ ଲାଭ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ, କିନ୍ତୁ ବନ୍ଧୁଙ୍କ ସକାଶେ ଚିନ୍ତିତ ରହିବେ। ମନରେ ଭାବୁଥିବା କଥାଟିକୁ ମାଲିକଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ନିଜ ଲୋକମାନଙ୍କ ଭୁଲ୍ ବୁଝାମଣାରୁ ପାରିବାରିକ ସ୍ଥିତି ଭଲ ରହିନପାରେ।

**ବିଛା** ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। କୌଣସି ଭଦ୍ର ମହିଳାଙ୍କ ସହଯୋଗ କାମଟିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ସାଙ୍ଗକୁ କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଅଗ୍ରଗତି ଘଟିବ। ଚୁପ୍‌ଚାପ ହୋଇ ବସି ରହିଲେ ବହୁ କ୍ଷତି ସହିବାକୁ ପଡ଼ିବ।

**ଧନୁ** ମାନସିକ ଅସ୍ଥିରତା କେତେକାଂଶରେ ପରିବର୍ତ୍ତନ ହେବା ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ ଏବଂ ଅଭିଳାଷ ଅବଶ୍ୟ ପୂରଣ ହେବ। ସାଧାରଣ କଥାକୁ କେନ୍ଦ୍ର କରି ଗୃହରେ କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଘଟଣାର ଗୁରୁତ୍ୱ ବୁଝି କାମ କରିବା ଭଲ ହେବ।

**ମକର** କର୍ମ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସାମାଜିକ ସ୍ତରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆତ୍ମୀୟଙ୍କ ସହଯୋଗରେ ନିଜ ପରିସରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ପାଇପାରନ୍ତି। ଲୋକସମ୍ପର୍କ, ବ୍ୟବସାୟ, ଯାତ୍ରା, ବନ୍ଧୁଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବନାହିଁ।

**କୁମ୍ଭ** ପରିବାରରେ କଳହ, ଯାତ୍ରାରେ ଅନୁତାପ, ଯାନ ବାହନରେ ତ୍ରୁଟି ହେତୁ ମନରେ ସରସତା ରହିବ ନାହିଁ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବା ପାଇଁ ଚେଷ୍ଟା କରିପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ବନ୍ଧୁବର୍ଗଙ୍କ ସହ ଫଳପ୍ରଦ ଆଲୋଚନା କରିବେ। ଭ୍ରମଣ ସାଙ୍ଗକୁ ଅନିଦ୍ରାଜନିତ ସ୍ୱାସ୍ଥ୍ୟହାନିର ସୂଚନା ରହିଛି।

**ମୀନ** ଅପ୍ରିୟ ସତ୍ୟଭାଷଣ ଜନିତ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଯାତ୍ରାରୁ ସୁଫଳ ପରିବର୍ତ୍ତେ ତିକ୍ତ ଅନୁଭୂତିକୁ ନେଇ ଫେରିବାକୁ ପଡ଼ିବ। ପରିସ୍ଥିତିର ବିଷମତା ଯୋଗୁ କୌଣସି ବିକଳ୍ପ ଭାବରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପାରିବାରିକ କ୍ଷେତ୍ର, ବ୍ୟବସାୟ, କଚେରି ମାମଲା, ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ମେ ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ବିଶ୍ୱ ମାତୃଦିବସ, (ମେ ୨ୟ ରବିବାର), ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ (ଦାର୍ଶନିକ ଦିବସ), ବୈଶାଖ ଶୁକ୍ଳ ୫ମୀ ରବିବାର, ରାଶିନକ୍ଷତ୍ର- ଆର୍ଦ୍ରା/ମିଥୁନ, ଦିବା.୧୦।୨୭ ଗତେ ପୁନର୍ବସୁ ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୫ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ମି. ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ।

# ମାଆ ଯାହାର ସାହା...

**ଭୁବନେଶ୍ୱର, ୧୧।୫ (ବନ୍ଦନା ସେଠୀ)**

ମାଆ ଡାକରେ ଯେତିକି ମାଧୁର୍ଯ୍ୟ ଭରି ରହିଛି, ତାହା ସଂସାରର କୌଣସି ଶବ୍ଦରେ ନାହିଁ। ସନ୍ତାନର ଖୁସି ପାଇଁ ସେ ନିଜକୁ ତିଳତିଳ କରି ଜାଳିପାରେ। ସନ୍ତାନ ଉପରେ ବିପଦ ଆସିଲେ ସେ ପାହାଡ଼ ଭଳି ସାମ୍ନାରେ ଠିଆହୁଏ। ଜଣେ ବୀର ଯୋଦ୍ଧା ଭାବେ ସମସ୍ତଙ୍କ ସହ ଲଢେଇ କରେ, ହେଲେ ପିଲା ଉପରେ କେବେବି ଆଞ୍ଚ ଆସିବାକୁ ଦିଏନାହିଁ। ସେଥିପାଇଁ କୁହାଯାଏ ମାଆ ଯାହାର ସାହା, ତା'ର କେହି କିଛି କରିପାରନ୍ତି ନାହିଁ। ସବୁ ମାଆଙ୍କ ପାଇଁ ତାଙ୍କ ସନ୍ତାନ ବଡ଼। ହେଲେ ଦୁନିଆରେ କେତେଜଣ ମାଆ କୌଣସି କାରଣରୁ ନିଜ ନିଷ୍ପାପ ଶିଶୁକୁ ରାସ୍ତାକଡ଼ରେ ଛାଡ଼ିଦେଉଥିବାବେଳେ ଏମିତି ବି ମାଆ ଅଛନ୍ତି ଯିଏ ସମାଜର ଟାହିଟାପରା, କଠୋର ଶବ୍ଦ ଶୁଣି ମଧ୍ୟ ନିଜ ଦିବ୍ୟାଙ୍ଗ ଛୁଆଙ୍କ ପାଇଁ ଢାଲ ସାଜିଛନ୍ତି। ମୁହଁରେ ହସ ଫୁଟାଇବାକୁ ସବୁକିଛି ଅଜାଡି ଦେଇଛନ୍ତି। ରବିବାର ବିଶ୍ୱ ମାତୃ ଦିବସରେ ଏମିତି କେତେଜଣ ମାଆ ଓ ସନ୍ତାନଙ୍କ କାହାଣୀକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

## ପୁଅ ମୁହଁକୁ ଚାହିଁ ସବୁ ଦୁଃଖ ଭୁଲିଯାଏ



ଭୁବନେଶ୍ୱରର ବାସିନ୍ଦା ହେଉଛନ୍ତି ବନ୍ଦନା ଶ୍ରୀଚନ୍ଦନ। ପୁଅ ଜନ୍ମ ହେବା ପରେ ଘର ଖୁସିରେ ଫାଟି ପଡିଥିଲା। ସ୍ନେହରେ ପୁଅର ନାଁ ରଖିଲେ ଡୁଡୁନୁ। ମାତ୍ର ଜନ୍ମର ୮ଦିନ ପରେ ପୁଅର ଆଇଗ୍ଲୋକମା ରହିଥିବା ଜଣାପଡିଲା। ଅପରେଶନ ହେଲା, କିନ୍ତୁ ପୁଅ ୫ମାସର ହେଲା ବେଳକୁ ଫିଟ୍‌ସ (ବାତ) ମାରିଥିଲା। ବହୁ ଟେଷ୍ଟ ପରେ ସେ ୯୦% ଅଟିଷ୍ଟିକ୍ ଥିବା ଜଣାପଡିଲା। ଏବେ ପୁଅକୁ ୧୯ ବର୍ଷ ହେଲାଣି, କିନ୍ତୁ ତାଙ୍କ ଭିତରେ ୫ବର୍ଷ ପିଲାର ବୁଝିବା ଶକ୍ତି ଥିବାବେଳେ ୧୧ମାସ ଛୁଆ ଭଳି ଆଚରଣ କରୁଛନ୍ତି। ୯ ବର୍ଷରେ ପ୍ରଥମ କରି ଚାଲିବା ଆରମ୍ଭ କରିଥିଲେ। ଘର ବ୍ୟତୀତ ବାହାରେ ଛାଡିଦେଲେ ସେ ଜାଣି ପାରନ୍ତିନି କୁଆଡେ ଯାଉଛନ୍ତି। କଥା ମଧ୍ୟ କହି ପାରନ୍ତିନି। କେବଳ ପାଟିରେ କିଛି ଶବ୍ଦ କରି ନିଜର ଭାବନା ପରିପ୍ରକାଶ କରିବାକୁ ଚେଷ୍ଟା କରନ୍ତି। ପୁଅ ଯେମିତି ବି ହେଉ ତାକୁ ନେଇ ମା'ବାପା ଖୁସି ଥିବାବେଳେ ଅନେକ ଲୋକଙ୍କ ଟାହିଟାପରା ଶୁଣିବାକୁ ପଡିଛି ବନ୍ଦନାଙ୍କୁ। ମାତ୍ର ଏ ପରିସ୍ଥିତିରେ ସେ ହାରିଯାଇ ନାହାନ୍ତି। ବରଂ ଦୁନିଆ ଆଗରେ ନିଜର ଏକମାତ୍ର ପୁଅ ସହିତ ପାଦେପାଦେ ରହିଛନ୍ତି। ଏଥିସହ ପୁଅ ନାଁରେ 'ଡୁଡୁନୁ ଫାଉଣ୍ଡେଶନ' ଗଢି ଜନହିତକର କାର୍ଯ୍ୟ କରୁଛନ୍ତି। ଏପରିକି ଅଟିଷ୍ଟିକ୍‌କୁ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏନେଇ ବନ୍ଦନା କୁହନ୍ତି, ଅଟିଷ୍ଟିକ୍‌କୁ ନେଇ ଲୋକେ ସଚେତନ ନାହାନ୍ତି। ତେଣୁ ମୋ ପୁଅକୁ ଲୋକେ ପାଗଳଛୁଆ ବୋଲି ମଧ୍ୟ କହିଛନ୍ତି। ଟ୍ରେନ୍‌ରେ ଏସି ବର୍ଥରେ ଗଲାବେଳେ ପୁଅ ଝାଡ଼ା କରିଦିଏ। ଲୋକମାନେ ଆମକୁ ଗାଳି କରନ୍ତି। ଏମିତିବି ପରିସ୍ଥିତି ହୋଇଛି, ରାତି ୨ଟାରେ ଟ୍ରେନ୍‌ର ଚେନ୍ ଟାଣି ମୋତେ ଓହ୍ଲାଇବାକୁ ପଡିଛି। ବାହାଘର, ବ୍ରତଘର, ଛୁଆଙ୍କ ଏକୋଇଶିଆ ହେଲେ ମୋତେ ଡାକନ୍ତି ନାହିଁ। ଯଦି ବା କେଉଁଠାକୁ ଚାଲିଯାଏ, କାଳେ ମୋ ନଜର ପଡିଲେ ଅଶୁଭ ହେବ, ତେଣୁ ମୋତେ ବାହାରୁ ବାହାରୁ ଫେରାଇ ଦିଅନ୍ତି। ଦୁଃଖ ଲାଗେ, ମାତ୍ର ପୁଅ ମୁହଁକୁ ଚାହିଁ ସବୁ ଭୁଲିଯାଏ। ଏହି ରୋଗକୁ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ଏକ ୱେବ୍ ଚ୍ୟାନେଲ ମଧ୍ୟ ଗଢିଛି। ଅଟିଷ୍ଟିକ୍ ରୋଗରେ ପୀଡିତ ପିଲାଙ୍କ ପରିବାର ସହିତ ଯୋଗାଯୋଗ କରିଛି, ମାତ୍ର ସମାଜ ଏବଂ ଲୋକଲଜ୍ଜା ଭୟରେ କେହି ବାହାରକୁ ଆସୁ ନାହାନ୍ତି।

## ଏମିତି ମାଆ ସମାଜ ପାଇଁ ପ୍ରେରଣା



ଆଉଜଣେ ମା' ହେଉଛନ୍ତି ବାରଙ୍ଗ ଦାଢା ପାଟଣାର ମମତା ବେହେରା। ସ୍ୱାମୀ ଓ ଦୁଇପୁଅଙ୍କୁ ନେଇ ସଂସାର। ଭଗବାନ ତାଙ୍କୁ ଦୁଇଟି ପୁଅ ଦେଇଥିଲେ ବି ଭାଗ୍ୟର ବିଡମ୍ବନା ଯେ ଉଭୟ ପୁଅ ବିକଳାଙ୍ଗ। ବଡପୁଅ ଅମନକୁ ୧୭ ଓ ସାନପୁଅ ସୁମନକୁ ୧୫ବର୍ଷ। ଦୁହେଁ ଜନ୍ମବେଳେ ସୁସ୍ଥ ଥିଲେ। ମାତ୍ର ଗୁରୁଣ୍ଡିଲେନି କି ଚାଲିଲେନି। ବହୁ ଡାକ୍ତରଙ୍କୁ ଦେଖାଇବା ପରେ ସେମାନେ ସେରେବ୍ରାଲ୍ ପାଲ୍‌ସି (cerebral palsy) ରୋଗରେ ପୀଡ଼ିତ ଥିବା ଜଣାପଡିଲା। କଥା କହି ପାରୁ ନାହାନ୍ତି କି ବେଡ୍‌ରୁ ଉଠି ପାରନ୍ତି ନାହିଁ। ଏପରିକି ସେମାନଙ୍କ ନିତ୍ୟକର୍ମ ମଧ୍ୟ ମମତାଙ୍କୁ କରିବାକୁ ପଡେ। ଗୋଡରେ ଶୁଆଇ ଖୁଆଇବାକୁ ପଡେ। ତେବେ ଦୁଇ ପୁଅଙ୍କ ଏଭଳି ଅବସ୍ଥା ପରେ ସାହିପଡ଼ିଶା ବନ୍ଧୁବାନ୍ଧବ ଟାହିଟାପରା କରିବା ଆରମ୍ଭ କରିଦେଇଥିଲେ। ଅଭିଶପ୍ତ ଜୀବନ ବୋଲି କହି କେହିକେହି ଟିପ୍ପଣୀ ଦେବାବେଳେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ତାଙ୍କୁ ସାମିଲ କରିବାକୁ ବାରଣ କରାଯାଏ। ମାତ୍ର ଏତେ ପରେ ବି ଦୁଇ ପୁଅ ତାଙ୍କର ଜୀବନ ବୋଲି କୁହନ୍ତି ମମତା। ସତରେ, ଏମିତି ମାଆ ସମାଜ ପାଇଁ ପ୍ରେରଣା।

## ସେ ଆମର ଗର୍ବ



ନୟାଗଡ଼ ଶରଣକୁଳର ଭିକାରୀପଡ଼ା ଗ୍ରାମର ଚଞ୍ଚଳା ନାୟକଙ୍କ ଜୀବନ କାହାଣୀ ମଧ୍ୟ ଉଦାହରଣ ସାଜିଛି। ବଡପୁଅ ବାପିନା ଜନ୍ମ ହେବା ପରେ ଖୁସିରେ ଭରିଯାଇଥିଲା ପରିବାର। ଜନ୍ମର ୬/୭ ମାସ ପର୍ଯ୍ୟନ୍ତ ପୁଅ ଦେଖିପାରୁ ନାହିଁ ବୋଲି ଘରଲୋକେ ଜାଣି ପାରି ନ ଥିଲେ। ପରେ ଡାକ୍ତର ଦେଖାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅନ୍ଧ ବୋଲି ଜାଣିବା ପରେ ପୁଅ ପ୍ରତି ଲୋକଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ପଡୋଶୀ, ସମ୍ପର୍କୀୟ କେହି ବି ତାଙ୍କୁ କୋଳାଇ ନେଉ ନ ଥିଲେ। ବଡ଼ ହେବା ପରେ ପାଠ ପଢିବାକୁ ଚାହିଁଥିଲେ, ମାତ୍ର ଗାଁ ସ୍କୁଲରେ ଶିକ୍ଷକମାନେ ତାଙ୍କୁ ଦେଖିଲେ ଗେଟ୍ ବନ୍ଦ କରି ଦେଉଥିଲେ। ଅନ୍ଧଟା ହୋଇ ସ୍କୁଲ କ'ଣ ଆସୁଛୁ ବୋଲି ତାଙ୍କୁ ଶୁଣିବାକୁ ପଡିଥିଲା। କେହି କେହି ପୂର୍ବଜନ୍ମର ପାପରୁ ଏଭଳି ହୋଇଥିବା କହୁଥିଲେ। ଏପରିକି ତାଙ୍କ ସହ ଅନ୍ୟମାନେ ମିଶିବାକୁ ପସନ୍ଦ କରୁ ନ ଥିଲେ। ମାତ୍ର ଯେତେବେଳେ ବାପିନା ମନଦୁଃଖରେ ବସୁଥିଲେ ତାଙ୍କର ସାହସ ପାଲଟୁଥିଲେ ତାଙ୍କ ମା'। ସବୁ ବାଧାବିଘ୍ନକୁ ଆଡେଇ ମା'ଙ୍କ ପ୍ରେରଣାରେ ଏବେ ସେ ଗ୍ରାଜୁଏଶନ ସହ ସିଟି ମଧ୍ୟ ପାସ୍ କରି ସାରିଲେଣି। ଖେଳ ପ୍ରତି ମଧ୍ୟ ତାଙ୍କର ରୁଚି ରହିଛି। ଓଡ଼ିଶାର ପ୍ରଥମ ଦୃଷ୍ଟିହୀନ ଭାବେ ସେ ପାରାସେଲିଂ କରି ଚର୍ଚ୍ଚାରେ ରହିଛନ୍ତି। ବାପିନାଙ୍କର ଆଉ ଦୁଇ ଭାଇ ଅଛନ୍ତି। ମାତ୍ର ଚଞ୍ଚଳାଙ୍କ ପାଇଁ ୩ପୁଅ ସମାନ। ଏନେଇ ସେ କହିଛନ୍ତି, ବଡ଼ପୁଅର ଭବିଷ୍ୟତ ନେଇ ବେଳେବେଳ ଚିନ୍ତା ଲାଗେ। କିନ୍ତୁ କେବେବି ତାକୁ ନେଇ ଆମେ ମା' ବାପା ଦୁଃଖ କରିନାହୁଁ। ସେ ଆମର ଗର୍ବ।




# ଦୁର୍ଘଟଣାରେ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ

ଉମରକୋଟ, ୧୧।୫ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟଠାରେ ଶନିବାର ଏକ ଦୁର୍ଘଟଣାରେ ଜଣେ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କକଡ଼ିସେମଲା ଗ୍ରାମର ଅଲେଖ ରନ୍ଧାରୀ। ଅଲେଖ କକଡ଼ିସେମଲା ଗାଁ ସ୍କୁଲରେ ପିଅନ ଭାବେ କାମ କରୁଥିଲେ। ସୂଚନାନୁଯାୟୀ, ଉମରକୋଟସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ବୁଥ୍ ନଂ.୧୯୬ରେ ଅଲେଖଙ୍କ ନିର୍ବାଚନ ଡ୍ୟୁଟି ଥିଲା। ସେ ବସ୍‌ରୁ ଓହ୍ଲାଇ ବୁଥ୍‌କୁ


ଅଲେଖ ରନ୍ଧାରୀ

ଯିବା ସମୟରେ ଏକ ବାଇକ୍(ଓଡି-୧୦ପି-୯୧୯୨) ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସେ ଗୁରୁତର ହୋଇପଡ଼ିଥିଲେ। ନିର୍ବାଚନ ଡ୍ୟୁଟି ପାଇଁ ସାଙ୍ଗରେ ଯାଇଥିବା ଅନ୍ୟ କର୍ମଚାରୀମାନେ ଅଲେଖଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି। ଏ ନେଇ ଉମରକୋଟ ଥାନାରେ ନଂ.୨୩୧/୨୪ରେ ଏକ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ଶକ୍ତିଶାଳୀ ସୌରଝଡ଼: ଲଦାଖ ଆକାଶ ଲାଲ୍

ୱାଶିଂଟନ୍/ନୂଆଦିଲ୍ଲୀ,୧୧।୫

୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଶୁକ୍ରବାର ପୃଥିବୀକୁ ଏକ ଶକ୍ତିଶାଳୀ ସୌରଝଡ଼ ଧକ୍କା ଦେଇଛି। ଫଳରେ ତସମାନିଆଠାରୁ ନେଇ ବ୍ରିଟେନ୍ ପର୍ଯ୍ୟନ୍ତ ଆକାଶ ଗାଢ଼ନାଲି ରଙ୍ଗରେ ଆଲୋକିତ ହୋଇଯାଇଛି। ଏତିକି ନୁହେଁ, ଲଦାଖର କିଛି ଭାଗରେ ମଧ୍ୟ ଚୁମ୍ବକୀୟ ଝଡ଼ର ପ୍ରଭାବ ଦେଖିବାକୁ ମିଳିଛି। ଲଦାଖ ଆକାଶରେ ବିରଳ ଲାଲ ଆଭା ଦୃଶ୍ୟମାନ ହୋଇଛି। ଏହି ସୌରଝଡ଼ ଯୋଗୁ ସାଟେଲାଇଟ୍ ଏବଂ ପାୱାର ଗ୍ରୀଡ୍‌ଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇପାରେ ବୋଲି ଆଶଙ୍କା କରାଯାଉଛି।

ନ୍ୟାଶନାଲ ଓସେନିକ୍ ଆଣ୍ଡ ଆଟ୍‌ମୋସ୍ଫିଅରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ)ର ସ୍ପେସ୍ ୱେଦର ପ୍ରେଡିକ୍ସନ୍ ସେଣ୍ଟର ସୂଚନାନୁସାରେ ଶୁକ୍ରବାର ୧୬୦୦ ଜିଏମ୍‌ଟିର କିଛି ସମୟ ପରେ ସୂର୍ଯ୍ୟଙ୍କ ପ୍ଲାଜ୍ମା ଓ ଚୁମ୍ବକୀୟ କ୍ଷେତ୍ରରୁ ବହୁ ପରିମାଣର କୋରୋନାଲ୍ ମାସ୍ ଇଜେକ୍ସନ (ସିଏମ୍‌ଇ) ବାହାରିଥିଲା। ପରେ ଏହା ଅତ୍ୟନ୍ତ ଭୂଚୁମ୍ବକୀୟ ଝଡ଼ରେ ପରିବର୍ତ୍ତିତ ହୋଇଥିଲା। ୨୦୦୩ର 'ହଲୋୱିନ୍ ଷ୍ଟର୍ମ' ପରେ ପ୍ରଥମ ଥର ପାଇଁ ଏଭଳି ମହାଜାଗତିକ ଘଟଣା ଦୃଶ୍ୟମାନ ହୋଇଛି। ସେତେବେଳେ ହଲୋୱିନ୍ ଷ୍ଟର୍ମ ସୁଇଡେନ୍ ଓ ଦକ୍ଷିଣ ଆଫ୍ରିକାରେ ଶକ୍ତି ପ୍ରକଳ୍ପଗୁଡ଼ିକୁ ବହୁଳ ଭାବେ ପ୍ରଭାବିତ କରିଥିବାରୁ ଅନେକ ଦିନ ଧରି ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡ଼ିଥିଲା। ସଦ୍ୟ ସୌରଝଡ଼ ଯୋଗୁ ଆଗାମୀ ଦିନରେ ଆହୁରି ସିଏମ୍‌ଇ ପୃଥିବୀକୁ ନିଷ୍କାସିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଉତ୍ତର ୟୁରୋପ ଓ ଅଷ୍ଟ୍ରେଲେସିଆରେ ଲୋକେ ନାଲି ଆକାଶର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ଲାଗିଛନ୍ତି।

ସମ୍ଭାବ୍ୟ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି କେତେକ ଦେଶର ସରକାର ସାଟେଲାଇଟ୍ ଅପରେର୍ସ, ଏୟାରଲାଇନ୍ସ ଏବଂ ପାୱାର ଗ୍ରୀଡ୍ ପରିଚାଳକଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଷ୍ଟାର୍‌ଲିଙ୍କ ସାଟେଲାଇଟ୍ ମାଲିକ ଏଲନ୍ ମସ୍କଙ୍କ ପ୍ରାୟ ୫,୦୦୦ ସାଟେଲାଇଟ୍ ପୃଥିବୀର ନିମ୍ନ କକ୍ଷରେ ଅବସ୍ଥାପିତ ହୋଇଥିବାବେଳେ ସେ ଏହି ସୌରଝଡ଼କୁ 'ଦୀର୍ଘ ସମୟ ପରେ ସବୁଠୁ ବୃହତ୍ତମ' ବୋଲି ଅଭିହିତ କରିଛନ୍ତି। ଅନ୍ୟପକ୍ଷେ ଚୁମ୍ବକୀୟ ସୌରଝଡ଼ର ପ୍ରଭାବ ଭାରତରେ ମଧ୍ୟ ଦେଖିବାକୁ ମିଳିଛି। କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର କେତେକ ଅଞ୍ଚଳରେ ଆକାଶ ଗାଢ଼ଲାଲ ରଙ୍ଗ ଧାରଣ କରିଛି, ଯାହାକୁ ହିମାଳୟରେ ହାନ୍‌ଲେ ଡାର୍କ ସ୍କାଏ ରିଜର୍ଭ ରେକର୍ଡ କରିଛି। କୋରୋନାଲ ମାସ୍ ଇଜେକ୍ସନ ବା ସୌରଝଡ଼ ସୂର୍ଯ୍ୟଙ୍କ ଏଆର୍୧୩୬୬୪ ରିଜିଅନ୍‌ରୁ ପୃଥିବୀ ଆଡ଼କୁ ସେକେଣ୍ଡ ପ୍ରତି ୮୦୦ କି.ମି. ବେଗରେ ଧାବମାନ କରିଛି ବୋଲି କୋଲକାତାସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଇନ୍ ସ୍ପେସ୍ ସାଇନ୍ସେସ୍ ଇନ୍ ଇଣ୍ଡିଆ (ସିଇଏସ୍‌ଏସ୍‌ଆଇ) ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଲଦାଖରେ ଏହା ଶନିବାର ରାତି ଗୋଟାଏରେ ଦୃଶ୍ୟମାନ ହୋଇଥିଲା। ଅଷ୍ଟ୍ରିଆ, ଜର୍ମାନୀ, ସ୍ଲୋଭିକିଆ, ସୁଇଜରଲାଣ୍ଡ, ଡେନ୍‌ମାର୍କ ଓ ପୋଲାଣ୍ଡ ଭଳି ଲଦାଖବାସୀ ଏହାର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପରେ ସେଗୁଡ଼ିକ ଭାଇରାଲ ହେବାରେ ଲାଗିଛି।


ହାନ୍‌ଲେ ଡାର୍କ ସ୍କାଏ ରିଜର୍ଭ ପକ୍ଷରୁ ଶନିବାର ରେକର୍ଡ କରାଯାଇଥିବା ଲଦାଖ ଆକାଶର ବିରଳ ଦୃଶ୍ୟ।


ବକୁଳ ଫାଉଣ୍ଡେଶନ ପକ୍ଷରୁ ଶନିବାର ଲେଖିକା ପଲ୍ଲବୀ ରେବପ୍ରଗଡ଼ାଙ୍କ ଦ୍ୱାରା ଲିଖିତ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ନନ୍ଦିନୀଙ୍କୁ ଜାଣିବା ଆଜିର ପିଢ଼ିର ଉତ୍ତରଦାୟିତ୍ୱ

## ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ଉନ୍ମୋଚିତ

ଭୁବନେଶ୍ୱର,୧୧।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନନ୍ଦିନୀ ଶତପଥୀ ଯାହା ସବୁ କରିଯାଇଛନ୍ତି, ସେହି ତୁଳନାରେ ତାଙ୍କୁ କିଛି ମିଳିନାହିଁ। ତାଙ୍କ ସମ୍ପର୍କରେ ଅଧିକ ତଥ୍ୟ ନାହିଁ, ପାଠ୍ୟପୁସ୍ତକରେ ମଧ୍ୟ ତାଙ୍କ ନାମ ନାହିଁ। ବର୍ତ୍ତମାନର ପିଢ଼ି ତାଙ୍କୁ ପଢ଼ିଲେ, ତାଙ୍କ ସମ୍ପର୍କରେ କଥା ହେଲେ, ତାଙ୍କୁ ଜାଣିଲେ ହିଁ ତାଙ୍କ ତ୍ୟାଗକୁ ଉପଯୁକ୍ତ ସମ୍ମାନ ମିଳିବ। ସେ ଜଣେ ଭୁଲିଯିବା ଭଳି ବ୍ୟକ୍ତିତ୍ୱ ନୁହନ୍ତି। ସବୁ ପିଢ଼ି ତାଙ୍କୁ ମନେରଖିବା ଉଚିତ। ନନ୍ଦିନୀ କେବଳ ସ୍ମରଣୀୟ ନୁହନ୍ତି, ସମ୍ମାନାସ୍ପଦ ମଧ୍ୟ। ତେଣୁ ତାଙ୍କୁ ଜାଣିବା ଆଜିର ପିଢ଼ିର ଉତ୍ତରଦାୟିତ୍ୱ ବୋଲି ସାମ୍ବାଦିକା ତଥା ଲେଖିକା ପଲ୍ଲବୀ ରେବପ୍ରଗଡ଼ା କହିଛନ୍ତି। ଶନିବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ପଲ୍ଲବୀଙ୍କ ଦ୍ୱାରା ଲିଖିତ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଲେଖିକା ପଲ୍ଲବୀଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ, ସାମ୍ବାଦିକ ତଥା ଲେଖକ ରୁବେନ ବାନାର୍ଜୀ, ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିଥିଲେ। ଏହାପରେ ସୁଜିତ ମହାପାତ୍ର ଓ ଲେଖିକା ପଲ୍ଲବୀଙ୍କ ମଧ୍ୟରେ ପୁସ୍ତକ ସମୀକ୍ଷା ଭିତ୍ତିକ ଏକ ଆଲୋଚନା ହୋଇଥିଲା। ପଲ୍ଲବୀ କହିଥିଲେ, ଯେବେ ନନ୍ଦିନୀଙ୍କୁ ପ୍ରଥମେ ଜାଣିବାର ଅବସର ମିଳିଥିଲା, ନିର୍ଦ୍ଧାରିତ ଶବ୍ଦ ମଧ୍ୟରେ ତାଙ୍କ ଜୀବନୀ ବର୍ଣ୍ଣନା କରିବାକୁ କୁହାଯାଇଥିଲା। ଏକାଧାରରେ ଜଣେ ସୁଦକ୍ଷ ରାଜନେତ୍ରୀ, କଳାପ୍ରେମୀ, ସଙ୍ଗଠିକା ଭାବେ ପରିଚୟ ସୃଷ୍ଟି କରିପାରିଥିବା ନନ୍ଦିନୀଙ୍କୁ ସେ ମାତ୍ର କେତୋଟି ଶବ୍ଦରେ ସୀମିତ ରଖିବାକୁ ଚାହିଁ ନ ଥିଲେ। ଏହା ପରେ ସେ ନନ୍ଦିନୀଙ୍କ ଉପରେ ଗବେଷଣା କରିଥିଲେ ଓ ଲେଖିବା ଆରମ୍ଭ କରିଥିଲେ। ଏତେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇ ମଧ୍ୟ ତାଙ୍କ ବିଷୟରେ ବହୁତ କମ୍ ତଥ୍ୟ ସହ ଲେଖା ମଧ୍ୟ କମ୍ ପ୍ରକାଶ ପାଇଥିଲା। ପାଖାପାଖି ୫ବର୍ଷ ଲାଗିଗଲା ପୁସ୍ତକଟି ଲେଖିବାକୁ। ନନ୍ଦିନୀ ଆମ ଦେଶର ଝିଅ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଅଧିକ ଲେଖା ବିଦେଶ ପତ୍ରିକାରେ ପ୍ରକାଶ ପାଇଛି। ରାଜନୀତିରେ ଥିବାବେଳେ ତାଙ୍କୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ମାତ୍ର ସେସବୁ ପରିସ୍ଥିତିକୁ ବେଶ୍ ସାଧାରଣ ଭାବେ ସାମ୍ନା କରୁଥିଲେ। ସେହିପରି ଲାଠିଚାର୍ଜ ସମୟରେ ନନ୍ଦିନୀ ତାଙ୍କର ପ୍ରଥମ ସନ୍ତାନକୁ ଗର୍ଭରେ ଧରି ରାଜନୀତିରେ ସକ୍ରିୟ ଥିଲେ। ତେଣୁ ତାଙ୍କ ବିଷୟରେ ଯେବେ ମୁଁ ଲେଖିବା ଆରମ୍ଭ କଲି ମୁଁ ମଧ୍ୟ ପ୍ରେଗ୍‌ନାଣ୍ଟ ଥିଲି। ସେତେବେଳେ ମନରେ ଗୋଟିଏ କଥା ଆସୁଥିଲା ଯଦି ସେ କରିପାରୁଥିଲେ, ମୁଁ କାହିଁକି ନୁହେଁ। ଏଭଳି ପ୍ରେରଣା ନନ୍ଦିନୀଙ୍କଠାରୁ ପାଇଥିବା ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଲେଖକ, ଗବେଷକ, ଛାତ୍ରୀଛାତ୍ର ଭାବବିନିମୟ କରିଥିଲେ। ସେହିପରି ଅପରାହ୍ନରେ ହଂସପାଳ ସିମ୍ଫୋନୀ ମଲସ୍ଥିତ ଅକ୍ସଫୋର୍ଡ ବୁକ୍ ଷ୍ଟୋର୍‌ଠାରେ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ କର୍ନର ପକ୍ଷରୁ ଏହି ଜୀବନ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'ର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଲେଖିକା ପଲ୍ଲବୀଙ୍କ ସହ ଶିକ୍ଷାବିତ୍ ପଞ୍ଚମୀ ମାନୁ ଉକିଲ୍, ବୁକ୍ ଷ୍ଟୋର୍ ମ୍ୟାନେଜର ଜଗଦୀଶ ବେହେରା, କଳିଙ୍ଗ ଲିଟେରାରି ଫେଷ୍ଟିଭାଲର ସଂଯୋଜକ ବେଦପ୍ରକାଶ ନାୟକ ଓ ଦେବମିତ୍ରା ମିତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷାବିତ୍ ଉକିଲ୍‌ଙ୍କୁ ସଂଯୋଜନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ପୂଜା ସମୟରେ ବଜ୍ରପାତ, ୮ ମହିଳା ଗୁରୁତର

ଅନୁଗୋଳ,୧୧।୫ (ଅମିତ କୁମାର ସାମଲ)

କାଳବୈଶାଖୀ ବର୍ଷା ବେଳେ ବଜ୍ରପାତ ହେବାରୁ ଶନିବାର ଅନୁଗୋଳ ସଦର ଥାନା ବଲାସିଂହା ବାଲିସାହିର ୮ ମହିଳା ଗୁରୁତର ହୋଇଛନ୍ତି। ଏକ ଓସ୍ତଗଛ ମୂଳେ ମହିଳାମାନେ ଶନିପୂଜା କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଗୁରୁତରମାନେ ହେଲେ ଝରଣା ବାରିକ (୩୦), ସାଗରିକା ସାହୁ (୨୫), ଡଲି ସାହୁ (୨୫), ସସ୍ମିତା ବାରିକ (୩୦), ଟିଲୀ ସାହୁ (୩୫), ଅହଲ୍ୟା ବାରିକ (୫୦), ପୁଷ୍ପଲତା ବାରିକ (୪୯) ଓ ସୁମିତ୍ରା ଦାସ (୩୦)। ସମସ୍ତଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଅନୁଗୋଳରେ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ବାଲିସାହିର ୩୦ରୁ ଅଧିକ ମହିଳା ଏକ ଓସ୍ତଗଛ ମୂଳେ ଶନିଦେବଙ୍କ ପୂଜା କରୁଥିଲେ। ତେବେ ବର୍ଷା ବେଳେ ହଠାତ୍ ବଜ୍ରପାତ ହେବାରୁ ୬ ମହିଳା ଗୁରୁତର ହୋଇଥିଲେ। ଗୁରୁତରଙ୍କ କାନକୁ ଭଲ ଭାବେ ଶୁଣାଯାଉ ନ ଥିବା ଜଣାପଡିଛି। ଖବରପାଇ ଘଟଣାସ୍ଥଳରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପଚନ୍ଦ୍ର ପ୍ରଧାନ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସେହିପରି ଅନୁଗୋଳ ବିଜେଡି ବିଧାୟକ ପ୍ରାର୍ଥିନୀ ସଂଯୁକ୍ତା ସିଂହ ମଧ୍ୟ ମେଡିକାଲରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଛନ୍ତି।

# ଝିଅ ପ୍ରେମବିବାହ କରିବାରୁ ବାପାଙ୍କ ଆତ୍ମହତ୍ୟା

ତିହିଡ଼ି, ୧୧।୫(ସଞ୍ଜିତ ବଳ)

ଝିଅର ପ୍ରେମ ବିବାହକୁ ବାପା ସହଜରେ ଗ୍ରହଣ କରିପାରିଲେନି। ମାନସିକ ସନ୍ତୁଳନ ହରାଇ ଜୀବନ ହାରିଲେ। ଏଭଳି ଅଭାବନୀୟ ଘଟଣା ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କନ୍ଦପୁର ଗ୍ରାମରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ହେମନ୍ତ କୁମାର ରାଉତ(୫୧)। ଶୁକ୍ରବାର ବିଳମ୍ବିତ ରାତିରେ ହେମନ୍ତ ଭଦ୍ରକ-ଧାମରା ରେଳପଥର କନ୍ଦପୁର ନିକଟ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତଦେହ ରେଳଧାରଣା ପାର୍ଶ୍ୱରୁ ଜବତ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୪) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କିଛି ବର୍ଷ ତଳେ ହେମନ୍ତଙ୍କ ସ୍ତ୍ରୀ ଆରପାରିକୁ ଚାଲି ଯାଇଛନ୍ତି। ସେମାନଙ୍କର ୩ ଝିଅ ଥିବାବେଳେ ଜଣେ ଘରକୁ ନ ଆସି ଭଦ୍ରକରେ ରହୁଛନ୍ତି। ବଡ଼ଝିଅ ଶୁକ୍ରବାର ବାପାଙ୍କ ଇଚ୍ଛା ବିରୋଧରେ ପ୍ରେମବିବାହ କରିଥିଲେ। ଏହାକୁ ନେଇ ହେମନ୍ତ ଭାଙ୍ଗି ପଡ଼ିଥିଲେ। ବିଳମ୍ବିତ ରାତିରେ ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ କହିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏ ସମ୍ପର୍କରେ ଭୋର ୪ଟା ବେଳେ ପୋଲିସକୁ ଖବର ଦେଇଥିଲେ।

# ଆଖି ବୁଜିଲା 'ନନ୍ଦନ'



## ୪ ମାସ ଧରି ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲା

ବାରଙ୍ଗ,୧୧।୫(ଲିଙ୍ଗରାଜ ରାଉତ)

ଦୀର୍ଘ ୪ ମାସକାଳ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ 'ନନ୍ଦନ' ହାରିଯାଇଛି। ଶନିବାର ବଡ଼ିଭୋରୁ ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୩ (ଘ) ଏନ୍‌କ୍ଲୋଜରରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଙ୍ଗଲି ବାଘ ନନ୍ଦନର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

ନନ୍ଦନକାନନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ନନ୍ଦନ। ସେ ଦୀର୍ଘ ୪ ମାସ ହେବ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣୀ ଚିକିତ୍ସକଙ୍କ ନଜରବନ୍ଦୀରେ ରହି ଚିକିତ୍ସିତ ହେଉଥିଲା। ହେଲେ ବିଡ଼ମ୍ବନାର ବିଷୟ ଚିକିତ୍ସା ସତ୍ତ୍ୱେ ସେ ସୁସ୍ଥ ହୋଇପାରି ନ ଥିଲା। ତେବେ ପ୍ରାଣୀ ଚିକିତ୍ସକ ରୋଗ ଚିହ୍ନିବାରେ ଅବହେଳା ନା ଅନଭିଜ୍ଞ ଚିକିତ୍ସକଙ୍କ ହାତରେ ନନ୍ଦନର ଚିକିତ୍ସା ହେଉଥିଲା, ଯାହାଫଳରେ ରୋଗ ଚିହ୍ନିବାରେ ବିଳମ୍ବ ହେଲା। ଏମିତି ଅନେକ ପ୍ରଶ୍ନ ପ୍ରାଣୀପ୍ରେମୀଙ୍କ ମହଲରେ ଉଙ୍କି ମାରୁଛି। ଯଦି ପ୍ରଥମରୁ ଠିକ୍ ରୋଗ ଚିହ୍ନି ଚିକିତ୍ସା କରାଯାଇଥାନ୍ତା, ତେବେ ନନ୍ଦନ ସୁସ୍ଥ ହୋଇପାରିଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରାଣୀଉଦ୍ୟାନରେ ଜଣେ ବିଜ୍ଞ ପ୍ରାଣୀ ଚିକିତ୍ସକ ନିଯୁକ୍ତି ଦେବାକୁ ପ୍ରାଣୀପ୍ରେମୀ ମତ ଦେଇଛନ୍ତି। ଅନ୍ୟପଟେ ପ୍ରାଣୀ ବିଭାଗ ଅଧିକାରୀଙ୍କୁ ଏବେ ଜୀବଜନ୍ତୁଙ୍କ ଚିନ୍ତା ପରିବର୍ତ୍ତେ ପର୍ଯ୍ୟଟକ ପରିଚାଳନା ଚିନ୍ତା ଅଧିକ ଘାରୁଛି ବୋଲି ନନ୍ଦନକାନନରେ ଚର୍ଚ୍ଚା ଚାଲିଛି। ପ୍ରକାଶ ଥାଉକି, ୨୦୧୩ ଫେବୃଆରୀରେ ଚନ୍ଦକା ଡମପଡ଼ା ଓ ନନ୍ଦନକାନନ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିଲା ନନ୍ଦନ। ପରେ ନନ୍ଦନକାନନର ଜଙ୍ଗଲୀ ବାଘୁଣୀ ସାରା ପ୍ରେମରେ ପଡ଼ି ନନ୍ଦନକାନନରେ ଧରାପଡ଼ି ପୁଣି ଖସିଯାଇଥିଲା। ଦୀର୍ଘ ୪ ମାସର କସରତ ପରେ ୨୦୧୩ ଜୁନ ୬ରେ ନନ୍ଦନ ଧରାପଡ଼ି ନନ୍ଦନକାନନରେ ବନ୍ଦୀ ଜୀବନ ବିତାଉଥିଲା। ପରବର୍ତ୍ତୀ ସମୟରେ ବାଘୁଣୀ ମେଘା ଓ ସାରା ସହ ମିଶି ନନ୍ଦନ ତା'ର ବଂଶ ବୃଦ୍ଧି କରିଥିଲା। ତେବେ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ନନ୍ଦନ ୨୦୨୪ ଜାନୁୟାରୀ ୨୧ରେ ଅସୁସ୍ଥ ହୋଇପଡ଼ିଥିଲା। ଶନିବାର ତା'ର ମୃତ୍ୟୁ ହୋଇଯାଇଛି। ଏହା ପର୍ଯ୍ୟଟକଙ୍କ ପାଇଁ ଦୁଃଖର ବିଷୟ ପାଲଟିଛି।

# କ୍ରୋମାଇଟ ଉତ୍ତୋଳନ ହ୍ରାସ, କ୍ଷତିରେ ଶିଳ୍ପ

## ସରକାରଙ୍କ ଦୃଷ୍ଟି ଆକର୍ଷଣକଲା କେଏନ୍‌ଆଇଏ

ଯାଜପୁର,୧୧।୫ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳରେ ପ୍ରାୟ ୭ ମାସ ହେଲା କ୍ରୋମାଇଟ ଖଣି ଉତ୍ତୋଳନ ବହୁଳ ଭାବେ ହ୍ରାସପାଇଛି। ୫୪ରୁ ଅଧିକ ଗ୍ରେଡ୍ ବିଶିଷ୍ଟ କ୍ରୋମାଇଟ ଆବଶ୍ୟକ ଅନୁସାରେ ମିଳୁନାହିଁ। ଫଳରେ ଚାହିଦା ବଢ଼ିବା ସହ ଦର ବୃଦ୍ଧି ଅଣାୟତ୍ତ ହୋଇଥିବାରୁ କାରଖାନାଗୁଡ଼ିକ ବହୁ କ୍ଷତିରେ ଚାଲିଛି। ଏହାଦ୍ୱାରା ଶ୍ରମିକ ଓ କର୍ମଚାରୀଙ୍କ ଜୀବିକଜୀବିକା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବା ଆଶଙ୍କା କରାଯାଇଛି । ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଧ୍ୟାନ ନ ଦେଲେ ଆଗାମୀ ଦିନରେ କ୍ରୋମାଇଟ୍ ଭିତ୍ତିକ କାରଖାନାଗୁଡ଼ିକ ବନ୍ଦ ହେବା ଦ୍ୱାରଦେଶରେ ବୋଲି କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଆସୋସିଏଶନ (କେଏନ୍‌ଆଇଏ) ପକ୍ଷରୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ ଓ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଦେଶରେ ଥିବା କ୍ରୋମାଇଟର ୯୮ ଭାଗ ଓଡ଼ିଶାରେ ଗଚ୍ଛିତ ଅଛି। ତନ୍ମଧ୍ୟରୁ ସୁକିନ୍ଦା ଅଞ୍ଚଳରେ ସର୍ବାଧିକ କ୍ରୋମାଇଟ୍ ଥିବା ସରକାରୀ ଭାବେ ଆକଳନ କରାଯାଇଛି। ସୁକିନ୍ଦାର ମହାଗିରି ପର୍ବତମାଳା ଚତୁଃପାର୍ଶ୍ୱରେ ଓଏମ୍‌ସି, ଟାଟାଷ୍ଟିଲ, ଫେରୋ ଆଲୋଏଜ କର୍ପୋରେଶନ (ଫେକର), ମିଶ୍ରିଲାଲ, ଆଇଡିସି, ବି.ସି. ମହାନ୍ତି ଆଣ୍ଡ ସନ୍, ଇମ୍ଫା ଆଦି ବହୁ କମ୍ପାନୀ କ୍ରୋମାଇଟ୍ ଉତ୍ତୋଳନ କରୁଛନ୍ତି। କେଏନ୍‌ଆଇଏ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ୭ ମାସ ହେବ ବୃହତ୍ ଖଣି କମ୍ପାନୀ ଟାଟା ଷ୍ଟିଲର ସୁକିନ୍ଦା ମାଇନ୍ସରୁ ଉତ୍ତୋଳନ ବନ୍ଦ ପଡ଼ିଛି। ଭୂତଳ ଖଣି ପାଇଁ ଅନୁମତି ପ୍ରକ୍ରିୟା ଚାଲିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାବାଦ୍ ଓଏମ୍‌ସିର ମଧ୍ୟ ଅନୁରୂପ ଭାବେ ଉତ୍ତୋଳନରେ ହ୍ରାସ ଘଟିଛି। କ୍ରୋମାଇଟ୍ ଅଭାବ ଯୋଗୁ ରାଜ୍ୟ ଭିତରେ ଓ ବାହାରେ କ୍ରେତାମାନେ ପ୍ରତିଯୋଗିତା ଭାବେ ଅଂଶଗ୍ରହଣ କରୁଛନ୍ତି ଏବଂ ଲଙ୍ଗ ଟର୍ମ ଲିଜ୍ (ଏଲ୍‌ଟିଏଲ୍) କ୍ରେତାମାନଙ୍କ ପାଇଁ ବେସ୍ ପ୍ରାଇସ୍(ମୂଳ ମୂଲ୍ୟ) ପ୍ରଦାନ କରିବାକୁ ଉଚ୍ଚ ପ୍ରିମିୟମ୍‌ରେ ଟେଣ୍ଡର କରାଯାଉଛି। ୧୯।୨।୨୦୨୪ରେ ହୋଇଥିବା ଜାତୀୟ ଇ-ନିଲାମରେ ଓଏମ୍‌ସି ପକ୍ଷରୁ ୫୪ରୁ ଅଧିକ ଗ୍ରେଡ୍‌ର କ୍ରୋମାଇଟ ୬୦୦ ମିଲିୟନ ଟନ୍ (ଏମ୍‌ଟି) ପାଇଁ ଡାକ ହୋଇଥିବାବେଳେ ସେଥିରୁ ମାତ୍ର ୫୭% ବିକ୍ରି ହୋଇପାରିଥିଲା। ସେହିପରି ୧୯।୩।୨୦୨୪ରେ ୧୦୦ ଏମ୍‌ଟି ମଧ୍ୟରୁ ୮୩% ଏବଂ ୧୯।୪।୨୦୨୪ରେ ୪୦୦ ଏମ୍‌ଟି ମଧ୍ୟରୁ ମାତ୍ର ୪୧% ବିକ୍ରି ହୋଇପାରିଥିଲା। ଅନ୍ୟପକ୍ଷେ ୫୨ରୁ ୫୪ ଗ୍ରେଡ୍ ବିଶିଷ୍ଟ କ୍ରୋମାଇଟ୍‌କୁ ୧୦୦୦ରୁ ୨୦୦୦ ଏମ୍‌ଟି ପରିମାଣ ପର୍ଯ୍ୟନ୍ତ ନିଲାମରେ ସ୍ଥାନ ଦିଆଯାଇଥିଲା। ଏହାବାଦ୍ ୪୮ରୁ ୫୦ ଗ୍ରେଡ୍ ବିଶିଷ୍ଟ କ୍ରୋମାଇଟ ୨୦୦୦ରୁ ୩୬୦୦ ଏମ୍‌ଟି ପରିମାଣ ପର୍ଯ୍ୟନ୍ତ ନିଲାମରେ ସ୍ଥାନ ଦିଆଯାଉଛି। ଫଳରେ ଉଚ୍ଚ (୫୪ରୁ ଉର୍ଦ୍ଧ୍ୱ) ଓ ମଧ୍ୟମ (୫୨ରୁ ୫୪) ମାନର କ୍ରୋମାଇଟ୍ ଆବଶ୍ୟକ ଅନୁସାରେ ମିଳିପାରୁନାହିଁ। ଏଠାରେ କେଏନ୍‌ଆଇଏ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ଯେ, ଓଏମ୍‌ସି ଅତିକମ୍‌ରେ ୬୦୦୦ ଏମ୍‌ଟି ପର୍ଯ୍ୟନ୍ତ ୪୮ରୁ ୫୦ ଗ୍ରେଡ୍ ବିଶିଷ୍ଟ କ୍ରୋମାଇଟ ପ୍ରଦାନ କରିବା ଉଚିତ। ଜାତୀୟ ଇ-ନିଲାମରେ ୫୪ରୁ ଅଧିକ ଏବଂ ୫୨ରୁ ୫୪ ଗ୍ରେଡ୍ ବିଶିଷ୍ଟ କ୍ରୋମାଇଟ ପ୍ରଦାନ ବନ୍ଦ କରି ଆନୁପାତିକ ମୂଲ୍ୟରେ ଏହାକୁ ବିକ୍ରି କରିବାର ଆବଶ୍ୟକତା ରହିଛି। ତେଣୁ ଓଏମ୍‌ସି ପକ୍ଷରୁ ଏକ କମିଟି ଗଠନ କରାଯାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କେଏନ୍‌ଆଇଏ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ତେଣୁ ଉପରୋକ୍ତ ସମସ୍ୟାଗୁଡ଼ିକର ତୁରନ୍ତ ସମୀକ୍ଷା କରିବା ସହ ଜାତୀୟ ଇ-ନିଲାମରେ କ୍ରୋମ୍ ଖଣିର ଏପରି ପ୍ରିମିୟମ ବନ୍ଦ କରିବାକୁ କେଏନ୍‌ଆଇଏ ପକ୍ଷରୁ ଅନୁରୋଧ କରାଯାଇଛି।

# ମୁହଁ ବନ୍ଦ ପାଇଁ ପଦକ୍ଷେପ



ଆକାର ପଟେଲ

ନିର୍ବାଚନ ପ୍ରଚାର ସକାଶେ ଅରବିନ୍ଦ କେଜ୍‌ରିୱାଲଙ୍କୁ କିଛିଦିନ ପାଇଁ ଜେଲରୁ ମୁକ୍ତ କରାଯାଇଛି। ପ୍ରଚାର ପରେ ତାଙ୍କୁ ଜେଲକୁ ଫେରିବାକୁ ପଡ଼ିବ। କେଜ୍‌ରିୱାଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ସେ ଜେଲରେ ରହିବାର କାରଣ ତାଙ୍କ ଜାମିନକୁ ଭାଜପା ବିରୋଧ କରୁଛି। ବିଚାରପତିମାନେ ଅନୁଭବ କଲେ, କେଜ୍‌ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଏବଂ ସେ ମଧ୍ୟ ଏକ ଜାତୀୟ ଦଳର ନେତା। ଏହା ନିଃସନ୍ଦେହ ଯେ, ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି, କିନ୍ତୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ତାଙ୍କର ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନାହିଁ। ସେ ମଧ୍ୟ ସମାଜ ପାଇଁ ବିପଦ ନୁହନ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ୨୦୨୨ରେ ଏହି ମାମଲା ପଞ୍ଜୀକୃତ ହୋଇଥିଲା। କିନ୍ତୁ ଭୋଟ ଗ୍ରହଣ ଆରମ୍ଭର କିଛିଦିନ ପୂର୍ବରୁ କେଜ୍‌ରିୱାଲଙ୍କୁ ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଗିରଫ କରାଯାଇଥିଲା। ୧୯ ଏପ୍ରିଲରେ ମତଦାନ ଆରମ୍ଭ ହୋଇଥିଲା। କେଜ୍‌ରିୱାଲ ୧ ମାସରୁ ଅଧିକ ସମୟ ପ୍ରାରମ୍ଭିକ ପ୍ରଚାର ଅଭିଯାନରେ ଭାଗନେଇପାରିଲେ ନାହିଁ। ନିର୍ବାଚନର ତିନିଟି ପର୍ଯ୍ୟାୟ ଶେଷ ହୋଇଯାଇଥିବାବେଳେ ତାଙ୍କୁ ଜେଲରେ ରଖାଯାଇଥିଲା। ତାଙ୍କ ସ୍ତ୍ରୀ ହିଁ ତାଙ୍କ ନାମରେ ପ୍ରଚାର କରିଥିଲେ। ୪ ଜୁନ୍‌ରେ ଫଳାଫଳ ବାହାରିବାବେଳେ ଏପରି ନିର୍ବାଚନକୁ ମୁକ୍ତ ଏବଂ ନିରପେକ୍ଷ ବୋଲି ବିବେଚନା କରାଯିବ କି? ବିରୋଧୀଙ୍କୁ ଜେଲରେ ରଖି ତୁମେ ସ୍ୱାଧୀନ ଭାବେ ପ୍ରଚାର କରିବା ଏକ ପ୍ରକାର ନିର୍ବାଚନ, ଯାହା ଏକଛତ୍ରବାଦ ଦେଶଗୁଡ଼ିକରେ ଘଟିଥାଏ। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ତଥା ପୂର୍ବରୁ ତେଲଙ୍ଗାନାରେ ସରକାର ଚଳାଇଥିବା ଭାରତ ରାଷ୍ଟ୍ର ସମିତିର କଲଭକୁନ୍ତଲା କବିତା ସମସ୍ତେ ଜେଲରେ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। କୋର୍ଟରେ ଭାଜପାର ଯୁକ୍ତି ହେଉଛି ଅନ୍ୟ ଅଭିଯୁକ୍ତଙ୍କ ତୁଳନାରେ ରାଜନେତାମାନଙ୍କୁ ସ୍ୱତନ୍ତ୍ର ବ୍ୟବହାର ପ୍ରଦର୍ଶନ କରିବା ଉଚିତ ନୁହେଁ ଏବଂ ପ୍ରଚାର ପାଇଁ ଜାମିନ ଦିଆଯିବା ଉଚିତ ନୁହେଁ। ଗଣତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଏହା କ'ଣ ଦର୍ଶାଉ ନାହିଁ। ପୁନଶ୍ଚ, ଆମକୁ ଧ୍ୟାନ ଦେବାକୁ ହେବ ଯେ ଜେଲରେ ଥିବା ଏହି ରାଜନେତାମାନଙ୍କ ମଧ୍ୟରୁ ଜଣେ ହେଲେ କେହି ଦୋଷୀ ନୁହନ୍ତି। ସେମାନେ କେବଳ ଅଭିଯୁକ୍ତ ଓ ଭାଜପା ସେମାନଙ୍କ ବିରୋଧରେ ଅଭିଯୋଗ କରିଛି। କେଜ୍‌ରିୱାଲଙ୍କ ମାମଲାରେ କୋର୍ଟ ଯାହା ଉଲ୍ଲେଖ କରିଛନ୍ତି ତାହା ମଧ୍ୟ ଅନ୍ୟ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ସେମାନଙ୍କ ବିରୋଧରେ ପୂର୍ବରୁ କୌଣସି ଅଭିଯୋଗ ନାହିଁ। ସେମାନେ ସମାଜ ପାଇଁ ବିପଦ ନୁହନ୍ତି। ସେମାନେ ସମସ୍ତେ ରାଜନୈତିକ ଦଳର ନେତା।

ଜେଲରୁ ମୁକ୍ତହେବା ପରେ କେଜ୍‌ରିୱାଲଙ୍କୁ ଜୋର୍‌ଦାର ସ୍ୱାଗତ କରାଯାଇଥିଲା ଏବଂ ଭାଜପା ଏଥିରେ ଖୁସି ନ ଥିଲା। ସମସ୍ୟା ହେଉଛି ଏହି ଘଟଣାରେ କୋର୍ଟକୁ ବାଧ୍ୟ କରାଯାଉଛି। ଭାଜପା ଏପରି କାର୍ଯ୍ୟରେ ଲିପ୍ତ ରହି ଗଣତନ୍ତ୍ର ଉପରେ ଆକ୍ରମଣ କରୁନାହିଁ ବୋଲି ଯାହା କହୁଛି ତାହା ଗ୍ରହଣୀୟ କି? ଭାରତ ଯେଉଁ ବାଟ ଧରିଛି ସେ ବିଷୟରେ ବାହ୍ୟଜଗତ କ'ଣ ଅନୁଭବ କରୁଛି? ଅନେକ ବର୍ଷ ମଧ୍ୟରେ ଯାହା ସବୁ କୁହାଯାଇଛି ସେ ବିଷୟକୁ ଫେରିବା ଦରକାର। ବିଶ୍ୱର ଅନ୍ୟ ଦେଶଗୁଡ଼ିକ କହନ୍ତି, ଭାରତ କେବଳ ଏକଛତ୍ରବାଦ ଆଡ଼କୁ ଗତି କରୁନାହିଁ, ବରଂ ଏହା ଆଉ ଗଣତନ୍ତ୍ର ହୋଇ ରହିନାହିଁ। ଫ୍ରିଡମ୍ ହାଉସ ଅନୁଯାୟୀ, ରାଜନୈତିକ ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ଭାଜପା ସରକାରୀ ସଂସ୍ଥାଗୁଡ଼ିକୁ ଅତ୍ୟଧିକ ବ୍ୟବହାର କରୁଛି। ଏହା ସତ୍ୟ। ଫ୍ରିଡମ୍ ହାଉସ ଭାରତକୁ 'ଆଂଶିକ ମୁକ୍ତ' ମାନ୍ୟତା ଦେଇଛି। ଏହା ମଧ୍ୟ ସତ୍ୟ। ବାସ୍ତବରେ ଏହା ଭାରତର ସ୍ଥିତି ତୁଳନାରେ କେଜ୍‌ରିୱାଲଙ୍କ ସ୍ଥିତିରେ ଅତ୍ୟଧିକ ପ୍ରତିଫଳିତ ହେଉଛି। ନାଗରିକ ସ୍ୱାଧୀନତା, ସାଂସ୍କୃତିକ ବିବିଧତା, ରାଜନୈତିକ ସଂସ୍କୃତି ଓ ଭାଗୀଦାରି ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ନିରୀକ୍ଷଣ କରିଥିବା ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଗଣତନ୍ତ୍ର ସୂଚକାଙ୍କରେ ୨୦୧୪ରେ ଭାରତ ୨୭ତମ ସ୍ଥାନରେ ଥିଲା। ୨୦୨୦ରେ ଭାରତକୁ ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ଶ୍ରେଣୀଭୁକ୍ତ କରାଯାଇଥିଲା ଓ ଗତ ବର୍ଷ ଭାରତ ୪୧ତମ ସ୍ଥାନରେ ରହିଥିଲା। ଏହା ଥିଲା ଗଣତାନ୍ତ୍ରିକ ପଶ୍ଚାତଗମନ ଏବଂ ମୋଦିଙ୍କ ସମୟରେ ବୃଦ୍ଧି ପାଇଥିବା ଧର୍ମୀୟ ପ୍ରଭାବର ପରିଣାମ। ୨୦୧୭ରେ ନାଗରିକ ସମାଜ ସଙ୍ଗଠନଗୁଡ଼ିକର ବୈଶ୍ୱିକ ମେଣ୍ଟ ସିଭିକସ୍ ଭାରତର ନାଗରିକ କ୍ଷେତ୍ରକୁ 'ଅବରୋଧିତ' ଭାବେ ଦର୍ଶାଇଥିଲା ଓ ପରେ 'ଦମନକାରୀ'କୁ ଖସି ଆସିଛି। ଦମନ ଭଳି ଶବ୍ଦ ଗଣତନ୍ତ୍ରରେ ବ୍ୟବହାର ହୁଏ କି? ନା। ମାର୍ଚ୍ଚ ୨୦୨୨ରେ ସିଭିକସ୍ କହିଥିଲା ଯେ, ନାଗରିକ ସ୍ୱାଧୀନତାର ଦ୍ରୁତ ଅବନତି ହୋଇଥିବା ଦେଶଗୁଡ଼ିକର ଏକ ତାଲିକାରେ ଭାରତ ଯୋଡ଼ିହୋଇଛି ଏବଂ ସମାଲୋଚକମାନଙ୍କ ମୁହଁ ବନ୍ଦ କରିବା ଲାଗି ମୋଦି କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ନିର୍ବାଚନ ସମୟରେ ସମାଲୋଚକମାନଙ୍କୁ ଜେଲରେ ରଖିବା ହେଉଛି ସେମାନଙ୍କୁ ଚୁପ୍ କରିବାର ଏକ ଉତ୍ତମ ପଦକ୍ଷେପ। ବିଶେଷକରି କେଜ୍‌ରିୱାଲ ଏବଂ ସଞ୍ଜୟ ସିଂ ଏହାର ଉଦାହରଣ, ଯେଉଁମାନଙ୍କୁ ବିନା ଦୋଷରେ ଇଡି ଦ୍ୱାରା ଜେଲରେ ରଖାଯାଇଥିଲା ଏବଂ ସେମାନେ ଜାମିନରେ ଆସିଛନ୍ତି।

ଶେଷରେ ସୁଇଡେନ ଗୋଥେନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଭି-ଡେମ୍ ରିପୋର୍ଟ ପ୍ରକାଶ କରିଛି ଯେ, ମୋଦିଙ୍କ ଅଧୀନରେ ଭାରତ ଗଣତନ୍ତ୍ରର ମାନ୍ୟତା ହରାଇଛି ଏବଂ ଗୋଟିଏ 'ଏକଛତ୍ରବାଦ ନିର୍ବାଚନ' ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ହଙ୍ଗେରୀ ଏବଂ ତୁର୍କୀ ଭଳି ନିଜକୁ ପ୍ରତିପାଦିତ କରିଛି। ଅଭିବ୍ୟକ୍ତି, ଗଣମାଧ୍ୟମ ଏବଂ ନାଗରିକ ସମାଜର ସ୍ୱାଧୀନତାରେ ପାକିସ୍ତାନ ଭଳି ଭାରତ ଏକଛତ୍ରବାଦୀ ହୋଇଛି ଏବଂ ଉଭୟ ବାଂଲାଦେଶ ଓ ନେପାଳ ତୁଳନାରେ ଏହା ଖରାପ। ୨୦୧୪ ପରେ ଯେତେବେଳେ ଏହିସବୁ ରିପୋର୍ଟ ଆସିବାକୁ ଲାଗିଲା ସେତେବେଳେ ସରକାର ତଥା ଏହାର ସମର୍ଥକମାନେ ଉପହାସ କଲେ ଏବଂ ଏହା ପକ୍ଷପାତର ପରିଣାମ ବୋଲି କହିଥିଲେ। ଆଜି ୨୦୨୪ରେ, ଭାଜପା ଏକ ନିର୍ବାଚନ ସମୟରେ ବିରୋଧୀଙ୍କୁ ଜେଲରେ ରଖିଛି। ତଥାପି ବିଶ୍ୱାସ କରାଯାଉଛି କିମ୍ବା ଅନ୍ତତଃ ପକ୍ଷେ ଆମ ମଧ୍ୟରେ ବିଶ୍ୱାସ ଜନ୍ମାଉଛି ଯେ, ଏହା କେବଳ ଗଣତନ୍ତ୍ରର ନିୟମ ପାଳନ କରୁଛି।

Email:aakar.patel@gmail.com

# ବାତ୍ସଲ୍ୟର ବାରିଧାରା



ଡ. ପ୍ରଫୁଲ୍ଲ କୁମାର ସାହୁ

ମା' କେବଳ ଏକ ଶବ୍ଦ ନୁହେଁ, ସ୍ପନ୍ଦନ। କେବଳ ଏକ ସମ୍ବୋଧନ ନୁହେଁ, ବିମୁଗ୍ଧ ଅନୁଭବ। ଆମ ଚେତନାରେ, ଆମ ସ୍ପନ୍ଦନରେ ଅହରହ ଗୁଞ୍ଜରିତ ହେଉଥିବା ଏକ ଦ୍ୱିଜ ମନ୍ତ୍ର। ମା' ବୋଲି ଡାକିଦେଲେ ପ୍ରାଣରେ ସୃଷ୍ଟିହୁଏ ଏକ ଅମୃତମୟ ଆହ୍ଲାଦ। ଏକ ଅଲଗା ଅସ୍ତିତ୍ୱ। ମାଟିରୁ ଆକାଶଯାଏ ପରିବ୍ୟାପ୍ତ ତା'ର ସ୍ନେହ ଓ ସୋହାଗର ପଣତ। ତା' ପଣତରେ ବିଞ୍ଚିଦେଲେ ଉଲ୍ଲସିତ ହୋଇଯାଏ ମନ ଓ ପ୍ରାଣ। ମମତା ଅଜାଡ଼ି ଦେବାର ଅନ୍ୟ ନାମ ମା'। ଆମ ଜୀବନ ଭୂମିକୁ ସିକ୍ତ କରି ବହିଯାଉଥିବା ଏକ ଶୀତଳ ଝର। ଗଛର ଚେର ଲମ୍ବିବା ପାଇଁ ମାଟି ଯେପରି ପତେଇଦିଏ ଛାତି, ମା' ସେମିତି ତା' ସନ୍ତାନ ଲାଗି ବକ୍ଷରୁ ଝରାଇଦିଏ ଅମୃତର ଧାରା। ସେଥିପାଇଁ ସେ ନିଜେ ପଳପଳ କରି ପିଇଯାଏ ଦୁଃଖର ଗରଳ। ପିଲାଙ୍କ ପାଦରେ କଣ୍ଟା ଫୁଟିଗଲେ ବିଦାରି ହୋଇଯାଏ ମା'ର ବକ୍ଷ। ତା'ର ଅନାବିଳ ମମତାରେ ଓଦା ହୋଇଯାଏ ଶୁଖିଲା ଭୂଇଁ। କିଏ ତାକୁ ବାତ୍ସଲ୍ୟର ବାରିଧାରା କହେ ତ କିଏ କହେ ସେବା ଓ ସୋହାଗର ମନ୍ଦାକିନୀ ଧାରା। କିଏ ତାକୁ ମେଦିନୀଠାରୁ ମହାନ୍ କହେ ତ କିଏ କହେ ସ୍ୱର୍ଗାଦପି ଗରୀୟସୀ।

ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ବୋଲି ଯଦି କେହି ଥାଏ, ସେ ହେଉଛି ମା'। ସେ ପୀୟୂଷର ପ୍ଲାବନ। ସ୍ନେହ ଓ ପ୍ରେମର କୋମଳ ଗାନ୍ଧାର। ଜନ୍ମ ଦେବା ତ ପ୍ରଜନନ ପ୍ରକ୍ରିୟାର ଏକ ସ୍ୱାଭାବିକ ପରିଣତି, କିନ୍ତୁ ମାତୃତ୍ୱ ଏକ ତପସ୍ୟା। ଏକ ଅପ୍ରମିତ ସାଧନା। ସନ୍ତାନ ପାଇଁ ନିଜକୁ ଉଜେଇଁ ଦେବାର ଏକ ଦ୍ୱିଜ ଉପଲବ୍ଧି। ସୁନାମି ସମୟର ଘଟଣା। ଭୟଙ୍କର ଭାବରେ ଉଠୁଥାଏ ଜୁଆର। ପ୍ରାଣ ବିକଳରେ ନିରାପଦ ସ୍ଥାନକୁ ଧାଇଁଥିଲେ ସମୁଦ୍ରକୂଳିଆ ଲୋକେ। କିନ୍ତୁ ଜୁଆର ଆସୁଥିବା ଜାଣି ସୁଦ୍ଧା ମା'ଟିଏ ସମୁଦ୍ର ଆଡ଼କୁ ପ୍ରାଣମୂର୍ଚ୍ଛା ଧାଇଁଥାଏ ନିଜ ପୁଅକୁ ଖୋଜିବା ପାଇଁ। କାରଣ ତା'ର ଛୋଟ ପୁଅଟି ସେ ପର୍ଯ୍ୟନ୍ତ ଘରକୁ ଫେରି ନଥିଲା, ଯିଏ ସବୁଦିନ ସମୁଦ୍ର କୂଳକୁ ଯାଏ ଖେଳିବାପାଇଁ।

ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆଙ୍କ ସମୟର ଘଟଣା। ଶ୍ୱାସନଳୀରେ ଭୟଙ୍କର ସଂକ୍ରମଣର ଶିକାର ହେଲା ମହାରାଣୀଙ୍କ ଝିଅ ଏଲିସ୍‌ଙ୍କ ଶିଶୁପୁତ୍ର। ଡାକ୍ତରଙ୍କ ସକଳ ଚେଷ୍ଟା ସତ୍ତ୍ୱେ କ୍ରମଶଃ ସଙ୍କଟାପନ୍ନ ହେବାକୁ ଲାଗିଲା ଶିଶୁର ସ୍ଥିତି। ସଂକ୍ରମଣ ବ୍ୟାପିବା ନିଶ୍ଚିତ ଜାଣି ପିଲାକୁ କେହି କୋଳରେ ନ ଧରିବା ପାଇଁ ପରାମର୍ଶ ଦେଲେ ଡାକ୍ତର। ସତର୍କତା ସ୍ୱରୂପ ପିଲା ପାଖରୁ ଯଥାସମ୍ଭବ ଦୂରେଇ ରହିଲା ସାରା ରାଜ ପରିବାର। ପୁଅକୁ କୋଳକୁ ନେଇ ପାରିଲେନି ନିଜେ ଏଲିସ୍। ହେଲେ କେତେଦିନ ହୃଦୟର ଆବେଗକୁ ଚାପିରଖି ସନ୍ତାନଠାରୁ ନିଜକୁ ଦୂରେଇ ରଖିପାରିବ ଗର୍ଭଧାରଣୀ ମା'! ଦିନେ ପୁଅର ରୋଗଶଯ୍ୟା ପାଖରେ ଠିଆ ହୋଇ ତାକୁ ଅଶ୍ରୁଳ ଆଖିରେ ଚାହିଁ ରହିଛନ୍ତି ମା' ଏଲିସ୍। କେଇଟା ମୁହୂର୍ତ୍ତ ଭିତରେ ତାଙ୍କ ମାତୃତ୍ୱକୁ ବିଗଳିତ କରିଦେଲା ମୃତ୍ୟୁ ଅପେକ୍ଷାରେ ଥିବା ଶିଶୁପୁତ୍ରର ନିରୀହ ଚାହାଣି। ମା' କୋଳକୁ ଆସିବା ପାଇଁ ତା' ଭିତରେ ବଢୁଥିବା ଆବେଗ ଓ ଆତୁରତାକୁ ଅନୁଭବ କରି ସେ ଭୁଲିଗଲେ ଡାକ୍ତରଙ୍କ ଚେତାବନୀ ଓ କଟକଣା। ବାତ୍ସଲ୍ୟର ବିସ୍ମୟ ବିଭୋରତା ଆଗରେ ହାର୍‌ମାନିଲା ସବୁ ସଜାଗ ଓ ସତର୍କତା। ଅକସ୍ମାତ୍ ପୁଅକୁ ରୋଗଶଯ୍ୟାରୁ ଉଠେଇ ଆଣି ଛାତିରେ ଜାକି ଧରିଲେ ଏବଂ ସ୍ନେହର ଆତିଶଯ୍ୟରେ ଆଙ୍କିଦେଲେ ଚୁମ୍ବନ ପରେ ଚୁମ୍ବନ। ଏକଥା ଜାଣିଲା ପରେ ପ୍ରମାଦ ଗଣିଲେ ପରିବାରବର୍ଗ। ଅସହାୟ ହୋଇପଡ଼ିଲେ ଡାକ୍ତର। ଏହାର ପରିଣାମ ସମ୍ପର୍କରେ ଜାଣିଥିଲେ ଏଲିସ୍। ତଥାପି ପୁଅକୁ ଚୁମ୍ବନ ଦେଇ ମୃତ୍ୟୁକୁ ଆମନ୍ତ୍ରଣ କଲେ କାହିଁକି? ସମସ୍ତଙ୍କ ମନରେ ସେହି ଗୋଟିଏ ପ୍ରଶ୍ନ। ମୃତ୍ୟୁର ଭୟ ନୁହେଁ, ବରଂ ଏଲିସ୍‌ଙ୍କୁ ବିଚଳିତ କଲା ତାଙ୍କ ପ୍ରତି ସମସ୍ତଙ୍କ ଭିତରେ ଥିବା ଏହି କାହିଁକିର ପ୍ରଶ୍ନ। ଅଗତ୍ୟା ସମସ୍ତଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ ଗୋଟିଏ ବାକ୍ୟରେ କହିଥିଲେ– 'କାରଣ ମୁଁ ଜଣେ ମାଆ'। ଏ ଉତ୍ତର ଯେତିକି ମର୍ମଦାହୀ, ସେତିକି ସ୍ମରଣୀୟ। ସାରା ଦୁନିଆକୁ ସେ କଥା ଜଣେଇ ଦେବାପାଇଁ ଏଲିସ୍‌ଙ୍କ ସମାଧି ଉପରେ ଲେଖାଯାଇଛି– 'କାରଣ ମୁଁ ଜଣେ ମା।'



ମା'ର କୋଳ ହେଉଛି ଏକ ଅଭୟ ଆଶ୍ରୟସ୍ଥଳ। ତା'ର ବାତ୍ସଲ୍ୟମମତା ଆଗରେ ହାରମାନେ ମୃତ୍ୟୁର ଭୟ। ମଣିଷ ହେଉ କି ପଶୁପକ୍ଷୀ, ବାତ୍ସଲ୍ୟର ଜୈବିକ ଉଦାରତା ଏତେ ଶକ୍ତିଶାଳୀ ଯେ ତାକୁ ଭୟ ଭାଙ୍ଗିପାରେନି କି କାଟିପାରେନି କ୍ରୂରତାର କଟୁରି। ଚିତାବାଘ ମାଙ୍କଡ଼ ଶିକାର କରିବାକୁ ଗଛକୁ ଚଢ଼ିଲେ ପିଲାମାନଙ୍କ ଜୀବନ ରକ୍ଷା କରିବା ପାଇଁ ଚିତା ପାଖରେ ନିଜକୁ ସମର୍ପିଦିଏ ମା' ମାଙ୍କଡ। ଚିଲ ଆକ୍ରମଣ ସମୟରେ ଶାବକମାନଙ୍କୁ ପେଟତଳେ ରଖି ନିଜ ସୁରକ୍ଷା କଥା ଭୁଲିଯାଏ। ସତରେ ଯମ ରାଜାଙ୍କ ପାଇଁ ସଂସାରରେ ଯଦି କେଉଁଠି ଅପହଞ୍ଚ ଇଲାକା ଅଛି, ତେବେ ତାହା ହେଉଛି ମା'ର କୋଳ।

ଶିଶୁକୁ ମଣିଷ କରି ଗଢ଼ିତୋଳିବାରେ ମା'ର ତ୍ୟାଗ, ସମର୍ପଣଭାବ ଓ ବୁଦ୍ଧିମତ୍ତା ସଂସାରରେ ଅଦ୍ୱିତୀୟ। ସେ ପାଠୋଇ ହେଉ ଅପାଠୋଇ ହେଉ, ସନ୍ତାନ ପାଇଁ ସେ ପ୍ରଥମ ଶିକ୍ଷୟିତ୍ରୀ, ସ୍ୱତନ୍ତ୍ର ସେବିକା ଓ ବିଶିଷ୍ଟ ଡାକ୍ତରାଣୀ। କେବେ ସେ ଧୋ'ରେ ବାଇଆ ଧୋ ଗୀତ ଗାଏ ତ; କେବେ କହେ ପରୀ ରାଇଜର କାହାଣୀ। କେବେ ସେ କାହା ଉପରେ ରାଗେନି, ଅଭିମାନ କରେନି, ବରଂ ସଂସାରଯାକର ଗାଳିକୁ ପିଇଯାଏ ନୀଳକଣ୍ଠ ପରି। କେବେ କାହାକୁ କହେନି ତା' ଦେହ ଅସୁସ୍ଥ କଥା। ମା' କିଛି ନେଇ ଜାଣେନି, କେବଳ ଦେଇ ଜାଣେ ଏବଂ ଦେଇ ଦେଇ ନିଃସ୍ୱ ହୋଇ ଯିବାରେ ତା'ର ଆନନ୍ଦ।

ମା' ସବୁବେଳେ ମା'। ସେ ପେଟ ଚିହ୍ନି ଖାଇବାକୁଦିଏ ଭୋକ ଲାଗିବା ଆଗରୁ। ସେଥିପାଇଁ କୁହାଯାଏ 'ନାଆ ଚିହ୍ନେ ଘାଟ, ମା' ଚିହ୍ନେ ପେଟ'। ସେ ନିଜେ ସହିଯାଏ ଯାବତୀୟ ଦୁଃଖ ଯନ୍ତ୍ରଣା। ଅଥଚ ସନ୍ତାନ ପାଇଁ ବିଛାଏ ସ୍ନେହର ବିଛଣା। ଅଭାବୀ ଘରେ ନିଜ ପାଇଁ କିଛି ନରଖି ପିଲାଙ୍କ ଥାଳିରେ ସବୁତକ ସେ ବାଢ଼ିଦିଏ ଓ ପଚାରିଲେ ଖାଇସାରିଛି ବୋଲି କହେ କିମ୍ବା କଥା ବାଆଁରେଇ ଉଠିଯାଏ କାମ ବାହାନାରେ। ମା'ର ଭଲ ପାଇବାରେ ନଥାଏ ପ୍ରାପ୍ତିର ପ୍ରତ୍ୟାଶା କିମ୍ବା ସ୍ୱାର୍ଥ ଓ ସର୍ତ୍ତ। ତାକୁ ଗାଳି ଦେଲେ ବି ସେ ପିଲାଙ୍କ ମଥା ଉପରେ ଅଜାଡ଼ିଦିଏ ଆଞ୍ଜୁଳା ଆଞ୍ଜୁଳା କଲ୍ୟାଣ।

ମା' ଆମ ପ୍ରାଣ। ମା'ର ଆଶୀର୍ବାଦ ବଳରେ ଅସମ୍ଭବକୁ ସମ୍ଭବ କରିପାରେ ମଣିଷ। ମା' ହସିଲେ ଝରିପଡ଼େ ଦେବତାଙ୍କ ଆଶୀର୍ବାଦ। ତେଣୁ ମା'କୁ ପୂଜା କରିବା ଅର୍ଥ ଈଶ୍ୱରଙ୍କ ସାନିଧ୍ୟ ପାଇବା ସହିତ ସମାନ। ଥରେ ଜଣେ ସନ୍ଥ କହୁଥିଲେ– ''ଈଶ୍ୱରଙ୍କ ସନ୍ଧାନରେ ମୋ ଜୀବନ କାଳର ସମଗ୍ର ସାଧନା ବିନିଯୋଗ କରି ଅପ୍ରାପ୍ତିଜନିତ ହତାଶାରେ ଭାଙ୍ଗିପଡ଼ିଥିବା ବେଳେ ହଠାତ୍ ଆଖିପଡ଼ିଲା ଜନ୍ମଦାତ୍ରୀ ମା' ଉପରେ। ଗଭୀର ଅନ୍ତର୍ଦୃଷ୍ଟି ନେଇ ତାକୁ ନିରେଖିଲା ପରେ ଆଉ ଅନୁଭବ କରିପାରିଲିନି ଈଶ୍ୱରଙ୍କୁ ଖୋଜିବାର ଆବଶ୍ୟକତା। ଅଦୃଶ୍ୟ ଈଶ୍ୱରଙ୍କ ପରି ମା' ଦୟା ଓ କରୁଣାର ଅବତାର ହୋଇଥିବାରୁ ମୋତେ ଲାଗିଲା ଉଭୟ ମା' ଓ ଈଶ୍ୱର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।'' ସତରେ ସଂସାରରେ ଆଉ ଏମିତି କିଛି ବିଭବ ନାହିଁ, ଯାହା ମାଆର ତ୍ୟାଗଠାରୁ ଅଧିକ ମହିମାମୟ। ତେଣୁ ମାଆର ସେବା ଆମର ପରମ କର୍ତ୍ତବ୍ୟ। ଏହା ଆମ ଜଟିଳ ଜୀବନର ଏକ ସରଳ ସତ୍ୟ। ଏକ ସର୍ବକାଳୀନ ସିଦ୍ଧାନ୍ତ। କେଉଁ ଅନାଦି କାଳରୁ ଆମ ରକ୍ତରେ ମିଶି ଯାଇଥିବା ଏ ବିଚାରଧାରାରୁ ବିଚ୍ୟୁତ ହେଲେ ଦୁର୍ବିଷହ ହୋଇପଡ଼ିବ ଏ ସୁନ୍ଦର ପୃଥିବୀ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ସବୁଠୁ ଉପରେ ରାଷ୍ଟ୍ର



ଉପେନ୍ଦ୍ର ବିଶ୍ୱାଳ

ମୋରର ଗୌରବୋଜ୍ଜ୍ୱଳ ଇତିହାସର ଏକ ଅଧ୍ୟାୟ। ଆକସ୍ମିକ ଭାବେ ଦେହାନ୍ତ ଘଟିଛି ମୋର ମହାରାଣୀ କର୍ମବତୀଙ୍କର। ତା'ପୂର୍ବରୁ ଶିଶୁପୁତ୍ରର ଲାଳନପାଳନ ଦାୟିତ୍ୱ ନ୍ୟସ୍ତ କରିଥିଲେ ଅତି ବିଶ୍ୱସ୍ତ ସେବିକା ପାନ୍ନା ଧାଇଙ୍କ ଉପରେ। କଥିତ ଅଛି, ନିଜ ନବଜାତ ଶିଶୁପୁତ୍ର ସହିତ ରାଜପୁତ୍ର ଉଦୟଙ୍କୁ ବି ସ୍ତନ୍ୟପାନ କରାଇ ସଯତ୍ନ ବଢ଼ାଇଥିଲେ ଧାତ୍ରୀ ପାନ୍ନା। ଇତ୍ୟବସରରେ ମୋର ମହାରାଜ ରାଣା ସଙ୍ଗଙ୍କର ମଧ୍ୟ ନିଧନ ହୁଏ କ୍ଷମତାଲିପ୍ସୁ ଭାଇ ହାତରେ। ନିରଙ୍କୁଶ ଦୀର୍ଘ ସିଂହାସନ ଲୋଭରେ ମୋରର ଭାବୀ ଉତ୍ତରାଧିକାରୀ ରାଜକୁମାର ଉଦୟ ସିଂହଙ୍କୁ ମଧ୍ୟ ହତ୍ୟା କରିବାକୁ ଛୁଟି ଆସିଛନ୍ତି ସେ। ବିଜୁଳି ବେଗରେ ଏ ସୂଚନା ପହଞ୍ଚିଛି ରାଜ ଅନ୍ତଃପୁରରେ। ତିଳେମାତ୍ର ବିଳମ୍ବ ନ କରି ରାଜ ଦରବାରର ଅତ୍ୟନ୍ତ ବିଶ୍ୱସ୍ତ ଦୂତ ହସ୍ତେ ନିରାପଦରେ ଚିତୋର ଦୁର୍ଗ ବାହାରକୁ (କୁମ୍ଭଲଗଡ଼) ପାନ୍ନା ପଠେଇଦେଲେ ରାଜପୁତ୍ର ଉଦୟ ସିଂହଙ୍କୁ। ରାଜପୁତ୍ରଙ୍କୁ ନ ପାଇଲେ ବନବୀରଙ୍କ କ୍ରୋଧ ବହୁଗୁଣିତ ହୋଇଯିବ। ଦୁର୍ଗର ଅନେକ ନିରୀହ ପ୍ରାଣୀଙ୍କ ପ୍ରାଣହାନି ହେବା ସହିତ ଉଦୟଙ୍କ ଭବିଷ୍ୟତ ମଧ୍ୟ ଆହୁରି ସଙ୍କଟମୟ ହେବ। ମୋରର ଭାବୀ ଉତ୍ତରାଧିକାରୀ ଉଦୟ ନିଧନ ନ ହେଲାଯାଏଁ ନିଶ୍ଚିନ୍ତ ନୁହନ୍ତି ନିଷ୍ଠୁର ବନବୀର। ଏହିଭଳି ବିଭିନ୍ନ ଦିଗରୁ ଚିନ୍ତାକରି ମୋର ରାଜ୍ୟର ଭବିଷ୍ୟତ ପାଇଁ ଖୁବ୍ ବ୍ୟାକୁଳ ହୋଇ ଉଠିଲେ ପାନ୍ନା ଧାଇ। ଆଖି ଆଗରେ ଏକମାତ୍ର ବିକଳ୍ପ, ନିଜର ଶିଶୁପୁତ୍ର ଚନ୍ଦନ। ଚମକି ପଡିଛି ନିଜ ମାତୃ ହୃଦୟ। ପୁତ୍ର ବଡ଼ ନା ରାଜପୁତ୍ର ବଡ଼, ସ୍ୱସ୍ୱାର୍ଥ ବଡ଼ ନା ରାଜ୍ୟସ୍ୱାର୍ଥ? ନିଜକୁ ସମ୍ଭାଳି ନେଲେ, ସଜା ନେଲେ ପାନ୍ନା। କାଳ ବିଳମ୍ବ ନ କରି ନିଜର ନିଦ୍ରିତ ଶିଶୁପୁତ୍ରକୁ ଆଣି ଶୁଆଇ ଦେଲେ ରାଜକୁମାରଙ୍କ ସୁକୋମଳ ଶଯ୍ୟାରେ। ଉନ୍ମୁକ୍ତ ତରବାରି ହସ୍ତେ ଧରି କ୍ଷିପ୍ରବେଗରେ ଅନ୍ତଃପୁର ଭିତରକୁ ମାଡ଼ି ଆସିଛନ୍ତି ନିଷ୍ଠୁର ବନବୀର। ପାନ୍ନାଙ୍କ ବେକରେ ତରବାରି ଲଗାଇ ଉଦୟ ସିଂହ କାହିଁ ବୋଲି ପଚାରିବାରୁ ପାନ୍ନାଙ୍କ ଅଙ୍ଗୁଠି ସ୍ୱତଃ ଇଙ୍ଗିତ କରିଛି ସୁକୋମଳ ଶଯ୍ୟାଧାର ଆଡ଼କୁ। ତତ୍‌କ୍ଷଣାତ୍ ତରବାରି ଚୋଟରେ ଦୁଇଗଡ଼ ହୋଇଯାଇଛି ନିଦ୍ରାବିଷ୍ଟ ନିଷ୍ପାପ, ନିରୀହ ଶିଶୁଟିର ନିସ୍ତେଜ ଶରୀର। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥ ସର୍ବାଗ୍ରେ– ଏହା ଲିପିବଦ୍ଧ ହୋଇଗଲା ଭାରତର ଅମ୍ଳାନ ଇତିହାସ ବକ୍ଷରେ ସେଦିନ।

ସମୃଦ୍ଧଶାଳୀ ଦେବଗିରି ରାଜ୍ୟ ସର୍ବଦା ଶିକାର ହେଉଥିଲା ଆକ୍ରମଣକାରୀ ଶତ୍ରୁପକ୍ଷଙ୍କ ଦ୍ୱାରା। କିନ୍ତୁ ଦେବଗିରିର ବିଶାଳ ସେନାବାହିନୀ ନିକଟରେ ପରାଜିତ ହେବାକୁ ପଡୁଥିଲା ତାଙ୍କୁ। ଦେବଗିରିର ପ୍ରାଚୁର୍ଯ୍ୟ ପାଗଳ କରିଥିଲା ଆଲ୍ଲାଉଦ୍ଦିନଙ୍କୁ। ପରାଜୟ ଲଭିବା ସତ୍ତ୍ୱେ ନିରବୀ ଯାଇନଥିଲେ ସେ। ଛଳ, କୌଶଳ ଓ ପ୍ରଲୋଭନର ଜାଲ ବିଛାଇଲେ। ଶେଷରେ ରାଜ୍ୟର ସୁଦକ୍ଷ ସେନାପତି କୃଷ୍ଣ ରାଓଙ୍କୁ ନିଜ ପକ୍ଷକୁ ନେଇ ଦେବଗିରି



ଉପରେ ପୁନଃ ଆକ୍ରମଣ କରି ବିଜୟଲାଭ କଲେ ଆଲ୍ଲାଉଦ୍ଦିନ। ରାଜ୍ୟ ପ୍ରତି ବିଶ୍ୱାସଘାତ କରିଥିବା କୃଷ୍ଣ ରାଓ ସେଦିନ ବିଜୟ ଉଲ୍ଲାସରେ ଗୃହକୁ ଫେରିଛନ୍ତି ଯୁଦ୍ଧାନ୍ତେ। କିନ୍ତୁ ରାତ୍ରିର ଦୁର୍ବଳ ମୁହୂର୍ତ୍ତରେ ନବ ବିବାହିତା ପତ୍ନୀ ତାଙ୍କୁ ହତ୍ୟା କରିବାକୁ ପଛାଇଲେ ନାହିଁ, ଶତ୍ରୁ ସହିତ ହାତ ମିଳାଇ ରାଜ୍ୟ ପ୍ରତି ବେଇମାନି କରିଥିବା ଅପରାଧରେ। ରାଷ୍ଟ୍ର ସର୍ବୋପରି। ରାଷ୍ଟ୍ର ପ୍ରତି ବିଶ୍ୱାସଘାତକତା କରିବା, ରାଷ୍ଟ୍ର ବିରୋଧୀ କାମ କରିବା ଏକ ଅକ୍ଷମଣୀୟ ଅପରାଧ। ରାଷ୍ଟ୍ରର ସୁରକ୍ଷା ପ୍ରତିଟି ସନ୍ତାନଙ୍କ ଶ୍ରେଷ୍ଠ କର୍ମ ଓ ଧର୍ମ– କୃଷ୍ଣ ରାଓଙ୍କ ଧର୍ମପତ୍ନୀ ଆମ ସଭିଙ୍କ ସମ୍ମୁଖରେ ଏହାର ଯଥାର୍ଥ ଦୃଷ୍ଟାନ୍ତ ରଖି ଯାଇଛନ୍ତି। ଇତିହାସର ଗୌରବୋଜ୍ଜ୍ୱଳ ପୃଷ୍ଠାରୁ ଏବେ ଫେରିବା ଚଳିତ ଚବିଶର ବହୁ ପ୍ରତୀକ୍ଷିତ ଆମ ଗଣତନ୍ତ୍ରର ମହାପର୍ବ ନିକଟକୁ। ବହୁଚର୍ଚ୍ଚିତ ଆମର ଏହି ନିର୍ବାଚନ କେବଳ ଭାରତ ନୁହେଁ, ବିଶ୍ୱର ଭାଗ୍ୟ ଓ ଭବିଷ୍ୟତର ମଧ୍ୟ ନିର୍ଣ୍ଣାୟକ ହେବ। ସେଥିପାଇଁ ସାରା ବିଶ୍ୱ ଅତ୍ୟନ୍ତ ଉତ୍ସୁକତାର ସହିତ ଚାହିଁରହିଛି ଏହି ନିର୍ବାଚନ ଫଳାଫଳକୁ। ବିଶେଷକରି ଏହି ନିର୍ବାଚନକୁ ଅତ୍ୟନ୍ତ ଗମ୍ଭୀରତାର ସହିତ ନିରୀକ୍ଷଣ କରୁଛନ୍ତି ଶତ୍ରୁଦେଶ ପାକିସ୍ତାନ ଓ ଚାଇନା। କାରଣ ଭାରତର ଏହି ନିର୍ବାଚନ ଫଳାଫଳ ସହିତ ସେମାନଙ୍କ ସ୍ୱାର୍ଥ ବି ଜଡ଼ିତ। ବୈଶ୍ୱିକ ଦୃଷ୍ଟିକୋଣରୁ ବିବିଧ ସମସ୍ୟାରେ ବିଶ୍ୱ ଆଜି ସନ୍ତୁଳିତ। ପ୍ରାୟ ୪୦ମାସ ହେବାକୁ ବସିଲାଣି ରୁଷିଆ-ୟୁକ୍ରେନ ଯୁଦ୍ଧ, ୭ମାସ ହେଲାଣି ଚାଲିଛି ଇସ୍ରାଏଲ-ହମାସ୍ ଯୁଦ୍ଧ। ପର୍ଯ୍ୟାବରଣ ଜନିତ ସଙ୍କଟରେ କି କଲବଲ ନ ହେଉଛି ବିଶ୍ୱ! ଅଶାନ୍ତି, ଅସ୍ଥିରତା ଭିତରେ ପେଷି ହୋଇଯାଉଛନ୍ତି ବିଶ୍ୱବାସୀ। ସୁଖ ଶାନ୍ତି ବ୍ୟାହତ। ବିପର୍ଯ୍ୟସ୍ତ ବଳୟରୁ ବର୍ତ୍ତିବାକୁ ବିଶ୍ୱ ଆଜି ବ୍ୟାକୁଳ। ଏପରିସ୍ଥଳେ କିଏ ହେବ ବିଶ୍ୱ ପାଇଁ ଆଶାବାଡ଼ି। ସ୍ୱାର୍ଥବାଦୀ ଆମେରିକା ଉପରେ ତୁଟିଯାଇଛି ଭରସା। ଚାଇନାର ଚଞ୍ଚକତା, ସାମ୍ରାଜ୍ୟବାଦୀ ମାନସିକତାରେ ଉଦ୍‌ବିଗ୍ନ ଦୁନିଆ। ଏପରିସ୍ଥଳେ ଭାରତର ଉଚ୍ଚ ସାଂସ୍କୃତିକ ମୂଲ୍ୟବୋଧ, ଉଦାତ୍ତ ବିଚାର, ସହୃଦୟତାର ସହିତ ସମସ୍ତଙ୍କୁ କୋଳେଇ ନେବାର ଭବ୍ୟ ଭାବନା ହିଁ ବିଶ୍ୱକୁ ମୁକୁଳାଇପାରିବ ମହାସଂକଟରୁ।

ଆଇନଷ୍ଟାଇନ, ବର୍ଣ୍ଣାଡ଼ ଶ, ଲିଓ ଟଲଷ୍ଟୟ ପ୍ରମୁଖ ବିଶ୍ୱର ବହୁ ଦୂରଦ୍ରଷ୍ଟା ବିଦ୍ୱାନ୍‌ମାନେ ବି ''ବିଶ୍ୱର ଯଥାର୍ଥ ନେତୃତ୍ୱ ନେବା ପାଇଁ ହିନ୍ଦୁସ୍ତାନ ନିକଟରେ ଯଥେଷ୍ଟ ସାମର୍ଥ୍ୟ ରହିଛି'' ବୋଲି ଇଙ୍ଗିତ କରିଯାଇଛନ୍ତି। ସେଥିପାଇଁ ଭାରତରେ ଲୋଡ଼ା ଏକ ଦୃଢ଼ ନେତୃତ୍ୱ, ସ୍ଥିର ଓ ଦୂରଦର୍ଶୀ ସରକାର। ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ବିଚାର ଓ ନିଷ୍ପତ୍ତି ଉପରେ ନିର୍ଭର କରେ ଦେଶ ଓ ଜାତିର ଭାଗ୍ୟ, ଭବିଷ୍ୟତ। ଅତଏବ ଚେତନାର ଜାଗରଣ ପୂର୍ବକ ସଠିକ ନିଷ୍ପତ୍ତି ନେବାକୁ ହେବ। ଆମର ସାମାନ୍ୟ ଭୁଲ୍ ନିଷ୍ପତ୍ତି ହୁଏତ ଦେଶକୁ ବିପର୍ଯ୍ୟୟ ଆଡ଼କୁ ଟାଣି ନେଇପାରେ। ବ୍ୟକ୍ତି ସ୍ୱାର୍ଥ, ବିଭେଦ, ବିବାଦ ଆଦି ଭୁଲି ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରେ ଆମେ ଭୋଟ ଦେବା ଉଚିତ। ଆସନ୍ତୁ ରାଷ୍ଟ୍ର ଗଠନରେ ଆମେ ଭାଗୀଦାର ହେବା। ଆମ ଭୋଟ ଭାଗୀଦାର ହେଉ ରାଷ୍ଟ୍ରର ଭବିଷ୍ୟତ ନିର୍ଣ୍ଣୟରେ। କାରଣ ରାଷ୍ଟ୍ର ସର୍ବୋପରି। ଶେଷରେ ବିଶ୍ୱର ବିଶିଷ୍ଟ ବିଦ୍ୱାନ୍ ଦୂରଦ୍ରଷ୍ଟା ଦାର୍ଶନିକ ପ୍ଲାଟୋଙ୍କ ସୁଚିନ୍ତିତ ମତଟିଏ, ''କ୍ଷମତାସୀନ ହେବାକୁ ଅତୀବ ବ୍ୟାକୁଳ ଥିବା ଲୋକଙ୍କୁ ଶାସନଡୋରି ଦିଆ ନ ଯାଇ କ୍ଷମତାପ୍ରତି ନିର୍ଲିପ୍ତ ଥିବା ଲେଖକ, ଦାର୍ଶନିକ ପ୍ରମୁଖଙ୍କୁ ଶାସନଡୋରି ଦେଲେ ଲୋକଙ୍କର ମଙ୍ଗଳ ହେବ।'' ବିଚାର ଓ ନିଷ୍ପତ୍ତି ଆପଣଙ୍କର।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଏକ ବିକଶିତ ପର୍ଯ୍ୟଟନସ୍ଥଳୀକୁ ଦେଶ ବିଦେଶରୁ ପର୍ଯ୍ୟଟକ ଆସିବା ଏକ ସାଧାରଣ କଥା। କିନ୍ତୁ ହିମାଚଳ ପ୍ରଦେଶର ଗୋଟିଏ ନିପଟ ସଫସଲ ଗାଁ କିୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମିବା ନିଶ୍ଚିତ ଭାବେ ଏକ ଭିନ୍ନ ଦିଗକୁ ସୂଚିତ କରେ। ଏହି ଦିଗଟି ହେଉଛି, ଗାଁରେ ପୁରାତନ ଘରେ ରହିବା ଓ ଜଣେ ଚାଷୀଙ୍କ ଦ୍ୱାରା ବିକଶିତ ଫାର୍ମର ସୌନ୍ଦର୍ଯ୍ୟ ତଥା ବ୍ୟବସ୍ଥାକୁ ଉପଭୋଗ କରିବା। ୨୦୧୬ରେ କୁନ୍ଦନ ଓ ତାଙ୍କ ପରିବାର ଅତିଥିମାନଙ୍କୁ ତାଙ୍କର ଶହେ ବର୍ଷର ପୁରୁଣା ଘରେ ରଖିବାର ନିଷ୍ପତ୍ତି ନେଇଥିଲେ। ପ୍ରଥମେ ଜଣେ କି ଦୁଇଜଣ ଅତିଥି ପର୍ଯ୍ୟଟକ ଆସୁଥିବାବେଳେ ଏବେ ଏହା ଅନେକ ଶହରେ ପହଞ୍ଚିଲାଣି। ଘରେ ରହିବା ପାଇଁ ଦିନକୁ ୧୦୦୦ ଟଙ୍କା ଦେୟ ସ୍ଥିର କରିଛନ୍ତି। ଅଷ୍ଟ୍ରେଲିଆ, ଜର୍ମାନୀ, ଇଟାଲୀ ଏବଂ ଫିଲିପାଇନ୍ସରୁ ଅଧିକ ପର୍ଯ୍ୟଟକ ଆସି ଫାର୍ମକୁ ଉପଭୋଗ କରୁଛନ୍ତି। ଫାର୍ମରେ ସେଓ ବଗିଚା ରହିଛି। ଏହା ସହ ସେଠାରେ ଗହମ ଓ ଡାଲିଜାତୀୟ ଫସଲ ଉତ୍ପାଦନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ମେ ୧୯୭୫

- ସାଇଗନ ଓ ଭିଏତନାମର ଅଧିକାର ପରେ ଅସ୍ଥାୟୀ ବିପ୍ଳବୀ ସରକାରଙ୍କୁ ଭାରତ, ସୁଇଡେନ, ଫିନ୍‌ଲ୍ୟାଣ୍ଡ, ଅଷ୍ଟ୍ରେଲିଆ ଓ ଜାପାନ ସମେତ ୧୨ଟି ରାଷ୍ଟ୍ରର ସ୍ୱୀକୃତି ପ୍ରଦାନ।
- ପ୍ରବୀଣ କଂଗ୍ରେସ ନେତା ଶ୍ରୀ ଜଗଲାଲ ଚୌଧୁରୀଙ୍କ ୭୫ ବର୍ଷ ବୟସରେ ପରଲୋକ।
- କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିର ଅନ୍ୟତମ ଉପନେତା ରୂପେ ଶ୍ରୀ ସି.ଏମ୍. ଷ୍ଟିଫେନ୍ ଲୋକ ସଭାରୁ ନିର୍ବାଚିତ।

## ଚିରନ୍ତନୀ

ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | |
| 7 | 6 | 8 | | | 5 | | 2 | |
| 2 | | | | | | | | 8 |
| 8 | | | | 2 | | | | |
| | 1 | 9 | | | 6 | | | 4 |
| | | 5 | | | | 3 | | |
| | | | 3 | | | | | 1 |
| | | | | | | 5 | | |
| | 5 | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 9 | 8 | 5 | 7 | 6 | 3 | 1 |
| 7 | 1 | 3 | 4 | 2 | 6 | 9 | 5 | 8 |
| 5 | 8 | 6 | 9 | 3 | 1 | 4 | 2 | 7 |
| 9 | 3 | 5 | 7 | 8 | 4 | 2 | 1 | 6 |
| 6 | 7 | 2 | 3 | 1 | 9 | 5 | 8 | 4 |
| 1 | 4 | 8 | 2 | 6 | 5 | 7 | 9 | 3 |
| 3 | 6 | 7 | 5 | 9 | 8 | 1 | 4 | 2 |
| 2 | 9 | 4 | 1 | 7 | 3 | 8 | 6 | 5 |
| 8 | 5 | 1 | 6 | 4 | 2 | 3 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସରକାର ଓ ବିରୋଧୀ ଦଳ

ମହାଶୟ,

ଗଣତନ୍ତ୍ର ଓ ଜନସ୍ୱାର୍ଥର ସୁରକ୍ଷା ପାଇଁ ଦୃଢ଼ ସରକାର ଓ ଦୃଢ଼ ବିରୋଧୀ ଦଳର ଆବଶ୍ୟକତା ରହିଛି। ଏଥିରେ ବ୍ୟତିକ୍ରମ ହେଲେ ରାଜନୀତିରେ ସନ୍ତୁଳନ ରକ୍ଷା ହୋଇ ନଥାଏ। କେବଳ ସରକାର ଦୃଢ଼ ଓ ଶକ୍ତିଶାଳୀ ହୋଇ ବିରୋଧୀ ଦଳ ଦୁର୍ବଳ ହେଲେ ସରକାର ସ୍ୱେଚ୍ଛାଚାରୀ ହୋଇ ନିଜକୁ ସୁହାଇଲା ପରି ଜନବିରୋଧୀ ନିଷ୍ପତ୍ତି ନେବାର ଆଶଙ୍କା ଥାଏ। ସଂଖ୍ୟାବଳରେ ସରକାର ବିରୋଧୀ ଦଳଙ୍କ ପରାମର୍ଶକୁ ହେୟ ଜ୍ଞାନ କରି ମନଇଚ୍ଛା କାର୍ଯ୍ୟ କରିଥାଆନ୍ତି। କୌଣସି ବିଷୟରେ ଆଲୋଚନା ନ କରି ଏକଚାଟିଆ ନିଷ୍ପତ୍ତି ନେବାକୁ ବି ପଛାନ୍ତି ନାହିଁ। କହିବାକୁ ଗଲେ ଏଭଳି ସ୍ୱଭାବ ଏକଛତ୍ରବାଦକୁ ପ୍ରତିପାଦିତ କରିଥାଏ। ଗତ କିଛି ବର୍ଷ ଧରି ଜାତୀୟ ଓ ରାଜ୍ୟ ରାଜନୀତିରେ ଲୋକମାନେ ଏହା ଅନୁଭବ କରିପାରିଛନ୍ତି। ଏଣୁ ନିର୍ବାଚନରେ ଭୋଟରମାନେ ଉଭୟ ଦୃଢ଼ ସରକାର ଓ ଦୃଢ଼ ବିରୋଧୀ ଦଳ ସପକ୍ଷରେ ଭୋଟ ଦେବା ଉଚିତ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଏକତରଫା ଭୋଟ ପଡ଼ିଲେ ଦେଶବାସୀଙ୍କୁ ଏହାର କୁଫଳ ଭୋଗିବାକୁ ପଡ଼ିବ। ଗଣତନ୍ତ୍ର ଧୀରେ ଧୀରେ ଦୁର୍ବଳ ହୋଇଚାଲିବ। ନାଗରିକ ସ୍ୱାଧୀନତା ଓ ମାନବ ଅଧିକାର କ୍ଷୁଣ୍ଣ ହେବ।

– ଅକ୍ଷୟ କୁମାର ମହାନ୍ତି,
ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡିର କାଉଣ୍ଟଡାଉନ୍ ଆରମ୍ଭ: ମୋଦି

- ଓଡ଼ିଆ ସଂସ୍କୃତି ଜାଣିଥିବା ଲୋକ ହେବ ଭାଜପା ମୁଖ୍ୟମନ୍ତ୍ରୀ
- ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ
- ଜୁନ୍ ୪ ବିଜେଡି ଏକ୍ସପାଏରୀ ଡେଟ୍

ବଲାଙ୍ଗୀର, ୧୧।୫
(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ପଥରଚେପାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବଲାଙ୍ଗୀର ଲୋକ ସଭା କ୍ଷେତ୍ରର ଲୋକ ସଭା ଓ ବିଧାୟକ ପ୍ରାର୍ଥୀ।

ଓଡ଼ିଶାରେ ବିଜେଡି ସରକାରର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ଜୁନ୍ ୪ ହେଉଛି ବିଜେଡିର ଏକ୍ସପାଏରୀ ଡେଟ୍। ଜୁନ୍ ୧୦ରେ ଓଡ଼ିଶା ମାଟିରେ ଜନ୍ମ ହୋଇଥିବା, ଓଡ଼ିଆ ସଂସ୍କୃତି ଓ ଅସ୍ମିତା ବୁଝୁଥିବା ବ୍ୟକ୍ତି ଭାଜପା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଜୁନ୍୧୦ରେ ଭୁବନେଶ୍ୱରଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ସମାବେଶରେ ଯୋଗଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ସେ ନିମନ୍ତ୍ରଣ ଦେବାକୁ ଆସିଛନ୍ତି ବୋଲି ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ପଡ଼ିଆରେ ଶନିବାର ଆୟୋଜିତ ଭାଜପା ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ସମାବେଶରେ ଲୋକଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାଣିତ ଆକ୍ରମଣ କରିଥିଲେ। ଓଡ଼ିଶାର ଭୋଟର ସ୍ୱାଭିମାନୀ, ଏଣୁ ଓଡିଶାରେ ଏଥର ଡବଲ ଇଞ୍ଜିନର ସରକାର ଗଠନ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ଭାଜପା ସରକାର କଲେ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ହେବ। ରାଜ୍ୟର ମହିଳାମାନଙ୍କୁ ଲକ୍ଷପତି ଦିଦି କରାଯିବ। ଓଡ଼ିଶାରେ ସୁଭଦ୍ରା ଯୋଜନାରେ ମହିଳାମାନେ ଲାଭବାନ୍ ହେବେ। ଆଗାମୀ ନିର୍ବାଚନ ଓଡ଼ିଶା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଲୋକଙ୍କୁ ପ୍ରଥମେ ମତଦାନ ପରେ ଜଳ୍‌ପାନ୍ ନାରା ଦେଇ ଗୁରୁତ୍ୱ ବୁଝାଇଥିଲେ। ଏହି ଅବସରରେ ଭାଜପା ଓଡ଼ିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି କରିବା ପରେ କିଭଳି ସାରା ବିଶ୍ୱରେ ଭାରତ ଏବଂ ଓଡ଼ିଶାର ଗୌରବ ବଢ଼ିଛି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ବଲାଙ୍ଗୀର ସଭାରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ମହାପୁରୁଷ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ସ୍ମରଣ କଲାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ନାମ ଉଚ୍ଚାରଣ କରିବା ସହ ଜିଲାର ବିଶିଷ୍ଟ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କଥା ଉଲ୍ଲେଖ କରିଥିଲେ। ବଲାଙ୍ଗୀରର ବିଜୟ ସଂକଳ୍ପ ସମାବେଶରେ ଦିନ ପ୍ରାୟ ୧୨ଟା ୨୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ମୋଦି ହେଲିକପ୍ଟର ଯୋଗେ ଫୁଲବାଣୀରୁ ବଲାଙ୍ଗୀର ଆସି ପହଞ୍ଚିଥିଲେ। ବରିଷ୍ଠ ଭାଜପା ନେତା ତଥା ପାଟଣାଗଡ଼ ବିଧାୟକ ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବକ୍ତବ୍ୟ ରଖିବାକୁ ଅନୁରୋଧ କରିଥିଲେ। ଏହି ସଭାରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ, ପାଟଣାଗଡ ବିଧାୟକ ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ପ୍ରାର୍ଥୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ନବୀନ ଜୈନ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ, ସୋନପୁର ବିଧାୟକ ପ୍ରାର୍ଥ ପ୍ରମୋଦ ମହାପାତ୍ର ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ସାଂସଦଙ୍କ ଝିଅ ନିଭ୍ରିତି କୁମାରୀ ସିଂଦେଓ ମେୱାର ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ବଲାଙ୍ଗୀର ସଭା ପରେ ପ୍ରଧାନମନ୍ତ୍ରୀ ବରଗଡ ନିର୍ବାଚନୀ ସଭାକୁ ଯୋଗଦେବାକୁ ଯାଇଥିଲେ।

## ସ୍ୱାମୀ ବିଜେଡିରେ, ଭାଜପାରେ ସ୍ତ୍ରୀଙ୍କ ପ୍ରଚାର



ଲକ୍ଷ୍ମୀପ୍ରିୟା ବାରିକ ଓ ଅନ୍ୟ ମହିଳାମାନେ ପ୍ରଚାର ଚଳାଇଛନ୍ତି।

ମାଲାକନଗିରି, ୧୧।୫
(ଦୁର୍ଯ୍ୟୋଧନ ପାତ୍ର)

ସ୍ୱାମୀ ଓ ସ୍ତ୍ରୀ ଅଲଗା ଦଳରେ ସାମିଲ ହୋଇ ପ୍ରଚାର କରୁଥିବା ମାଲକାନଗିରି ପୌର ପରିଷଦରେ ଦେଖିବାକୁ ମିଳିଛି। ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ। ସିଏ ଗତ ପୌର ନିର୍ବାଚନରେ ବିଜେଡି ପକ୍ଷରୁ ଲଢ଼ି ବିଜୟୀ ହୋଇ ବର୍ତ୍ତମାନ ପୌର ପରିଷଦ ଅଧ୍ୟକ୍ଷ ଅଛନ୍ତି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ବାରିକ ଭାଜପାରେ ସାମିଲ ହୋଇ ମାଲକାନଗିରି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମି ଓ ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ସପକ୍ଷରେ ପ୍ରଚାର ଚଳାଇଛନ୍ତି।

ଏ ସମ୍ପର୍କରେ ଲକ୍ଷ୍ମୀପ୍ରିୟାଙ୍କୁ ପଚାରିବାରୁ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଦଳ ନିମନ୍ତେ ପ୍ରଚାର କରୁଥିବା କହିଛନ୍ତି। ଗତ ପୌର ପରିଷଦ ନିର୍ବାଚନରେ ସ୍ୱାମୀଙ୍କୁ ସହଯୋଗ କରିଥିଲେ ବୋଲି କହିଛନ୍ତି। ବର୍ତ୍ତମାନ କିନ୍ତୁ ଭାଜପା ନୀତି ତାଙ୍କୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ପୌର ପରିଷଦ ଅଧ୍ୟକ୍ଷ ବାରିକ ବିଜେଡିର ଜଣେ ଟାଣୁଆ ନେତା ହୋଇଥିବା ବେଳେ ସେ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟକ ପ୍ରାର୍ଥୀ ମାନସ ମାଡକାମିଙ୍କ ସପକ୍ଷରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ତେବେ ତାଙ୍କ ସ୍ତ୍ରୀଙ୍କ ପ୍ରଚାର ବିଷୟରେ ପଚାରିବାରୁ ସେ କୌଣସି ମତ ଦେବାକୁ ମନା କରିଥିଲେ।

## ଭାତହାଣ୍ଡି ଖାଲି କରିଦେଇଛି ବିଜେଡି: ମୋଦି

ବରଗଡ଼, ୧୧।୫(ପ୍ରେମାନନ୍ଦ ଖମାରୀ)

ପ୍ରକୃତି ସବୁକିଛି ଦେଇଛି। ଏଠାରେ ଅପାର ଧନସମ୍ପଦ, ପ୍ରାକୃତିକ ସମ୍ପଦ ଭରି ରହିଛି। ତଥାପି ବିଜେଡି ସରକାର ରାଜ୍ୟରେ ଦାରିଦ୍ର୍ୟକୁ ହଟାଇ ପାରିନାହିଁ ଏବଂ ରାଜ୍ୟର ଭାତହାଣ୍ଡିକୁ ଖାଲି କରି ଦେଇଛି ବୋଲି ଶନିବାର ବରଗଡ଼ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମୋଦି କହିଥିଲେ, ଓଡ଼ିଶାର ସଂସ୍କୃତି, ପରମ୍ପରା ମହାନ୍। କିନ୍ତୁ ବିଜେଡି ସରକାର ୨୫ବର୍ଷ ଶାସନରେ ଓଡ଼ିଶାକୁ ବରବାଦ କରି ଦେଇଛି। ଏଠାରେ କୃଷକ, ବୁଣାକାର ସମସ୍ତଙ୍କ ଦୁଃଖ ବଢ଼ି ଚାଲିଛି। କୃଷକଙ୍କ ସମେତ ସବୁବର୍ଗର ଲୋକଙ୍କ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି ବୋଲି ମୋଦି କହିଥିଲେ।

ମୋଦି ଆହୁରି କହିଥିଲେ, ଏବେ କୃଷକମାନେ ୟୁରିଆ ସାର ପାଇଁ ହଇରାଣ ହେଉନାହାନ୍ତି। ୩ ହଜାର ଟଙ୍କାରେ ଯେଉଁ ୟୁରିଆ ସାର କିଣୁଥିଲେ, ମୋଦି ସରକାରର ତାହା ଏବେ ୩ଶହ ଟଙ୍କାରେ ଯୋଗାଇ ଦେଉଛି। ତାଳଚେର ସାର କାରଖାନା ନିର୍ମାଣ ଦ୍ରୁତଗତିରେ ଚାଲିଛି। କୃଷକଙ୍କ ବିକାଶ ପାଇଁ ୧୨ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇ ଥିବାବେଳେ ଅନାର୍ ଭଣ୍ଡାର ଯୋଜନା କାର୍ଯ୍ୟକାରୀ ହୋଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ବରଗଡ଼ର ଚାଷୀଙ୍କୁ ୪୦୦କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଅପରପକ୍ଷେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ପ୍ରାୟ ୨୨୦୦ ଟଙ୍କା ଥିବାବେଳେ ରାଜ୍ୟର ଚାଷୀଙ୍କୁ ୧୬୦୦ରୁ ୧୭୦୦ଟଙ୍କା ମିଳୁଛି। ବାକି ଟଙ୍କା ବିଜେଡି ସରକାରଙ୍କ ଦଲାଲ ହାତକୁ ଯାଉଛି। ସେଭଳି ଭ୍ରଷ୍ଟାଚାରକୁ ରୋକାଯିବା କଥା କି ନୁହେଁ ବୋଲି ମୋଦି ଉପସ୍ଥିତ ଜନତାଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ଶାସନକୁ ଆସିଲେ ଧାନ ଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏ କରାଯିବ ଏବଂ ୪୮ଘଣ୍ଟା ମଧ୍ୟରେ କୃଷକଙ୍କୁ ବିକ୍ରିଧାନର ପ୍ରାପ୍ୟରାଶି ମିଳିବ ବୋଲି ଓଡ଼ିଶା ଭାଜପା ଘୋଷଣା କରି ସାରିଛି। ପଡ଼ୋଶୀ ଛତିଶଗଡ଼ରେ ଚାଲିଥିବା ଭାଜପା ସରକାର କୃଷକଙ୍କୁ ଧାନବିକ୍ରିରେ ସେଭଳି ଦର ଦେଉଛି ଏବଂ ଏହା ହିଁ ହେଉଛି ମୋଦି ଗ୍ୟାରେଣ୍ଟି ବୋଲି ସେ କହିଥିଲେ। ମୋଦି କହିଥିଲେ, ସମ୍ବଲପୁରୀ ଶାଢ଼ି ସାରା ଦୁନିଆରେ ନାଁ କରିଛି। ମୋଦି ସରକାର ମଧ୍ୟ ଟେକ୍ସଟାଇଲକୁ ଗୁରୁତ୍ୱ ଦେଇ ଆସୁଛି। ବୁଣାକାର ପରିବାରର ଛାତ୍ରୀଛାତ୍ରଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଛାତ୍ରବୃତ୍ତି ଦିଆଯାଉ ଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ୬୦୦ରୁ ଅଧିକ ହ୍ୟାଣ୍ଡଲୁମ କ୍ଲଷ୍ଟର ସ୍ଥାପନ କରାଯାଇ ବୁଣାକାରଙ୍କୁ ତାଲିମ ଦିଆଯାଉଛି। ସେହିପରି ଶାସନକୁ ଆସିଲେ ଭାଜପା ରାଜ୍ୟରେ ୩ ହ୍ୟାଣ୍ଡଲୁମ ପାର୍କ ପ୍ରତିଷ୍ଠା କରିବାକୁ ଘୋଷଣା କରିଛି ବୋଲି ମୋଦି କହିଥିଲେ।

ଦେଶରେ ଆଦିବାସୀମାନେ ଉଭୟ ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରରେ ଅବହେଳିତ ଥିଲେ। କିନ୍ତୁ ମୋଦି ସରକାର ଆସିବା ପରେ ଆଦିବାସୀଙ୍କ କଲ୍ୟାଣ ପାଣ୍ଠି ୫ ଗୁଣା ବୃଦ୍ଧି ପାଇଥିବାବେଳେ ବିର୍ସା ମୁଣ୍ଡାଙ୍କ ଜନ୍ମଦିନକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଥିବା ମୋଦି କହିଥିଲେ। ସେହିପରି ଓଡ଼ିଶାର ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଆଜି ଦେଶର ରାଷ୍ଟ୍ରପତି ହେବା ଗର୍ବ, ଗୌରବର ବିଷୟ। କିନ୍ତୁ କଂଗ୍ରେସ ରାଷ୍ଟ୍ରପତି ମୁର୍ମୁଙ୍କୁ ଯେଭଳି ଅପମାନ କରୁଛି, ତାହା ଆମ ସମସ୍ତଙ୍କ ପାଇଁ ଅପମାନ। ସେହିପରି କଂଗ୍ରେସ ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରୁଛି। କିନ୍ତୁ ସମ୍ବିଧାନରେ ହାତ ଲଗାଇବା ପାଇଁ କାହାରି ଶକ୍ତି ନାହିଁ। ଏଭଳି ସ୍ଥିତିରେ କଂଗ୍ରେସକୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ସେ ଆହ୍ୱାନ କରିଥିଲେ।

ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ମୋଦି ବିଜେଡି ସରକାରକୁ ସମାଲୋଚନା କରିଥିବାବେଳେ ଧନୁଯାତ୍ରା ଭଳି ଭାଜପାର ସଂକଳ୍ପ ସମାବେଶରେ ଦଳକୁ ଆଶୀର୍ବାଦ ପାଇଁ ଜନସମୁଦ୍ର ହୋଇଥିବାରୁ ଏହା ବି କିଛି କମ୍ ନୁହେଁ ବୋଲି ମୋଦି କହିଥିଲେ ଏବଂ ଦଳର ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ସମାବେଶରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ପ୍ରାର୍ଥୀ ସନତ ଗଡ଼ତିଆ, ଭଟଲି ବିଧାୟକ ପ୍ରାର୍ଥୀ ଇରାଶିଷ୍ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାଏକ, ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ଡ. ପ୍ରଭାସ ସିଂ, ଡା. ଅରୂପାନନ୍ଦ ସାହୁ, ମୁକ୍ତା ସାହୁ, ରାଧାରାଣୀ ପଣ୍ଡା, ମିଳନ ସେଠ, ଡି. ମୁରଲୀ କ୍ରିଷ୍ଣା, ସଙ୍ଗୀତା ନନ୍ଦ ପ୍ରମୁଖ ମଞ୍ଚରେ ଉପସ୍ଥିଥିଲେ। ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

## ବିଜେଡି ଛାଡ଼ିଲେ ସାଧୁ ନେପାକ

ବରଗଡ଼, ୧୧।୫
(ପ୍ରେମାନନ୍ଦ ଖମାରୀ)



ସାଧୁ ନେପାକ

ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ତାଙ୍କୁ ଅଣଦେଖା କରାଯିବା ଯୋଗୁ ସେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଏବଂ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ନେପାକ କହିଛନ୍ତି। ତେବେ ସେ କୌଣସି ଦଳରେ ଯୋଗ ଦେବେ ନାହିଁ, ମାତ୍ର ଜୀବନ ଥିବା ପର୍ଯ୍ୟନ୍ତ ସକ୍ରିୟ ରାଜନୀତିରେ ରହିବେ ବୋଲି ନେପାକ କହିଛନ୍ତି। ଅନ୍ୟପଟେ ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ସାଧାରଣରେ ଆଲୋଚିତ ହେଉଛି। ପ୍ରକାଶଥାଉ କି, ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନେପାକ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ। ଅନୁରୂପ ଭାବେ ବର୍ତ୍ତମାନ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ପ୍ରଚାର ଗାଡ଼ି କର୍ମଚାରୀଙ୍କ ଛୁରା ମାଡ଼ରେ ଜଣେ ଗୁରୁତର

କେନ୍ଦୁଝର, ୧୧।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ବିଜେଡି ନିର୍ବାଚନ ପ୍ରଚାର ଗାଡି କର୍ମଚାରୀଙ୍କ ଛୁରା ମାଡ଼ରେ ଜଣେ ଗ୍ୟାରେଜ ମାଲିକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଝୁମ୍ପୁରା ଥାନା କଟିଲପଶି ଗ୍ରାମର ଧରଣୀଧର ମହାନ୍ତ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, କଟଲପଶି ଛକଠାରେ ଥିବା ଧରଣୀଧରଙ୍କ ଗ୍ୟାରେଜ ସମ୍ମୁଖରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ବିଜେଡିର ନିର୍ବାଚନୀ ପ୍ରଚାର ଗାଡ଼ି ଠିଆ ହୋଇଥିଲା। ଦୋକାନ ଆଗରେ କାହିଁକି ଗାଡ଼ି ରଖିଛି କହିବାରୁ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କର୍ମଚାରୀଜଣକ ଗ୍ୟାରେଜ୍ ମାଲିକ ଧରଣୀଧରଙ୍କୁ ଛୁରା ମାଡ଼ କରିଥିଲେ। ଧରଣୀଧରଙ୍କୁ ପ୍ରଥମେ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଆକ୍ରମଣକାରୀ ପ୍ରଚାର ଗାଡ଼ି କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ବୋଲି ସେ କହିଛନ୍ତି। ତେବେ ପୋଲିସ ତଦନ୍ତ ପରେ ସତ୍ୟାସତ୍ୟ ଓ ପ୍ରକୃତ କାରଣ ଜଣାପଡ଼ିବ।

# ମାଗଣା ବିଜୁଳି ବିରୋଧୀଙ୍କୁ କରେଣ୍ଟ ମାରୁଛି: ପାଣ୍ଡିଆନ୍

- ଓଡ଼ିଶାକୁ ୧ ନମ୍ବର କରିବାକୁ ନବୀନବାବୁ ଯଥେଷ୍ଟ
- ଗୁଜରାଟରେ ଅପପୁଷ୍ଟି ୪୦ ପ୍ରତିଶତ, ଓଡ଼ିଶାରେ ୨୯%

ଭୁବନେଶ୍ୱର, ସୁନ୍ଦରଗଡ ୧୧।୫
(ଅନିଲ ଦାସ/ଜୟନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ଼ ଜିଲା ସର୍ଗିପାଲିଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ରୋଡ୍ ଶୋ' କରୁଛନ୍ତି।

ଜୁଲାଇ ମାସରୁ ଓଡ଼ିଶାର ଜନସାଧାରଣଙ୍କୁ ଆଉ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନବୀନବାବୁ ଲୋକଙ୍କୁ ବିଜୁଳି ମାଗଣାରେ ଦେଉଛନ୍ତି ଜାଣି ବିରୋଧୀଙ୍କୁ କରେଣ୍ଟ ଲାଗିଗଲାଣି। ବିରୋଧୀ ନିର୍ବାଚନ ସମୟରେ ଟୁରିଷ୍ଟ ଭଳି ଆସୁଛନ୍ତି, ବଡ଼ ବଡ଼ କଥା କହୁଛନ୍ତି। ବିରୋଧୀଙ୍କ କଥାକୁ କେହି ବିଶ୍ୱାସ କରୁନାହାନ୍ତି। ଓଡ଼ିଶାର ଚାଷୀ, ମହିଳା, ଛାତ୍ରୀଛାତ୍ର ଓ ସବୁବର୍ଗର ଲୋକଙ୍କ ଭଲପାଇବା ନବୀନବାବୁଙ୍କୁ ଶକ୍ତି ଦେଉଛି। ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ଟାର୍ଗେଟ କରି ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ଶାଣିତ ଆକ୍ରମଣ କରି ପାଣ୍ଡିଆନ କହିଛନ୍ତି ଯେ ସବୁ ଜାଗାରେ ପରିବର୍ତ୍ତନର ହାୱା ବହୁଛି ବୋଲି ଆପଣ କହୁଛନ୍ତି, କିନ୍ତୁ ଓଡ଼ିଶାରେ ସବୁଆଡ଼େ ନବୀନ ହାୱା ବହୁଛି, ମୁଁ ଗୋଟେ ଛୋଟ କର୍ମଚାରୀ ହୋଇ ଆପଣଙ୍କୁ ଆହ୍ୱାନ କରୁଛି ଯେ ତିନି ଚତୁର୍ଥାଂଶ ବହୁମତରେ ଆସି ନବୀନବାବୁ ଯଦି ମୁଖ୍ୟମନ୍ତ୍ରୀ ନ ହେବେ ମୁଁ ରାଜନୀତି ଛାଡ଼ିଦେବି। ଆପଣ କେନ୍ଦ୍ରମନ୍ତ୍ରୀ ହୋଇ କହିପାରିବେ କି ଯଦି ଆପଣଙ୍କ ଦଳ ନ ଆସିବ ଆପଣ ରାଜନୀତି ଛାଡ଼ିଦେବେ ? ସରକାର ଗଠନ କରିବେ ବୋଲି ଆପଣଙ୍କର ବିଶ୍ୱାସ ନାହିଁ କି ଆପଣଙ୍କ କର୍ମୀମାନଙ୍କର ମଧ୍ୟ ବିଶ୍ୱାସ ନାହିଁ। ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ୧ଟା ୩୦ ମଧ୍ୟରେ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏବଂ ସନ୍ଧ୍ୟାବେଳେ ନିର୍ବାଚନ ଇସ୍ତାହାରକୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ପାସ୍ କରିବେ। ନବୀନବାବୁ ଓଡ଼ିଶାବାସୀଙ୍କ ପାଇଁ ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ମଧୁବାବୁ ପେନ୍‌ସନ ଆଦି ବହୁ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି, ସେଥିପାଇଁ ସେ ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଛନ୍ତ। ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ଇଞ୍ଜିନ ଜୋରରେ ଚାଲିଛି ବୋଲି ପାଣ୍ଡିଆନ କହିଛନ୍ତି।

ଶନିବାର ସନ୍ଧ୍ୟାରେ ପାଣ୍ଡିଆନ ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପାଲ୍ଲୀ, ବୀରମିତ୍ରପୁର ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଏମ୍‌ପି ପ୍ରାର୍ଥୀ ଦିଲୀପ ତିର୍କୀ, ରଘୁନାଥପାଲ୍ଲୀ ବିଧାୟକ ପ୍ରାର୍ଥୀ ଅର୍ଚ୍ଚନାରେଖା ବେହେରା, ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ରୋହିତ ଜୋସେଫ୍ ତିର୍କୀ ଓ ବଣାଇ ବିଧାନସଭା ପ୍ରାର୍ଥୀ ଭୀମସେନ ଚୌଧୁରୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ବୀରମିତ୍ରପୁରରେ ପାଣ୍ଡିଆନ ଜନସଭାକୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ କହୁଛନ୍ତି ଆଜି ତାଙ୍କ ଦଳ ନିର୍ବାଚନ ଜିତିଲେ ଓଡ଼ିଶାକୁ ଏକ ନମ୍ବର କରିବେ। ପୂର୍ବରୁ ପ୍ରଧାନମନ୍ତ୍ରୀ ବହୁବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ, ଗୁଜରାଟକୁ ଏକ ନମ୍ବର କରିପାରିଲେ କି ? ଗୁଜରାଟରେ ଆଜି ଅପପୁଷ୍ଟି ହାର ୪୦ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୨୯ ପ୍ରତିଶତ ରହିଛି। ମହିଳା ସଶକ୍ତୀକରଣରେ ଗୁଜରାଟ ବହୁ ପଛୁଆ ଅଛି, ମୁଣ୍ଡପିଛା ଋଣ ହାର ମଧ୍ୟ ଗୁଜରାଟରେ ଅଧିକା, ରକ୍ତହୀନତା ହ୍ରାସରେ ଓଡ଼ିଶା ୬୪ ସ୍ଥାନରେ ଥିବାବେଳେ ଗୁଜରାଟ ୮୦ରେ ଅଛି। ଓଡ଼ିଶାରେ ସବୁ ହାଇସ୍କୁଲରେ ଡିଜିଟାଲ ବୋର୍ଡରେ ପିଲା ପାଠ ପଢ଼ୁଥିବାବେଳେ ଗୁଜରାଟରେ ଆଜି ମଧ୍ୟ ବ୍ଲାକ୍‌ବୋର୍ଡରେ ପିଲା ପାଠ ପଢ଼ୁଛନ୍ତି। ଆପଣ ଯଦି ପାରିବେ ଭାରତକୁ ଏକ ନମ୍ବର କରନ୍ତୁ। ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ନବୀନବାବୁ ଯଥେଷ୍ଟ। ୧୦ ବର୍ଷ ମଧ୍ୟରେ କଟକ-ସମ୍ବଲପୁର ରାସ୍ତା ହୋଇପାରିଲା ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ୩ ବର୍ଷରେ ବିଜୁ ଏକ୍ସପ୍ରେସ୍ ୱେ କରି ଦେଖେଇ ଦେଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦିଅନ୍ତୁ। ଓଡ଼ିଶାରେ ଇଣ୍ଡିଆନ ଅଏଲ, ଏନ୍‌ଟିପିସି ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ରହିଛି। ଏଥିରେ ଓଡ଼ିଆ ପିଲା ନିଯୁକ୍ତି ପାଉନାହାନ୍ତି, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଦରଦାମ୍ ବଢ଼ିବ ନାହିଁ ବୋଲି ଗ୍ୟାରେଣ୍ଟି ଦିଅନ୍ତୁ, କୋଷ୍ଟାଲ ହାଇୱେ ୧୦ ବର୍ଷ ହେଲା ହୋଇପାରୁନାହିଁ, କୋଇଲା ରୟାଲ୍‌ଟି ବୃଦ୍ଧି ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ହୋଇପାରୁନାହିଁ, ଓଡ଼ିଶାରେ ବିପୁଳ କୋଇଲା ସମ୍ପଦ ରହିଛି, କିନ୍ତୁ ରୟାଲ୍‌ଟି ବାବଦରେ କେନ୍ଦ୍ର ନେଉଛି କୋଟି କୋଟି ଟଙ୍କା, ଓଡ଼ିଶା ପାଉଛି କେବଳ ପ୍ରଦୂଷଣ। ଗ୍ରୀନ୍ ସେସ୍ ବାବଦକୁ ଯେତିକି ନେଉଛନ୍ତି ସେଥିରେ ଓଡ଼ିଶାର ସବୁ ସ୍କୁଲ ରୂପାନ୍ତର ହୋଇଯାଇଥାନ୍ତା। ଏଥିପ୍ରତି ଦୃଷ୍ଟିଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ବିନମ୍ରତାର ସହ କହିଛନ୍ତି ଯେ ଜୁନ୍ ୪ରେ ନବୀନ ପଟ୍ଟନାୟକ ସରକାରଙ୍କ ଅବସାନ ଘଟିବ, ଆଗ ଆପଣଙ୍କ ଦଳର ମୁଖ୍ୟମନ୍ତ୍ରୀ ଚେହେରାକୁ ଆଗକୁ ଆଣନ୍ତୁ। ଓଡ଼ିଶାବାସୀ ଉଚିତ ଜବାବ ଦେବେ। ଆମ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଯେଉଁ କଥା ଦିଅନ୍ତି ତାକୁ ମନେରଖନ୍ତି ଓ ଆନ୍ତରିକତାର ସହ ହୃଦୟରୁ ପାଳନ କରନ୍ତି। ସେଥିପାଇଁ ନବୀନ ପଟ୍ଟନାୟକ ୨୪ ବର୍ଷ ଧରି ଲୋକଙ୍କ ହୃଦୟରେ ଅଛନ୍ତି। ଲୋକଙ୍କ ହୃଦୟରୁ ତାଙ୍କୁ କେହି ବି ଦୂରକରିପାରିବେ ନାହିଁ। ନବୀନବାବୁ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ କେବେ ବି ସେ ହଇରାଣ ହେବାକୁ ଦେବେ ନାହିଁ। ପ୍ରତି ମାସରେ ବିଏସ୍‌କେୱାଇରେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ଅଥଚ ଭାରତ ସରକାର ସମଗ୍ର ଭାରତବର୍ଷ ପାଇଁ ବର୍ଷକୁ ୬ ହଜାର କୋଟି ଟଙ୍କା ରଖିଛନ୍ତି, ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଆମ ବ୍ୟାଙ୍କ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ଯାହା କରିଥାନ୍ତି ତାକୁ ଅନ୍ୟ ରାଜ୍ୟମାନେ ଅନୁସରଣ କରନ୍ତି । ଏବେ ନିର୍ବାଚନ ଆସିଲା, ଭାଜପାର ଏମ୍‌ଏସ୍‌ପି କଥା ମନେପଡ଼ିଲା। ୧୦ ବର୍ଷ ହେଲା ମନେପଡୁ ନ ଥିଲା, ଯଦି ଭାରତ ସରକାର ଚାହିଁଥାନ୍ତେ ତା'ହେଲେ ଗୋଟେ ମିନିଟରେ କରିପାରିଥାନ୍ତେ। ନିର୍ବାଚନରେ ହାରିବା ଦେଖି ଚାଷୀଙ୍କ କଥା ମନେପଡୁଛି। ଚାଷୀ ଆନ୍ଦୋଳନ କରି ଭାରତରେ ବହୁ ଚାଷୀ ବଳିଦାନ ଦେଇଛନ୍ତି। ଏମ୍‌ଏସ୍‌ପି ଯଦି ଆଗରୁ ବଢ଼େଇଥାନ୍ତେ ତେବେ ଏହା ଘଟି ନ ଥାନ୍ତା ବୋଲି ପାଣ୍ଡିଆନ କହିଛନ୍ତି । କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ, ବିଧାୟକ ପ୍ରାର୍ଥୀ ଅର୍ଚ୍ଚନା ରେଖା ବେହେରା, ରୋହିତ ଜୋସେଫ୍ ତିର୍କୀ ଓ ଭୀମସେନ ଚୌଧୁରୀ ଉଦ୍‌ବୋଧନ ମାଧ୍ୟମରେ ସେମାନଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ ।

# ଓଡ଼ିଆ ଅସ୍ମିତା ସୁରକ୍ଷାର ଗ୍ୟାରେଣ୍ଟି ଦେଇଛନ୍ତି ମୋଦି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୫(ଅନିଲ ଦାସ)

ବରଗଡ଼ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଅବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସରକାର ବଦଳାଇବାକୁ ନିବେଦନ କରିଛନ୍ତି । ସାଢ଼େ ୪ କୋଟି ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା, ଲୋକଙ୍କ ପ୍ରତି ଥିବା ଆସ୍ଥା ତଥା ଓଡ଼ିଆ ଲୋକଙ୍କ ବିକାଶର ଦାୟିତ୍ୱ ନେବା ପାଇଁ ସେ ଗ୍ୟାରେଣ୍ଟି ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଶନିବାର ବରଗଡ଼ରେ 'ବିଜୟ ସଂକଳ୍ପ ସମାବେଶ'ରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ ଧାନ ଓ ଧନୁଯାତ୍ରାର ଭୂମି ବରଗଡ଼ରେ ପ୍ରଧାନମନ୍ତ୍ରୀ ଚାଷୀଙ୍କ କଲ୍ୟାଣର ଗ୍ୟାରେଣ୍ଟି ନେଇ ଆସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭଳି ରାଷ୍ଟ୍ରନେତା ସର୍ବଦା ଓଡ଼ିଶାକୁ ପ୍ରାଥମିକତା ଦେଇ ଆସିଛନ୍ତି। ଓଡ଼ିଶାର ଅବ୍ୟବସ୍ଥାକୁ ଆଉ ସହ୍ୟ କରାଯାଇପାରିବ ନାହିଁ । ଏହାକୁ ବଦଳାଇବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାଢ଼େ ୪ କୋଟି ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା, ତାଙ୍କ ପ୍ରତି ଥିବା ଆସ୍ଥା ତଥା ଓଡ଼ିଆ ଲୋକଙ୍କ ବିକାଶର ଦାୟିତ୍ୱ ମୋଦି ନିଜେ ନେବେ ବୋଲି କହିଛନ୍ତି। ଭାଜପାକୁ ୫ ବର୍ଷ ସେବା କରିବା ପାଇଁ ସୁଯୋଗ ଦେବାକୁ ସେ ନିବେଦନ କରିଛନ୍ତି । ମୋଦିଙ୍କ ନେତୃତ୍ୱରେ ହିଁ ଓଡ଼ିଶା ୧ ନମ୍ବର ହେବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରତ୍ନଭଣ୍ଡାର ଭଳି ଓଡ଼ିଶାର ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଓ ଭାବନାର ପ୍ରଶ୍ନକୁ ମୋଦି ଉପସ୍ଥାପନ କରିଛନ୍ତି । ଭାଜପା ସବୁବେଳେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇ ଆସିଛି । ଓଡ଼ିଆ ଲୋକଙ୍କ ଆସ୍ଥା ସହ ଯୋଡ଼ି ହୋଇଥିବା ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି କିଏ ହଜାଇଲେ । ରତ୍ନଭଣ୍ଡାର କାହିଁକି ଖୋଲାଯାଉନାହିଁ। ରାଜ୍ୟ ସରକାର କାହାର ପାପକୁ ଘଣ୍ଟ ଘୋଡ଼ାଇବା ପାଇଁ ଚେଷ୍ଟା କରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ କିଏ ଖେଳୁଛି । ତାହାର ଉତ୍ତର ଦେବାକୁ ପଡ଼ିବ । ସେହିପରି ଓଡ଼ିଶାରେ ସରକାର ପୂରା ଆଉଟସୋର୍ସ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଣେ ସୁପର ସିଏମ୍ ହୋଇଗଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଡିଜି, ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ପାଉନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ମଜବୁରିର ଲାଭ ଉଠାଇ କିଛି ଓଡ଼ିଆ ବିରୋଧୀ ଲୋକ ଓଡ଼ିଶାର ଶାସନ ଚଳାଉଛନ୍ତି । ଓଡ଼ିଶାର ଭାବାବେଗକୁ କୁଠାରାଘାତ କରୁଛନ୍ତି । ଓଡ଼ିଆ ଲୋକମାନେ ଭୋଟ ମାଧ୍ୟମରେ ଉଚିତ ଜବାବ ଦେବେ । ଓଡ଼ିଶାରେ ମୋଦିଙ୍କ ପ୍ରତି ଭରସା ଅଛି। ଓଡ଼ିଶାକୁ ସର୍ବଶ୍ରେଷ୍ଠ ସ୍ଥାନକୁ ମୋଦି ହିଁ ନେଇପାରିବେ । ଅନ୍ୟପକ୍ଷେ ଦୀର୍ଘ ୨୪ ବର୍ଷ ଶାସନରେ ରହିବା ପରେ ବି ରାଜ୍ୟର ଘରେ ଘରେ ପାଇପ ଯୋଗେ ପିଇବା ପାଣିର ସୁବିଧା ନାହିଁ । ଚାଷଜମିରେ ଜଳସେଚନର ବ୍ୟବସ୍ଥା ନାହିଁ । ମେଡିକାଲରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ନାହାନ୍ତି । ରାଜ୍ୟର ଏକ ତୃତୀୟାଂଶ ଲୋକ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି । ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ ଯେଉଁ ଅବ୍ୟବସ୍ଥା, ଦୁର୍ନୀତି, ଅତ୍ୟାଚାର, ଭ୍ରଷ୍ଟାଚାର ଶାସନ ଚାଲିଛି, ଲୋକମାନେ ଏଥର ଜବାବ ଦେବେ ଏବଂ ପରିବର୍ତ୍ତନ କରାଇବେ । ଓଡ଼ିଶାରେ ମୋଦିଙ୍କ ଶାସନ ପ୍ରଣାଳୀ ଆଣିବା ପାଇଁ ଲୋକମାନେ ପରିବର୍ତ୍ତନ କରାଇବେ ।ଏଥର ଓଡ଼ିଆ ଭାଷାଭାଷୀ ମୁଖ୍ୟମନ୍ତ୍ରୀ ହେବେ । ମୋଦିଙ୍କ ସହ ଓଡ଼ିଆ ଲୋକମାନେ ସାଙ୍ଗରେ ଯିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି । ଗଣମାଧ୍ୟମର ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତର ରାଷ୍ଟ୍ରପତି ଅଯୋଧ୍ୟାରେ ରାମ ମନ୍ଦିରରେ ଦର୍ଶନ ପ୍ରସଙ୍ଗ ନେଇ କଂଗ୍ରେସ ମନ୍ଦିରକୁ ଗଙ୍ଗା ଜଳରେ ସ୍ନାନ କରାଇବା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। କଂଗ୍ରେସ ଦଳର ନୈତିକତା ନାହିଁ। କଂଗ୍ରେସ ଏକ ଦେବାଳିଆ ପାର୍ଟି ବୋଲି ଧର୍ମେନ୍ଦ୍ର କହିଛନ୍ତି।



ବରଗଡ଼ ସହର ଉପକଣ୍ଠ ବରାହଗୋଡା ବିକାଶ ଭିନଟେଜ୍‌ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରୁଛନ୍ତି।

**'ବିଜୟ ସଂକଳ୍ପ ସମାବେଶ'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ**

# ଘରେ ପହଞ୍ଚୁ ନବୀନଙ୍କ ବିକାଶ ବାର୍ତ୍ତା: ପ୍ରଣବ

## ଜୁନ ୯ରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ଆମେ ମୋଦିଜୀଙ୍କୁ ନିମନ୍ତ୍ରଣ କରିବୁ




ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଜମନକିରା/କୁଚିଣ୍ଡା,୧୧।୫
(ରବୀନ୍ଦ୍ର ପ୍ରସାଦ ଦାନୀ/ବିରଞ୍ଚି ଦର୍ଶୀ)

ସମ୍ବଲପୁର ଲୋକ ସଭା ଅଧୀନ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଶନିବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସବୁ କର୍ମୀ ସମାବେଶରେ ଯୋଗଦେଇ ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳର କର୍ମକର୍ତ୍ତାମାନଙ୍କ ଉତ୍ସାହ ବଢାଇଥିଲେ। ସେ କହିଥିଲେ ସମ୍ବଲପୁର ବର୍ତ୍ତମାନ ରାଜ୍ୟ ରାଜନୀତିର ହଟ୍‌ସ୍ପଟ୍ ପାଲଟିଛି। ଏହି ଆସନ ହାତେଇବାକୁ ବିରୋଧୀ ମିଛ ପ୍ରତିଶ୍ରୁତିର ସାହାରା ନେଉଛନ୍ତି। କିନ୍ତୁ ଆମେ ରାଜ୍ୟ ସରକାରଙ୍କ ବିକାଶ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ପହଞ୍ଚିବା। ମୁଖ୍ୟମନ୍ତ୍ରୀ ଦେଇଥିବା ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ବୋଲି କହିଥିଲେ ପ୍ରଣବ।

କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବାମରା ବ୍ଲକର କର୍ମୀମାନଙ୍କୁ ନେଇ କେଶେଇବାହାଲଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହିଅବସରରେ ପ୍ରଣବ ପ୍ରକାଶ କହିଥିଲେ ମୁଖ୍ୟମନ୍ତ୍ରୀ ଆଗାମୀ ୧୨ ବର୍ଷ ମଧ୍ୟରେ ଓଡ଼ିଶାକୁ ନମ୍ବର ୱାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ବିଜେଡି ଇସ୍ତାହାରରେ ସମସ୍ତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଯୋଜନା ରଖାଯାଇଛି। ଯୁବବର୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ବଜେଟ ପ୍ରସ୍ତୁତ କଥା ହେଉ କି ମହିଳାମାନଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ସମସ୍ତ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରି ଏକ ବିକଶିତ ଓଡ଼ିଶା ଗଠନ ପ୍ରତି ଦୃଷ୍ଟି ଦିଆଯିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ଗମନାଗମନ, ପରିବହନ ଏଭଳି ଅନେକ କିଛି ଯୋଜନା ଓ ପ୍ରକଳ୍ପର ସମ୍ଭାର ଭେଟିଦେବେ ନବୀନ ପଟ୍ଟନାୟକ। ସେହିଭଳି ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। କଲେଜ ଛାତ୍ରୀଛାତ୍ରଙ୍କୁ ନୂଆ ଓ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ସବୁ ଯୋଜନାକୁ ଆପଣମାନଙ୍କୁ ପ୍ରତି ଲୋକଙ୍କ ପାଖକୁ ପହଞ୍ଚାଇବାକୁ ପଡିବ ବୋଲି କହିଥିଲେ। ଅପରପକ୍ଷେ ଭାଜପା ସରକାର ଯାହା କହନ୍ତି ତାର ଓଲଟା କରନ୍ତି। ଗତ ନିର୍ବାଚନରେ ପ୍ରତି ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। କୃଷିବୀମା କଥା କହିଥିଲେ କିନ୍ତୁ କିଛି ବି ମିଳୁନି। ତେଣୁକରି ସମୟ ଆସିଛି ବର୍ତ୍ତମାନ ସେହି ନେତାଙ୍କୁ ଉଚିତ ଜବାବ ଦେବା। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଜୁନ ୧୦ରେ ଭାଜପା ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ ପ୍ରସଙ୍ଗରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରଦେଇ ପ୍ରଣବ ପ୍ରକାଶ କହିଥିଲେ ମୁଖ୍ୟମନ୍ତ୍ରୀ କହିସାରିଛନ୍ତି, ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବି କହିସାରିଛନ୍ତି, ଜୁନ ୯ରେ ବିଜେଡି ସରକାରର ଶପଥ ଗ୍ରହଣ ଉତ୍ସବ ହେବ। ଆମେ ମୋଦିଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରିବୁ ବୋଲି ପ୍ରଣବ କହିଥିଲେ।

କେଶେଇବାହାଲ କାର୍ଯ୍ୟକ୍ରମ ପରେ ପହଞ୍ଚିଥିଲେ କୁଚିଣ୍ଡା ବ୍ଲକ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ପହଞ୍ଚି ଥିଲେ ପ୍ରଣବ ପ୍ରକାଶ। ବଲ୍ଲମା ଫୁଟବଲ ପଡିଆରେ ଆୟୋଜିତ କର୍ମୀ ସମ୍ମିଳନୀରେ ବ୍ଲକ୍ ବିଜେଡି ସଭାପତି ଅମୂଲ୍ୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ନବୀନ ପଟ୍ଟନାୟକ ସରକାରରେ ହୋଇଥିବା ବିକାଶମୂଳକ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ଯିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ଓ ଦେବଗଡ଼ ବିଧାନସଭା ଦାୟିତ୍ୱରେ ଥିବା ସଞ୍ଜିତ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ,ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ୍ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, କୁଚିଣ୍ଡା ନଗର ସଭାପତି ନବୀନ ହୋତା, ଗଗନ ଶର୍ମା, ବରଦାନନ୍ଦ ଶର୍ମା, ଅଭିଳାଷ ଅଗ୍ରୱାଲ, ଗଣେଶ ଅଗ୍ରୱାଲ, ସଞ୍ଜୟ ବେହେରାଙ୍କ ସମେତ ବହୁସଂଖ୍ୟକ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହାପରେ ଜମନକିରା ବ୍ଲକର ଗୁଣ୍ଡୁରୁଚୁଆଁରେ ବ୍ଲକ ସଭାପତି ଆଦିପ୍ରସାଦ ମହାକୁଲଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ବିକଶିତ ଓଡ଼ିଶା ଗଠନ ପାଇଁ ବିଜେଡିକୁ ପୁନର୍ବାର ସୁଯୋଗଦେବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। କର୍ମୀମାନଙ୍କୁ ନିର୍ବାଚନୀ ମନ୍ତ୍ର ଦେବା ସହିତ ଆପଣମାନେ ହିଁ ଦଳର ସ୍ତମ୍ଭ ବୋଲି କହିଥିଲେ ପ୍ରଣବପ୍ରକାଶ।

# ବିଜେଡିର ଟଙ୍କାବଣ୍ଟା ଫଟୋ ଭାଇରାଲ

ନବରଙ୍ଗପୁର, ୧୧।୫(ସଦାଶିବ ପ୍ରହରାଜ)

## ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିବା କହିଲେ ଭାଜପା ଏମ୍‌ପି ପ୍ରାର୍ଥୀ

ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଚାର ସମୟରେ ନେତାଙ୍କ ଉପସ୍ଥିତିରେ ଟଙ୍କା ବଣ୍ଟାଯାଉଥିବାର ଫଟୋ ଭାଇରାଲ ହୋଇଛି। ଏହି ଫଟୋଟି ଗତ ୯ ତାରିଖ ଗୁରୁବାରର ବୋଲି ସ୍ପଷ୍ଟ ହୋଇଛି। ତେବେ କେଉଁ ଗ୍ରାମର ପ୍ରଚାର ବେଳର ଏହି ଫଟୋ ତାହା ଜଣାପଡ଼ିନାହିଁ ।

ପ୍ରକାଶ ଯେ, ଉକ୍ତ ଦିନ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ତାଙ୍କ ସମର୍ଥକ ଓ ଦଳୀୟ କର୍ମୀଙ୍କ ସହ ନବରଙ୍ଗପୁର ନିର୍ବାଚନମଣ୍ଡଳୀର ସାନକୁମୁଲି, ଉର୍ଦି, ଗୁମାଗୁଡ଼ା, ବାଗସିଉନି, ଜାମ୍ବାଗୁଡା, ତଣ୍ଡା, ସନୁଗୁଡ଼, ପଟାକୋଟ, ଅଟକବେଡ଼ା, ଧାରନାବେଡ଼ା, ତାରାଗାଁ, ମନ୍ତ୍ରିଗୁଡ଼ା, ଶରଣପୁର ଓ ବିକ୍ରମପୁର ଗ୍ରାମରେ ପ୍ରଚାର କରିଥିଲେ। ସେହି ସମୟରେ କୌଣସି ଏକ ଗ୍ରାମରେ ଏହି ଟଙ୍କା ବାଣ୍ଟିବା ଫଟୋ ବୋଲି ଜଣାପଡ଼ିଛି। ଟଙ୍କା ହାତରେ ଧରିଥିବା ବ୍ୟକ୍ତି ହେଉଛନ୍ତି ନନ୍ଦାହାଣ୍ଡି ବ୍ଲକ କେଶରୀଗୁଡ଼ା ଗ୍ରାମର ତ୍ରିନାଥ ଭଟ୍ଟ । ସେ ପ୍ରଦୀପ ମାଝିଙ୍କ ସହ ଗାଡ଼ିରେ ଠିଆହୋଇ ଓ ହାତରେ ଟଙ୍କାବିଡ଼ା ଧରି ଲୋକଙ୍କୁ ବାଣ୍ଟୁଥିବାର ଫଟୋ ଭାଇରାଲ ହୋଇଛି। ବିରୋଧୀ ଭାଜପା ଏହାକୁ ନେଇ ପର୍ଯ୍ୟବେକ୍ଷକ ଓ ନିର୍ବାଚନ କମିଶନ ନିକଟରେ ଅଭିଯୋଗ କରିଥିବା ଦଳର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି କହିଛନ୍ତି। ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛି। ତେଣୁ ପ୍ରଦୀପଙ୍କ ପ୍ରାର୍ଥିତ୍ୱ ରଦ୍ଦ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ବିଜେଡି ପ୍ରାର୍ଥୀ ପ୍ରଦୀପଙ୍କୁ ପଚାରିବାରୁ ଟଙ୍କା ବାଣ୍ଟିବା ଘଟଣା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ପରେ ତ୍ରିନାଥ ଭଟ୍ଟଙ୍କୁ ପଚାରିବାରୁ ସେ ଟଙ୍କାବଣ୍ଟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପ୍ରଚାରବେଳେ ଶାର୍ଟ ପକେଟ୍‌ରେ ଟଙ୍କା ଥିଲା। ଏହା ପଡ଼ିଯାଇଥିବାରୁ ତାହା ଉଠାଇ ଗଣିବାବେଳେ କେହି ଏହାର ଫଟୋ ଉଠାଇ ଭାଇରାଲ କରିଛନ୍ତି ବୋଲି ତ୍ରିନାଥ କହିଛନ୍ତି। କୌଣସି ସ୍ଥାନରେ ମଧ୍ୟ ଟଙ୍କା ବଣ୍ଟାଯାଇନାହିଁ ବୋଲି ସେ କହିଛନ୍ତି।



# ବିଜେଡିରେ ମିଶିଲେ ଶତାଧିକ ଯୁବ କର୍ମୀ

ଅସ୍ତରଙ୍ଗ,୧୧।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନୂଆଗଡ଼ରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ, ନୂଆଗଡ଼ ସମିତିସଭ୍ୟ ରାମଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନେ ନୂଆଗଡ଼ରେ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଶିତ ଓଡ଼ିଶାର ସାରଥୀ ହେବେ ବୋଲି କହିଥିଲେ। ଦଳରେ ଯୋଗଦେଇଥିବା ନୂତନ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା।

# ଭୋଟରଙ୍କୁ ଭ୍ରମିତ କରୁଛି ଭାଜପା

ସମ୍ବଲପୁର,୧୧।୫(ବି.ଶଙ୍କର)

- ରିଟର୍ନିଂ ଅଫିସରଙ୍କୁ ଫେରାଦ ହେଲା ବିଜେଡି
- ଦଳୀୟ ଇସ୍ତାହାରରେ ନ ଥିବା ପ୍ରତିଶ୍ରୁତି ସରକାରୀ କାନ୍ଥରେ ଲେଖାଯାଉଛି

ସମ୍ବଲପୁରରେ ଭାଜପା ପ୍ରତିମୁହୂର୍ତ୍ତରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି। ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ପ୍ରଚାର ନାମରେ ସରକାରୀ କାନ୍ଥରେ ବିଜ୍ଞାପନ ମୋହର ମାରୁଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶନିବାର ବିଜେଡି ମୁଖପାତ୍ର ସଞ୍ଜୟ ବାବୁ, ଦଳର ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ଦଳ ଜିଲାପାଳ ତଥା ସମ୍ବଲପୁର ଜିଲା ରିଟର୍ନିଂ ଅଫିସର ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ୍‌କରି ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଜରିଆରେ ନିର୍ବାଚନ ଆୟୋଗଙ୍କୁ ପ୍ରଦତ୍ତ ଦାବିପତ୍ରରେ ଅଭିଯୋଗ କରାଯାଇଛି ଯେ, ଭାଜପା ନେତାମାନେ ସମ୍ବଲପୁର ସହରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ କାନ୍ଥରେ ବିଭିନ୍ନ ପ୍ରତିଶ୍ରୁତି ଭରା ଲେଖା ଓ ଚିତ୍ର କରୁଛନ୍ତି। ପୁଣି ଯେଉଁସବୁ ପ୍ରତିଶ୍ରୁତି ସମ୍ପର୍କରେ ଲେଖାଯାଉଛି ତାହା ଦଳର ଇସ୍ତାହାରରେ ଉଲ୍ଲେଖ ନାହିଁ। କାନ୍ଥରେ ତାହା ମିଛ ପ୍ରତିଶ୍ରୁତି ଉଲ୍ଲେଖକରି ସାଧାରଣ ଭୋଟରଙ୍କୁ ଭ୍ରମିତ କରାଯାଉଛି ବୋଲି ବିଜେଡି ଅଭିଯୋଗ ଆଣିଛି। ଏ ଦିଗରେ ଧ୍ୟାନଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ମୁଖପାତ୍ର ବାବୁ ଗଣମାଧ୍ୟମକୁ କହିଛନ୍ତି, ଭାଜପାକୁ ପରାଜୟ ଚିନ୍ତା ଘାରିଲାଣି । ସମ୍ବଲପୁରରେ ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ବଳ ବୃଦ୍ଧି ପାଉଥିବା ଦେଖି ସେମାନଙ୍କ ନିଦ ହଜିଯାଇଛି। ତେଣୁ ତାଙ୍କୁ ନିର୍ବାଚନ ଚେକ୍ ଦେବାକୁ ଭାଜପା ମିଛ ପ୍ରତିଶ୍ରୁତିର ସାହାରା ନେଉଛି । ବିଗତ ନିର୍ବାଚନରେ ମଧ୍ୟ ଏଭଳି ଧୂଆଁବାଣ ମାରି ଜିତିଥିଲା। କିନ୍ତୁ ଚଳିତ ନିର୍ବାଚନରେ ଭାଜପାର ଷଡ଼ଯନ୍ତ୍ର କାମ କରିବନାହିଁ। ଲୋକେ ସେମାନଙ୍କ ଚାଲ୍ ବୁଝିସାରିଲେଣି ବୋଲି ସଞ୍ଜୟ ବାବୁ କହିଥିଲେ । ବିଜେଡି ପ୍ରତିନିଧି ଦଳରେ ବରିଷ୍ଠ ନେତା ଆର୍ତ୍ତତ୍ରାଣ ମିଶ୍ର, ଦୁଲାଲଚନ୍ଦ୍ର ରାୟ, ଆନନ୍ଦ ବଡ଼ଗୟାଁ, ସୁସ୍ମିତା ବେହେରା, ସୁରେଖା ସାହୁ, ମମତା ପଣ୍ଡା, ନୀଳିମା ନାଏକ, ଶେଷଦେବ ଗୁରୁ ପ୍ରମୁଖ ସାମିଲଥିଲେ ।

# ବିକାଶ ପାଇଁ ଭାଜପାର ଡବଲ ଇଞ୍ଜିନ ସରକାର ଆଣନ୍ତୁ

## ଜୁନାଗଡ଼ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର




ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣା/ ଜୁନାଗଡ଼,୧୧।୫
(ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏପରିସ୍ଥଳେ ଶନିବାର ପ୍ରଚାରର ଶେଷ ଦିନରେ କଳାହାଣ୍ଡି ଜିଲା ଜୁନାଗଡରେ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ। ଅପରାହ୍ନ ୩ଟାରେ ସେ ବନମାଳୀପୁର ଛକସ୍ଥିତ ପଡିଆରେ ହେଲିକପ୍ଟରରୁ ଓହ୍ଲାଇ ସଡକ ପଥରେ ୪ କି.ମି. ଦୂର ଜୁନାଗଡ଼ ହାଇସ୍କୁଲ ପଡ଼ିଆକୁ ଆସିଥିଲେ। ସେଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

ସାଏ କହିଥିଲେ, ମୋଦି ସରକାର ଆସିବା ପରେ ଚାଇନା ଓ ପାକିସ୍ତାନ ଭଳି ଦେଶ ଆଜି ଭାରତକୁ ଆଖି ଉଠାଉ ନାହାନ୍ତି। ଓଡ଼ିଶାରେ ଯେମିତି ବିକାଶ ହେବା କଥା ୨୫ ବର୍ଷ ଧରି ଥିବା ବିଜେଡି ସରକାରରେ ସେମିତି ବିକାଶ ହୋଇନାହିଁ। ଏଠାକାର ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ଓଡ଼ିଆ କହି ନ ପାରିବା ଦୁଃଖର ବିଷୟ। ତେଣୁ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ଡବଲ ଇଞ୍ଜିନ ସରକାର ଆଣନ୍ତୁ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ମାଳବିକା କେଶରୀ ଦେଓ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଛତିଶଗଡ଼ର ବିଧାୟକ ଜଗନ୍ନାଥ ପାଣିଗ୍ରାହୀ, ଗୌତମ ଜୈନ, ଜିତେନ୍ଦ୍ର ସୁଣ୍ଡଙ୍ଗ, ବସ୍ତର ରାଜା କମଳ ଚାନ୍ଦ ଭଞ୍ଜଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ, ନଗର ସଭାପତି ଶିବରାମ ରାଉତ, ବରିଷ୍ଠ କାର୍ଯ୍ୟକର୍ତ୍ତା ରୂପେଶ ଜୈନ, ଅଜୟ ପାଣିଗ୍ରାହୀ, ରଞ୍ଜନ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଏମ୍‌ପି ପ୍ରତିନିଧି କାଳିନ୍ଦୀ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ହିମାଂଶୁ ଶେଖର ବରାଡ଼ ଧନ୍ୟବାଦ ଦେଇଥିଲେ। ଏହି ସମାବେଶରେ ୫ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର

ରାୟଗଡ଼ା,୧୧।୫(ଆଶିଷ ରଞ୍ଜନ ପଣ୍ଡା)

**କୋରାପୁଟ ଲୋକ ସଭା ଆସନ**

- ରାୟଗଡା, ବିଷମକଟକ ଓ ଗୁଣପୁର ଭୋଟରଙ୍କ ଉପରେ ନଜର

ଚଳିତ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନ ଉପରେ ୩ ପ୍ରମୁଖ ରାଜନୈତିକ ଦଳର ନଜର ରହିଛି। ୨୦୧୯ ନିର୍ବାଚନରେ ଓଡ଼ିଶାରୁ କଂଗ୍ରେସର ଏକମାତ୍ର ଏମ୍‌ପି ଭାବେ ସପ୍ତଗିରି ଶଙ୍କର ଉଲ୍ଲାକା କୋରାପୁଟ ଆସନରୁ ନିର୍ବାଚିତ ହୋଇଥିଲେ। ତେଣୁ ଏହି ଆସନକୁ ଅକ୍ତିଆର ପାଇଁ କଂଗ୍ରେସ, ବିଜେଡି ଓ ଭାଜପା ପ୍ରାର୍ଥୀ ଜୋରସୋରରେ ଲାଗିପଡିଛନ୍ତି। କୋରାପୁଟ ଆସନ ପାଇଁ କଂଗ୍ରେସରୁ ସପ୍ତଗିରି, ବିଜେଡିରୁ କୌଶଲ୍ୟା ହିକ୍‌କା ପୁଣି ରିପିଟ୍ ହୋଇଛନ୍ତି। ତେବେ ଏଥର ଭାଜପା ପ୍ରାର୍ଥୀ ପରିବର୍ତ୍ତନ କରି କାଳିରାମ ମାଝିଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ସମସ୍ତେ ନିଜ ନିଜ ରଣନୀତି ପ୍ରୟୋଗ କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି।

୨୦୧୯ ନିର୍ବାଚନରେ ସପ୍ତଗିରି ପ୍ରଥମଥର ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବାବେଳେ ବିଜେଡି ମହିଳା ପ୍ରାର୍ଥୀ ଭାବେ କୋରାପୁଟର ପୂର୍ବତନ ଏମ୍‌ପି ଝିନ ହିକ୍‌କାଙ୍କ ସ୍ତ୍ରୀ କୌଶଲ୍ୟା ହିକ୍‌କାଙ୍କୁ ଟିକେଟ ପ୍ରଦାନ କରିଥିଲା। ସେହି ସମୟରେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ଅଭିଜ୍ଞତାକୁ ନଜରରେ ରଖି ଦଳ ତାଙ୍କୁ ଟିକେଟ ଦେଇଥିଲା। ତେବେ ସମସ୍ତଙ୍କୁ ପଛରେ ପକାଇ ବାଜି ମାରିନେଇଥିଲେ ସପ୍ତଗିରି। ଉକ୍ତ ନିର୍ବାଚନରେ ସପ୍ତଗିରି ୩,୭୧,୧୨୯ ଭୋଟ ପାଇ କୌଶଲ୍ୟାଙ୍କଠାରୁ ମାତ୍ର ୩,୬୧୩ ଭୋଟରେ ବିଜୟୀ ହୋଇଥିଲେ ; ଯାହାକି ବିଗତ ନିର୍ବାଚନଗୁଡ଼ିକରେ ହୋଇଥିବା ଭୋଟ ବ୍ୟବଧାନଠାରୁ କମ୍ ରହିଥିଲା। ଏଥିରେ କୌଶଲ୍ୟା ୩,୬୭,୫୧୬ ଏବଂ ଜୟରାମ ପାଙ୍ଗୀ ୨,୦୮,୩୯୮ ଭୋଟ ପାଇଥିଲେ। ତେବେ ୨୦୧୯ରେ ବିଜେଡିରେ ଗୋଷ୍ଠୀ ବିବାଦ ଏବଂ ସପ୍ତଗିରି ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲ୍ଲାକାଙ୍କ ପୁଅ ହୋଇଥିବାରୁ କେବଳ କାଶୀପୁର ବ୍ଲକରୁ ୫୫ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ତେଣୁ ଚଳିତ ନିର୍ବାଚନୀ ଫାଇଟରେ ସମସ୍ତଙ୍କ ନଜର ରହିଛି କାଶୀପୁର ବ୍ଲକ ଭୋଟରଙ୍କ ଉପରେ। ବିଜେଡି ପ୍ରାର୍ଥୀ କୌଶଲ୍ୟା ଏବଂ ଭାଜପା ପ୍ରାର୍ଥୀ କାଳିରାମ ଉଭୟ କାଶୀପୁରର ହୋଇଥିବାରୁ ଚଳିତ ଥର ଏହି ବ୍ଲକରୁ ନିଜ ସମର୍ଥକଙ୍କ ସହାୟତାରେ ଅଧିକ ଭୋଟ ହାତେଇବାକୁ ଉଭୟେ ଚେଷ୍ଟା କରିବେ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ଅନ୍ୟପଟେ ଏମ୍‌ପି ହେବା ପରେ ସଂସଦରେ ଅଞ୍ଚଳ ପାଇଁ ବିଭିନ୍ନ ପ୍ରଶ୍ନ ଉଠାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ସପ୍ତଗିରି ଉଲ୍ଲାକା । ନିଜ ପ୍ରଶ୍ନ ଓ କାର୍ଯ୍ୟଦକ୍ଷତା ଯୋଗୁ ସେ ଅଞ୍ଚଳର ବିକାଶ ପାଇଁ ଲଢ଼ିଛନ୍ତି ବୋଲି ବର୍ତ୍ତମାନ ନିର୍ବଚନୀ ପ୍ରଚାରରେ ଏହା ତାଙ୍କର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଅନ୍ୟପଟେ ବିଜେଡି ଶାସିତ ରାଜ୍ୟ ସରକାର ମହିଳା ସଶକ୍ତୀକରଣଠାରୁ ଆରମ୍ଭ କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଅଞ୍ଚଳବାସୀଙ୍କ ବିକାଶ କରିଥିବା ନେଇ ବିଜେଡି ପ୍ରାର୍ଥୀ କୌଶଲ୍ୟା ପ୍ରଚାର କରିବାରେ ଲାଗିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଓଡ଼ିଶାରେ ଲାଗୁ କରିବା ନେଇ ଏବଂ ଓଡ଼ିଆଙ୍କ ସ୍ୱାଭିମାନ ସୁରକ୍ଷା ନେଇ ପ୍ରଚାର କରୁଛନ୍ତି ଭାଜପା ପ୍ରାର୍ଥୀ କାଳିରାମ ମାଝି। ଚଳିତ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନରେ ରାୟଗଡା ଜିଲାର ୩ ବିଧାନ ସଭାର ଭୋଟ ଅଧିକ ଗୁରୁତ୍ୱ ବହନ କରିବ ବୋଲି ରାଜନୈତିକ ସମୀକ୍ଷମାନେ ମତପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଛୋଟୁ
ପରିବାରବର୍ଗ


ମୃତ୍ୟୁଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଓବିର ନେଟ୍ ଲାଭ ୧୭,୭୮୯କୋଟି

**ଭୁବନେଶ୍ୱର,୧୧।୫**

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଓବିର ବାର୍ଷିକ (୨୦୨୩-୨୪ ଆର୍ଥିକ ବର୍ଷ) ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ବ୍ୟାଙ୍କ ୨୬.୧% ଅଭିବୃଦ୍ଧି ହାର ହାସଲକରି ୧୭,୭୮୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ସେହିଭଳି ୨୦୨୪ ମାର୍ଚ୍ଚ୩୧ ସୁଦ୍ଧା ବ୍ୟାଙ୍କର ଗ୍ଲୋବାଲ ବ୍ୟବସାୟ ୧୧.୨% ବୃଦ୍ଧି ହୋଇ ୨୪,୧୭,୪୬୪ କୋଟିରେ ପହଞ୍ଚିଛି। ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ୧୫.୩% ଅଭିବୃଦ୍ଧି ହାରରେ ୩୦,୯୬୫କୋଟି ହୋଇଛି। ସେହିପରି ବ୍ୟାଙ୍କର ରିଟର୍ନ ଅନ୍ ଆସେଟ୍ସ (ଆର୍‌ଓଏ) ୧୪ ବିପିଏସ୍ ବୃଦ୍ଧି ହୋଇଛି। ବ୍ୟାଙ୍କର ଅଣସୁଧ ଆୟରେ ୪୪.୬% ବୃଦ୍ଧି ଘଟି ୩୦,୯୬୫ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ ୧୭ ବିପିଏସ୍ ବୃଦ୍ଧି ପାଇଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ହାରରେ ମଧ୍ୟ ୦.୬୮% ହ୍ରାସ ପାଇଥିବା କଥା ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ୩ଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା
9810432170
7606841840


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓର ଅନାବରଣ

**ଭୁବନେଶ୍ୱର,୧୧।୫**



ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ ନ୍ୟୁ ଦି ଏକ୍ସୟୁଭି ୩ଏକ୍ସଓ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟ ଆଦିତ୍ୟ ମୋଟର୍ସ ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଦିତ୍ୟ ମୋଟର୍ସର ଏମ୍‌ଡି ଆଦିତ୍ୟ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ଏବଂ ଆଦିତ୍ୟ ମୋଟର୍ସର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'ରେ ଅନେକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ସୁରକ୍ଷା ଦୃଷ୍ଟିକୋଣରୁ ମଧ୍ୟ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏପରିକି ଏସ୍‌ୟୁଭି ବର୍ଗ (ସେଗ୍‌ମେଣ୍ଟ)ରେ ଏହି ମଡେଲ ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ଆଦିତ୍ୟ ମୋଟର୍ସର ଏମ୍‌ଡି ଆଦିତ୍ୟ ପାତ୍ର କହିଛନ୍ତି, ଅଲ ନ୍ୟୁ ଦି ଏକ୍ସୟୁଭି ୩ଏକ୍ସଓ'କୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଉକ୍ତ ମଡେଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ସାମିଲ ଥିଲାବେଳେ ଏସ୍‌ୟୁଭି ବର୍ଗରେ ଏହା ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ୩୫ରୁ ଅଧିକ ଗ୍ରାହକ ଉକ୍ତ ମଡେଲକୁ ବୁକିଂ କରିଥିଲାବେଳେ ୩ଟି ଆକର୍ଷଣୀୟ କଲର ସହ ଏହାର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍) ୭.୪୯ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ଆଜି ଆଇସିଏମ୍‌ଏଆଇର ୫୫ ତମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୧।୫**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ ବା ଆଇସିଏମ୍‌ଏଆଇ ଭୁବନେଶ୍ୱର ଶାଖାର ୫୫ତମ ବାର୍ଷିକ ଉତ୍ସବ କିଟ୍ ଅଡିଟୋରିୟମଠାରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଇସିଏମ୍‌ଏଆଇ ଭୁବନେଶ୍ୱର ଶାଖା ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଆଇସିଏମ୍‌ଏଆଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ସିଏମ୍‌ଏ ସୂର୍ଯ୍ୟନାରାୟଣ ତ୍ରିପାଠୀ ୫୫ତମ ବାର୍ଷିକ ଉତ୍ସବ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଶାଖାର କାର୍ଯ୍ୟକଳାପ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ବହୁ ଜଣାଶୁଣା ବ୍ୟକ୍ତି ବିଶେଷ ବାର୍ଷିକ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଆଜି ସରିବ ଲାଲ୍‌ଚାନ୍ଦର ସ୍ୱତନ୍ତ୍ର ଅକ୍ଷୟତୃତୀୟା ଅଫର

**ଭୁବନେଶ୍ୱର,୧୧।୫ (ଅଭୟ ଦାଶ)**

ଲାଲ୍‌ଚାନ୍ଦ ଜୁଏଲର୍ସର ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫର ରବିବାର ଶେଷ ହେଉଛି। ଏହି ଅଫର ୨୦୨୪ ମେ ୫ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବାବେଳେ ଚଳିତ ମାସ ୧୨ରେ ବିଧିବଦ୍ଧ ଭାବେ ମଧ୍ୟ ଶେଷ ହେଉଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହ ଉପରେ ଆକର୍ଷଣୀୟ ରିହାତି ସାଙ୍ଗକୁ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୭୯୯ ଟଙ୍କା ରହିଥିଲାବେଳେ ହୀରା ଗହଣା ଉପରେ ଶୂନ୍ୟ (୦) ଗଢ଼ା ମଜୁରି ବା ବିନା ଗଢ଼ା ମଜୁରିରେ ଗ୍ରାହକମାନେ ହୀରା ଗହଣା କ୍ରୟ କରିପାରିବେ ଏବଂ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ପ୍ରତି ଗ୍ରାମକୁ ଫ୍ଲାଟ୍ ୧୩ଟଙ୍କାରେ ଯୋଗାଇ ଦିଆଯାଉଛି।



ସଞ୍ଜୟ ହଂସ

ସେହିଭଳି ଲାଲ୍‌ଚାନ୍ଦ ଜୁଏଲର୍ସର ସମସ୍ତ ଷ୍ଟୋରରେ ଏସ୍‌ବିଆଇ କାର୍ଡ ଉପଭୋକ୍ତାଙ୍କ ପାଇଁ ବିଶେଷ ଅଫର ମଧ୍ୟ ରଖାଯାଇଛି। ଏପରିକି ସର୍ବନିମ୍ନ ୩୦,୦୦୦ ଟଙ୍କାର କ୍ରୟ ଉପରେ ସର୍ବାଧିକ ୨,୫୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଅଫର ପ୍ରଦାନ କରାଯାଉଛି। ଏହି ଅଫର ୨୦୨୪ ମେ ୧୨ ପର୍ଯ୍ୟନ୍ତ ବୈଧ ରହିଛି। ଏଥିସହ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ପ୍ରଦାନ କରାଯାଉଥିବା ଲାଲ୍‌ଚାନ୍ଦ୍ ପକ୍ଷରୁ ସୂଚନା ଦିଆଯାଇଛି।

ଲାଲ୍‌ଚାନ୍ଦ୍ ପ୍ରାରମ୍ଭରୁ ଗ୍ରାହକ ସଚେତନତା ପାଇଁ ସର୍ବଦା ମିଡିଆ ଅଭିଯାନ ଚଳାଇଆସୁଛି। ବର୍ତ୍ତମାନ ଅନ୍ୟ ଜୁଏଲର୍ସମାନେ ମୂଳ ଗଢ଼ା ମଜୁରିକୁ ଲୁଚାଇ ବର୍ଦ୍ଧିତ ଗଢ଼ା ମୂଲ୍ୟ ଉପରେ ୨୫% ଓ ୫୦% ଭଳି ରିହାତି ପ୍ରଦାନ କରୁଛନ୍ତି। ତେଣୁ ଏପରି ମିଛ ଅଫରଠାରୁ ଦୂରେଇ ରହିବା ସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ଉପରେ ଲାଲ୍‌ଚାନ୍ଦ୍ ଗୁରୁତ୍ୱ ଦେଇଆସୁଛି ବୋଲି ଲାଲ୍‌ଚାନ୍ଦ୍ ଗ୍ରୁପର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଅଂଶୁମାନ୍ ମହାନ୍ତି (ଛୋଟୁ)**

ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସଙ୍ଗେସଙ୍ଗେ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମା, ଜେଜେବାପା, ଜେଜେମା, ଅଜା, ଆଈ, ବଡ଼ବାପା, ବଡ଼ମା, ସାନବଡ଼ବାପା, ଅପା, ପିଉସା, ମାମୁଁ, ମାଇଁ, ଭାଇ, ଭଉଣୀ ଓ ବନ୍ଧୁ ପରିଜନ।
ଧ-୨୭୮


# ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୧୧।୫**

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ' ନିକଟରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସରୁ ୬ ମାସ ମଧ୍ୟରେ ୨୫,୦୦୦ରୁ ଅଧିକ ସନ୍ତୋଷଜନକ ଗ୍ରାହକ ସୃଷ୍ଟିକରି ଏହି ସଫଳତା (ମାଇଲଖୁଣ୍ଟ) ସହ ଅଗଣିତ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୧୦ରେ ଭୁବନେଶ୍ୱରର ଜନପଥ (ସତ୍ୟନଗର)ଠାରେ ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିଲା। ପ୍ରତିଷ୍ଠାନ ଶୁଭାରମ୍ଭର ୬ ମାସ ମଧ୍ୟରେ ୨୫,୦୦୦ରୁ ଅଧିକ ସନ୍ତୋଷଜନକ ଗ୍ରାହକ ସୃଷ୍ଟିକରି ତାଙ୍କୁ ଉତ୍ତମ ସେବା ଯୋଗାଇଦେବା ଆମ ପାଇଁ ଗର୍ବ, ଗୌରବ ଓ ପ୍ରେରଣାଦାୟକ ବୋଲି ପ୍ରତିଷ୍ଠାନର ମ୍ୟାନେଜିଂ ପାର୍ଟନର ସଞ୍ଜୀବ କୁମାର ସାହୁ ବିସ୍ତୃତ ଭାବେ ମତପ୍ରକାଶ କରିବା ସହ ଭୁବନେଶ୍ୱରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ସେହିଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହି ଅଫର ଚଳିତ ମାସ ୧୯ ପର୍ଯ୍ୟନ୍ତ ଉପଲବ୍ଧ।

ଅପରପକ୍ଷରେ ଅକ୍ଷୟ ତୃତୀୟା ଉପଲକ୍ଷେ ପ୍ରତ୍ୟେକ ଏଚ୍‌ୟୁଆଇଡି ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦%ର ରିହାତି ସହ ପ୍ରତି ୧୦ ଗ୍ରାମ ସୁନା ଗହଣାର କ୍ରୟ ଉପରେ ୭୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ଏବଂ ହୀରା ଗହଣାର କ୍ରୟ ଉପରେ ଗ୍ରାହକ ଫ୍ଲାଟ୍ ୨୦%ର ରିହାତି ପାଇପାରିବେ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


# Classified Everyday 0674-2580101, 2549949


MATRIMONIAL

## BRIDE WANTED

Bride wanted for Odiya Brahmin groom Bhubaneswar based age 38, 5.11", Doctor (ENT), Divorced. Contact: 7205426354. D-176

Khandayat boy 1973 (widower) with son 11yrs., daughter 7yrs established Businessman, settled Bhubaneswar, caste no bar. 9717079993, 7008967858. D-71074

## GROOM WANTED

Wanted well settled Odia groom 35-38yrs. for a beautiful bride M.Tech, Ph.D., caste no bar. 8917585202. D-74319

Age-35, Government Job ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ any caste ପୁଅ ଦରକାର। 8658267680. D-250

ବୟସ 30, +2 ପଢ଼ିଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 7077016578. D-75330


REAL ESTATE

## SALE

**2500sqft. land with house in main market area at Gurandi-761210 near Paralakhemundi. 9337103057.** D-280

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। **9827119799.** D-272

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082

**54000sqft. plot available on Sisolo near Balakati, Nimapada highway for commercial/institutional purpose. Contact- 7978097047.** D-279

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083




2BHK with 2toilets Ground Floor, Parking facility with both side road at Chintamaniswar, Cuttack Road, Bhubaneswar, near to Railway Station for Office cum Residence, Guest House, Godown for light goods. 6370087588. D-227

Tolet 1BHK 539, Sahid Nagar, Bhubaneswar infront of Sahid Sporting Club. M- 9437010641, 8908901973. D-230

1650 sqft. Room type space on Sainik school main road near Apollo Hospital for Clinic/ Office / Commercial purposes, M-9437488383. D-282




Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

Relax, refresh your body, mind by expert therapist. Contact- 9938843929. D-76118

Monalisa massage Club:All types Body massage with hiprofile smart lady rooms service available. 9708545108. D-276

Newly open health benefits Spa special offer @999, Bapujinagar. 8018429809. D-76120

Newly open full body massage all types massage available. 7749034655. D-76121

## AFFIDAVIT

I, ANIRUDHDA NANDANWAR S/O BHASKAR NANDANWAR R/O 255 District Center, Bhubaneswar, Khorda, Chandra Sekharpur Odisha-751016 have changed my minor daughter's name ANEEKA NANDANWAR to TOYA NANDANWAR aged- 3-Years. D-286


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜଗବନ୍ଧୁ ଜାଲି**

ଅବସରପ୍ରାପ୍ତ ଉପ ଶାସନ ସଚିବ (ଘରୋଇ ବିଭାଗ)
ସତ୍‌ସଙ୍ଗର ବରିଷ୍ଠ ସହ ପ୍ରତି ଋତ୍ୱିକ
ଆବିର୍ଭାବ- ୨୪।୧୦।୧୯୪୨
ତିରୋଧାନ- ୧୮।୦୫।୨୦୨୧
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁରଙ୍କ ରାତୁଳ ଶ୍ରୀଚରଣ ତଳେ ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ- ସହଧର୍ମିଣୀ: ତିଳୋତ୍ତମା ଜାଲି, ବଡ଼ଜ୍ୱାଇଁ: ଶ୍ରୀ ହରେକୃଷ୍ଣ ତରାଇ, କ୍ଷେତ୍ରୀୟ ମୁଖ୍ୟ ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡ଼ ଝିଅ: ଗୀତାଞ୍ଜଳି ତରାଇ, ସାନଜ୍ୱାଇଁ: ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, ପରିସଂଖ୍ୟାନ ଅଧିକାରୀ। ସାନଝିଅ: ମନୋରମା ଜାଲି, ଡେପୁଟି କଲେକ୍ଟର, ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟ। ଅଜୟ, ଦୀପା, ଖୁଦ୍ଦୁଲ, ଫୁଲେନ୍ଦୁ, ଦୀପେନ୍ଦୁ ଓ ଦୀୟା।
ଧ-୨୮୭

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



**ପ୍ରହ୍ଲାଦ ଜେନା**

ଦୁର୍ଲଭ ରାମ ଲେନ, ଦାଣ୍ଡି ମାଳ ସାହି, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ ପରିବାର ବର୍ଗ

## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି .......... ଠାରେ ଅବସ୍ଥିତ ?
୨– ୱାର୍ଲ୍ଡ ରେଡ୍‌କ୍ରସ୍ ଡେ' .......... ତାରିଖରେ ପାଳନ କରାଯାଏ ?
୩– 'ଜେଡ୍‌ଇଭି'ର ଫୁଲ୍‌ଫର୍ମ ............ ?
୪– .............. ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟ ଗିରି .................. ?

## ଗତ ଥରର ଉତ୍ତର

୧ ଆକାଶବାଣୀ
୨ ଇଣ୍ଟରନ୍ୟାଶନାଲ୍ ହ୍ୟୁମାନ୍ ରାଇଟ୍ସ କମିଶନ୍
୩ ଆନ୍ଧ୍ରପ୍ରଦେଶ
୪ ମ୍ୟାନ୍‌ମାର
୫ ବେଙ୍ଗ

## ଉତ୍ତରଦାତା


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଥଣ୍ଡା ହୋଟେଲ୍



୧– ଜିରାଫ୍ ମ୍ୟାନର.................................. ନାଇରୋବି, କେନିଆ
୨– କନ୍‌ରାଡ୍ ହିଲ୍‌ଟନ୍................................. ରଙ୍ଗିଲା, ମାଳଦ୍ୱୀପ
୩– ଅନନ୍ତରା ଗୋଲ୍‌ଡେନ ଟ୍ରାଇଏଙ୍ଗେଲ୍................ ସୋପ୍ ରୁକ୍, ଥାଇଲାଣ୍ଡ
୪– ଆଶ୍‌ଫୋର୍ଡ୍ କ୍ୟାଷ୍ଟଲ୍............................................ ଆୟର୍ଲାଣ୍ଡ
୫– ଧାରା ଦେବ୍‌ଜୀ ରିସୋର୍ଟ.........................ଚିଆଙ୍ଗ୍ ମାଇ, ଥାଇଲାଣ୍ଡ
୬– କେବେକ୍ କେଭ୍ ହୋଟେଲ୍............................. ଗୋରେମେ, ତୁର୍କୀ
୭– ଲଣ୍ଡଲୋଜି ଟ୍ରି କ୍ୟାମ୍ପ୍.................................... ସାଉଥ୍ ଆଫ୍ରିକା
୮– ଡି ଗ୍ଲାସ୍ ଆଇସ୍ ହୋଟେଲ୍.........................................କାନାଡ଼ା
୯– ଜାଡେ ମାଉଣ୍ଟେନ୍ ରିସୋର୍ଟ............................ ସେଣ୍ଟ ଲୁସିଆ
୧୦– ଙ୍ଗୋରୋଙ୍ଗୋରୋ କ୍ରାଟର ଲଜ୍.............................. ତାଞ୍ଜାନିଆ

## ୟୁଥ୍ ଆଲର୍ଟ

# ଥଣ୍ଡା ପାଣି ପିଉଥିଲେ...

**ଖରାଦିନେ ଫ୍ରିଜ୍‌ର ଥଣ୍ଡା ପାଣି ପିଇବାକୁ ଯଦିଓ ଭଲ ଲାଗେ, ହେଲେ ଅପରପକ୍ଷେ ଏହା ସ୍ୱାସ୍ଥ୍ୟପ୍ରତି ହାନିକାରକ ହୋଇଥାଏ। ଯଦି ଆପଣଙ୍କର ବି ଖରାଦିନେ ଫ୍ରିଜ୍ ପାଣି ପିଇବାର ଅଭ୍ୟାସ ରହିଛି, ତେବେ ଜାଣିରଖନ୍ତୁ କେତେଟି କଥା...**

- ଖରାଦିନେ ବିଶେଷକରି ବାହାରକୁ ଯାଇଥିଲେ ଶରୀର ଗରମ ଥାଏ। ଏମିତିରେ ଥଣ୍ଡା ପାଣି ପିଇବା ଦ୍ୱାରା ହଠାତ୍ ଶରୀରର ତାପମାତ୍ରା ପରିବର୍ତ୍ତନ ହେବା ସହ ହୃତ୍‌ସ୍ପନ୍ଦନ ମଧ୍ୟ ଧୀର ହୋଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି, ଯାହାକି ସ୍ୱାସ୍ଥ୍ୟପ୍ରତି ହାନିକାରକ।
- ଥଣ୍ଡା ପାଣି ପିଇବା ଦ୍ୱାରା ଏହା ଶରୀରରେ ଥିବା ଶିରାଗୁଡ଼ିକୁ ସଂକୁଚିତ କରିଥାଏ, ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।
- ଅଧିକ ଥଣ୍ଡା ବା ବରଫ ପକାଇ ପାଣି ପିଇଲେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ।
- ଅନେକେ ଖାଇବା ପରେ ଥଣ୍ଡା ପାଣି ପିଇବାକୁ ଭଲପାଆନ୍ତି। ହେଲେ ଥଣ୍ଡା ପାଣି ଯୋଗୁ ଚର୍ବି ବା ଫ୍ୟାଟ୍ ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।



# ଜୀବନଦାତ୍ରୀ

**ମା' ଏମିତି ଏକ ମଣିଷ ଯାହାର ତୁଳନା ନାହିଁ ସେ କେବଳ ଦଶମାସ ଦଶଦିନ କଷ୍ଟ କରି ସନ୍ତାନକୁ ଭୂମିଷ୍ଠ କରି ନ ଥାଏ, ବରଂ ସେ ହିଁ ପାଲଟିଥାଏ ସନ୍ତାନର ପ୍ରଥମ ଗୁରୁ ଆଉ ମାର୍ଗଦର୍ଶକ। ତା'ର କୋଳ ସନ୍ତାନ ପାଇଁ ସବୁଠୁ ନିରାପଦ ସ୍ଥାନ। ଆଉ ଯେତେବେଳେ ସନ୍ତାନର ସୁରକ୍ଷା ପ୍ରଶ୍ନ ଆସେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ବି ପଛାଇ ନ ଥାଏ। ଆଜି ମଦର୍ସ ଡେ' ଅବସରରେ ନିଜ ଅଙ୍ଗଦାନ କରି ସନ୍ତାନକୁ ନୂଆ ଜୀବନ ଦେଇଥିବା କେତେଜଣ ମା'ଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



**ପୁଅ ପାଇଁ ଲଗାଇଲେ ଜୀବନ ବାଜି:** ଜୀବନର ସାୟାହ୍ନରେ ବି ମା'ଟିଏ ପିଲାକୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇପାରେ। ଆଉ ମୃତ୍ୟୁ ଆସୁଥିଲେ ପିଲା ଆଗରେ ଢାଲ ହୋଇ ଠିଆ ହୁଏ। ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା ମୁମ୍ବାଇ ସହରରେ। ରାଜେନ ଶାହ ନାମକ ଜଣେ ୫୪ ବର୍ଷୀୟ ବ୍ୟକ୍ତି ଦୀର୍ଘ ଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ରୋଗର ଲାଷ୍ଟ ଷ୍ଟେଜ୍ ଥିବା ବେଳେ ତାଙ୍କୁ ୨୦୨୦ରେ ସପ୍ତାହକୁ ୪ ଥର ହେମୋଡାୟାଲିସିସ୍ କରାଇବାକୁ ପଡୁଥିଲା। ଏହା ବ୍ୟତୀତ ତାଙ୍କର ଟାଇପ୍–୨ ଡାଇବେଟିସ୍ ଏବଂ ହାଇପର୍‌ଟେନ୍‌ଶନ୍ ସମସ୍ୟା ବି ଥିଲା। ତେଣୁ ଡାକ୍ତରମାନେ ତୁରନ୍ତ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନ କରାଇପାରିଲେ ତାଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି ପରିବାର ଲୋକଙ୍କୁ ଜଣାଇ ସାରିଥିଲେ। ଅନେକ ଖୋଜାଖୋଜି ପରେ କୌଣସି ଡୋନର ନ ମିଳିବାରୁ ରାଜେନ୍‌ଙ୍କ ଜୀବନ ବଞ୍ଚାଇବା ଲାଗି ତାଙ୍କ ୮୧ ବର୍ଷୀୟା ମା' କାଳା ଶାହ ନିଜ କିଡ୍‌ନୀ ଦେବାପାଇଁ ଆଗେଇ ଆସିଥିଲେ। ଯଦିଓ ଡାକ୍ତରୀ ପରୀକ୍ଷା ପରେ ତାଙ୍କ ଉଭୟ କିଡ୍‌ନୀ ସୁସ୍ଥ ଥିବା ସହ ଅନ୍ୟ କୌଣସି ରୋଗ ନ ଥିବା ଜଣାପଡ଼ିଥିଲା ଏବଂ ମା' ପୁଅଙ୍କର ବ୍ଲଡ୍ ଗ୍ରୁପ୍ ମଧ୍ୟ ସମାନ ଥିଲା, ତଥାପି ତାଙ୍କ ବର୍ଦ୍ଧିତ ବୟସ ପାଇଁ ଡାକ୍ତରଙ୍କୁ ବାରମ୍ବାର ଚିନ୍ତା କରିବାକୁ ପଡ଼ିଥିଲା। ହେଲେ ମା'ଙ୍କ ଅନୁରୋଧ କ୍ରମେ ୨୦୨୧ରେ ଲାପାରାସ୍କୋପିକ୍ ଡୋନର୍ ନେଫ୍ରେକ୍ଟୋମୀ ସର୍ଜରୀ ଦ୍ୱାରା ପୁଅ ପେଟରେ ମା'ଙ୍କ ଗୋଟିଏ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଗଲା। ମାତ୍ର ୫ ଦିନ ମଧ୍ୟରେ ମା' ସୁସ୍ଥ ହୋଇଯାଇଥିବା ବେଳେ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ଉନ୍ନତ ହେବାରେ ଲାଗିଲା। ଏଇ ବୟସରେ ପୁଅକୁ ନୂଆ ଜୀବନ ଦେଇ ସେହି ମା' ଭାରତର ସର୍ବାଧିକ ବୟସ୍କା କିଡ୍‌ନୀ ଡୋନର ଭାବେ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଗଲେ।


ମା' କାଳା ଶାହଙ୍କ ସହ ରାଜେନ



**ମା'ଙ୍କ ପାଇଁ ମିଳିଲା ମାତୃସୁଖ:** ମା' ହେବା ଗୋଟିଏ ନାରୀ ଜୀବନର ସବୁଠୁ ବଡ଼ ଖୁସି। ବିବାହ ପରେ ସେ ଏହି ଦିନଟିକୁ ଅପେକ୍ଷା କରି ରହିଥାଏ। ହେଲେ ବର୍ଷ ପରେ ବର୍ଷ ବିତିଗଲା ପରେ ଯେବେ ମାତୃସୁଖରୁ ବଞ୍ଚିତ ହେବାର କାରଣ ପେଟରେ ଗର୍ଭାଶୟ ବା ୟୁଟେରସ୍ ନ ଥିବା ବୋଲି ଡାକ୍ତରୀ ପରୀକ୍ଷାରୁ ଜାଣିବାକୁପାଏ, ସେତେବେଳେ ନା କେବଳ ଅନ୍ୟମାନଙ୍କ ଟାହିଟାପରା ତାକୁ କଷ୍ଟ ଦିଏ ବରଂ କେବେ ମା' ନ ହୋଇପାରିବା କଥା ଜାଣି ସେ ଭାଙ୍ଗିପଡ଼େ। ଆଉ ଏମିତିରେ ଝିଅକୁ ନିଜ ଗର୍ଭାଶୟ ଦାନ କରି ମା' ହେବାର ସୌଭାଗ୍ୟ ଅର୍ଜନ କରିବା ଲାଗି ଆଗେଇ ଆସେ ମା'। କଥାଟି ଆଶ୍ଚର୍ଯ୍ୟ ଏବଂ ଅସମ୍ଭବ ମନେହେଉଥିଲେ ବି ସତ। ଅଷ୍ଟ୍ରେଲିଆର କ୍ରିଷ୍ଟୀ ବ୍ରାଣ୍ଟ ନାମ୍ନୀ ଜଣେ ୩୦ ବର୍ଷୀୟା ମହିଳାଙ୍କ କୌଣସି ଅସୁବିଧା ପାଇଁ ତା'ଙ୍କ ପେଟରୁ ଏମର୍ଜେନ୍ସି ହିଷ୍ଟେରେକ୍ଟୋମୀ ବା ଗର୍ଭାଶୟ କଢ଼ା ଯାଇଥିଲା, ଯେଉଁଥିପାଇଁ ସେ ଗର୍ଭଧାରଣ କରି ନ ପାରୁଥିବାରୁ ଅତ୍ୟନ୍ତ ଦୁଃଖୀ ହୋଇଯାଇଥିଲେ। ଏହାର ଏକମାତ୍ର ପ୍ରତିକାର ୟୁଟେରସ୍ ଟ୍ରାନ୍ସପ୍ଲାଣ୍ଟ ବୋଲି ଡାକ୍ତର ଜଣାଇଥିଲେ। ତେବେ ଏହି କଥା କ୍ରିଷ୍ଟୀ ତାଙ୍କ ୫୪ ବର୍ଷୀୟା ମା' ମିଚେଲ୍ ହେଟନ୍‌ଙ୍କୁ ଜଣାଇବା ପରେ ସେ ଝିଅକୁ ନିଜ ୟୁଟେରସ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୩ ଜାନୁୟାରୀରେ ଦକ୍ଷ ତଥା ଅଭିଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ଦୀର୍ଘ ୧୬ ଘଣ୍ଟା ସମୟ ଧରି ଅସ୍ତ୍ରୋପଚାର କରିବା ପରେ ମା'ଙ୍କଠାରୁ ନେଇ ଝିଅ ପେଟରେ ୟୁଟେରସ୍ ଟ୍ରାନ୍ସପ୍ଲାଣ୍ଟେଶନ୍ କରିବା କାର୍ଯ୍ୟ ସଫଳ ହୋଇଥିଲା। ଏହା ଥିଲା ଅଷ୍ଟ୍ରେଲିଆର ପ୍ରଥମ ୟୁଟେରସ୍ ଟ୍ରାନ୍ସପ୍ଲାଣ୍ଟ। ମାତ୍ର କିଛି ମାସ ମଧ୍ୟରେ କ୍ରିଷ୍ଟୀ ଗର୍ଭଧାରଣ କରିବାରେ ସକ୍ଷମ ହେଲେ ଏବଂ ପରେ ଏକ ସୁସ୍ଥ ସନ୍ତାନର ଜନ୍ମଦାତ୍ରୀ ହୋଇପାରିଲେ। ନିଜେ ଯେଉଁ ଗର୍ଭାଶୟରେ ରହି ସେ ଦୁନିଆକୁ ଆସିଥିଲେ ଆଜି ତା'ରି ସାହାଯ୍ୟରେ ନିଜ ସନ୍ତାନକୁ ଜନ୍ମ ଦେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ମା'ଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଥିଲେ ଏବଂ ଏଭଳି ମା' କୋଳରେ ଜନ୍ମ ନେଇଥିବାରୁ ନିଜକୁ ଧନ୍ୟ ମନେକରିଥିଲେ।


ମା' ମିଚେଲ୍ ହେଟନଙ୍କ ସହ କ୍ରିଷ୍ଟୀ ବ୍ରାଣ୍ଟ

**ମା'ଙ୍କ ଆଖିରେ ଦେଖିଲେ ଦୁନିଆ:** କ୍ୟୁବାର ଜଣେ ସିଙ୍ଗର ହେଉଛନ୍ତି ଜୁଆନ୍ ଆଗ୍ୟୁରେ। ୫ ବର୍ଷ ବୟସରେ ତାଙ୍କ ସହିତ ହୋଇଥିଲା ଏକ ଦୁର୍ଘଟଣା। ରାସ୍ତାରେ ଆସିବା ବେଳେ ଜଣେ ମଦ୍ୟପ ଗାଡ଼ିଚାଳକ ତାଙ୍କୁ ଧକ୍କା ଦେବା ଫଳରେ ତାଙ୍କ ବାମ ଚକ୍ଷୁ ନଷ୍ଟ ହୋଇଯାଇଥିଲା। ଏହା ଅଧିକ କଷ୍ଟ ଦେଇଥିଲା ମା' ମିରିଆମ୍ ଆଗ୍ୟୁରେ ସାଣ୍ଟୋଷଙ୍କୁ। ଜୁଆନ୍ ବଡ଼ ହେବା ପରେ ଜଣେ ସିଙ୍ଗର ହେବା ସହ ବିବାହ କରି ମା'ଙ୍କଠାରୁ ଅଲଗା ରହିବା ଆରମ୍ଭ କଲେ। ଧୀରେ ଧୀରେ ଜୁଆନ୍‌ଙ୍କ ବୟସ ବଢ଼ିବା ସହ ଅନ୍ୟ ଆଖିଟି ଝାପ୍‌ସା ହେବାକୁ ଲାଗିଲା। ଏକଥା ଜାଣି ଏକାକୀ ରହୁଥିବା ବିଧବାମା' ଖୁବ୍ ଦୁଃଖ କରିଥିଲେ। ହଠାତ୍ ୬୧ ବର୍ଷ ବୟସରେ ତାଙ୍କୁ ହୃଦ୍‌ଘାତ ହେଲା ଏବଂ ସେ ନିଜ ପୁଅକୁ ଚକ୍ଷୁଦାନ କରିବା ନେଇ ଶେଷଇଚ୍ଛା ଡାକ୍ତରଙ୍କୁ ଜଣାଇଥିଲେ। ତାହା ହିଁ ହେଲା। ମା'ଙ୍କ ଚକ୍ଷୁ ପାଇ ଜୁଆନ୍ ରଙ୍ଗିନ୍ ଦୁନିଆକୁ ଉପଭୋଗ କଲେ। ଆଉ ତାଙ୍କ ଆଖିରେ ସବୁଦିନ ପାଇଁ ମା'ର ମମତା ଆଉ ତ୍ୟାଗ ଜୀବନ୍ତ ହୋଇ ରହିଗଲା।


ମା' ମିରିଆମ୍ ଆଗ୍ୟୁରେ ସାଣ୍ଟୋଷ ଏବଂ ଜୁଆନ୍ ଆଗ୍ୟୁରେ

– ପୌର୍ଣ୍ଣମାସୀ

## ଜାଣନ୍ତୁ ଦୁନିଆ

# ମଦର୍ସ ଡେ' କେଉଁ ଦେଶରେ କେମିତି

**ମା'ଙ୍କ ପ୍ରତି ଥିବା ଗଭୀର ସ୍ନେହ, ଶ୍ରଦ୍ଧା ଦର୍ଶାଇବା ପାଇଁ ମଦର୍ସ ଡେ'ର ପରିକଳ୍ପନା। ହେଲେ ଆପଣ ଜାଣନ୍ତି, ପୃଥିବୀର କେତେକ ଦେଶରେ ଏହାକୁ ଅନ୍ୟ ନାମରେ ଏବଂ ଭିନ୍ନ ଭିନ୍ନ ଶୈଳୀରେ ପାଳନ କରାଯାଇଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...**

**ଜର୍ମାନୀ:** ଏହି ଦେଶରେ ମଦର୍ସ ଡେ'କୁ ମଟର୍‌ଟ୍ୟାଗ୍ ବୋଲି କୁହାଯାଏ, ଯାହାକି ମେ' ମାସ ଦ୍ୱିତୀୟ ରବିବାର ଦିନ ପାଳନ କରାଯାଏ। ଏଠାରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ। ନିଜ ଦେଶର ରକ୍ଷା ନିମନ୍ତେ ସନ୍ତାନ ଜନ୍ମ କରୁଥିବା ପ୍ରତ୍ୟେକ ମା'ଙ୍କ ସମ୍ମାନ ନିମନ୍ତେ ଏହି ଦିବସ ଆରମ୍ଭ କରାଯାଇଥିଲା। ଯେଉଁ ମହିଳାଙ୍କର ଯେତେ ଅଧିକ ସନ୍ତାନ ଥିଲେ ସେହି ଅନୁଯାୟୀ ତାଙ୍କୁ ସରକାରଙ୍କ ପକ୍ଷରୁ ରୌପ୍ୟ, ସ୍ୱର୍ଣ୍ଣ ଆଦି ପଦକରେ ସମ୍ମାନିତ କରାଯାଉଥିଲା। ବର୍ତ୍ତମାନ ସେଠାରେ ଏହିଦିନ ମା'ଙ୍କୁ ମଦର୍ସ ଡେ' କାର୍ଡ, ଫୁଲ, କେକ୍ ଏବଂ ସ୍ୱାଦିଷ୍ଟ ବ୍ୟଞ୍ଜନ ଦେଇ ପାଳନ କରାଯାଉଛି।

**ସର୍ବିଆ:** ଏହି ଦେଶରେ ଡିସେମ୍ବର ମାସରେ ପ୍ରାୟ ୩ ସପ୍ତାହ ପର୍ଯ୍ୟନ୍ତ ପାଳନ କରାଯାଏ। ପ୍ରଥମ ରବିବାର ଚିଲ୍‌ଡ୍ରେନ୍ସ ଡେ', ୨ୟରେ ଫାଦର୍ସ ଡେ' ଏବଂ ୩ୟରେ ମଦର୍ସ ଡେ' ପାଳନ କରାଯାଇଥାଏ। ସେଠାରେ ମଦର୍ସ ଡେ' ଖୁବ୍ ଅଜବ ଢଙ୍ଗରେ ପାଳନ କରାଯାଏ। ଏହିଦିନ ମା'ଙ୍କୁ ବାନ୍ଧି ଦିଆଯାଏ ଏବଂ ପିଲାଙ୍କୁ ଭଲ ଖାଦ୍ୟ ଓ ଉପହାର ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଖୋଲି ଦିଆଯାଇଥାଏ।



**ୟୁନାଇଟେଡ୍ କିଙ୍ଗ୍‌ଡମ୍:** ପୂର୍ବରୁ ଏଠାରେ ଇଷ୍ଟର ପର୍ବର ତିନି ସପ୍ତାହ ପୂର୍ବ ରବିବାରଦିନ ଏହି ଉତ୍ସବ ପାଳନ କରାଯାଉଥିଲା, ଯାହାକୁ ମଦରିଙ୍ଗ୍ ସଣ୍ଡେ କୁହାଯାଉଥିଲା। ସେତେବେଳେ ଅଭାବୀ ପରିବାରର ପିଲାମାନେ ରୋଜଗାର ପାଇଁ ଧନୀବ୍ୟକ୍ତିଙ୍କ ପାଖରେ କାମ କରୁଥିଲେ। ନିଜ ମା'ଙ୍କଠାରୁ ଦୂରରେ ରହୁଥିବା ଏହି ପିଲାମାନଙ୍କୁ ମାସର ଚତୁର୍ଥ ରବିବାର ଛୁଟି ଦିଆଯାଉଥିଲା ଏବଂ ସେମାନେ ମଦର ମେରୀଙ୍କ ପୂଜା କରିବା ସହ ନିଜ ମା'ଙ୍କ ପାଖକୁ ଯାଉଥିଲେ। ସାଙ୍ଗରେ ଫୁଲ, ନିଜ ହାତ ତିଆରି ସିମ୍‌ନେଲ୍ କେକ୍ (ଏକପ୍ରକାର ଫ୍ରୁଟ୍ କେକ୍) ସହ ମା'ଙ୍କୁ ଗିଫ୍ଟ ମଧ୍ୟ ଦେଉଥିଲେ। ବର୍ତ୍ତମାନ ଏହି ଦିବସ ଅବସରରେ ମା'ଙ୍କୁ ଫୁଲ୍, କେକ୍ ସହିତ ସ୍ପେଶାଲ୍ ମଦର୍ସ ଡେ' କାର୍ଡ ଏବଂ ଡ୍ରେସ୍, ଭଳିକି ଭଳି ଗିଫ୍ଟ ଦିଆଯାଉଛି।

**ଇଥିଓପିଆ:** ବର୍ଷାଋତୁର ଶେଷ ଆଡ଼କୁ ଅର୍ଥାତ୍ ବର୍ଷା ସରି ଆକାଶ ସଫା ହୋଇଗଲେ ଏଠାରେ ତିନିଦିନିଆ ଏନ୍ଟୋଷ୍ଟ ଫେଷ୍ଟିଭାଲ ପାଳନ କରାଯାଏ, ଯେଉଁଥିରେ ମଦର୍ସ ଡେ' ମଧ୍ୟ ପାଳନ ହୋଇଥାଏ। ଏଥିରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୁଅନ୍ତି। ଘରର ଝିଅମାନେ ପନିପରିବା, ଲହୁଣି, ମସଲା ଆଦି ଆଣିଥା'ନ୍ତି ଏବଂ ପୁଅମାନେ ବିଭିନ୍ନ ପ୍ରକାରର ମାଂସ ଆଣିଥା'ନ୍ତି, ଯେଉଁଥିରେ ସେଠାକାର ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। କେବଳ ଏତିକି ନୁହେଁ ମା'ଙ୍କୁ ଖୁସି କରାଇବା ଲାଗି ଖାଦ୍ୟପେୟ ସହିତ ନୃତ୍ୟ, ସଙ୍ଗୀତର ମଧ୍ୟ ଆୟୋଜନ କରାଯାଇଥାଏ।

**ଜାପାନ:** ଏଠାରେ ମେ' ଦ୍ୱିତୀୟ ରବିବାର ମଦର୍ସ ଡେ' ପାଳନ କରାଯାଏ, ଯାହାକୁ 'ହାହା ନୋ ହି' ବୋଲି କୁହାଯାଇଥାଏ। ମା'ଙ୍କୁ ଶକ୍ତିର ସ୍ୱରୂପ ଭାବେ ସମ୍ମାନ କରାଯାଇଥାଏ। ପିଲାମାନେ ସ୍କୁଲ୍‌ରେ ଚିତ୍ରକଳା ପ୍ରତିଯୋଗିତାରେ ନିଜ ନିଜ ମା'ଙ୍କ ଚିତ୍ର ଆଙ୍କିଥାନ୍ତି। ଉକ୍ତ ଚିତ୍ରଗୁଡ଼ିକୁ ପ୍ରଦର୍ଶନୀରେ ଲଗାଯାଇଥାଏ। ପରେ ପିଲାମାନେ ସୁଶି ଏବଂ ଅଣ୍ଡାରେ ଖାଦ୍ୟ ପ୍ରସ୍ତୁତ କରି ମା'ଙ୍କୁ ଖୁଆଇଥାନ୍ତି ଏବଂ ବିଭିନ୍ନ ଉପହାର ଦେଇଥା'ନ୍ତି।

# ଆଜି ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍



୨୭ତମ ଜାତୀୟ ଫେଡେରେଶନ କପ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଉପଲକ୍ଷେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଏଫ୍‌ଆଇ ମୁଖ୍ୟ କୋଚ୍ ଜି. ରାଧାକ୍ରିଷ୍ଣନ (ମଝି) ଓ ଅନ୍ୟ ଖେଳାଳି।

ଭୁବନେଶ୍ୱର,୧୧।୫
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ରବିବାର ଆରମ୍ଭ ହେବାକୁ ଯାଉଛି। ଶନିବାର ଟୁର୍ନାମେଣ୍ଟ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ(ଏଏଫ୍‌ଆଇ) ମୁଖ୍ୟ କୋଚ୍ ଜି. ରାଧାକ୍ରିଷ୍ଣନ, ୪x–୪୦୦ ମିଟର ରିଲେ ଦଳର ସଦସ୍ୟ ମହମ୍ମଦ ଆଜମଲ, ଆମୋଜ ଜାକବ, ଶୁଭା ଭେଙ୍କଟେସନ ଓ ଡି. ଜ୍ୟୋତିକାଶ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଓଡ଼ିଶା ସରକାର ଅତୀତରେ ଅନେକ ବୃହତ୍ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ କରିଛନ୍ତି। ଏଭଳି ଟୁର୍ନାମେଣ୍ଟ ମଧ୍ୟ ସଫଳତାର ସହ ଆୟୋଜନ କରାଯିବ ବୋଲି କହିଥିଲେ ଜି. ରାଧାକ୍ରିଷ୍ଣନ। ଅଲିମ୍ପିକ୍ସ ଭଳି ଇଭେଣ୍ଟ ପୂର୍ବରୁ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟଙ୍କ ପାଇଁ ଅଭ୍ୟାସର ଏହା ଏକ ଭଲ ସୁଯୋଗ ବୋଲି କହିଥିଲେ ରାଧାକ୍ରିଷ୍ଣନ।

ମୁଖ୍ୟ ଆକର୍ଷଣ ରହିବେ ନୀରଜ, କିଶୋର: ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ଓ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା କିଶୋର ଜେନା ଏହି ଇଭେଣ୍ଟର ମୁଖ୍ୟ ଆକର୍ଷଣ ରହିବେ ବୋଲି ରାଧାକ୍ରିଷ୍ଣନ କହିଛନ୍ତି। ଅଲିମ୍ପିକ୍ସ ପଦକ ଜିତିବା ପରେ ପ୍ରଥମ ଥର ପାଇଁ ନୀରଜ ଭାରତରେ ପ୍ରଦର୍ଶନ କରୁଥିବାରୁ ଏହାକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି। ନିକଟରେ ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କିଶୋର ନବମ ସ୍ଥାନରେ ରହିଥିଲେ। ଉଭୟ ଖେଳାଳିଙ୍କ ବ୍ୟତୀତ ଅନେକ ଅନ୍ତର୍ଜାତୀୟ ଆଥ୍‌ଲେଟ ଏହି ଟୁର୍ନାମେଣ୍ଟରେ ଭାଗ ନେବେ।

## ବାଂଲାଦେଶ, ମାଳଦ୍ୱୀପର ଆଥ୍‌ଲେଟ ଭାଗ ନେବେ

ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଶଟ୍ ପୁଟର ତାଜିନ୍ଦର ପାଲ୍ ସିଂ ତୁର୍ ଓ ନିକଟରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୪x୪୦୦ ମିଟର ରିଲେ ଦଳର ସଦସ୍ୟ ମହମ୍ମଦ ଆଜମଲ, ଆମୋଜ ଜାକବ, ଶୁଭା ଭେଙ୍କଟେସନ ଓ ଡି. ଜ୍ୟୋତିକାଶ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଉତ୍ତର ପ୍ରଦେଶରୁ ସର୍ବାଧିକ ୧୩୪, ହରିୟାଣାରୁ ୭୭, ତାମିଲନାଡୁରୁ ୬୬, ଦିଲ୍ଲୀରୁ ୫୨, ରାଜସ୍ଥାନରୁ ୫୦, ମଧ୍ୟପ୍ରଦେଶରୁ ୪୯, କେରଳରୁ ୪୮, ପଞ୍ଜାବ ୪୫ ଓ କର୍ନାଟକରୁ ୪୨ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଆସାମ, ଚଣ୍ଡିଗଡ଼, ଗୋଆ, ମାଳଦ୍ୱୀପରୁ ସର୍ବନିମ୍ନ ଜଣେ ଲେଖାଏ ଆଥ୍‌ଲେଟଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ୧୯, ବିହାରରୁ ୭, ଛତିଶଗଡ଼ରୁ ୧୧, ଗୁଜରାଟରୁ ୯, ହିମାଚଳ ପ୍ରଦେଶରୁ ୫, ଝାଡ଼ଖଣ୍ଡରୁ ୩, ମହାରାଷ୍ଟ୍ରରୁ ୩୬, ମଣିପୁରରୁ ୨, ସିକ୍କିମରୁ ୨, ତେଲଙ୍ଗାନାରୁ ୫, ଉତ୍ତରାଞ୍ଚଳରୁ ୭ ଓ ପଶ୍ଚିମବଙ୍ଗରୁ ୧୨ ଆଥ୍‌ଲେଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ସେହିପରି ବାଂଲାଦେଶରୁ ୮ ଓ ମାଲଡିଭ୍‌ସର ୯ ଆଥ୍‌ଲେଟ ଭାଗନେବେ ବୋଲି ରାଧା କ୍ରିଷ୍ଣନ ସୂଚନା ଦେଇଛନ୍ତି।

# ଲର୍ଡ୍ସ ଟେଷ୍ଟ ପରେ ଆଣ୍ଡରସନଙ୍କ ଅବସର

ଲଣ୍ଡନ,୧୧।୫(ପି.ଟି.)


ଜେମ୍ସ ଆଣ୍ଡରସନ

ଚଳିତ ଗ୍ରୀଷ୍ମଋତୁରେ ଲର୍ଡ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିସାରିବା ପରେ ଇଂଲଣ୍ଡର କିମ୍ବଦନ୍ତୀ ପେସ୍ ବୋଲର ଜେମ୍ସ ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ନେବେ। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏ ବିଷୟରେ ସୂଚନା ଦେଇଛନ୍ତି। ଏଥିସହିତ ତାଙ୍କର ୨୦ବର୍ଷରୁ ଉର୍ଦ୍ଧ୍ୱ ଉଜ୍ଜ୍ୱଳ କ୍ୟାରିୟରର ଅବସାନ ଘଟିବ। ୪୧ବର୍ଷୀୟ ଆଣ୍ଡରସନ ହେଉଛନ୍ତି ଇଂଲଣ୍ଡର ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ଏବଂ ସର୍ବକାଳୀନ ଅନ୍ୟତମ ମହାନ ବୋଲର। ଏପର୍ଯ୍ୟନ୍ତ ଯେଉଁ ୩ଜଣ ବୋଲର ୭୦୦ରୁ ଉର୍ଦ୍ଧ୍ୱ ଟେଷ୍ଟ ଉଇକେଟ ହାସଲ କରିପାରିଛନ୍ତି ସେମାନଙ୍କ ମଧ୍ୟରେ ସେ ଅନ୍ୟତମ। ଅଷ୍ଟ୍ରେଲିଆରେ ଆଶେସ ୨୦୨୫–୨୬କୁ ନଜରରେ ରଖି ଏକ ଶକ୍ତିଶାଳୀ ବୋଲିଂ ବାହିନୀ ଗଠନ କରିବା ଲକ୍ଷ୍ୟରେ ରହିଛନ୍ତି ବୋଲି ଇଂଲଣ୍ଡ ରେଡ୍ ବଲ୍ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ସିମ୍ ବୋଲରଙ୍କୁ ଅବଗତ କରିବା ପରେ ଆଣ୍ଡରସନ ତାଙ୍କ ଅବସର ନିଷ୍ପତ୍ତି ଘୋଷଣା କରିଥିଲେ। ଆଣ୍ଡରସନ ୨୦୦୩ରେ ଟେଷ୍ଟ ପଦାର୍ପଣ କରିବା ପରେ ୧୮୭ ଟେଷ୍ଟ ମ୍ୟାଚରେ ୭୦୦ ଉଇକେଟ ଅକ୍ତିଆର କରିପାରିଛନ୍ତି। ସେ ଇଂଲଣ୍ଡ ପାଇଁ ସମସ୍ତ ଫର୍ମାଟରେ ମୋଟ ୯୮୭ ଉଇକେଟ ନେଇଛନ୍ତି। ବର୍ତ୍ତମାନ ସେ ସର୍ବକାଳୀନ ଟେଷ୍ଟ ଉଇକେଟ ହାସଲକାରୀ ବୋଲର ତାଲିକାରେ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଅଷ୍ଟ୍ରେଲିଆର ଶେନ୍ ୱର୍ନଙ୍କ ପଛକୁ ତୃତୀୟ ସ୍ଥାନରେ ଅଛନ୍ତି। ତେବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଆଣ୍ଡରସନ ତାଙ୍କ କାଉଣ୍ଟି ଦଳ ଲାଙ୍କାଶାୟାର ଦଳ ତରଫରୁ ଆଉ ଖେଳିବେ କି ନା ତାହା ସ୍ପଷ୍ଟ କରିନାହାନ୍ତି। ସୂଚନାଯୋଗ୍ୟ, ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ପ୍ରଥମ ଟେଷ୍ଟ ଲର୍ଡ୍ସଠାରେ ଜୁଲାଇ ୧୦ରୁ ଖେଳାଯିବ।

# ଭାରତୀୟ ଫୁଟ୍‌ବଲ ଦଳର କ୍ୟାମ୍ପ ଆରମ୍ଭ

ଭୁବନେଶ୍ୱର, ୧୧।୫

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର କ୍ୟାମ୍ପ ଶନିବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ୧୯ ଖେଳାଳି ଓ କୋଚିଂ ଷ୍ଟାଫ୍ ଆସି ଏଠାରେ ପହଞ୍ଚିଛନ୍ତି। ଅନ୍ୟ ୧୩ ଖେଳାଳି ମେ ୧୫ରେ ଯୋଗଦେବେ। ୪୧ ଜଣିଆ ମୂଳ ତାଲିକାରୁ ୯ ଜଣ ଖେଳାଳି ଇଞ୍ଜୁରୀ ଅବା ବ୍ୟକ୍ତିଗତ କାରଣରୁ କ୍ୟାମ୍ପରେ ଉପସ୍ଥିତ ରହିବେ ନାହିଁ। ପ୍ରଥମ ବ୍ୟାଚରେ ଆସିଥିବା ଖେଳାଳିମାନେ ସକାଳେ ଜିମ୍ ସେସନ ସହ ସେମାନଙ୍କର ଟ୍ରେନିଂ ଆରମ୍ଭ କରିଛନ୍ତି।




# ସିଏପି କ୍ୱାର୍ଟରଫାଇନାଲରେ

ଭୁବନେଶ୍ୱର, ୧୧।୫
(ବିଜୟ ରଣା)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ପ୍ରି–କ୍ୱାର୍ଟରଫାଇନାଲରେ କ୍ରିକେଟ ଏକାଡେମୀ ଅଫ୍ ପଠାନ (ସିଏପି) ୧୦୦ରନରେ ରେଡଷ୍ଟାର କ୍ରିକେଟ ଏକାଡେମୀକୁ ହରାଇ ଦେଇଛି।

## ଅରବିନ୍ଦ ମେମୋରିଆଲ କ୍ରିକେଟ



ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ଜୟ ବେହେରା।

ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ସିଏପି ୨୯.୨ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୪୦, ଜୟ ବେହେରା ୩୫ ଏବଂ ଓମ୍ ଶ୍ରୀ ସାହୁ ୩୨ ରନ କରିଥିଲେ। ରେଡଷ୍ଟାର ଦଳ ପକ୍ଷରୁ ସାଇରାଜ ସାହୁ ତାଙ୍କ ୬ ଓଭର ବୋଲିଂରେ ୪୬ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସଂଗ୍ରାମ କୁମାର ସାମଲ ୫ ଓଭର ବୋଲିଂ କରି ୨୨ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ୨୦୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରେଡଷ୍ଟାର ଦଳ ୨୭ ଓଭରରେ ୧୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସଂଗ୍ରାମ କୁମାର ସାମଲ ୨୦ରନ କରିଥିଲେ। ସିଏପି ତରଫରୁ ଜୟ ବେହେରା ୧୫ ରନ ବିନିମୟରେ ୩ ଉଇକେଟ ନେଇଥିବା ବେଳେ ରୂପେଶ ସାହୁ ଓ ରୋହିତ ପାଲ୍ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଜୟ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରାଜ୍ୟ କ୍ରିକେଟର ପାରାମାଉଣ୍ଟ ସ୍ପୋର୍ଟିଂର ତନ୍ମୟ ପଟ୍ଟନାୟକ ଶନିବାର ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ।

# ସେମିଫାଇନାଲରୁ ଓଡ଼ିଶା ବାଦ୍

ଭୁବନେଶ୍ୱର,୧୧।୫
(ସରୋଜ ଜେନା)

ମହାରାଣୀ ଜୀଜାବାଇ ନ୍ୟାଶନାଲ ଫୁଟବଲ ଟୁର୍ନାମେଣ୍ଟର ସେମି ଫାଇନାଲ ଦୌଡରୁ ବାଦ ପଡିଛି ଓଡ଼ିଶା ମହିଳା ଦଳ। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦଳ ସିକିମ୍‌କୁ ୪–୧ରେ ପରାସ୍ତ କରିଥିଲା। ତେବେ ୩ ବିଜୟ ସହ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ସେମି ଫାଇନାଲ ପାଇଁ ଯୋଗ୍ୟତା ହାସଲରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶା ପକ୍ଷରୁ ମନୀଷା ନାୟକ(୮), ପ୍ରତିମା ଓରାମ(୧୯), ସତ୍ୟବତୀ ଖାଡିଆ(୪୫+୨) ଓ ସୁମିତ୍ରା ହେମ୍ବ୍ରମ(୫୫) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୫ ତମ ମିନିଟରେ ସିକ୍କିମ ପକ୍ଷରୁ ସିମରନ୍ ଗୁରୁଙ୍ଗ ଏକମାତ୍ର ଗୋଲ ଦେଇଥିଲେ।

ମନୀଷାଙ୍କ ଗୋଲ ବଳରେ ଓଡ଼ିଶା ଆଗୁଆ ହୋଇଥିବା ବେଳେ ସିମରନ୍ ଏହାକୁ ପରିଶୋଧ କରିଥିଲେ। ୧୯ ତମ ମିନିଟରେ ପ୍ରତିମା ଓ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ସତ୍ୟବତୀ ସ୍କୋର କରି ଦଳକୁ ୩–୧ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପକ୍ଷରୁ ସୁମିତ୍ରା ଆଉ ଏକ ଗୋଲ ଦେଇଥିଲେ।

# ଗିଲ୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା

ଅହମଦାବାଦ, ୧୧।୫(ପି.ଟି.)

## ସ୍ଲୋ ଓଭର ରେଟ୍

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଆଇପିଏଲ୍ ମ୍ୟାଚରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ୨୪ଲକ୍ଷ ଟଙ୍କା ଜରିମାନା ହୋଇଛି। ସିଜନରେ ଦଳର ଏହା ଦ୍ୱିତୀୟ ସ୍ଲୋ ଓଭର ରେଟ୍ ଅପରାଧ ଥିଲା। ଇମ୍ପାକ୍ଟ ଖେଳାଳି ସମେତ ଚୂଡ଼ାନ୍ତ ଏକାଦଶର ଅବଶିଷ୍ଟ ଖେଳାଳିମାନଙ୍କୁ ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଅବା ୬ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଗୁଜରାଟ ଟାଇଟନ୍ସ ଶୁକ୍ରବାର ଗତଥର ଚାମ୍ପିୟନ ସିଏସ୍‌କେକୁ ୩୫ ରନରେ ପରାସ୍ତ କରି ଆଇପିଏଲ୍‌ରେ ଏହା ଆଶାକୁ ଉଜ୍ଜୀବିତ ରଖିଛି। ମ୍ୟାଚରେ ଗିଲ୍ ଓ ବି. ସାଇ ସୁଦରନଙ୍କ ଶତକ ସହାୟତାରେ ଗୁଜରାଟ ଟାଇଟନ୍ସ ୩ ଉଇକେଟରେ ୨୩୧ରନ କରିଥିଲା। ଜବାବରେ ସିଏସ୍‌କେ ୮ଉଇକେଟରେ ୧୯୬ ରନ କରିପାରିଥିଲା।

# ଶୁଭମଙ୍କୁ ସ୍ୱର୍ଣ୍ଣ ପଦକ

## ଜାତୀୟ କରାଟେ ପ୍ରତିଯୋଗିତା

ଭୁବନେଶ୍ୱର, ୧୧।୫
(ବିଜୟ ରଣା)

ଡେରାଡୁନ୍‌ଠାରେ ଚାଲିଥିବା କ୍ୟାଡେଟ୍ ଜୁନିୟର, ୨୧ ବର୍ଷରୁ କମ୍ ଜାତୀୟ ସିନିୟର କରାଟେ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛି। ଜୁନିୟର ପୁରୁଷ (୬୮ କ୍ରି.ଗ୍ରାରୁ କମ୍) ଫାଇଟ୍‌ରେ ଓମ୍ ଶୁଭମ ମହାନ୍ତି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସୁପ୍ରିୟା ମହାନ୍ତି, ଆମେଶି ଝା, ଆଦ୍ୟାଶ ପ୍ରିୟଦର୍ଶିନୀ, ଉପାସନା ପ୍ରିୟଦର୍ଶିନୀଙ୍କୁ ନେଇ ଜୁନିୟର ମହିଳା ଟିମ୍ କାଟାରେ ରୌପ୍ୟ ପଦକ ଲାଭ କରିଛି। ସେହିପରି ସୂର୍ଯ୍ୟ ପଅକାଶ ଘଡ଼େଇ, ପୁଲକ ପାଢ଼ୀ, ଶୁଭକାନ୍ତ ସ୍ୱାଇଁ ଓ ଆର୍ଯ୍ୟଭଟ୍ଟ ବିଶ୍ୱାଳଙ୍କୁ ନେଇ ଜୁନିୟର ପୁରୁଷ ଦଳ କାଟାରେ ରୌପ୍ୟ ପାଇଛନ୍ତି। ଅନ୍ୟପକ୍ଷରେ ବେଦାନ୍ତ ଦାସ ବ୍ୟକ୍ତିଗତ ଜୁନିୟର ପୁରୁଷ କାଟାରେ ରୌପ୍ୟ ଏବଂ ଅଦିତି ପାଣିଗ୍ରାହୀ ଜୁନିୟର ମହିଳା (୬୬କେଜି+) ବିଭାଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୫ (୪ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ)ରେ ପହଞ୍ଚିଛି।



ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ପଦକ ବିଜେତାମାନେ।

# ଗୁଜରାଟ ଟାଇଟନ୍ସରେ ସୁଶାନ୍ତଙ୍କ ସ୍ଥାନରେ ଗୁର୍ନୁର

ଅହମଦାବାଦ, ୧୧।୫ (ପି.ଟି.)

ଗୁଜରାଟ ଟାଇଟନ୍ସ ଆଘାତପ୍ରାପ୍ତ ବାମହାତୀ ଦ୍ରୁତ ବୋଲର ସୁଶାନ୍ତ ମିଶ୍ରଙ୍କ ସ୍ଥାନରେ ଡାହାଣହାତୀ ପେସର ଗୁର୍ନୁର ବ୍ରାର୍‌ଙ୍କୁ ଦଳରେ ସାମିଲ କରିଛି। ଘରୋଇ ଟୁର୍ନାମେଣ୍ଟରେ ଗୁର୍ନୁର ପଞ୍ଜାବ ପାଇଁ ଖେଳିଥାନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ଦ୍ୱିତୀୟ ଥର ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ପଞ୍ଜାବ କିଙ୍ଗ୍ସ ଦଳରେ ରହିଥିଲେ। ୨୩ବର୍ଷୀୟ ଖେଳାଳି ଏପର୍ଯ୍ୟନ୍ତ ଗୋଟିଏ ଟି୨୦ ମ୍ୟାଚ ଖେଳିଛନ୍ତି। ତାହା ହେଲା ଗତ ସିଜନରେ ମୋହାଲିଠାରେ ପଞ୍ଜାବ କିଙ୍ଗ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ମ୍ୟାଚ। ଏଥିରେ ସେ ୩ ଓଭର ବୋଲିଂ କରି ୪୨ ରନ ଦେଇଥିଲେ ହେଁ ଗୋଟିଏ ହେଲେ ଉଇକେଟ ନେଇ ପାରି ନ ଥିଲେ। ଆଇପିଏଲ୍ ବାହାରେ ଗୁର୍ନୁର ୨୦୨୧ରେ ପଞ୍ଜାବ ତରଫରୁ ଗୋଆ ବିପକ୍ଷ ଏକ ଲିଷ୍ଟ–ଏ ମ୍ୟାଚ ଖେଳିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବିଜୁ ଜନତା ଦଳ
ଜୁଲାଇରୁ
ଆଉ ଆସିବନି
ବିଜୁଳି ବିଲ୍
ନବୀନ ବାବୁଙ୍କ ଗ୍ୟାରେଣ୍ଟି
ବିଜୁଳି ବିଲ୍‌କୁ ବାଏ ବାଏ
ଓଡ଼ିଶାର
୯୦%
ପରିବାରକୁ
ମାଗଣା ବିଜୁଳି
5T
ନବୀନ
ଗ୍ୟାରେଣ୍ଟି
ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ
ଲୋକସଭା
ବିଧାନସଭା
PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

## ଟିଟିଲାଗଡ଼ ବ୍ଲକରେ ଟୁକୁନିଙ୍କ ପ୍ରଚାର

ଟିଟିଲାଗଡ଼,(ଶରତ ମିଶ୍ର): ଟିଟିଲାଗଡ଼ ବ୍ଲକ ଅଞ୍ଚଳରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥୀନୀ ଟୁକୁନି ସାହୁ ପ୍ରଚାର କରିଛନ୍ତି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖାସମୁଣ୍ଡା, ପିପଲପଦର, ମନିଗାଁ ଆଦି ଗ୍ରାମରେ ଟୁକୁନିଙ୍କ ପ୍ରଚାର କାର୍ଯ୍ୟକ୍ରମରେ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଟୁକୁନି ଜନତାଙ୍କୁ ସମ୍ବୋଧନ କରି ଭୋଟ ମାଗିଥିଲେ। ଏହି ଅବସରରେ ଦଳର ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ସଇଁତଲା ବ୍ଲକ ଉପାଧକ୍ଷ ଗୁଣସାଗର ମାଝି, ଜିଲା ପରିଷଦ ସଭ୍ୟ ଗୀତା ବିଶି, ସରପଞ୍ଚ ସୁବ୍ରତ ନାଗ, ମୁନିରାମ ଖରସେଲ, ମୁନୁ ପ୍ରଧାନ, ରମେଶ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଲୋକ ଅଦାଲତରେ ୪୬ ମାମଲାର ଫଇସଲା

ଟିଟିଲାଗଡ଼,୧୧।୫ (ଶରତ ମିଶ୍ର)

ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଅବସରରେ ତାଲୁକ ସ୍ତରୀୟ ଆଇନ ସେବା ସମିତି ପକ୍ଷରୁ ଟିଟିଲାଗଡ଼ କୋର୍ଟ ପରିସରରେ ବିଭିନ୍ନ ମାମଲାର ଫଇସଲା କରାଯାଇଛି। ଅଦାଲତକୁ ଆସିଥିବା ୩୨୭ଟି ମାମଲାର ବିଚାର ସହ ୪୬ଟିର ଫଇସଲା ହୋଇଛି। ଏନେଇ ମୋଟ ୧୬ ଲକ୍ଷ ୬୬ ହଜାର ୬ ଶହ ୫୧ ଟଙ୍କାର ସେଟଲମେଣ୍ଟ ହୋଇଛି। ମାମଲାଗୁଡିକ ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଏବଂ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ସବଜଜ୍ କୃଷ୍ଣଚନ୍ଦ୍ର ନାୟକ ଏବଂ ଆଇନଜୀବୀ ରାଧେଶ୍ୟାମ ଅଗ୍ରୱାଲ, ଏସଡ଼ିଜେଏମ ଶାସ୍ୱତୀ ମହାପାତ୍ର ଓ ଆଇନଜୀବୀ ଜୟନ୍ତ ପଣ୍ଡାଙ୍କୁ ନେଇ ଗଠିତ ତିନୋଟି ବେଞ୍ଚରେ ବିଚାର ସହ ଫଇସଲା ହୋଇଥିଲା। ସମିତି କିରାଣି ଜୀବର୍ଦ୍ଧନ ଛତ୍ରିଆଙ୍କ ସମେତ ସମସ୍ତ କୋର୍ଟ କର୍ମଚାରୀ ଏଥିରେ ସହାୟତା କରିଥିଲେ।

## ବାଇକକୁ ପିଟିଲା କାର, ପରିବାର ୪ ଗୁରୁତର

ଲୋଇସିଂହା,୧୧।୫(ସୁଶାନ୍ତ ବାରିକ)

ବଲାଙ୍ଗୀର – ବରଗଡ଼ ୨୬ ନଂ. ଜାତୀୟ ରାଜପଥ ଫାସଡ ନିକଟସ୍ଥ ସୁକତେଲ ବ୍ରିଜରେ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟିଛି। ବଲାଙ୍ଗିର ପଟୁ ଆସୁଥିବା ଏକ କାର ସାମ୍ନା ପଟୁ ଆସୁଥିବା ଏକ ବାଇକକୁ ମୁହାଁମୁହିଁ ଧକ୍କା ଦେଇଥିଲା। ବାଇକରେ ଥିବା ପୁଆ ଗ୍ରାମର ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶେଷ କୁମ୍ଭାର, ସ୍ତ୍ରୀ ସୀମା, ଦୁଇ ପୁଅ ଅନୀଲ ଓ ଆଦିଲ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଦୁର୍ଘଟଣା ଘଟାଇ ଥିବା ଯୁବକମାନେ ସ୍ଥାନୀୟ ଅଧିବାସୀଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସୀମା ପରିବାର ସହ ଫାସଡ ଗାଁକୁ ଆସି ପୁଆକୁ ଫେରିବା ବାଟରେ ଫାସଡ ନିକଟସ୍ଥ ସୁକତେଲ ବ୍ରିଜ ଉପରେ ଦୁର୍ଘଟଣାର ଶିକାର ହୋଇଥିଲେ। ବଲାଙ୍ଗିର ପଟୁ ଦୃତ ଗତିରେ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ଘଟିବା ପରେ କାରରେ ଥିବା ଯୁବକମାନେ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଉଠାଇ ଡାକ୍ତରଖାନା ନେବା ବଦଳରେ ସେଠାରୁ ଫେରାର ମାରିଥିଲେ। ଦୁର୍ଘଟଣା ଦେଖିଥିବା ଜଣେ ଯୁବକ କାରକୁ ଗୋଡାଇଥିଲେ। ଉକ୍ତ କାର କିଛି ଦୂର ଯିବା ପରେ ଖରାପ ହୋଇ ଅଟକି ଯାଇଥିଲା।



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସିକ୍ୟୁରିଟି କର୍ମଚାରୀମାନେ ବର୍ଦ୍ଧିତ ଦରମା ଓ ଦରମା ସ୍ଲିପ୍ ଦାବିରେ ଶନିବାର ହସ୍ପିଟାଲ ପରିସରରେ ଧାରଣାରେ ବସିଛନ୍ତି।

## ବର୍ଦ୍ଧିତ ଦରମା ଦାବିରେ ସିକ୍ୟୁରିଟି କର୍ମଚାରୀଙ୍କ ଧାରଣା

**ବଲାଙ୍ଗୀର, ୧୧।୫ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସିକ୍ୟୁରିଟି କର୍ମଚାରୀମାନେ ବର୍ଦ୍ଧିତ ଦରମା ଓ ଦରମା ସ୍ଲିପ୍ ଦାବିରେ ଶନିବାର ହସ୍ପିଟାଲ ପରିସରରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି କାରଣରୁ ହସ୍ପିଟାଲ ପରିସରରେ ସୁରକ୍ଷା ପରିଚାଳନା ପ୍ରଭାବିତ ହୋଇଥିଲା । ଦୀର୍ଘ ବର୍ଷ ଧରି ସେମାନେ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କଲେ ମଧ ସେମାନଙ୍କୁ ଠିକ୍ ଭାବେ ଦରମା ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଧାରଣା ସ୍ଥଳକୁ ଆସି ହସ୍ପିଟାଲ ଅଧୀକ୍ଷକ ଡ଼ା ମାନସୀ ପଣ୍ଡା ସିକ୍ୟୁରିଟି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି କହିଥିଲେ।

# ଶୌଚାଳୟ ନାହିଁ, ମହିଳା ଯାତ୍ରୀ ହଟହଟା

ଲାଠୋର,୧୧।୫(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନରେ ଆବଶ୍ୟକତା ଅନୁସାରେ ଶୌଚାଳୟ ନିର୍ମାଣ ହୋଇନାହିଁ। ଯାତାୟତ ସମୟରେ ଶୌଚାଦି ପାଇଁ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷରୁ ଏହି ରାସ୍ତା ଦେଇ ରେଳ ଚଳାଚଳ କରୁଛି। ଉକ୍ତ ଷ୍ଟେଶନ ଉପରେ ସମଗ୍ର ଖପ୍ରାଖୋଲ ବ୍ଲକ ଓ ବେଲପଡ଼ା ଏବଂ କୋମନା ବ୍ଲକର କିଛି ଗ୍ରାମର ଅଧିବାସୀ ନିର୍ଭର କରୁଛନ୍ତି। ଷ୍ଟେଶନରେ ସମୁଦାୟ ତିନି ଗୋଟି ପ୍ଲାଟଫର୍ମ ରହିଛି । ହେଲେ ଆବଶ୍ୟକତା ମୁତାବକ ଶୌଚାଳୟ ନିର୍ମାଣ ହୋଇ ନ ଥିବାରୁ ଯାତ୍ରୀମାନେ ଏଠାକୁ ଆସି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକ ନମ୍ବର ପ୍ଲାଟଫର୍ମରେ ଗୋଟେ ଏବଂ ଦୁଇ ନମ୍ବର ପ୍ଲାଟଫର୍ମରେ ଗୋଟେ ଏହିପରି ମୋଟ ଦୁଇ ଗୋଟି ଶୌଚାଳୟ ରହିଛି। ଏକ ନମ୍ବର ପ୍ଲାଟଫର୍ମରେ କାମ ଚାଲୁ ଥିବା ହେତୁ ସେଠାରେ ଥିବା ଶୌଚାଳୟରୁ ପାଣି ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ଶୌଚାଳୟ ଅକାମି ହୋଇ ପଡ଼ିଛି। ଦୁଇ ନମ୍ବର ପ୍ଲାଟଫର୍ମରେ ରହିଥିବା ଗୋଟେ ମାତ୍ର ଶୌଚାଳୟ କାର୍ଯ୍ୟକ୍ଷମ ରହିଛି। ସଂଖ୍ୟାଧିକ ଯାତ୍ରୀ ଗୋଟେ ମାତ୍ର ଶୌଚାଳୟ ଉପରେ ନିର୍ଭର କରୁଥିବା ହେତୁ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସ୍ଥାନରୁ ଏଠାକୁ ଯାତ୍ରା ପାଇଁ ଆସୁଥିବା ଯାତ୍ରୀ ତଥା ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବା ଶ୍ରମିକମାନେ ଫେରୁଥିବା ହେତୁ ଷ୍ଟେଶନରେ ଶୌଚାଳୟ ପାଇଁ ହଇରାଣ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ରାତିରେ ରେଳକୁ ଅପେକ୍ଷା କରିଥିବା ବେଳେ କିମ୍ବା ରେଳରୁ ଓହ୍ଲାଇ ବିଶ୍ରାମ ନେଉଥିବା ବେଳେ ଶୌଚାଦି ପାଇଁ ହଟହଟା ହେଉଛନ୍ତି। ଶେଷକୁ ସେମାନେ କୌଣସି ଉପାୟ ନ ପାଇ ବାଧହୋଇ ବିପଦକୁ ମୁଣ୍ଡେଇ ଅସୁରକ୍ଷିତ ଭାବେ ଷ୍ଟେଶନ ବାହାରକୁ ଶୌଚାଦି ପାଇଁ ଯାଉଥିବା ଦେଖା ଯାଉଛି। ଏପରି ସ୍ଥଳେ ମହିଳାମାନଙ୍କ ସୁରକ୍ଷାକୁ ନେଇ ସାଧାରଣରେ ଲୋକଙ୍କ ମନେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପର ପକ୍ଷେ ପ୍ଲାଟଫର୍ମ ବାହାରେ କୋଲ ଇଣ୍ଡିଆ ପକ୍ଷରୁ ଏକ ବଡ଼ ଶୌଚାଳୟ ନିର୍ମାଣ କରାଯାଇଥିଲା। ହେଲେ ଷ୍ଟେଶନର ଉନ୍ନୀତକରଣ ହେତୁ ସେହି ଶୌଚାଳୟ କାର୍ଯ୍ୟକ୍ଷମ ହେବା ପୂର୍ବରୁ ତାକୁ ରେଳ ବିଭାଗ ପକ୍ଷରୁ ଭାଙ୍ଗି ଦିଆଗଲା। ବର୍ତ୍ତମାନର ଶୌଚାଳୟ ସମସ୍ୟାକୁ ଦେଖିଲେ ସେହି ଶୌଚାଳୟଟି ଥିଲେ ନିଶ୍ଚିତ ରୂପେ ଯାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଉଛି। ଏନେଇ ଷ୍ଟେଶନ ମାଷ୍ଟର ସଞ୍ଜୀବ କୁମାର ଭୋଇଙ୍କୁ ପଚାରିବାରେ ହରିଶଙ୍କର ରୋଡ ରେଳ ଷ୍ଟେଶନ ଅମୃତ ଭାରତ ଷ୍ଟେଶନର ମାନ୍ୟତା ପାଇବା ଫଳରେ କାମ ଚାଲିଛି। କାମ ସରିଲା ବେଳକୁ ଶୌଚାଳୟ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ତେବେ ଷ୍ଟେଶନରେ ଆବଶ୍ୟକ ମୁତାବକ ଶୌଚାଳୟ ନିର୍ମାଣ ନ ହେବା ଯାଏ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ବୁଥ୍ ସ୍ଥିତି ପରଖିଲେ ନିର୍ବାଚନ ପର୍ଯ୍ୟବେକ୍ଷକ



ବୁର୍ଡାସ୍ଥିତ ବୁଥ ପରିଦର୍ଶନବେଳେ ପର୍ଯ୍ୟବେକ୍ଷକ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

ଲୋଇସିଂହା,୧୧।୫(ସୁଶାନ୍ତ ବାରିକ)

ଆସନ୍ତା ୨୦ରେ ହେବାକୁ ଯାଉଛି ସାଧାରଣ ନିର୍ବାଚନ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ଓ ପୁଇଁତଲା ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜନ ବିଶାଳ । ପର୍ଯ୍ୟବେକ୍ଷକ ବିଶାଳ ଏବଂ ଅତିରକ୍ତ ଜିଲାପାଳ ବିଜୟାନନ୍ଦ ସେଠୀ, ଲୋଇସିଂହା ବିଡିଓ ଅକ୍ଷୟପାଣି ଉଦ୍ଗୁ ,ଜିପିଓ କିଶୋର ମାନସିଂ ପ୍ରମୁଖ ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବୁଢୀପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଯୋଗୀସର୍ଡା ହାଇସ୍କୁଲ ବୁଥ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ମତଦାନ କେନ୍ଦ୍ରରେ ପୋଲିଂ ପାର୍ଟିମାନଙ୍କ ପାଇଁ କଣ ଆନୁସଙ୍ଗିକ ସୁବିଧା ଏବଂ ମତଦାନଦିନ ଭୋଟରଙ୍କ ପାଇଁ କଣ ସବୁ ସୁବିଧା କରାଯିବ ସେ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ସେଠୀଙ୍କୁ ବୁର୍ଡା କେନ୍ଦ୍ରଠାରେ ପଚାରିବୁଝିଥିଲେ ପର୍ଯ୍ୟବେକ୍ଷକ ବିଶାଳ। ଏତଦବ୍ୟତୀତ ପର୍ଯ୍ୟବେକ୍ଷକ ବିଶାଳ ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ, ଶୌଚାଳୟ,ପିଇବା ପାଣି ବ୍ୟବସ୍ଥା ତଦାରଖ କରିଥିଲେ । ଏହି ଅବସରରେ ଉପସ୍ଥିତ ଅଙ୍ଗନୱାଡି କର୍ମୀଙ୍କଠାରୁ ଭୋଟର ତାଲିକା,ଚିରକୁଟ ବଣ୍ଟନ ଉପରେ ପଚାରି ବୁଝିଥିଲେ । ଲୋଇସିଂହା ବ୍ଲକ ବୁଥ ପରିଦର୍ଶନ ସାରି ପୁଇଁତଲା ବ୍ଲକର ବିଲାଇସର୍ଡା ଏବଂ ସାଉଁନ୍ତପୁର ଯାଇ ବୁଥ ସ୍ଥିତି ପରଖିଥିବା ଜଣାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବୁଥ ପରିଦର୍ଶନ ବେଳେ ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ଅବକାଶ ଛୁଟି ସମୟର ବଣ୍ଟନ ହେଉଥିବା ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ମଧ୍ୟାହ୍ନ ଭୋଜନ ଚାଉଳକୁ ହାତରେ ଧରି ଦେଖିବା ସହ ଏହା କଣ ଲୋକାଲ ଚାଉଳ କି ବୋଲି ପ୍ରଶ୍ନ କରିଥିଲେ।

# ବିଜେଡିର ମହିଳା ସମାବେଶ

କଣ୍ଟାବାଞ୍ଜି,୧୧।୫(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର କରୁଆମୁଣ୍ଡା ପଞ୍ଚାୟତ ସର୍ଗିଗୁଡ଼ା ପୁଞ୍ଜିପଥର ମନ୍ଦିର ନିକଟରେ ବିଜେଡିର ମହିଳା ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ହୋଇଛି। ଏହି ସମାବେଶରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ସଂଯୋଜକ ଭୂପିନ୍ଦର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁରେକେଲା ବ୍ଲକ ସଂଯୋଜକ ପ୍ରଶାନ୍ତ ସେଠଙ୍କ ସଂଯୋଜନାରେ ସମାବେଶ ହୋଇଥିଲା। ଏହି ସମାବେଶରେ ଶତାଧିକ ମହିଳା ଏବଂ ମହିଳା ଗୋଷ୍ଠୀର ସଭ୍ୟାମାନେ ସାମିଲ ଥିଲେ। ସଭାରେ ଶତାଧିକ ମହିଳା ପୁରୁଷ ବିଜେଡିର ମିଶ୍ରଣ ପର୍ବରେ ଦଳରେ ସାମିଲ ହୋଇଥିଲେ। ସଭାରେ ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ପିଙ୍କି ଖର୍ସେଲ ମଞ୍ଚ ପରିଚାଳନା କରିଥିଲେ।



ମହିଳା ସମାବେଶ ରେ ଭୂପିନ୍ଦର ସିଂ ଓ ଅନ୍ୟମାନେ ମଞ୍ଚାସୀନ ଅଛନ୍ତି।

# ସରକାର ବଦଳିଲେ ଡିପିଆର ବଦଳିବ

ବଲାଙ୍ଗୀର,୧୧।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପଥରଚେପାଠାରେ ଶନିବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ଓଡିଶାରେ ବିଜେଡି ସରକାର ବଦଳି ଭାଜପା ସରକାର ଆସିବ। ସରକାର ବଦଳିଲେ ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ପ୍ରକଳ୍ପର ଡିପିଆର ବଦଳିବ ବୋଲି ଡ. ମୁକେଶ ମହାଲିଙ୍ଗ ବିଜୟ ସଂକଳ୍ପ ସମାବେଶରେ କହିଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀର ଯେଉଁ ଅଞ୍ଚଳକୁ ଲୋୟର ସୁକତେଲ ପ୍ରକଳ୍ପରୁ ପାଣି ମିଳୁନାହିଁ ସେହି ଅଞ୍ଚଳକୁ କିଭଳି ପାଣି ମାଡିବ ସେ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

### ପ୍ରଧାନମନ୍ତ୍ରୀଙ୍କ ସଭାରେ ଉଠିଲା ସୁକ୍‌ତେଲ ପ୍ରକଳ୍ପ ପ୍ରସଙ୍ଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରର ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ ଥିବାବେଳେ ପାଟଣାଗଡ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ପାଣି ନ ଥାଇ କିଭଳି ସେ ତରବରିଆ ଭାବେ ଏହି ଡ୍ୟାମ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଅମଳରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ ଏଆଇବିପିରୁ ଅର୍ଥବ୍ୟବସ୍ଥା କରିଥିବା କହିଥିଲେ।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ଗସ୍ତର ଏପାଖ ସେପାଖ**

### ଟାଇଗର ଲଢ଼ ରାହା ହୈ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ସଭାରେ କଣ୍ଟାବାଞ୍ଜି ଆସନରେ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଲକ୍ଷ୍ମଣ ବାଗଙ୍କୁ ଶେର୍ (ସିଂହ) ବୋଲି ସମ୍ବୋଧାନ କରି ସିଂହ ଲଢୁଛି ବୋଲି କହି ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଉଚିତ୍ ଜବାବ ଦେବେ ବୋଲି କହିଥିଲେ। କଣ୍ଟାବାଞ୍ଜି ଆସନର ନାମ ପଚାରିବାକୁ ଯାଇ ଲକ୍ଷ୍ମଣଙ୍କୁ ଦେଖିବା ପରେ ଲକ୍ଷ୍ମଣ ତତ୍‌କ୍ଷଣାତ୍ ଛିଡା ହୋଇ ଆସନର ନାଁ କଣ୍ଟାବାଞ୍ଜି ବୋଲି କହିଦେଇଥିଲେ। ଲକ୍ଷ୍ମଣଙ୍କ କହିବା ଦେଖି ଲୋକସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ମଧ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚାଲିଯାଇ କଣ୍ଟାବାଞ୍ଜି ବୋଲି ଉଚ୍ଚାରଣ କରିବା ଦେଖାଯାଇଥିଲା।

### ହିସାବ ଦେଲେ ଏମପି ସଙ୍ଗୀତା କୁମାରୀ

ଆଜିର ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ ସହସ୍ରାଧିକ ଲୋକଙ୍କ ସମ୍ମୁଖରେ ଲୋକସଭା ପ୍ରାର୍ଥୀ ତଥା ଏମପି ସଙ୍ଗୀତା କୁମାର ସିଂଦେଓ ତାଙ୍କ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ସୋନପୁର ସଭାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା କହିଥିଲେ ଯେ, ସଙ୍ଗୀତା ଦେବୀ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହ ଲଢ଼େଇ କରି ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିକାଶ ମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା କହିଥିଲେ। ତେବେ ଏହା ଉପରେ କିଛି ଲୋକ ପ୍ରଶ୍ନ କରିଥିବାରୁ ସେ କେଉଁ ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ତାହାର ସୂଚନା ଦେଇଥିଲେ।

### ପ୍ରଧାନମନ୍ତ୍ରୀଙ୍କ ସଭାରେ ନିଭ୍ରିତି ସିଂ ମେୱାର

ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ସଭାରେ ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଓ ଏମପି ପ୍ରାର୍ଥୀ ସଙ୍ଗୀତା ଦେବୀଙ୍କ ଏକମାତ୍ର ଝିଅ ମେୱାର ରାଣୀ ନିଭ୍ରିତି କୁମାରୀ ସିଂ ମେୱାର ବସିଥିବା ଦେଖାଯାଇଥିଲା। ସେ ମହାରାଜା ରାଣାପ୍ରତାପଙ୍କ ୬୮ତମ ବଂଶଧରଙ୍କ ବୋହୂ ବୋଲି ପରିଚୟ ଦିଆଯାଇଥିଲା। ନିଭ୍ରିତ ସଭାରେ ପ୍ରଧାନମନ୍ତ୍ରୀଙ୍କୁ ଇଷ୍ଟଦେବୀ ପାଟଣେଶ୍ୱରୀଙ୍କ ଏକ ଫଟୋ ଉପହାର ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସଭାରେ ନିଭ୍ରିତିଙ୍କ ଉପସ୍ଥିତିକୁ ନେଇ କିଛି ଲୋକ ଆଗାମୀ ନିବାଚନରେ ସେ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା କରୁଥିବା ଶୁଣିବାକୁ ମିଳିଥିଲା।

### ଧରମ ସିଂ ମାନ୍ଧାତାଙ୍କ ଫଟୋ ଉପହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ବଲାଙ୍ଗୀରର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଆଟଗାଁ ଜମିଦାର ଧରମ୍ ସିଂ ମାନ୍ଧାତାଙ୍କ ଏକ ଫଟୋ ଉପହାର ଦେଇଥିଲେ। ଏହି ଅବସରରେ ସେ କିଭଳି ଲୋୟର ସୁକ୍‌ତେଲ ପ୍ରକଳ୍ପ, ବାଇପାସ୍ ରାସ୍ତା ପାଇଁ ଆନ୍ଦୋଳନ କରିଥିଲେ ସେନେଇ ଲୋକଙ୍କୁ କହିଥିଲେ। ପ୍ରତିପକ୍ଷ ପ୍ରାର୍ଥୀଙ୍କ ପକ୍କା ବଲାଙ୍ଗିରିଆ ଓ ଆମେ ବଲାଙ୍ଗୀର ନାରାକୁ ଉଲ୍ଲେଖକରି ତାଙ୍କର ଜୟ ବଲାଙ୍ଗୀର ନାରାକୁ ସେମାନେ ସ୍ମରଣ କରିଥିବା କହିଥିଲେ। ସଭାରେ ଅନ୍ୟ ପ୍ରାର୍ଥୀମାନେ ସମ୍ବଲପୁରୀ କରିଆ, ମଠା, ଧାନ କାରିଗରୀ ଉପହାର ଦେଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ ଲଢ଼େଇ



ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ଗାଁରେ ବୁଲି ଭୋଟ ଭିକ୍ଷା କରୁଛନ୍ତି।



ବିଜେଡିର ନିର୍ବାଚନୀ ସଭାରେ ଉପସ୍ଥିତ କର୍ମକର୍ତ୍ତା।

**କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ**

କଣ୍ଟାବାଞ୍ଜି, ୧୧।୫(ଗୁରୁଦୟାଲ ହଂସ)

ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି। ବିଜେଡିରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ସନ୍ତୋଷ ସିଂ ସାଲୁଜା ପ୍ରାର୍ଥୀ ହୋଇଛନ୍ତି। ଭାଜପାରୁ ଲକ୍ଷ୍ମଣ ବାଗ ପୁଣି ୩ୟ ଥର ପାଇଁ ପ୍ରାର୍ଥୀ ହୋଇ ନିର୍ବାଚନ ମଇଦାନରେ ଅଛନ୍ତି। ଗତ ୨୦୧୯ ନିର୍ବାଚନରେ ମାତ୍ର ୧୨୮ ଭୋଟରେ କଂଗ୍ରେସ ବିଧାୟକ ସାଲୁଜାଙ୍କଠାରୁ ଲକ୍ଷ୍ମଣ ପରାଜିତ ହୋଇଥିଲେ। ଲକ୍ଷ୍ମଣଙ୍କ ସାଙ୍ଗଠନିକ ନେତୃତ୍ୱ ଯୋଗୁଁ ଦଳ ପୁଣି ଥରେ ଭରସା କରି ପ୍ରାର୍ଥୀ କରିଛି। କଣ୍ଟାବାଞ୍ଜି ଅଞ୍ଚଳରେ ଦାଦନ ଶ୍ରମିକ ଚାଲାଣ ସହ ଅନେକ ସମସ୍ୟା ରହିଛି। ଶାସକ ଦଳର ନେତାକର୍ମୀମାନେ ବିଭିନ୍ନ ଯୋଜନାକୁ ନେଇ ମତଦାତାଙ୍କ ନିକଟତର ହେଉଥିବା ବେଳେ କଂଗ୍ରେସ ବିଧାୟକ ସାଲୁଜା ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥୀତ୍ୱ ଅଞ୍ଚଳବାସୀଙ୍କୁ କେତେ ସହାୟକ ହେବ ସେନେଇ ଭୋଟରଙ୍କୁ କହୁଛନ୍ତି। ଦୁଃଖସୁଖରେ ଆମେ ସାମିଲ ହେଉଛୁ ବୋଲି ସାଲୁଜା ଲୋକଙ୍କୁ କହିବା ସହ ତାହା ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କରିପାରିବେ କି ବୋଲି ଭୋଟଦାତାଙ୍କୁ କହି ସମର୍ଥନ ଭିକ୍ଷା କରୁଛନ୍ତି। ସେହିପରି ଭାଜପାର ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ ଅଞ୍ଚଳର ବିକାଶ ପାଇଁ ଦୁଃଖସୁଖର ସାଥୀ ଗାଁ ମାଟିର ହୋଇଥିବାରୁ ଭାଜପା ସପକ୍ଷରେ ମତଦାନ କରିବାକୁ କହୁଛନ୍ତି। କଣ୍ଟାବାଞ୍ଜିର ସମସ୍ୟା ମଧ୍ୟରେ ଜଳସେଚନ, ଦାଦନ ଚାଲାଣ, ବିଶୁଦ୍ଧ ପାନୀୟ ଜଳଯୋଗାଣ ସହିତ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟାଘାତ ହେଉଛି। ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା, ସିନ୍ଧେକେଲା ତଥା କଣ୍ଟାବାଞ୍ଜିରେ ଥିବା ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ଲୋକେ ସ୍ୱାସ୍ଥ୍ୟଗତ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ଲୋକଙ୍କୁ କହୁଛନ୍ତି। ତେଣୁ ଏହିସବୁ ସମସ୍ୟାର ସମାଧାନ ପାଇଁ ଭାଜପାକୁ ଭୋଟ ଦେବାକୁ କହୁଛନ୍ତି। ଏପରିକି ଓଡିଶାରେ ଗତ ୨୫ ବର୍ଷର ବିଜେଡି ଶାସନ ଏବଂ କଣ୍ଟାବାଞ୍ଜିରେ ୨୦ ବର୍ଷର କଂଗ୍ରେସ ବିଧାୟକ ସାଲୁଜା କୌଣସି ଉନ୍ନୟନମୂଳକ କାର୍ଯ୍ୟ କରି ନ ଥିବା ଅଭିଯୋଗ କରି ଭୋଟରଙ୍କୁ କହୁଛନ୍ତି। କଣ୍ଟାବାଞ୍ଜି ସହରର ମୁଖ୍ୟ ଜଳଉସ ପମ୍ପୁ ତଲାବ(ସାଗର)ର ଉନ୍ନତୀକରଣ ନାମରେ ଟଙ୍କା ହେରଫେର କରାଯାଇଥିବାରୁ ବିଜେଡି ଓ କଂଗ୍ରେସକୁ ଉଚିତ ଜବାବ ଅଞ୍ଚଳବାସୀ ଦେବେ ବୋଲି ଲକ୍ଷ୍ମଣ ବାଗ ନିଜ ପ୍ରଚାରରେ ଭୋଟଦାତାଙ୍କୁ ସଭା ସମିତିରେ କହୁଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମର୍ଥନରେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ହୋଇଥିବା ରଞ୍ଜୁବାଲା ବେହେରା ଏବଂ ତୁରେକେଲା ବ୍ଲକ ଅଧକ୍ଷା ହୋଇଥିବା ପୂଜା ବେହେରାଙ୍କ କଂଗ୍ରେସ ଛାଡ଼ି ସିଧାସଳଖ ଭୁବନେଶ୍ୱରରେ ଶୁକ୍ରବାର ଶଙ୍ଖ ଭବନକୁ ଯାଇ ବିଜେଡିରେ ସାମିଲ ହୋଇଛନ୍ତି। ଏତେ ସତ୍ତ୍ୱେ ବର୍ତ୍ତମାନ ଏଠାରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖି ଲଢ଼େଇ ହେବ ବୋଲି ଭୋଟରଙ୍କ ମଧ୍ୟରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ଲବ ସାହୁ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି

**ସୋନପୁର, ୧୧।୫(ମୃତ୍ୟୁଞ୍ଜୟ ଶତପଥୀ)**



ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁଙ୍କୁ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତିଭାବେ ନିଯୁକ୍ତି ମିଳିଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବରିଷ୍ଠ ନେତା ସାହୁଙ୍କୁ ଏହି ନିଯୁକ୍ତି ମିଳିଛି। ସାହୁ ଦୀର୍ଘ ବର୍ଷ ଧରି କଂଗ୍ରେସ ଦଳ ସହ ଜଡିତ ହୋଇ ରହିଛନ୍ତି। ଏକାଧିକ ଥର ସରପଞ୍ଚ ଓ ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ସହିତ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦଳରୁ ଏକମାତ୍ର ଜିଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇ ନିଜର ସାଙ୍ଗଠନିକ ଦକ୍ଷତା ପ୍ରତିପାଦିତ କରିଛନ୍ତି। ସେ ଏବେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଅଛନ୍ତି। ବରିଷ୍ଠ ନେତା ଗୌରିଶ୍ୟାମ ପଣ୍ଡା ଜିଲା କଂଗ୍ରେସ କମିଟି ସଭାପତି ପଦରୁ ଗତ ଡିସେମ୍ବର ମାସରେ ଇସ୍ତଫା ଦେଇଥିଲେ। ପରେ ପ୍ରାକ୍ତନ ସୋନପୁର ବିଧାୟକ ବିନୋଦ ପାତ୍ରଙ୍କୁ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ନିକଟରେ ଟିକେଟ୍ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପାତ୍ର କଂଗ୍ରେସ ଦଳ ଓ ଦଳୀୟ ପଦ ପଦବୀରୁ ଉସ୍ତଫା ଦେଇଥିଲେ। ସେହି ଦିନ ଠାରୁ ଜିଲା କଂଗ୍ରେସ କମିଟିର ସଭାପତି ପଦ ଖାଲି ପଡିଥିଲା।

### ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ଅମରପାଲି, ୧୧।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ଜନକପୁର



ଗ୍ରାମର ଜଣେ ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଜଣକ ହେଲେ ଜନକପୁର ଗ୍ରାମର ରଶ୍ମି ରଞ୍ଜନ ପ୍ରଧାନ(୨୦)। ସେ କିଛି ଦିନ ହେଲା ଅସୁସ୍ଥ ହେବାରୁ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ହେବାରୁ ତାଙ୍କୁ ସମ୍ବଲପୁର ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିଲା। ତାଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଖଣ୍ଡହତାରେ ଏକ ଦୋକାନ କରି ବ୍ୟବସାୟ କରିଥିଲେ। ତାଙ୍କ ବିୟୋଗ ରେ ଅଞ୍ଚଳରେ ଶୋକର ଛାୟା ଖେଳାଇ ଯାଇଛି।

### ବରିଷ୍ଠ କଂଗ୍ରେସ ନେତା ଗୁଣାକର ପ୍ରଧାନଙ୍କ ପରଲୋକ

**ଅମରପାଲି, ୧୧।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ଗ୍ରାମର ବରିଷ୍ଠ କଂଗ୍ରେସ ନେତା



ଗୁଣାକର ପ୍ରଧାନ(୮୩) ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ଶୁକ୍ରବାର ଅସୁସ୍ଥତା ଅନୁଭବ କରିବା ପରେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଉଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ହେଲା କଂଗ୍ରେସର ଜଣେ ସକ୍ରିୟ କର୍ମୀଭାବେ କାମ କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳାଇ ଯାଇଛି। ବୀରମହାରାଜପୁର ଜୋନ ୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ରାଘୁବୀର ପାଣିଗ୍ରାହୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ପୂର୍ବତନ ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସମେତ ଅନେକ ବ୍ୟକ୍ତିବିଶେଷ ଅନ୍ତିମ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକ ମାତ୍ର ପୁତ୍ର ରଘୁନାଥ ପ୍ରଧାନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ତାଙ୍କ ସ୍ତ୍ରୀ, ଝିଅ ଡ଼ାକ୍ତର ବିଳାସିନୀ ପ୍ରଧାନପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୋନପୁର, ୧୧।୫(ମୃତ୍ୟୁଞ୍ଜୟ ଶତପଥୀ)**




ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ ବୃନ୍ଦ।

ଷଷ୍ଠ ରାଷ୍ଟ୍ରୀୟ ଲୋକ ଅଦାଲତ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ ରଶ୍ମି ମୋହନ ଅଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାର ଅଦାଲତ ଜଜ ପ୍ରଜ୍ଞା ପାଣିଗ୍ରାହୀ, ଅତିରିକ୍ତ ଜିଲା ଜଜ ପୂର୍ଣ୍ଣିମା ଜେନା, ମୁଖ୍ୟ ବିଚାର ବିଭାଗୀୟ ମିଜିଷ୍ଟ୍ରେଟ୍ ପ୍ରିୟ ରଞ୍ଜନ ବାରିକ୍, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଦ୍ୟସ୍ନାତା ପତି, ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦେଷ୍ଣା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମନସ୍ୱିନୀ ମହାପାତ୍ର, ଜେଏମ୍ଏସସି ବିଭୁ ପ୍ରସାଦ ନାୟକ, ସରକାରୀ ଓକିଲ ବ୍ୟୋମୋକେଶ ଦାଶ, ଓକିଲା ବିଧାନ ଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ କୁମାର ନନ୍ଦ, ଗଦାଧର ନେଗୀ, ବ୍ରଜେନ୍ଦ୍ର କୁମାର ବିଶି, ସାନନ୍ଦ ବିହାରୀ ମହାପାତ୍ର, ପ୍ରଣତି

**୧୩୨ ମାମଲା ଫଇସଲା, ୫୧.୭୪ଲକ୍ଷ ଜରିମାନା ଆଦାୟ**

କୁମ୍ଭାର, ନିମାଇଁ ପାଣିଗ୍ରାହୀ ଓ ଶିବ ନାରାୟଣ ମହାପାତ୍ର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି, ଜଳ ବିବାଦ ଓ ମୋଟର ଯାନ ଦୁର୍ଘଟଣା ଭଳି ୨୬୬୧ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୫୯ଟିର ଫଇସଲା କରାଯାଇ ମୋଟ ୧୬ଲକ୍ଷ ୭୨ହଜାର ୧୬ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ଖାଉଟି, ବୈବାହିକ, ଅପରାଧ ଓ ଚେକ୍ ବାଉନ୍ସ ଭଳି ୨୫୪ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୭୩ଟି ମାମଲାର ଫଇସଲା କରାଯାଇ ୩୫ଲକ୍ଷ ୨ହଜାର ୭୨୫ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସର୍ବମୋଟ ୧୩୨ଟି ମାମଲାର ଫଇସଲା କରାଯାଇ ୫୧ଲକ୍ଷ ୭୪ହଜାର ୯୭୬ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରି ଶଙ୍କର ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ରଞ୍ଜନ କୁମାର ଭୋଇ, ଅନାମ ସାହୁ ଓ ବେଣୁଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରଲିରେ ମଶାଣି ଗଲା ମୃତଦେହ

**ବୌଦ୍ଧ, ୧୧।୫(ଅଜିତ କୁମାର ବାରିକ)**

**ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାପାଙ୍କ ଶବକୁ ମିଳିଲାନି ୪ କାନ୍ଧ**

ବୌଦ୍ଧ ସହରାଞ୍ଚଳର ଏକ ବସ୍ତିରେ ଶନିବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାପାଙ୍କ ଶବକୁ ମିଳିଲାନି ଚାରି କାନ୍ଧ। ଫଳରେ ଟ୍ରଲିରେ ମଶାଣିକୁ ନିଆଯାଇଥିଲା ମୃତଦେହ। ବୌଦ୍ଧ ସହରାଞ୍ଚଳ ବାପୁଜୀନଗର ବସ୍ତିର ନୀଳାମ୍ବର ମେହେରଙ୍କ ଝିଅ ସୁମି ଅନ୍ୟ ଜାତିରେ ବିବାହ କରିଥିଲେ। ବାପା, ମା'ଙ୍କ ସହିତ ଦୁଇ ପୁଅ ଓ ଝିଅଙ୍କୁ ଧରି ବାପଘରେ ବାପୁଜୀ ନଗରରେ ସୁମି ରହିଆସୁଥିଲେ। ଶୁକ୍ରବାର ରାତିରେ ନୀଳାମ୍ବରଙ୍କ ମୃତ୍ୟୁ ହୋଇଯାଇଥିଲା। ବାପାଙ୍କ ମୃତ୍ୟୁ ପରେ ସୁମି ଜାତିଭାଇ ଓ ସାହିପଡିଶାଙ୍କୁ ଶବ ସତ୍କାର ପାଇଁ ଡାକିଥିଲେ। ସୁମି ଅନ୍ୟ ଜାତିରେ ବିବାହ କରିଥିବାରୁ ଜାତିଭାଇ କି ସାହିପଡିଶା କେହି ଆସି ନ ଥିଲେ। ଜାତି ସମାଜ ଭୋଜି ଦେଲେ ଯାଇ ଶବ ନେବାକୁ କହିଥିବା ସୁମି ଅଭିଯୋଗ କରିଛନ୍ତି। ଶେଷରେ ବାପର ଶବ ଉଠାଇବାକୁ ନିରୁପାୟ ହୋଇ ପୋଲିସ ନିକଟରେ ପହଞ୍ଚିଥିଲେ। ସନ୍ଧ୍ୟାସୁଦ୍ଧା ଜାତି ସମାଜ ମୃତଦେହ ନ ଉଠାଇଲେ ଥାନାକୁ ଆସିବାକୁ ପୋଲିସ କହିଥିଲା। ପୋଲିସ ନିକଟରୁ ନିରାଶ ହୋଇ ଫେରିବା ପରେ ସୁମି ପରିବାର ଲୋକଙ୍କ ସହ ମିଶି ବାପାଙ୍କ ଶବ ସତ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ପୁଅ ଚଳାଉଥିବା ଟ୍ରଲିରିକ୍ସାରେ ବାପାଙ୍କ ମୃତଦେହକୁ ନେଇ ମଶାଣିରେ ସତ୍କାର କରିଥିଲେ।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକଅଦାଲତ




ଜିଲା ଦୌରାଜଜ ମାମଲା ଫଇସଲା କରୁଛନ୍ତି।

**ବୌଦ୍ଧ, ୧୧।୫ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକଅଦାଲତରେ ୬୧ଗୋଟି ବିଚାରଧିନ କେସ ଯଥା ମୋଟର ଦୁର୍ଘଟଣାଜନିତ, ପାରିବାରିକ ମାମଲା, ଦେୱାନି, ଫୌଜଦାରୀ ମୋକଦମା, ଗ୍ରାହକ ବିବାଦ ଆଦି ଫଇସଲା କରି ୧୭ ଲକ୍ଷ ୨୮ହଜାର ୫୦୩ ଟଙ୍କର ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅଞ୍ଜନା ସ୍ୱାଇଁ, ଅତିରିକ୍ତ ଜିଲା ଦୌରାଜଜ ସରୋଜିନି ପତି, ସବଜଜ୍ ସୀତିକଣ୍ଠ ପ୍ରଧାନ, ଆଇନ ପ୍ରାଧିକରଣ ସଚିବ ସାସ୍ୱତି ମିଶ୍ର, ଏସଡିଜେଏମ ସଙ୍ଗିତା ଦାସ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ଯୋଗ ଦେଇ ମାମଲାଗୁଡିକ ଫଇସଲା କରିଥିଲେ।

# କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର



ଜଟେସିଂହାରେ କଂଗ୍ରେସର ନିର୍ବାଚନୀ ପ୍ରଚାରରେ ଦଳୀୟ ନେତୃବର୍ଗ।

**ଅମରପାଲି, ୧୧।୫(ପୀତାମ୍ବର ସାହୁ)**

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଉଫୁଲା, ବାଗବର, ଚମ୍ପାମାଳ, ଜଟେସିଂହା, ମୁର୍ଷୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀଙ୍କ ନିର୍ବାଚନୀ ପ୍ରଚାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ସେଠୀ ତାଙ୍କ ସମର୍ଥକ ଓ ଦଳୀୟ କର୍ମୀଙ୍କ ସହିତ ଗାଁଗାଁକୁ ଯାଇ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ତାଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେସେ କଂଗ୍ରେସର ଗ୍ୟାରେଣ୍ଟି ଯୋଜନାଗୁଡ଼ିକ ଲୋକଙ୍କୁ ବୁଝାଇଥିଲେ। ତାଙ୍କ ସହିତ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଲବ କୁମାର ସାହୁ, ପୂର୍ବତନ ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, କଳ୍ପତରୁ ମହାକୁର, ବାବୁଲାଲ ସାହୁ, ରାଧେଶ୍ୟାମ ଶଙ୍ଖୁଆ, ଗଣେଶ ଚାନ୍ଦ, ବିକାଶ ପଣ୍ଡା, ସୁରେଶ ପଣ୍ଡା, ସୁଲିଲ ପଣ୍ଡା ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ। ବୀରମହାରାଜପୁର ଉପକଣ୍ଠ ଉଫୁଲା ପଞ୍ଚାୟତର କମଳପୁର, ଟିଠୀପାଲି, ବାଗବର ପଞ୍ଚାୟତ ର କେନ୍ଦୁପାଲି, ବାଗବର ସମେତ ଚମ୍ପାମାଳ, ଚମ୍ପାପୁର, ଷଣ୍ଢ, ସୁବଳୟା, ଟିକ୍ରାପଡ଼ା, ଜଟେସିଂହା, ବଡଖମାର, ମାଣିକପୁର, ମୁର୍ଷୁଣ୍ଡି ଆଦି ଗ୍ରାମକୁ ଯାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ଓ କର୍ମୀମାନେ ଦଳ ସପକ୍ଷରେ ପ୍ରଚାର କରିଛନ୍ତି। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ଲୋକଙ୍କୁ ଦଳୀୟ ଏମ୍ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

# ବାଇକକୁ ପିଟିଲା କାର, ପରିବାରର ୪ ଗୁରୁତର

**ଲୋଇସିଂହା, ୧୧।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର – ବରଗଡ଼ ୨୬ ନଂ. ଜାତୀୟ ରାଜପଥ ଫାସଡ ନିକଟସ୍ଥ ସୁକତେଲ ବ୍ରିଜରେ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟିଛି। ବଲାଙ୍ଗିର ପଟୁ ଆସୁଥିବା ଏକ କାର ସାମ୍ନା ପଟୁ ଆସୁଥିବା ଏକ ବାଇକକୁ ମୁହାଁମୁହିଁ ଧକ୍କା ଦେଇଥିଲା। ବାଇକରେ ଥିବା ପୁଆ ଗ୍ରାମର ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶେଷ କୁମ୍ଭାର, ସ୍ତ୍ରୀ ସୀମା, ଦୁଇ ପୁଅ ଅନୀଲ ଓ ଆଦିଲ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଦୁର୍ଘଟଣା ଘଟାଇ ଥିବା ଯୁବକମାନେ ସ୍ଥାନୀୟ ଅଧିବାସୀଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସୀମା ପରିବାର ସହ ଫାସଡ ଗାଁକୁ ଆସି ପୁଆକୁ ଫେରିବା ବାଟରେ ଫାସଡ ନିକଟସ୍ଥ ସୁକତେଲ ବ୍ରିଜ ଉପରେ ଦୁର୍ଘଟଣାର ଶିକାର ହୋଇଥିଲେ। ବଲାଙ୍ଗିର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ଘଟିବା ପରେ କାରରେ ଥିବା ଯୁବକମାନେ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଉଠାଇ ଡାକ୍ତରଖାନା ନେବା ବଦଳରେ ସେଠାରୁ ଫେରାର ମାରିଥିଲେ। ଦୁର୍ଘଟଣା ଦେଖିଥିବା ଜଣେ ଯୁବକ କାରକୁ ଗୋଡାଇଥିଲେ। ଉକ୍ତ କାର କିଛି ଦୂର ଯିବା ପରେ ଖରାପ ହୋଇ ଅଟକି ଯାଇଥିଲା।

# ବର୍ଦ୍ଧିତ ଦରମା ଦାବିରେ ସିକ୍ୟୁରିଟି କର୍ମଚାରୀଙ୍କ ଧାରଣା

**ବଲାଙ୍ଗୀର, ୧୧।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସିକ୍ୟୁରିଟି କର୍ମଚାରୀମାନେ ବର୍ଦ୍ଧିତ ଦରମା ଓ ଦରମା ସ୍ଲିପ୍ ଦାବିରେ ଶନିବାର ହସ୍ପିଟାଲ ପରିସରରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି କାରଣରୁ ହସ୍ପିଟାଲ ପରିସରରେ ସୁରକ୍ଷା ପରିଚାଳନା ପ୍ରଭାବିତ ହୋଇଥିଲା। ଦୀର୍ଘ ବର୍ଷ ଧରି ସେମାନେ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କଲେ ମଧ୍ୟ ସେମାନଙ୍କୁ ଠିକ୍ ଭାବେ ଦରମା ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଧାରଣା ସ୍ଥଳକୁ ଆସି ହସ୍ପିଟାଲ ଅଧୀକ୍ଷକ ଡ଼ା ମାନସୀ ପଣ୍ଡା ସିକ୍ୟୁରିଟି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି କହିଥିଲେ।

# ଭାଜପାର ମିଶ୍ରଣ ପର୍ବ

**ଅମରପାଲି, ୧୧।୫(ପୀତାମ୍ବର ସାହୁ)**

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ନାକଡେଇଁ ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ଶନିବର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଓ କଗ୍ରେସ ଦଳ ଛାଡ଼ି ଉକ୍ତ ବ୍ଲକ ର ବିଭିନ୍ନ ଗ୍ରାମର ୨୮ ଜଣ ଯୁବକ ଭାଜପାରେ ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଖେମାଲୋଏ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାତ୍ର ତାରିଆ ରହିଛନ୍ତି। ଏହି ଅବସରରେ ଭାଜପା ବିଧାୟକ ପ୍ରାର୍ଥୀ ଇଂ.ରଘୁନାଥ ଜଗଦଲା ଯୋଗଦେଇ ଦଳରେ ଯୋଗଦେଇଥିବା ଯୁବକମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ଉଷା କୁମାରୀ, ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ରାଧାକାନ୍ତ ମହାକୁର, ରଶ୍ମିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ଉକ୍ତ ଯୁବକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ଏହି ଯୁବକମାନେ ଦଳରେ ସାମିଲ ହେବା ପରେ ଉଲୁଣ୍ଡାରେ ଦଳ ଅଧିକ ସକ୍ରିୟ ହୋଇପାରିବ ବୋଲି ଭାଜପା ପ୍ରାର୍ଥୀ ରଘୁନାଥ ପ୍ରକାଶ କରିଛନ୍ତି।

# କୋର୍ଟ ପରିସରରେ ସରବତ ବିତରଣ

**ସୋନପୁର, ୧୧।୫(ମୃତ୍ୟୁଞ୍ଜୟ ଶତପଥୀ)**

ମାରୱାଡି ଯୁବା ମଞ୍ଚ ପକ୍ଷରୁ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ସରବତ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଭିଡ ତଥା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯୁବା ମଞ୍ଚ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ସରବତ ବିତରଣ କରା ଯାଇଥିଲା। ମାରୱାଡି ଯୁବାମଞ୍ଚ ସୁବର୍ଣ୍ଣପୁର ଜିଲା ଶାଖାର ସଭାପତି ମନୋଜ କୁମାର ଅଗ୍ରୱାଲ, ସମ୍ପାଦକ ଅଙ୍କିତ ଅଗ୍ରୱାଲ, ମାରୱାଡି ସମାଜର ସଭାପତି ଗୋପାଳ ଭୁତ, ନନ୍ଦକିଶୋର କମାଣି, ଅମିତ ଅଗ୍ରୱାଲ, ପ୍ରହ୍ଲାଦ ଅଗ୍ରୱାଲ, ମହେଶ ଭୁତ, ଶେଖର ଭୁତ, ନନ୍ଦ କିଶୋର ଅଗ୍ରୱାଲ, ରାଜ କୁମାର ଅଗ୍ରୱାଲ ଓ ଉମେଶ କମାଣି ପ୍ରମୁଖ ସହଯୋଗ କରିଥିଲେ।



ମାରୱାଡି ଯୁବାମଞ୍ଚର କର୍ମକର୍ତ୍ତା ସରବତ ବିତରଣ କରୁଛନ୍ତି।

# ମା' ବସ୍ତ୍ରତରେନ ଦଳ ବିଜୟୀ



ଖେଳାଳିଙ୍କ ସହ ଅତିଥି।

**ଖୁଣ୍ଟିଗୋରା ୧୧।୫ (ମକରନ୍ଦ ସାହୁ)**

**ଖୁଣ୍ଟିଗୋରା ପଞ୍ଚମ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରାସ୍ଥିତ ସତସଙ୍ଗ ପଡ଼ିଆରେ ଖୁଣ୍ଟିଗୋରା କିକ୍ରେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କିକ୍ରେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମା' ବସ୍ତ୍ରତରେନ ଦଳ ଏବଂ ସିଙ୍ଗାରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମା' ବସ୍ତ୍ରତରେନ ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ୬ ଓଭରରେ ୨ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ସିଙ୍ଗାରି ଦଳ ୬ ଓଭର ଖେଳରେ ୩ ଉଇକେଟ ହରାଇ ୭୦ ରନ ସଂଗ୍ରହ କରି ପରାଜିତ ବରଣ କରିଥିଲେ। ମନୋଜ ସାହୁ ଓ ଅନିଲ ସାହୁ ଖେଳ ପରିଚାଳନା କରିଥିଲେ। ଟିକୁ ସାହୁ ଧାରା ବିବରଣୀ ପ୍ରଧାନ କରିଥିଲେ। ରିତିବନ୍ତ ସାହୁ ସ୍କୋରର ଦାଇତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ଫିରିକିଆ ଉପାଧ୍ୟକ୍ଷ ଅଜିତ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟିଗୋରା ସରପଞ୍ଚ ପ୍ରତିନିଧି ଧିରୋଜ ଭୋଇ, ସମାଜସେବୀ ଅଶୋକ ସାହୁ, ମନ୍ଦୋଧର ବେହେରା, ରିତିବନ୍ତ ସାହୁ, ଗଙ୍ଗା ସାହୁ, ପବିତ୍ର ଭୋଇ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସୁବୋଧ ସାହୁ, କେଦାର ସାହୁ, ଲମ୍ବ ବେହେରା, ଗୌରବ ସାହୁ, ଟିଙ୍କୁ ବେହେରା, ଶିବା ସାହୁ, କାହ୍ନା ସାହୁ, ଘନ ବାଘ, ଲକ୍ଷ୍ମୀକାନ୍ତ ସାହୁ, ଖୁଣ୍ଟି ଗୋରା କ୍ରିକେଟ କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ରାଜଗାଙ୍ଗପୁର,୧୧।୫(ଅଶୋକ ପାଣି):** ପୋଖରୀରେ ବୁଡ଼ି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଝଗରପୁର ପଞ୍ଚାୟତ କେଶରଗଡ଼ ଗ୍ରାମର ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଫିରୋଜ ମିଞ୍ଜ୍। ରାଜଗାଙ୍ଗପୁର ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଫିରୋଜ ନିଜ ପୁଅ ମୁକେଶ ସହ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହଠାତ୍ ପାଣିରେ ସେ ବୁଡ଼ିଯାଇଥିଲେ। ପୁଅ ମୁକେଶ ଏହା ଦେଖି ଘରେ କହିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦହି ସରବତ ବଣ୍ଟନ

**ବଡ଼ଗାଁ,୧୧।୫( ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଛାତ୍ର ବିଜୁ ଜନତା ଦଳ ତରଫରୁ ସାପ୍ତାହିକ ବଜାରରେ ଦହି ସରବତ ବଣ୍ଟନ କରାଯାଇଛି। ତଳସରା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକଙ୍କ ନିର୍ଦ୍ଦେଶ କ୍ରମେ ରୁନଗା ପଞ୍ଚାୟତ ସିଆମାଲ ଗ୍ରାମର ସାପ୍ତାହିକ ବଜାରରେ ଛାତ୍ର ବିଜୁ ଜନତା ଦଳ ତରଫରୁ ଦହି ସରବତ ବଣ୍ଟନ କରାଯାଇଛି। ଏହି ସରବତ ବଣ୍ଟନ କାର୍ଯ୍ୟକ୍ରମରେ ସମ୍ବଲପୁର ଜୋନର ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର୍ ବଞ୍ଛଆଙ୍କ ସହିତ ଜିତେନ୍ଦ୍ର ଖୁଣ୍ଟିଆ, ଦୀପକ ଖୁଣ୍ଟିଆ, ଜୟ ବିହାରୀ ବଞ୍ଛଆ, ଦୁର୍ଯୋଧନ ମହାକୁଲ ସାମିଲ ହୋଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ବିନୟ ଟପୋ ଓ ଏମପି ପ୍ରାର୍ଥୀ ଦିଲ୍ଲୀପ ତିର୍କୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

### ୫୪୫୦ କେଜି ମହୁଲି ପୋଚ ଜବତ

**ଲହୁଣୀପଡ଼ା,୧୧।୫(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମହୁଲି ମଦ ସହିତ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ,ଲହୁଣୀପଡ଼ା ଅବକାରୀ ବିଭାଗ ଇନ୍ସପେକ୍ଟର ସୁବାସ ବାରିକ ସବ୍‌ଇନ୍ସପେକ୍ଟର ତେଜରାଜ ଗହୀର ଓ କୋଇଡା ଅବକାରୀ ବିଭାଗର ସେକ ଇଦ୍ରୁସ ହୋସେନଙ୍କ ନେତୃତ୍ୱରେ ଏଏସଆଇ ରୋଷ୍ନି ଲାକ୍ରା,ପଞ୍ଚାନନ ଜେନା,ବିକାଶ ମାହାନ୍ତ,ଅମୀର ଦାସ,ସୀମା କେର୍କେଟା,ଶୁକୁମାର ସାହୁ ପ୍ରମୁଖ ଫୁଲଝର ପଞ୍ଚାୟତ ବଦଯଲ ଗ୍ରାମରେ ଓ ଶଙ୍ଖପୋଷ ପଞ୍ଚାୟତ କିଷାନ ଟାଙ୍ଗରପାଲି ନାଳ କଡରେ ଚୋରା ମହୁଲି ମଦ ପ୍ରସ୍ତୁତି କରାଯାଉଥିବା ଖବର ପାଇ ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରି ୫୪୫୦ କେଜି ମହୁଲ ପୋଚ ଓ ୧୭୦ ଲିଟର ମହୁଲି ମଦ ଜବତ କରି ତାକୁ ନଷ୍ଟ କରି ଦେଇଥିଲେ।ଏବଂ ବିପୁଳ ପରିମାଣର ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲେ।ବେନିୟମ ମହୁଲି ମଦ ବ୍ୟବସାୟୀ ମାନେ ଏବେ ନିଜ ଗ୍ରାମ ନିକଟସ୍ଥ ନାଳ ର ଦୁର୍ଗମ ଅଞ୍ଚଳରେ ବେନିୟମ ଭାବେ ମହୁଲି ମଦ ପ୍ରସ୍ତୁତି କରୁଥିବା ଜଣାପଡିଛି।

### ରାସ୍ତା ମରାମତି ଦାବି



**ଝାରସୁଗୁଡ଼ା,୧୧।୫(ସଞ୍ଜୟ ମାଲି):** ସହରର ଗୈୟନ୍ତିଆ ପଡା ମୁଖ୍ୟ ରାସ୍ତା ଦୀର୍ଘ ଦିନରୁ ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହେଉଛି। ଏହି ରାସ୍ତା କଂକ୍ରିଟ ହୋଇଥିବା ସତ୍ତ୍ୱେ ଏହାର କାର୍ଯ୍ୟ ଠିକ ଭାବେ ହୋଇନାହିଁ। ଫଳରେ ରାସ୍ତା ଉପରେ ଛୋଟ ବଡ଼ ଗାତ ହୋଇଛି। ଏହି ବାଟ ଦେଇ ଶିକ୍ଷାନୁଷ୍ଠାନ କର୍ମଚାର ସହ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟବଡ଼ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଗୈଣ୍ଟିଆପଡା ମୁଖ୍ୟ ଛକ ନିକଟରେ ଏକ ନଳକୂପ ଥିବାବେଳେ ନଳକୂପ ନିର୍ଗତ ପାଣି ଯିବା ପାଇଁ ନାଳରେ ସଂଯୋଗ ହୋଇନାହିଁ। ରାସ୍ତା ଉପରେ ବୋହୁ ଥିବା ନିର୍ଗତ ପାଣି ତଥା ରାସ୍ତା କଡ଼ରେ ଘର ଥିବା ଘରଗୁଡ଼ିକ ଅଇଳା ଆବର୍ଜନା ପାଣି ଆସି ରାସ୍ତା ଉପରେ ବୋହୁଛି। ରାସ୍ତା ଉପରେ ଛୋଟ ବଡ଼ ଗାତ ଥିବା ବେଳେ ଗାତରେ ପାଣି ଜମି ରହିଥିବାରୁ ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ଯିବାଆସିବା ସମୟରେ ପାଣି ଦେହରେ ଛିଟିକି ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ମରାମତି କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ସୁନ୍ଦରଗଡ଼ରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ'




ସର୍ଗିପାଲିଠାରେ ଏମ୍‌ପି ପ୍ରାର୍ଥୀ ଦିଲୀପ ତିର୍କୀ ଓ ବିଧାୟିକା ପ୍ରାର୍ଥୀ ଯୋଗେଶ ସିଂ ନିର୍ବାଚନୀ ପ୍ରଚାର କରୁଛନ୍ତି।




ପୁରୁଣାପାଣି ବାଇପାସ୍ ପଡ଼ିଆଠାରେ ଫୁଲମାଳ ଦେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ରୋଡ୍ ଶୋ' ରେ ସାମିଲ ହୋଇଥିବା କର୍ମକର୍ତ୍ତା।



ସଭାରେ ଉପସ୍ଥିତ ମହିଳାମାନେ।

# ୩ ବ୍ଲକର ଛାତ୍ରୀଛାତ୍ର ଯୁକ୍ତ ୩ ବିଜ୍ଞାନ, ବୈଷୟିକ ଶିକ୍ଷାରୁ ବଞ୍ଚିତ

**ଝାରସୁଗୁଡା ଜିଲା**

■ କିର୍ମିରା ବ୍ଲକରେ ଯୁକ୍ତ ୨ ବିଜ୍ଞାନ ଶିକ୍ଷା ନାହିଁ

**ଝାରସୁଗୁଡ଼ା,୧୧।୫(ସଞ୍ଜୟ ମାଲି)**




ଝାରସୁଗୁଡା ଜିଲାର ଆଦିବାସୀ ଅଧ୍ୟୁଷିତ ୩ଟି ବ୍ଲକ କୋଲାବିରା, ଲଇକେରା ଓ କିର୍ମିରାଠାରେ ଗୋଟିଏ ହେଲେ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ପାଠ୍ୟକ୍ରମ ନାହିଁ। ରାଜ୍ୟ ସରକାର ସମାଜର ଗୋଟିଏ ବଡ଼ ଅନଗ୍ରସର ବର୍ଗଙ୍କୁ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ରଖୁଛନ୍ତି ବୋଲି ଜିଲା ଛାତ୍ର ସାମ୍ମୁଖ୍ୟ ଅଭିଯୋଗ କରି ଆସୁଛି। ଯୁକ୍ତ ୩ ବିଜ୍ଞାନ ଶିକ୍ଷା ଲାଭ ପାଇଁ ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କୁ ବାହାର ଅଞ୍ଚଳ ଉପରେ ନିର୍ଭର କରିବାକୁ ପଡୁଛି। ଦୂର ଦୂରାନ୍ତ କଲେଜରେ ଯାଇ ପାଠ ପଢିବାର ବ୍ୟୟ ଭାର ଉଠାଇବାରେ ଅସମର୍ଥ ଗରିବ ଛାତ୍ରଛାତ୍ରୀମାନେ ଇଚ୍ଛା ଥାଇ ମଧ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଏହି ତିନି ବ୍ଲକ ଅଞ୍ଚଳରେ ଛାତ୍ରୀଛାତ୍ର ଓ ଅଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲଇକେରା, କିର୍ମିରା ଏବଂ କୋଲାବିରା ବ୍ଲକରେ ୩ଟି ଡିଗ୍ରୀ କଲେଜ ରହିଛି। ଯେଉଁଥିରେ କେବଳ କଳା ଶିକ୍ଷା ବ୍ୟବସ୍ଥା ରହିଛି। କୋଲାବିରା ବ୍ଲକରେ କୋଲାବିରା ଓ ସମାସିଂହାରେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ବ୍ୟବସ୍ଥା ରହିଛି। ଲଇକେରା ବ୍ଲକରେ କେବଳ ଲଇକେରାଠାରେ ଗୋଟିଏ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ରହିଛି। ହେଲେ କିର୍ମିରା ବ୍ଲକରେ ଗୋଟିଏ ହେଲେ ମଧ ଯୁକ୍ତ ୨ ବିଜ୍ଞାନ ଶିକ୍ଷା ନାହିଁ। କେବଳ ଯୁକ୍ତ ୨ ଓ ଯୁକ୍ତ ୨ କଳା ପାଠ୍ୟକ୍ରମ ପାଇଁ ବ୍ୟବସ୍ଥା ରହିଛି। ଏହି ତିନି ବ୍ଲକର ଛାତ୍ରୀଛାତ୍ରମାନେ ଯୁକ୍ତ ୩ ବିଜ୍ଞାନ ଶିକ୍ଷା ପାଇଁ ଝାରସୁଗୁଡ଼ା ସହର, କୁଚିଣ୍ଡା, ସମ୍ବଲପୁର, ରାଉରକେଲା, ସୁନ୍ଦରଗଡ ଆଦି ସ୍ଥାନକୁ ଯିବାକୁ ବାଧ ହେଉଛନ୍ତି। ଶିଳ୍ପ ଓ ଖଣି ଖାଦାନ ବହୁଳ ଜିଲାରେ ବୈଷୟିକ ଶିକ୍ଷା ପାଇଁ ଏହି ୩ ବ୍ଲକ ଅଞ୍ଚଳରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ବି ସରକାର ସ୍ଥାପନ କରି ନାହାନ୍ତି। ଝାରସୁଗୁଡ଼ା ସଦର ମହକୁମା ଠାରେ କେବଳ ଇଞ୍ଜିନିୟରିଂ ସ୍କୁଲ ଏବଂ ଆଇଟିଆଇ ସରକାରୀ ଭାବେ ପ୍ରତିଷ୍ଠା ହୋଇଛି ଓ ଲଖନପୁର ବ୍ଲକ ଆଇଟିଆଇ ଖୋଲିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଦୀର୍ଘ ୩ ବର୍ଷ ଧରି ଭିନ୍ନ ଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଏମ୍‌ପି, ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ, ବିଧାୟିକା ଦୀପାଲି ଦାସଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ଛାତ୍ରୀଛାତ୍ରଙ୍କ ଆବଶ୍ୟକ ସୁଯୋଗ କରାଇବା ଲାଗି ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ, ଏମ୍‌ପି କୌଣସି ଉଦ୍ୟମ କଲେ ନାହିଁ ବୋଲି ଛାତ୍ର ସାମ୍ମୁଖ୍ୟ କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ ଅଭିଯୋଗ କରିଛନ୍ତି।

## ବିଜେଡି ପ୍ରାର୍ଥିନୀଙ୍କ ମାରାଥନ ପ୍ରଚାର

**ଝାରସୁଗୁଡ଼ା,୧୧।୫(ସଞ୍ଜୟ ମାଲି)**



ବିଜେଡି ପ୍ରାର୍ଥିନୀ ଦୀପାଲି ଦାସ ପ୍ରଚାର କରୁଛନ୍ତି।

ଝାରସୁଗୁଡା ସହରରେ ବିଜେଡି ପକ୍ଷରୁ ଘରଠୁ ଘର ପ୍ରଚାର ଆରମ୍ଭ କରାଯାଇଛି। ଶନିବାର ବିଧାନସଭା ପ୍ରାର୍ଥିନୀ ସୁଶ୍ରୀ ଦୀପାଲି ଦାସ ପୌରାଞ୍ଚଳ ୱାର୍ଡ ନମ୍ବର ୧୦ରେ ମାରାଥନ ପ୍ରଚାର ଏବଂ ୩ ନଂ. ୱାର୍ଡରେ ଡୋର ଟୁ ଡୋର କ୍ୟାମ୍ପେନିଂ କରିଥିବାବେଳେ କିର୍ମିରା ବ୍ଲକ ଅନ୍ତର୍ଗତ ବନ୍ଧପାଲି, ଗଉଡପାନପାଲି ଏଂ ଅଘରିଆ ବାଗଡିହିଠାରେ ରୋଡ ଶୋ' ସହ ନିର୍ବାଚନ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ, ନିର୍ମଳ ଶାସନ ଏବଂ ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ କରାଯାଉଥିବା ବିକାଶମୂଳକ କାର୍ଯ୍ୟ ଉପରେ ବିଶ୍ୱାସ ରଖି ମୋତେ ଏହି ନିର୍ବାଚନରେ ଆଶୀର୍ବାଦ କରି ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ବୋଲି ଦୀପାଲି ଅନୁରୋଧ କରିଛନ୍ତି। ଏହା ସହ ୮ ମାସର ସମୟରେ ଯେଉଁ ବିକାଶମୂଳକ କାର୍ଯ୍ୟ ହୋଇଛି ଏହାକୁ ଆହୁରି ଅଧିକ ଗତିରେ ଝାରସୁଗୁଡ଼ାର ବିକାଶ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଚାର କାର୍ଯ୍ୟକ୍ରମରେ ଜିଲା ସଭାପତି ରବି ସିଂ, ଜିଲା ମହିଳା ନେତ୍ରୀ ରୋଜାଲିନ ପଟେଲ, ପୌର ଅଧକ୍ଷା ରାନୀ ହାତୀ, ପୂର୍ବତନ ପୌରାଧକ୍ଷ ତାପସ ରାୟ ଚୌଧୁରୀ ଓ ହରିଶ ଗନତ୍ରା, ସନ୍ଦିପ୍ତ ଅବସ୍ଥି, ଜଗନ୍ନାଥ ଜେନା, ରଘୁମଣି ପଟେଲ, ପିଣ୍ଟୁ ପାଢ଼ି, ପ୍ରତାପ ନନ୍ଦ, ମଦନ ହାତୀ, ସିଦ୍ଧାର୍ଥ ସରକାର, ଭବାନୀ ସା, ସୁରେଶ ମୋର୍, ଗୋପାଲ ଅଗ୍ରୱାଲ, କାଶୀ ଶର୍ମା, ଲଡ୍ଡୁ ଶର୍ମା, ସରିତା ଅଗ୍ରୱାଲ, ରୁବିନା ଖାନଙ୍କ ସହ କିର୍ମିରା ବ୍ଲକର ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ଅନ୍ୟାନ୍ୟ ଦଳୀୟ ପଦାଧିକାରୀ ସାମିଲ ହୋଇଥିଲେ।

## ଭାଜପାରେ ସାମିଲ ହେଲେ ଏଚ୍. କଟାପାଲିର ସରପଞ୍ଚ



**ଝାରସୁଗୁଡ଼ା,୧୧।୫(ସଞ୍ଜୟ ମାଲି)** ଝାରସୁଗୁଡାସ୍ଥିତ ବିଟିଏମ୍ ଭାଜପା କାର୍ଯ୍ୟାଳୟରେ ଶନିବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ ଏଚ. କଟାପାଲି ଗ୍ରାମ ସରପଞ୍ଚ ଦେବାର୍ଚ୍ଚନ ସେଠଙ୍କ ସହିତ ନରେଶ ପଟେଲ, ଫଣି ସେଠ, ଅକ୍ଷୟ ପ୍ରଧାନ, ଯୋଗେଶ ବଡେଇ, କିରନ ପଟେଲ ଓ ଆଉ ଅନେକ କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ଝାରସୁଗୁଡା ବିଧାନସଭା ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ବିଧାୟକ ଭାବେ ଦେଖିବା ସହିତ ଝାରସୁଗୁଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ଭାଜପାରେ ଯୋଗଦେଇଥିବା ସେଠ କହିଛନ୍ତି। ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର, ଝାରସୁଗୁଡା ଭାଜପା ଜିଲା ସଭାପତି ସୁନୀଲ ପଣ୍ଡା, ନେତାଜୀ ପଟ୍ଟନାୟକ ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ମାଇକ୍ରୋ ଅବଜର୍ଭରମାନଙ୍କୁ ପ୍ରଶିକ୍ଷଣ

**ଝାରସୁଗୁଡ଼ା,୧୧।୫(ସଞ୍ଜୟ ମାଲି)** ଆଗାମୀ ସାଧାରଣ ନିର୍ବାଚନରେ ନିୟୋଜିତ ମାଇକ୍ରୋ ଅବଜର୍ଭରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସାଧାରଣ ପର୍ଯ୍ୟବେକ୍ଷକ ଜେ. ମଞ୍ଜୁନାଥ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିର୍ବାଚନରେ ମାଇକ୍ରୋ ଅବଜର୍ଭରମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସୂଚାଇବା ସହ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ପୋଲିଂ ବୁଥରେ ରାମ୍ପ, ପାନୀୟ ଜଳ, ବିଦ୍ୟୁତ୍, ଶୌଚାଳୟ ଆଦି ବ୍ୟବସ୍ଥା ଠିକ ଭାବେ କାରାଯାଇଛି କି ନାହିଁ, ଛାୟା ମତଦାନ ବ୍ୟବସ୍ଥା, ଭୋଟିଂ କମ୍ପାର୍ଟମେଣ୍ଟ ଠିକ ସ୍ଥାନରେ ସ୍ଥାପନ କରାଯିବା, ଅନଧିକୃତ ବ୍ୟକ୍ତିଙ୍କ ମତଦାନ କକ୍ଷରେ ଯେପରି ଅନୁପ୍ରବେଶ ନ ହେବା, ଅଲିଭା କାଳି ଠିକ ଭାବେ ଲଗାଇବା, ପ୍ରତି ଦୁଇ ଘଣ୍ଟାରେ ମତଦାନ ହାର ବିବରଣୀ ପ୍ରେରଣ କରିବା, ନିର୍ଦ୍ଦେଶିକା ଅନୁସାରେ ଭୋଟିଂ ମେଶିନ ଠିକ ଭାବେ ସିଲ କରାଯାଇଛି କି ନାହିଁ, ଫର୍ମ ୧୭ ସିରେ ରେକର୍ଡ କରାଯାଇଥିବା ଭୋଟ ପୋଲିଂ ଏଜେଣ୍ଟମାନଙ୍କୁ ପ୍ରଦାନ କରାଯିବା ଆଦି ବିଭିନ୍ନ ନିର୍ଦ୍ଦେଶିକା ଠିକ ଭାବେ କାର୍ଯ୍ୟକାରୀ କରାଯାଇଛି କି ନାହିଁ ଏ ସବୁର ଠିକ ଅନୁଧ୍ୟାନ ସମ୍ପର୍କରେ ମାଇକ୍ରୋ ଅବଜର୍ଭରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆବୋଲୀ ସୁନୀଲ ନରୱଣେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ନିର୍ଦ୍ଦେଶିକାଗୁଡ଼ିକର ଠିକ ଅନୁପାଳନ ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ପ୍ରସନ୍ନ ପଟେଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାୱାର ପଏଣ୍ଟ ମାଧ୍ୟମରେ ମାଇକ୍ରୋ ଅବଜର୍ଭରମାନଙ୍କୁ ଦାୟିତ୍ୱ ସମ୍ପର୍କରେ ସୂଚନା ଦିଆଯାଇଥିଲା।

## ଆର୍‌ଏସ୍‌ପିର ଅଧିକାରୀ ଦଳ ସକ୍ଷମ କୁଇଜ ପ୍ରତିଯୋଗିତାରେ ପ୍ରଥମ ରନର୍ସ



ସକ୍ଷମ ଆୱାର୍ଡ ହାସଲ କରୁଛନ୍ତି।

**ରାଉରକେଲା,୧୧।୫(ବିପ୍ଳବ ରଞ୍ଜନ ଦାଶ)** ଆର୍‌ଏସ୍‌ପି ରିଫ୍ରାକ୍ଟୋରୀ ବିଭାଗର ଏଜିଏମ ସମ୍ପଦ ମିଶ୍ର ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଅଭିଷେକ ମିଶ୍ରଙ୍କୁ ନେଇ ଗଠିତ ଦଳ ସେଲ ସ୍ତରରେ ମ୍ୟାନେଜମେଣ୍ଟ ବିଜନେସ କୁଇଜ-୨୦୨୩ରେ ପ୍ରଥମ ରନର୍ସ ଅପ ପୁରସ୍କାର ହାସଲ କରି କାରଖାନା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗୀତା ବର୍ନପର ସ୍ଥିତ ଇସ୍କୋ ଷ୍ଟିଲ ପ୍ଲାଣ୍ଟରେ ମେ ୩ରେ ଅନୁଷ୍ଠିତ ହୋଇଥିଲା। ଏହି ପୁରସ୍କାର ବିତରଣ ସମାରୋହରେ ଇସ୍କୋ ଷ୍ଟିଲ ପ୍ଲାଣ୍ଟ ଏବଂ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟର ଡିଆଇସି ବି.ପି ସିଂ ଉପସ୍ଥିତ ରହି ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସେଲର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଭିଲାଇ ଷ୍ଟିଲ ପ୍ଲାଣ୍ଟ ସକ୍ଷମ-୨୦୨୩ ଆୟୋଜିତ କୁଇଜ ପ୍ରତିଯୋଗୀତାରେ ବିଜେତା ହୋଇଥିବା ବେଳେ ବୋକାରୋ ଷ୍ଟିଲ ପ୍ଲାଣ୍ଟ ଦଳ ଦ୍ୱିତୀୟ ରନର୍ସ ଅପ ହୋଇଥିଲା। ସେଲର ସମସ୍ତ ୟୁନିଟ୍ ଗୁଡିକରୁ ସମୁଦାୟ ୧୨ଟି ଟିମ ଆୟୋଜିତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। କାର୍ମିକ ସି.ଆଇ.ସି ତଥା ଏଚଆରଡି ବିଭାଗର ଜିଏମ ଇନଚାର୍ଜ ସବ୍ୟଶାଚୀ ଦତ ଏହାକୁ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ବିଜନେସ କୁଇଜ କ୍ଷେତ୍ରରେ ଜାତୀୟ ସ୍ତରରେ ପୁରସ୍କାର ଜିତି ଯୋଡି ଦ୍ୱୟ ଇସ୍ପାତ ସହର ପାଇଁ ପୂର୍ବରୁ ମଧ ପୁରସ୍କାର ଆଣିଥିଲେ।

## ଟାଙ୍ଗରପାଲିରେ କୁସୁମଙ୍କ ନିର୍ବାଚନୀ ପ୍ରଚାର



**ସୁନ୍ଦରଗଡ଼,୧୧।୫(ଜୟ ନାରାୟଣ ମେଣ୍ଡୁଲି)** ଟାଙ୍ଗରପାଲିରେ ଶନିବାର ଭାଜପା ବିଧାୟିକା ପ୍ରାର୍ଥୀନୀ କୁସୁମ ଟେଟେ ମାରାଥନ ପ୍ରଚାର କରିଛନ୍ତି। ଗମ୍ଭାରଡ଼ିହି ପଞ୍ଚାୟତ ରେଣ୍ଡ, ମଙ୍ଗସପୁର ପଞ୍ଚାୟତର ଧଉରାଆଡା,କୁର୍ଲା, ମଙ୍ଗସପୁର, ଆଠକଟାରେ ନିର୍ବାଚନ ପ୍ରଚାର ସମୟରେ ମହିଳା, ଯୁବକ, ବୁଦ୍ଧିଜୀବୀ କୁସୁମ ଟେଟେଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ନଦୀଶଗୁଡା, ରେମଣ୍ଡା, ଦଳଦଳି, ଅବନକେଲା ଗ୍ରାମର ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ଜିଲା ଅଧିବକ୍ତା ପରିଷଦର ଜାଗରଣ ଅଭିଯାନ

ସମ୍ବଲପୁର,୧୧।୫(ବି.ଶଙ୍କର)

ସମ୍ବଲପୁର ଧନୁପାଲିଠାରେ ସମ୍ବଲପୁର ଜିଲା ଅଧିବକ୍ତା ପରିଷଦ ପକ୍ଷରୁ ଓକିଲମାନଙ୍କର ଏକ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବା ଭାରତୀ ପକ୍ଷରୁ ରାଜୁ ଶର୍ମା, ଭାରତ ବିକାଶ ପରିଷଦ ଶ୍ୟାମସୁନ୍ଦର ଶର୍ମା, ପ୍ରାନ୍ତ ପ୍ରଚାର ପ୍ରମୁଖ ଶଙ୍କର ପଣ୍ଡା, ଅଧିବକ୍ତା ପ୍ରାନ୍ତୀୟ ଅଧିକାରୀ କମ୍ବୁପାନି ପାଢ଼ୀ, ଭାରତ ସରକାରଙ୍କ ସୋଲିସେଟର ଜେନେରାଲ ପ୍ରସନ୍ନ ପାଢ଼ୀ ଯୋଗଦେଇଥିଲେ। ଆଇନଜୀବୀ ଦିଲୀପ ପଣ୍ଡା ସଭା ପରିଚାଳନା କରିଥଲେ। ଚଳିତ ନିର୍ବାଚନ ଐତିହାସିକ ଅଟେ । ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ର ବିରୋଧୀ ଶକ୍ତି ସମସ୍ତ ପ୍ରଭାବ ପକାଇବା ପାଇଁ ଷଡଯନ୍ତ୍ର କରୁଛନ୍ତି। ଭାରତୀୟ ଧର୍ମ ଓ ସଂସ୍କୃତିର ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ଭୋଟ ଦେବା ପାଇଁ ଜନ ମାନସରେ ଜାଗରଣ ସୃଷ୍ଟି କରିବାକୁ ଓକିଲମାନଙ୍କୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ମାତରଂ ଓ ଶେଷରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ବହିଦାର, ଅତୁନୁ ଘୋଷ, ଅମିତାଭ ପ୍ରଧାନ, ପ୍ରଦୀପ ସୂପକାର, ମହେଶ ପଣ୍ଡା ଫଣିଭୂଷଣ ମିଶ୍ର ପ୍ରମୁଖ ଯୋଗ ଯୋଗଦେଇ ଥିଲେ। ବରିଷ୍ଠ ଆଇନଜିବୀ ଦେଲେ ଅରବିନ୍ଦ ନାୟକ ଶେଷରେ ଧନ୍ୟବାଦ କରିଥିଲେ ।

## ତରାସିଂପଡ଼ାରେ କଂଗ୍ରେସର ସଂକଳ୍ପ ସଭା

ସମ୍ବଲପୁର,୧୧।୫(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ତାରାସିଂପଡାରେ କଂଗ୍ରେସ ଦଳ ପକ୍ଷରୁ ସଂକଳ୍ପ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ ଯୋଗଦେଇ ଜନସାଧାରଣଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ବିଜେଡି ଓ ଭାଜପା ସରକାର ଲୋକଙ୍କ ମୌଳିକ ସମସ୍ୟାକୁ ମଧ୍ୟ ୨୪ ବର୍ଷରେ ସମାଧାନ କରିପାରିଲେ ନାହିଁ। ପିଇବା ପାଣି, ବିଜୁଳି ଯୋଗାଇ ନ ପାରିବା ଅତି ନିନ୍ଦନୀୟ । ରାସ୍ତା ଓ ଶୌଚାଳୟ ଓ ଅନ୍ୟାନ୍ୟ ସୁବିଧା ନ କରିପାରିବା ତାଙ୍କ ଅପାରଗତା କାର୍ଯ୍ୟକୁ ହିଁ ସୂଚାଉଛି। ୫ ବର୍ଷ ଧରି ଦେଖା ଦେଇ ନ ଥିବା ଭାଜପା ବିଧାୟକ ଓ ଏମ୍‌ପି ଆଜି ଭୋଟ ଭିକ୍ଷା କରୁଛନ୍ତି। ଜନତା ତାର ଉଚିତ ଜବାବ ଦେବେ । ଲୋକ ବିରୋଧୀ ନବୀନ ଓ ମୋଦି ସରକାରଙ୍କ ସବୁ ବିଫଳତା ନେଇ ଦୁର୍ଗା ତୀବ୍ର ସମାଲୋଚନା କରିଥିଲେ । ପୂର୍ବତନ କାଉନସିଲର ତଥା ପିସିସି ସଭ୍ୟ ଗଣେଶ ପଲେଇ, ହୀରାକୁଦ ସଭାପତି ତଥା ପୂର୍ବତନ କାଉନସିଲର ରବି ରାଉତ, ବରିଷ୍ଟ କଂଗ୍ରେସ ନେତା ବାଳକୃଷ୍ଣ ତ୍ରିପାଠୀ, ପ୍ରହଲ୍ଲାଦ ତାଣ୍ଡି, ହୀରାକୁଦ ହରିଜନ ସେଲ ସଭାପତି ସତ୍ୟ ନାରାୟନ ସେନାପତି, ଜୀତେନ ମହାନନ୍ଦ, ରଶ୍ମି ସ୍ୱାଇଁ ପ୍ରମୁଖ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ହୀରାକୁଦର ସାମୂହିକ ବିକାଶ ପାଇଁ କଂଗ୍ରେସ କରିବ ବୋଲି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

# ଐତିହ୍ୟସମ୍ପନ୍ନ କୂଅଗୁଡ଼ିକର ପୁନରୁଦ୍ଧାର କର

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

- ବାଣିଜ୍ୟିକ ପ୍ରତିଷ୍ଠାନକୁ ରାସ୍ତା ନିର୍ମାଣ ପାଇଁ ପୋତିଦିଆଯାଇଛି
- ସ୍ଥିତି ସମୀକ୍ଷା ପାଇଁ ଦାବିକଲେ ରଞ୍ଜନ ପଣ୍ଡା

ସମ୍ବଲପୁର ସହରରେ ବ୍ରିଟିଶ ଅମଳରେ ଖୋଳାଯାଇଥିବା ଐତିହ୍ୟସମ୍ପନ୍ନ କୂଅଗୁଡ଼ିକ ଆଜି ଧ୍ୱଂସ ଅବସ୍ଥାରେ ରହିଛି। ଏସବୁର ସ୍ଥିତି ସମୀକ୍ଷା ଓ ପୁନରୁଦ୍ଧାର ଜରୁରୀ। ଓଡ଼ିଶାର ଜଳ ପୁରୁଷଭାବେ ପରିଚିତ ରଞ୍ଜନ ପଣ୍ଡା ଏକ ପ୍ରେସ୍ ବିବୃତି ମାଧ୍ୟମରେ ଏ ନେଇ ଜୋର୍‌ଦାର ଦାବି କରିଛନ୍ତି। ସେ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମ୍ବଲପୁରରେ ଏହି କୂଅଗୁଡିକ ଖୋଳାଯାଇଥିଲା। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ ବା ଗୋଷ୍ଠୀ ନିଜର ବାଣିଜ୍ୟିକ ପ୍ରତିଷ୍ଠାନକୁ ରାସ୍ତା ନିର୍ମାଣ ପାଇଁ ଏହି କୂଅଟିକୁ ପୋତିଦେଇଛନ୍ତି ବୋଲି ସେ ଅଭିଯୋଗକରି ଏହାକୁ ଏକ ଅପରାଧ ଭାବେ ବିବେଚନା କରିଛନ୍ତି। ତେବେ ଜଳଉତ୍ସଗୁଡ଼ିକୁ ଧ୍ୱଂସକରିବା ଭଳି ଆପରାଧିକ କାର୍ଯ୍ୟକଳାପ ରୋକିବା ନିତାନ୍ତ ଆବଶ୍ୟକ। ଏଥିପାଇଁ ଉକ୍ତ ଧ୍ୱଂସାଭିମୁଖୀ କୂଅଗୁଡିକର ପୁନରୁଦ୍ଧାର ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଓଡ଼ିଶାର ରାଜଧାନୀ ସାମୟିକ ଭାବେ କଟକରୁ ସମ୍ବଲପୁରକୁ ସ୍ଥାନାନ୍ତରିତ ହୋଇଥିଲା। ସେହି ସମୟରେ ସମ୍ବଲପୁର ଆସିଥିବା ସରକାରୀ କର୍ମଚାରୀଙ୍କୁ ଜଳଯୋଗାଣ ପାଇଁ ଏହି କୂଅଟି ଖୋଳାଯାଇଥିଲା। ବୁଢ଼ାରଜା ଅଞ୍ଚଳର ଧରିତ୍ରୀ କଲୋନି ସ୍ଥିତ ସୃଷ୍ଟି ନର୍ସିଂହୋମ୍ ନିକଟରେ ଏହି କୂଅଟି ବହୁ ଦିନରୁ ଅବହେଳିତ ଅବସ୍ଥାରେ ଥିଲା। ଅତୀତରେ ଏହି କୂଅକୁ ସଫାକରିବା ପାଇଁ ତତ୍କାଳୀନ ପୌର ପରିଷଦ ଓ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳି ନ ଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଯୁଗରେ ଜଳ ସଙ୍କଟ ସମଗ୍ର ବିଶ୍ୱରେ ଏକ ଚିନ୍ତାଜନକ ପ୍ରସଙ୍ଗ। ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ପ୍ରାଥମିକତା ଭିତ୍ତିରେ ସହର ମଧ୍ୟରେ ଥିବା କୂଅ, ପୋଖରୀ ଭଳି ପାରମ୍ପରିକ ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର କରି ପାରମ୍ପରିକ ଉପାୟରେ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ। ତେଣୁ ପଣ୍ଡା ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖି ଭାଙ୍ଗି ଦିଆଯାଇଥିବା କୂଅର ତୁରନ୍ତ ପୁନରୁଦ୍ଧାର କରିବା ପାଇଁ ସମ୍ବଲପୁର ମହାନଗର ନିଗମକୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ଏହା ସହ ପ୍ରଫେସର କଲୋନି, ବିମଳ ହେତା ଲେନ୍ ଆଦି ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଅନ୍ୟ ପୁରାତନ କୂଅଗୁଡ଼ିକର ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରାଯିବା ସହ ଚଳିତ ଗ୍ରୀଷ୍ମଋତୁରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳଉତ୍ସଗୁଡ଼ିକୁ ପୁନର୍ଜୀବିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଖୋଲା କୂଅଗୁଡ଼ିକ ସହ ସବୁ କୂଅ ତଥା ସମସ୍ତ ଜଳଉତ୍ସର ସାମ୍ପ୍ରତିକ ସ୍ଥିତିକୁ ଆକଳନକରି ରିଅଲ୍-ଟାଇମ୍ ମ୍ୟାପିଂ କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ସେଗୁଡ଼ିକର ପୁନରୁଦ୍ଧାର ପାଇଁ ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯିବାକୁ ସେ ମତ ଦେଇଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ ବର୍ତ୍ତମାନଠାରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ଜଳ ସଙ୍କଟ ଆହୁରି ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ପଣ୍ଡା ଚେତାବନୀ ଦେଇଛନ୍ତି।




ଶନିବାର ରାତିରେ ସମ୍ବଲପୁର ଜିଲା ବୁର୍ଲାଠାରେ ବିଜେଡି ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କ ରୋଡ୍ ଶୋ ।

## ନିରାପତ୍ତାଜନିତ କାର୍ଯ୍ୟ ପାଇଁ ଟ୍ରେନ୍ ଯାତ୍ରା ସମୟରେ ପରିବର୍ତ୍ତନ

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ଡିଭିଜନରେ ନିରାପତ୍ତା ଜନିତ କାର୍ଯ୍ୟ ପାଇଁ ସମ୍ବଲପୁର ଦେଇ ଯାତାୟତ କରୁଥିବା ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ୍ ଟ୍ରେନ୍‌ର ସମୟ ପରିବର୍ତ୍ତନ କରାଯାଇଛି। ଟ୍ରେନ୍ ନମ୍ବର ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ର ଛାଡ଼ିବା ସମୟକୁ ପୂର୍ବ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବ କରାଯାଇଛି। ଉକ୍ତ ଟ୍ରେନ୍ ରାଉରକେଲାରୁ ପୂର୍ବ ନିର୍ଦ୍ଧାରିତ ଛାଡ଼ିବା ସମୟ ୮ଟା ୦୫ ମିନିଟକୁ ପରିବର୍ତ୍ତନ କରାଯାଇ ମେ ୧୨ରେ ରାଉରକେଲାରୁ ପୂର୍ବାହ୍ନ ୧୦ଟା୦୫ ମିନିଟ୍‌ରେ ଛାଡ଼ିବ। ସେହିପରି ଟ୍ରେନ୍ ନମ୍ବର ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍‌କୁ ମଧ୍ୟ ରବିବାର ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୪ଟା ୩୫ ମିନିଟ ପରିବର୍ତ୍ତେ ୨ ଘଣ୍ଟା ବିଳମ୍ବରେ ଅର୍ଥାତ ସକାଳ ୬ଟା ୩୫ ମିନିଟ୍‌ରେ ପୁରୀ ଛାଡ଼ିବ ବୋଲି ସମ୍ବଲପୁର ରେଳ ଡିଭିଜନ ପକ୍ଷରୁ ସୂଚାନ ଦିଆଯାଇଛି।

## ବାଲ୍ୟବିବାହ ବନ୍ଦ ପାଇଁ ଶପଥ ନେଲେ



ବାଲ୍ୟ ବିବାଦ ବନ୍ଦ ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସୂଚନା ଦିଆଯାଉଛି।

ଜମନକିରା, ୧୧।୫(ରବିନ୍ଦ୍ର ଦାନୀ)

ବାଲ୍ୟ ବିବାହ ବନ୍ଦ ନିମନ୍ତେ ସମ୍ବଲପୁର ଜିଲା ଜମନକିରା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି। ବଡ଼ମାଳ ପଞ୍ଚାୟତ ଅନ୍ତର୍ଗତ ସୁଦବଲନ୍ଦା ଗ୍ରାମର କଲୋନୀପଡା, ଫାଶୀମାଲ ପଞ୍ଚାୟତର ଲେଦିମହୁଲ ଟିଁକିବା ପଞ୍ଚାୟତର ଗାଇବଟା, ବଡରମା ପଞ୍ଚାୟତର ବନ୍ଧାଭୂଇଁ ଓ ଟିଁକିଲିପଡ଼ା ପଞ୍ଚାୟତର ବଡରମା ଗ୍ରାମରେ ଜନସଚେତନତା ସଭା ଓ ରାଲି ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ବେସରକାରୀ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଡି ଅନୁଷ୍ଠାନ ତୃଣମୂଳସ୍ତରର ସମସ୍ତ ଅନୁଷ୍ଠାନମାନଙ୍କ ସହଯୋଗରେ ଜମନକିରା ବ୍ଲକକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିବାକୁ ପ୍ରୟାସ ଜାରି ରଖିଛନ୍ତି। ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ସମାଜରୁ ଦୂର କରିବା ସମ୍ବନ୍ଧେ ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁସାରେ ସରପଞ୍ଚମାନଙ୍କୁ ବାଲ୍ୟ ବିବାହ ବନ୍ଦ କରିବାକୁ କ୍ଷମତା ପ୍ରଦାନ ସହିତ ଏହି କାର୍ଯ୍ୟକ୍ରମର ଉତ୍ତରଦାୟୀ କରାଯିବା ଆଦେଶନାମା ଦିଆଯାଇଛି। ଏହାକୁ ଅନୁକରଣ କରି ଓଡ଼ିଶା ତଥା ସମ୍ବଲପୁର ଜିଲାରେ ରାଜସ୍ଥାନ ଭଳି ନିୟମକୁ ସମ୍ପାଦନା କରିବାକୁ ଦାବିକରି ସିଡି ଅନୁଷ୍ଠାନ ଏକ ଅନୁରୋଧ ପତ୍ର ସମ୍ବଲପୁର ଜିଲାପାଳଙ୍କୁ ପ୍ରଦାନ କରିଛି।। ସମସ୍ତ କାର୍ଯ୍ୟକ୍ରମ ବାଲ୍ୟ ବିବାହ ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ, ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ, କମ୍ୟୁନିଟି ସୋସିଆଲ ୱାର୍କର ସଞ୍ଜୟ କୁମାର ଧରୁଆ, ଶିବନରାୟଣ ବିଲହର, ପ୍ରଦୀପ୍ତ କୁମାର ପ୍ରଧାନ, ଶୋଭାଗିନୀ ସାହୁ, ବିନ୍ଦୁ ଛତର, ଗ୍ରାମର ୱାର୍ଡ ସଭ୍ୟାସଭ୍ୟ,ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସିଆରପି ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ମହିଳାମାନେ ପୂର୍ଣ୍ଣ ଜଳ କଳସକୁ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଆଣୁଛନ୍ତି।

ନାକଟୀଦେଉଳ,୧୧।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସରାପାଲି ପଞ୍ଚାୟତ କତରାପାଲି ଗ୍ରାମସ୍ଥିତ ସର୍ବ ପୁରାତନ ଯଜ୍ଞ ପୀଠ କୁଞ୍ଜବନଠାରେ ବିଶ୍ୱଶାନ୍ତି ମହାବିଷ୍ଣୁ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଅଞ୍ଚଳର ସହସ୍ରାଧିକ ମହିଳା ଶନିବାର ସକାଳୁ ନିକଟସ୍ଥ ଟିଁକିରା ଏବଂ ଚମ୍ପାଳୀ ନଦୀର ସଙ୍ଗମସ୍ଥଳରୁ ପୂର୍ଣ୍ଣ ଜଳ କଳସ ଏକ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଆଣି ସ୍ଥାନ କରିଥିଲେ। ନାମଯଜ୍ଞ ପାଇଁ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାରେ ଅଙ୍କୁରା ରୋପଣ କରାଯାଇଥିଲା। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ନାମଯଜ୍ଞରେ ଆସନ୍ତା ୧୫ ତାରିଖ ପୂର୍ଣ୍ଣାହୁତି ପଡ଼ିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କମିଟି ପକ୍ଷରୁ ରବିବାର ପାଲା, ସୋମବାର ଏବଂ ମଙ୍ଗଳବାର ରାମଲୀଳା ପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କାର୍ଯ୍ୟକ୍ରମ ରହିଛି। କୁଞ୍ଜବନ ନାମଯଜ୍ଞ କମିଟି ସଭାପତି ହଳଧର ସାହୁ, ଉପସଭାପତି ଧୀରେନ କୁମାର ସାହୁ, ସମ୍ପାଦକ ମ୍ନାରାୟଣ ସାହୁ, ସହସମ୍ପାଦକ ଅବନୀକାନ୍ତ ମହାକୁଡ଼, କୋଷାଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି।

# ଚାପରେ ଧର୍ମେନ୍ଦ୍ରଙ୍କ ଗୁଣଗାନ କରୁଛନ୍ତି ଜୟନାରାୟଣ: ବିଜେଡି

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

ନିର୍ବାଚନ ପାଇଁ ଦଳୀୟ ଚାପରେ ଧର୍ମେନ୍ଦ୍ରଙ୍କ ଗୁଣଗାନ କରୁଛନ୍ତି ଜୟନାରାୟଣ ମିଶ୍ର। ପ୍ରଥମେ ଉଭୟଙ୍କ ସମ୍ପର୍କ ବିଷୟରେ ସେ ସମ୍ବଲପୁରବାସୀଙ୍କୁ ସ୍ପଷ୍ଟ କରନ୍ତୁ ବୋଲି କହି ଜୟନାରାୟଣଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ମୁଖପାତ୍ର ସଞ୍ଜୟ ବାବୁ। ସେ କହିଛନ୍ତି ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ଗଣମାଧ୍ୟମ ସମ୍ମୁଖରେ କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମକକ୍ଷ କରିବାକୁ ଚେଷ୍ଟା କରି ଅତ୍ୟନ୍ତ ହାସ୍ୟାସ୍ପଦ ବିବୃତି ଦେଇଛନ୍ତି। ପାଣ୍ଡିଆନଙ୍କ ଓଡ଼ିଶା ପ୍ରତି ମମତା ଓ ଅବଦାନ ଧର୍ମେନ୍ଦ୍ରଙ୍କ ଠାରୁ ଢେର ଅଧିକ। ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଭାବେ ସରକାରୀ ଯୋଜନାକୁ ତୃଣମୂଳସ୍ତରରେ ଲାଗୁ କରିବାରେ ସେ ସଫଳତା ପାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଓଡିଶାର ଉନ୍ନତି ପାଇଁ ଦିନରାତି ପରିଶ୍ରମ କରିଛନ୍ତି। ବିଏସ୍‌କେୱାଇ, ମିଶନ ଶକ୍ତି, ଲକ୍ଷ୍ମୀବସ ହେଉ ବା ପର୍ଯ୍ୟଟନ କ୍ଷେତ୍ରରେ ଏକ ପ୍ରକାର ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ପାଣ୍ଡିଆନ ସଫଳ ହୋଇଛନ୍ତି। ଅପରପକ୍ଷରେ ଧର୍ମେନ୍ଦ୍ର ପ୍ରଧାନ ନିଜ ଜନ୍ମମାଟିରେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ବାଧହୋଇ ସମ୍ବଲପୁର ଚାଲିଆସିଛନ୍ତି। ତେବେ ଏମାଟି ପାଇଁ ତାଙ୍କର ଅବଦାନ ବିଷୟରେ ଜଣାଇବା ପୂର୍ବରୁ ଧର୍ମେନ୍ଦ୍ର ଓଡ଼ିଶା ପାଇଁ କ'ଣ କରିଛନ୍ତି ତାହା ଜୟନାରାୟଣ ପ୍ରଥମେ ଜାଣି ରଖିବା ଉଚିତ। ଜୟନାରାୟଣ ବାବୁ ବିଗତ ୫ ବର୍ଷ ହେଲା ସମ୍ବଲପୁରରେ ଦେଖା ଦେଇ ନ ଥିଲେ। ବାସ୍ତବ ଚିତ୍ର ସମ୍ପର୍କରେ ଜ୍ଞାନ ନଥାଇ କେବଳ ସହଯୋଗୀଙ୍କୁ ବଞ୍ଚାଇବା ପାଇଁ ଜୟନାରାୟଣଙ୍କ ଏଭଳି ବିବୃତ୍ତି। ଓଡ଼ିଆ ଅସ୍ମିତା କଥା କହୁଥିବା ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ପୌର ପରିଷଦ ନିର୍ବାଚନ ସମୟରେ ଜଣେ ଅଣ ଓଡ଼ିଆଙ୍କୁ ଥଇଥାନ ସ୍ୱରୂପ ପୌରାଧ୍ୟକ୍ଷ ଆସନରେ ଅଳଙ୍କୃତ କରିବା ପାଇଁ ଜୟନାରାୟଣ ଜାଲ ପ୍ରମାଣପତ୍ରର ଆଶ୍ରୟ ନେଇଥିବା ସମ୍ପର୍କରେ ଅବଗତ ଅଛନ୍ତି କି? ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ଆଇଆଇଏମ ପ୍ରତିଷ୍ଠା କରି ନ ଦେବାକୁ ଉଦ୍ୟମ କରିଥିବା କଥା ସତ୍ୟ କି ବୋଲି ପ୍ରଶ୍ନ କରିଛନ୍ତି ବାବୁ। ତେବେ ନିର୍ବାଚନ ରଣାଙ୍ଗନରେ କାର୍ତ୍ତିକ ପାଣ୍ଡିଆନଙ୍କୁ ଉପଦେଶ ନଦେଇ ଅନ୍ତତଃ କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଆହ୍ୱାନକୁ ଗ୍ରହଣ କରନ୍ତୁ ଓ ଜୟନାରାୟଣ ନିଜର ବ୍ୟସ୍ତତମ ସମୟ ମଧ୍ୟରୁ କିଛି ସମୟ ବାହାର କରି ମା' ସମଲେଇଙ୍କ ପୀଠକୁ ଯାଇ ଓଡ଼ିଶାର ରୂପାନ୍ତରୀକରଣର ଏକ ଝଲକ ଦେଖି ଆସନ୍ତୁ ବୋଲି ବାବୁ ପରାମର୍ଶ ଦେଇଛନ୍ତି।

## ଇଭିଏମ୍, ଭିଭିପିଏଟି ମେଳ କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

ଚଳିତ ସାଧାରଣ ନିର୍ବାଚନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପିଏଟି ରେଣ୍ଡୋମାଇଜେସନ୍(ମେଳ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଧାନସଭା ଏବଂ ସମ୍ବଲପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ସହିତ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ନିର୍ବାଚନ ମଣ୍ଡଳୀ ଅଧୀନ କୁଚିଣ୍ଡା, ରେଢ଼ାଖୋଲ, ଛେଣ୍ଡିପଦା ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ତଥା ପ୍ରତିନିଧିମାନେ ଆଭାସୀ ଜରିଆରେ ସାମିଲ ହୋଇଥିଲେ। ଏଥିରେ ସମସ୍ତ ପ୍ରାର୍ଥୀ ଓ ପ୍ରତିନିଧିଙ୍କ ସହିତ ସାଧାରଣ ପର୍ଯ୍ୟବେକ୍ଷକ ଜି. ଶ୍ରୀକାନ୍ତ, ସୁରେଶ କୁମାର ଓଲା, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ(ସାଧାରଣ) ସୁଚାରୁ କୁମାର ବଳଙ୍କ ସମେତ ଅନ୍ୟ ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀମାନେ ଯୋଗ ଦେଇଥିଲେ।



ପ୍ରଶାସନିକ ଅଧିକାରୀଙ୍କ ସହିତ ରାଜନୈତିକ ଦଳର ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧି।

## ଜିଲା ବାରିକ ସମାଜ ପକ୍ଷରୁ ପଦ୍ମଶ୍ରୀ ବିନୋଦ ସମ୍ବର୍ଦ୍ଧିତ

ସମ୍ବଲପୁର,୧୧।୫(ବି.ଶଙ୍କର)

ସମ୍ବଲପୁର ଜିଲା ବାରିକ ସମାଜ ପକ୍ଷରୁ ଡ.ରାଧାନାଥ କମ୍ୟୁନିଟି ସେଣ୍ଟରଠାରେ କବି ଓ ନାଟ୍ୟକାର ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜୀବନବ୍ୟାପୀ ସାହିତ୍ୟ ସାଧନା କରି ସମ୍ବଲପୁରୀ ଭାଷା, ସାହିତ୍ୟ ତଥା ସଂସ୍କୃତିର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ଦେଇଥିବାରୁ ଭାରତ ସରକାର ବିନୋଦଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରିଛନ୍ତି। ତେଣୁ ବାରିକ ସମାଜ ସ୍ୱତନ୍ତ୍ର ଉତ୍ସବରେ ବିନୋଦଙ୍କୁ ସମବେତ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁର ଜିଲା ବାରିକ ସମାଜ କାର୍ଯ୍ୟକାରୀ ସଭାପତି ସନ୍ତୋଷ ବାରିକ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ତଥା ଭାଜପା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ଜିଲାର ବିଭିନ୍ନ ବ୍ଲକର ବାରିକ ସମାଜର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଚିତ୍ତରଞ୍ଜନ ପଶାୟତ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ, ୬୫୮୨ ମକଦ୍ଦମାର ଫଇସଲା



ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିରଣ ପକ୍ଷରୁ ଜିଲା ସଦର ମହକୁମାସ୍ଥିତ କୋର୍ଟ ପରିସରରେ ଆୟୋଜିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ଶୁଣାଣି କରାଯାଉଛି।

ସମ୍ବଲପୁର,୧୧।୫(ବି.ଶଙ୍କର)

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଜିଲା ସଦର ମହକୁମାସ୍ଥିତ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ତାଲୁକସ୍ତରୀୟ ଲୋକ ଅଦାଲତ କୁଚିଣ୍ଡା ଏବଂ ରେଢ଼ାଖୋଲ କୋର୍ଟରେ ହୋଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣାଜନିତ ୯ଟି ମାମଲା ସମାଧାନ କରି କ୍ଷତିପୂରଣ ବାବଦକୁ ୩,୩୦, ୧୫,୫୮୮ ଟଙ୍କା ଦେବା ପାଇଁ ଆଦେଶ ଦେଇଛନ୍ତି। ସେହିପରି ୩୦ଟି ପରିବାର ସଂକ୍ରାନ୍ତୀୟ, ୬୦ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇ ୯,୩୧,୩୮,୧୧୩ ଟଙ୍କା ଆଦାୟ କରାଯାଇଛି । ସେହିପରି ୩୮୭ଟି ଫୌଜଦାରି, ୧୨୧ଟି ଏନ୍‌ଆଇ ଆକ୍ଟ ମକଦ୍ଦମାର ଫଇସଲା କରାଯାଇ ୪,୨୦,୨୮,୪୯୬ ଟଙ୍କା ଆଦାୟ କରାଯାଇଛି । ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୯୮ଟି ପ୍ରିଲିଟିଗେସନ କେସ୍ ଫଇସଲାକରି ୨୬,୬୬,୯୫୫ ଟଙ୍କା ଆଦାୟ କରିଛନ୍ତି। ସେହିପରି ରାଜସ୍ୱ ବିଭାଗରେ ୫୮୭୭ଟି କେସ୍‌ର ଫଇସଲା କରାଯାଇ ୯,୩୨,୫୩୬ ଟଙ୍କା ଆଦାୟ କରାଯାଇଛି । ସମ୍ବଲପୁରଠାରେ ଅନୁଷ୍ଠିତ ଏହି ଲୋକଅଦାଲତ ସମ୍ବଲପୁର ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଦ୍ୱିତୀୟ ଏମ୍‌ଏସିଟି ଜଜ୍ ଲୋକନାଥ ମହାପାତ୍ର, ଫ୍ୟାମିଲି କୋର୍ଟ ଜଜ୍ ସତ୍ୟନାରାୟଣ ମିଶ୍ର ପ୍ରମୁଖ ବିଭିନ୍ନ ମୋଟରଜନିତ ଦୁର୍ଘଟଣା, ପରିବାର ସମ୍ପର୍କୀୟ ମକଦ୍ଦମାଗୁଡିକର ସମାଧାନ କରିଥିଲେ। ବିଭିନ୍ନ ଦେୱାନୀ ମକଦ୍ଦମା ଏବଂ ଫୌଜଦାରି ମକଦ୍ଦମାଗୁଡିକର ଫଇସଲା କରାଯାଇଥିଲା । ସେହିପରି ତାଲୁକସ୍ତରରେ କୁଚିଣ୍ଡାଠାରେ ଅତିରିକ୍ତ ଜିଲା ଜଜ୍ ରାଜକିଶୋର ଲେଙ୍କା ଏବଂ ରେଢ଼ାଖୋଲଠାରେ ଅତିରିକ୍ତ ଜିଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶୋଭେନ କାନୁନ୍‌ଗୋ ଲୋକ ଅଦଲତକୁ ପରିଚାଳନା କରିଥିଲେ।

DHARITRI
ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ | Bhubaneswar, Sunday, May 12/2024 | ପୃଷ୍ଠା-୧

# ରତ୍ନଭଣ୍ଡାର ଚାବି ହଜିବାଠୁ ଡୁପ୍ଲିକେଟ୍ ଚାବି ଅଧିକ ଗମ୍ଭୀର

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଶୁକ୍ରବାରଠାରୁ ୨ ଦିନିଆ ଓଡ଼ିଶା ଗସ୍ତ କରିଛନ୍ତି। ଶୁକ୍ରବାର ରାତିରେ ଭୁବନେଶ୍ୱରରେ ରୋଡ୍ ଶୋ କରିବାବେଳେ ଓଡ଼ିଶାରେ ଟର୍ନିଂ ପଏଣ୍ଟ ଆସିବ ବୋଲି ଗଣମାଧ୍ୟମକୁ କହିଥିଲେ। ଏଭଳି କଡ଼ା ଆଭିମୁଖ୍ୟରେ ସେ ବିଜେଡିକୁ ଟାର୍ଗେଟ୍ କରିଥିବାବେଳେ ଏହି ଧାରା ଶନିବାର ଫୁଲବାଣୀ, ବଲାଙ୍ଗୀର ଏବଂ ବରଗଡ଼ରେ ଆୟୋଜିତ ଭାଜପାର ବିଶାଳ ଜନସମାବେଶରେ ମଧ୍ୟ ଦେଖିବାକୁ ମିଳିଛି। ମୋଦି ଶ୍ରୀମନ୍ଦିର ରତ୍ନଭଣ୍ଡାର ସମେତ ରାଜ୍ୟର ଏକାଧିକ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ସମାଲୋଚନା କରିଛନ୍ତି। ନବୀନ ବିନା କାଗଜ ଦେଖି ଓଡ଼ିଶାର ସବୁ ଜିଲାର ନାଁ ଏବଂ ନିଜେ ଲଢୁଥିବା କଣ୍ଟାବାଞ୍ଜି ଆସନର ୧୦ ଗାଁ ନାଁ କହିପାରିବେ ନାହିଁ ବୋଲି ମୋଦି କହିଛନ୍ତି। ଏହାଛଡ଼ା ଓଡ଼ିଶା ମାଟିରେ ଜନ୍ମ ହୋଇଥିବା, ଓଡ଼ିଆ ସଂସ୍କୃତି ଓ ଅସ୍ମିତା ବୁଝୁଥିବା ବ୍ୟକ୍ତି ଜୁନ୍ ୧୦ରେ ଭାଜପା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସେ କହିଛନ୍ତି।**

**ଫୁଲବାଣୀ, ୧୧।୫(ରାକେଶ କୁମାର ରାଉତ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କନ୍ଧମାଳ ଜିଲା ଫୁଲବାଣୀ ଷ୍ଟାଡିୟମରେ ଆୟୋଜିତ ଭାଜପାର ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀମନ୍ଦିର ରତ୍ନଭଣ୍ଡାର କଥା ଉଠାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। କନ୍ଧମାଳ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସମାବେଶରେ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାରର ମୂଲ୍ୟାଙ୍କନ ୪୫ ବର୍ଷ ତଳେ ହୋଇଥିଲା। ସେତେବେଳେ ରତ୍ନଭଣ୍ଡାରରେ ଏତେ ପରିମାଣରେ ଆଭୂଷଣ ଓ ରତ୍ନ ଥିଲା ଯେ ☞ପୃଷ୍ଠା–୪



## କଣ୍ଟାବାଞ୍ଜିର ୧୦ ଗାଁର ନାଁ କହିପାରିବେନି ମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର, ୧୧।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ଫୁଲବାଣୀ ଜନସମାବେଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ପଡ଼ିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଜୋର୍‌ଦାର ସମାଲୋଚନା କରିଛନ୍ତି। ମୋଦି କହିଛନ୍ତି ଯେ, ଓଡିଶା ଧନୀ ରାଜ୍ୟ। ହେଲେ ଓଡ଼ିଶାବାସୀ ଗରିବ। ରାଜ୍ୟ ସରକାର ଲୋକଙ୍କୁ ☞ପୃଷ୍ଠା–୪

## ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ଭାଜପା ମୁଖ୍ୟମନ୍ତ୍ରୀ ହେବେ

**ବରଗଡ଼, ୧୧।୫(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶାରେ ଅପାର ପ୍ରାକୃତିକ ସମ୍ପଦ ଭରି ରହିଥିବା ସତ୍ତ୍ୱେ ବିଜେଡି ସରକାର ରାଜ୍ୟରେ ଦାରିଦ୍ର୍ୟ ହଟାଇ ପାରିନାହିଁ। ଓଡ଼ିଶାର ମହାନ୍ ସଂସ୍କୃତି, ପରମ୍ପରାକୁ ବିଜେଡି ସରକାର ୨୫ବର୍ଷ ଶାସନ କାଳରେ ବରବାଦ କରିଦେଇଛି। ସାରା ରାଜ୍ୟରେ ବିଜେଡି ବିରୋଧରେ ଲୋକଙ୍କ ମଧ୍ୟରେ କ୍ରୋଧ ରହିଛି। ଆଉ କେତେ ସହିବା ବୋଲି ଲୋକେ କହୁଛନ୍ତି। ☞ପୃଷ୍ଠା–୪

## ଆଇଓଏସ୍‌ରେ ପ୍ରୋଫାଇଲ୍ ଫଟୋ ସ୍କ୍ରିନ୍‌ଶଟ୍ ବ୍ଲକ୍ କରିବ ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ, ୧୧।୫:** ଆଇଓଏସ୍ ମୋବାଇଲ ଅପରେଟିଂ ସିଷ୍ଟମ ଥିବା ଫୋନ୍‌ଗୁଡ଼ିକରେ ହ୍ୱାଟ୍ସଆପ୍ ୟୁଜର୍ସ ପ୍ରୋଫାଇଲ ଫଟୋର ସ୍କ୍ରିନ୍‌ଶଟ୍ ନେଇପାରିବେ ନାହିଁ। ପୂର୍ବରୁ ଥିବା ଏହି ସୁବିଧାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ମେଟା ମାଲିକାନାରେ ଥିବା ହ୍ୱାଟ୍ସଆପ୍ ପ୍ରସ୍ତୁତି ଚଳାଇଛି। ଡବ୍ଲ୍ୟୁଏ-ବିଟାଇନ୍‌ଫୋ ପକ୍ଷରୁ ଶନିବାର ଏ ସମ୍ପର୍କିତ ଏକ ଡେମୋର ସ୍କ୍ରିନ୍‌ଶଟ ଶେୟାର କରାଯାଇଛି।

ହ୍ୱାଟ୍ସଆପ୍‌ରେ ପ୍ରୋଫାଇଲ ଫଟୋର ସ୍କ୍ରିନ୍‌ଶଟ୍ ନେବାକୁ କେହି ଉଦ୍ୟମ କଲେ ସ୍କ୍ରିନ୍‌ରେ ଏକ ମେସେଜ୍ ଦେଖିବାକୁ ମିଳିବ। 'ଆପଣଙ୍କ ପ୍ରୋଫାଇଲ ଫଟୋ ସ୍କ୍ରିନ୍‌ଶଟ' ବ୍ଲକ୍ ହୋଇଯାଇଛି ବୋଲି ଏଥିରେ ଉଲ୍ଲେଖ ରହିବ। ସମସ୍ତ ☞ପୃଷ୍ଠା–୪




# ୧୦ ବର୍ଷ ପରେ ବି ଭାଜପା ଓଡ଼ିଶାବାସୀଙ୍କ ହୃଦୟ ଜିତିପାରିବ ନାହିଁ

**ଭୁବନେଶ୍ୱର, ୧୧।୫(ଅନିଲ ଦାସ):** ୧୦ ବର୍ଷ ପରେ ବି ଭାଜପା ଓଡ଼ିଶାବାସୀଙ୍କ ହୃଦୟ ଜିତିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପ୍ରକାଶ କରିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୁଲବାଣୀ, ବଲାଙ୍ଗୀର ଏବଂ ବରଗଡ଼ଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଶନିବାର ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏପରି କି ମୁଖ୍ୟମନ୍ତ୍ରୀ ବିନା କାଗଜରେ ଓଡ଼ିଶାର ୩୦ ଜିଲା ଏବଂ କଣ୍ଟାବାଞ୍ଜିର ୧୦ଟି ଗ୍ରାମର ନାମ କହିପାରିବେ ନାହିଁ ବୋଲି ମୋଦି କହିଥିଲେ। ଏହାର ଜବାବରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

**ମୋଦିଙ୍କୁ ଜବାବ ଦେଲେ ନବୀନ**



ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଉପରେ ମୁଖ୍ୟମନ୍ତ୍ରୀ ନିଜର କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଶନିବାର ସନ୍ଧ୍ୟାରେ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋର କ'ଣ ମନେ ଅଛି କି ନାହିଁ ୨୪ ବର୍ଷ ହେଲା ଓଡ଼ିଶାବାସୀ ଭଲ ଭାବରେ ଜାଣିଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀ ଆପଣ ଓଡ଼ିଶାକୁ କେତେ ମନେ ରଖିଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ହେବା ପରେ ଆପଣ ଓଡ଼ିଆ ଭାଷାକୁ ଭୁଲିଗଲେ। ସଂସ୍କୃତ ଭାଷାକୁ ହଜାରେ କୋଟି, ଓଡ଼ିଆ ଭାଷାକୁ ଶୂନ। ଆପଣ ଓଡ଼ିଶୀ ସଙ୍ଗୀତକୁ ମଧ୍ୟ ଭୁଲିଗଲେ। ମୁଁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ୨ ଥର ପ୍ରସ୍ତାବ ପଠାଇଥିଲି। ଆପଣ ଦୁଇଥର ଏହାକୁ ଅଗ୍ରାହ୍ୟ କଲେ। ଓଡ଼ିଶାରେ ବହୁ ବୀରପୁତ୍ର ଅଛନ୍ତି। ଆଜି ଆପଣ ବି କେତେ ଜଣଙ୍କ ନାଁ କହିଲେ। ଭାରତରତ୍ନ ପାଇଁ କ'ଣ କେହି ଠିକ୍ ଲାଗିଲେନି। ଓଡ଼ିଶାର ବୀରପୁତ୍ର ବିଜୁ ପଟ୍ଟନାୟକଙ୍କୁ ବି ଭୁଲି ଗଲେ। ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦୁଇଗୁଣ କରିବାକୁ କହିଥିଲେ। ଆପଣ ତାକୁ ବି ଭୁଲିଗଲେ। ଉପକୂଳ ରାଜପଥ କରିବାର ଥିଲା। ସେଇଟା ବି ଭୁଲିଗଲେ। କୋଇଲା ଆପଣ ନେଉଛନ୍ତି। ଆପଣ ୧୦ ବର୍ଷ ହେଲା ରୟାଲ୍‌ଟି ଦେବା ପାଇଁ ଭୁଲି ଗଲେ। ନିର୍ବାଚନ ସମୟରେ ଓଡ଼ିଶାକୁ ମନେ ପକାଇଲେ କିଛି ଲାଭ ନାହିଁ। ୨୦୧୪ ଓ ୨୦୧୯ରେ ନିଜେ ଦେଇଥିବା ପ୍ରତିଶ୍ରୁତି (ପ୍ରୋମିଜ)କୁ ଆପଣ ମନେରଖିଛନ୍ତି କି ? ଆପଣ ଓଡ଼ିଶାବାସୀଙ୍କୁ କହିଥିବା ଦରବୃଦ୍ଧି କମାଇବା, ୨ କୋଟି ଚାକିରି, ପେଟ୍ରୋଲ, ଡିଜେଲ ଦର କମାଇବା, ଗ୍ରାମାଞ୍ଚଳକୁ କନେକ୍ଟିଭିଟି ଦେବା, ଜିଏସ୍‌ଟି ଛାଡ଼ କରିବା ଓଡ଼ିଶାବାସୀ ମନେ ରଖିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁ ବିଜେଡି ଷଷ୍ଠ ଥର ପାଇଁ ସରକାର ଗଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ଜବାବ ଦେଇଛନ୍ତି।











# ଲିଙ୍ଗରାଜ କଲେଜ ଅଫ୍ ନର୍ସିଂ

କଥାରେ ଅଛି ମଣିଷର ସେବା ଭଗବାନଙ୍କର ସେବା। ଏହି ପରିପ୍ରେକ୍ଷୀରେ କାସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ' ୧୨ ତାରିଖରେ ପାଳିତ ହୋଇଆସୁଅଛି 'ଅନ୍ତର୍ଜାତୀୟ ନର୍ସ ଦିବସ'। ୧୯୬୫ ମସିହାରେ ଅନ୍ତର୍ଜାତୀୟ ନର୍ସେସ କାଉନ୍ସିଲ ପକ୍ଷରୁ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା। ସେବା କ୍ଷେତ୍ରରେ ଇଟାଲୀର ଫ୍ଲୋରେନ୍ସ ସହରରେ ଜନ୍ମିତା ଫ୍ଲୋରେନ୍ସ ନାଇଟିଙ୍ଗେଲ ଜଣେ ନର୍ସ ଭାବରେ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠାକୁ ସ୍ମରଣ କରି ତାଙ୍କ ଜନ୍ମଦିନ ୧୮୨୦ ମସିହା ମେ' ୧୨ ତାରିଖକୁ ଅନ୍ତର୍ଜାତୀୟ ନର୍ସ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ମେ' ୧୨ ତାରିଖକୁ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଇଆସୁଅଛି। ଉକ୍ତ ଦିବସରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ନର୍ସମାନଙ୍କର ଆବଶ୍ୟକତା ଓ ସେମାନଙ୍କ ସେବା ମନୋବୃତ୍ତିର ପ୍ରଚାର ଏବଂ ପ୍ରସାର ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ।

ପ୍ରକୃତିର ଏକ ଶାନ୍ତ ପରିବେଶରେ ଉତ୍ତମ ପାଠପଢ଼ା ପ୍ରଦାନ ଓ ସମାଜକୁ ନିପୁଣ ସେବିକା(ନର୍ସ) ପ୍ରଦାନର ଲକ୍ଷ୍ୟ ରଖି ୨୦୨୦ରେ ଭୁବନେଶ୍ୱରରେ ଜନ୍ମ ନେଇଥିଲା 'ଲିଙ୍ଗରାଜ କଲେଜ ଅଫ ନର୍ସିଂ'। ବହୁ ବିଜ୍ଞ ଓ ଅନୁଭୂତି ସମ୍ପନ୍ନ ଅଧ୍ୟାପକଙ୍କ ସହାୟତାରେ ଏଠାରେ ଛାତ୍ରୀଛାତ୍ରଙ୍କୁ ଠିକ୍ ଶିକ୍ଷା ପ୍ରଦାନ ସହ ସେମାନଙ୍କ ମନରେ ରୋଗୀଙ୍କ ପ୍ରତି ସେବା ମନବୃତ୍ତିକୁ ସୁଦୃଢ଼ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ସମାଜରେ ଜଣେ ଭଲ ସେବିକା ହିସାବରେ ପରିଚିତ କରାଇବା ଏଠାକାର ନର୍ସିଂ ପାଠ୍ୟକ୍ରମର ଏକ ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ। ତେଣୁ ଆଜି ଏହି ଅନ୍ତର୍ଜାତୀୟ ନର୍ସିଂ ଦିବସରେ ଲିଙ୍ଗରାଜ କଲେଜ ଅଫ ନର୍ସିଂ, ଭୁବନେଶ୍ୱର ସମସ୍ତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତର ନୂତନ ଦିଗ୍‌ଦର୍ଶନ ଦେବା ଓ ଏକ ଉତ୍ତମ ସେବିକା ରୂପେ ଗଢ଼ିବାର ପ୍ରତିଶ୍ରୁତି ନେଇ ପ୍ରବେଶ ପଥକୁ ନିମନ୍ତ୍ରଣ କରୁଛି।






## ଲୋକଙ୍କ ସେବା କରିବାର ଏକ ମାଧ୍ୟମ ନର୍ସିଂ



ମେଡିକାଲରେ ନର୍ସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ୧୦୦ ରୋଗୀଙ୍କ ପାଇଁ ଜଣେ ଡାକ୍ତର ଥିବାବେଳେ ରୋଗୀଙ୍କ ସେବାଯତ୍ନ ପାଇଁ ଅନେକ ନର୍ସ ନିୟୋଜିତ ରହିଥାନ୍ତି। ଲୋକଙ୍କ ସେବା କରିବାର ଏକ ମାଧ୍ୟମ ହେଉଛି ନର୍ସିଂ। ମୁଁ ଲୋକଙ୍କ ସେବା ମନୋବୃତ୍ତି ନେଇ ନର୍ସିଂ ବୃତ୍ତିକୁ ଚୟନ କରିଥିଲି। ଏଥିରୁ ମୋତେ ଖୁସି ମିଳୁଛି। ପ୍ରତ୍ୟେକ ଘରେ ଜଣେ ସେବିକା ରହିବା ଦରକାର। ଫଳରେ ପରିବାର ସଦସ୍ୟ ସେବା ପାଇପାରିବେ।

- ସ୍ୱାଗତିକା ଶୁଭଦର୍ଶିନୀ ପାଣିଗ୍ରାହୀ, ଷ୍ଟାଫ୍ ନର୍ସ, ପୁରୀ

## ସ୍ୱାସ୍ଥ୍ୟକ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସ୍କୁଲ ସମୟରୁ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହ ଜଡ଼ିତ ଥିବାରୁ ଲୋକଙ୍କ ସେବା କରିବା ପାଇଁ ମନରେ ପ୍ରବଳ ଇଚ୍ଛା ରହିଥିଲା। ତେଣୁ ଶିକ୍ଷା ସରିବା ପରେ ନର୍ସିଂ କରିଥିଲି। ଏହାଦ୍ୱାରା ପ୍ରତ୍ୟକ୍ଷ ଭାବେ ଲୋକଙ୍କ ସେବା କରିହେବ। ସ୍ୱାସ୍ଥ୍ୟକ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ ନର୍ସମାନେ ବିଶେଷ ଧ୍ୟାନ ଦେଇଥାନ୍ତି। ଆଗାମୀ ଦିନରେ ଜଣେ ଉତ୍ତମ ନର୍ସ ଭାବେ ସମାଜରେ ପ୍ରତିଷ୍ଠିତ ହେବାକୁ ଲକ୍ଷ୍ୟ ରଖିଛି।

- ଇନ୍ଦ୍ରାଣୀ ସିଂ, ନର୍ସିଂ ଛାତ୍ରୀ, ପୁରୀ

## ନର୍ସଙ୍କୁ ଉପଯୁକ୍ତ ସମ୍ମାନ ଓ ପାରିଶ୍ରମିକ ମିଳିବା ଉଚିତ



ନିଃସ୍ୱାର୍ଥପର ସେବା, ଜନସ୍ୱାସ୍ଥ୍ୟ ସୁରକ୍ଷା ଓ ସମାଜ କଲ୍ୟାଣକୁ ଦୃଷ୍ଟିରେ ରଖି ମୁଁ ଏହି କ୍ଷେତ୍ରକୁ ଆସିଛି। କରୋନା କାଳରେ ଯେତେବେଳେ ସାରା ବିଶ୍ୱରେ ଭାଇରସ୍ ଯୋଗୁ ଲୋକେ ଯନ୍ତ୍ରଣା ଭୋଗୁଥିଲେ, ସେତେବେଳେ ନର୍ସମାନେ ହିଁ ନିଜ ଜୀବନକୁ ବାଜି ଲଗାଇ ଦେବଦୂତ ସାଜି ଲୋକଙ୍କ ସେବା କରୁଥିଲେ। ଜଣେ ରୋଗୀଙ୍କ ପାଖରେ ଡାକ୍ତର କମ୍ ସମୟ ରହିଥାନ୍ତି, ହେଲେ ନର୍ସ ଦିନରାତି ରହି ସେବା ଯୋଗାଇଥାନ୍ତି। ତେଣୁ ନର୍ସମାନଙ୍କୁ ଉପଯୁକ୍ତ ସମ୍ମାନ ସହିତ ଠିକ୍ ପାରିଶ୍ରମିକ ପ୍ରଦାନ କରାଯିବା ଦରକାର।

-ସଂଘମିତ୍ରା ରଏ, ନର୍ସ, ପୁରୀ

## ରୋଗୀଙ୍କୁ ସହନଶୀଳତାର ସହ ସାମନା କରିବାକୁ ପଡ଼େ



ମୋ ଘର ମୟୂରଭଞ୍ଜ। ତେବେ ମା'ବାପାଙ୍କ ପ୍ରେରଣାରେ ମୁଁ ବୁର୍ଲା ନର୍ସିଂ କଲେଜରେ ପାଠ ପଢ଼ିବା ପରେ ଦୀର୍ଘ ୧୪ ବର୍ଷ ହେବ ଭିମସାରରେ କାର୍ଯ୍ୟ କରି ଆସୁଛି। ପ୍ରତିଦିନ ଶହ ଶହ ରୋଗୀଙ୍କ ସେବା ଯତ୍ନ କରିବାର ସୁଯୋଗ ମିଳୁଛି। ପ୍ରତିଦିନ ଭିନ୍ନ ଭିନ୍ନ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥାନ୍ତି। ଅନେକ ସମୟରେ ରୋଗୀ ପରିଜନ ଚିକିତ୍ସାରେ ସହଯୋଗ କରିବା ପରିବର୍ତ୍ତେ ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା ମଧ୍ୟ କରିଥାନ୍ତି। ତେବେ ସବୁ ପ୍ରକାର ରୋଗୀଙ୍କୁ ସହନଶୀଳତାର ସହ ସାମନା କରିବାକୁ ପଡେ। ଆମେ ସେବା କରିବାକୁ ଏହି ବୃତ୍ତିକୁ ବାଛିଛୁ, ତେଣୁ ସମସ୍ତଙ୍କୁ ଉଚିତ ସେବା ମିଳୁ ଏହା ଆମର ଧ୍ୟେୟ ହୋଇଥାଏ।

- ହେମାମାଳିନୀ ଦାସ, ବୁର୍ଲା ଭିମସାର

## ରୋଗୀ ସେବା କରି ଆତ୍ମସନ୍ତୋଷ ପାଇଛି



ମୋର ନର୍ସିଂ ସେବା କ୍ଷେତ୍ରରେ ୧୭ ବର୍ଷ ବିତି ସାରିଲାଣି। ଛୋଟ ସମୟରୁ ମୁଁ ଜଣେ ନର୍ସ ହେବା ପାଇଁ ଚିନ୍ତା କରୁଥିଲି। ମୁଁ ଶିକ୍ଷକ ଚାକରି ପାଇଥିଲି ତେବେ ନର୍ସିଂ କ୍ଷେତ୍ରରେ କାର୍ଯ୍ୟକରିବାକୁ ମନସ୍ଥ କରିଥିଲି। ଦିନକୁ ଦିନ ନର୍ସିଂ ସେବାରେ ଉନ୍ନତି ଆସିଛି ଏବଂ ସମ୍ମାନ ମଧ୍ୟ ବଢ଼ିଛି। ଏବେ ଛାତ୍ରୀଛାତ୍ରମାନେ ନର୍ସିଂରେ ମାଷ୍ଟର ଡିଗ୍ରୀ ପାଠ ପଢ଼ି ସେବାରେ ଯୋଗ ଦେଉଛନ୍ତି। ଅତ୍ୟାଧୁନିକ କୌଶଳରେ ରୋଗୀଙ୍କ ଚିକିତ୍ସା ସେବା କରାଯାଇ ପାରୁଛନ୍ତି। ଦୀର୍ଘ ବର୍ଷର ରୋଗୀ ସେବା କରି ଆତ୍ମସନ୍ତୋଷ ପାଇପାରିଛି।

-ଅଞ୍ଜଳି ସାହୁ, ସିନିଅର ନର୍ସିଂ ଅଧିକାରୀ, ଭିମସାର

## ଚାକିରି ନୁହଁ, ଏକ ସେବା କାର୍ଯ୍ୟ



ନର୍ସିଂ କେବଳ ଏକ ଚାକିରି ନୁହଁ, ଏକ ସେବା କାର୍ଯ୍ୟ। ସୀମାରେ ଯବାନମାନଙ୍କ ପରି ରୋଗୀକୁ ସୁସ୍ଥ କରିବା ପାଇଁ ସଂଘର୍ଷ କରିବାକୁ ପଡେ। ହେଲେ ରୋଗୀ ମୁହଁରେ ହସ ଫୁଟାଇ ଆତ୍ମ ସନ୍ତୋଷ ମିଳିଥାଏ। ମୁଁ ଦୀର୍ଘ ୨୭ବର୍ଷର ନର୍ସିଂ ସେବା ପରେ ବି ବେଶ୍ ଖୁସି ରହିଛି। ଚାକିରି ଜୀବନରେ ବିଭିନ୍ନ ରୋଗୀଙ୍କ ସେବା କରିଛି। ଅନେକ ରୋଗୀ ବର୍ଷ ବର୍ଷ ପରେ ବି ମନେରଖି ସମ୍ମାନ ଦିଅନ୍ତି। ଏଥିପାଇଁ ବୃତ୍ତିକୁ ନେଇ ଗର୍ବ ଲାଗେ। ରୋଗୀଙ୍କ ସହ ସେମାନଙ୍କ ପରିଜନ ଆମର ସେବା ପାଇଁ ଧନ୍ୟବାଦ ଦିଅନ୍ତି। ଏହା ଆମ ବୃତ୍ତିପ୍ରତି ସମ୍ମାନ ଅଟେ।

- ତୁଷାର ତରଙ୍ଗିନୀ ଦଡିଆ, ସଭାପତି, ଭିମସାର ନର୍ସିଂ ସଂଘ

# ସମ୍ବଲପୁର ନର୍ସିଂ କଲେଜ

ମାନବ ସେବା ଭଗବାନଙ୍କ ସେବା– ଏହି ପରିପ୍ରେକ୍ଷୀରେ ସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ ମାସ ୧୨ ତାରିଖରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ନର୍ସ ଦିବସ। ହାତରେ ଦିପଟିଏ ଧରି ରାତ୍ରିର ନିର୍ଜନ ପ୍ରହରେ ଅବା ଯୁଦ୍ଧ କ୍ଷେତ୍ରରେ ଆହତ ସୈନ୍ୟମାନଙ୍କ ଶଯ୍ୟାଧାରରେ ଜଣେ ଠିଆହୋଇ ଅଗଣିତ ବ୍ୟଥିତ ପ୍ରାଣରେ ଆଶା ଆଉ ଆଶ୍ୱାସନାର କୋମଳ ଛୁଆଁ ଟିକେ ଦେଇ ସେଦିନ ଯେଉଁ କ୍ଷୀଣାଙ୍ଗୀ ତରୁଣୀଟି ସେବା ଆଉ ହୃଦୟତାର ସାକାର ବିଗ୍ରହ ରୂପରେ ଉଭା ହୋଇଥିଲେ ସେ ହେଉଛନ୍ତି ଫ୍ଲୋରେନ୍ସ ନାଇଟେଙ୍ଗେଲ। ସେହି ମହୀୟସୀ ବ୍ୟକ୍ତିତ୍ୱ ୧୮୨୦ ମେ' ୧୨ରେ ଇଟାଲୀ ସହରରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୧୦ ଅଗଷ୍ଟ ୧୩ରେ ଲଣ୍ଡନରେ ଦେହତ୍ୟାଗ କରିଥିଲେ। ମାନବ ସେବାକୁ ମାଧବ ସେବା ରୂପରେ ବରଣ କରି ନେଉଥିବା ତାଙ୍କ ଭଳି ମହୀୟସୀମାନେ ଧୂଳିର ଧରାରେ ବିଧାତାଙ୍କର ଏକ ନିଆରା ସୃଷ୍ଟି ରୂପରେ ଆବିର୍ଭୂତ ହୁଅନ୍ତି। ମାନବିକତାର ମହକରେ ସମଗ୍ର ସୃଷ୍ଟିକୁ ସୁରକ୍ଷିତ କରିଦେଇ ଦିନେ ପୁଣି ବିଦାୟ ନେଇ ଚାଲିଯାଆନ୍ତି। ତେବେ ସେମାନଙ୍କର ସ୍ମୃତି କାଳକାଳକୁ ଏକ ଅନିର୍ବାଣ ଦୀପଶିଖା ଭଳି ପଥହରା ମାନବ ଜାତିକୁ ଦିଗ୍‌ଦର୍ଶନ ଦେଇଥାଏ। ତେଣୁ ତାଙ୍କୁ ଆମେ Lady with the lamp ବୋଲି କହୁ। ସେ ଜଣେ ବ୍ରିଟିସ ନର୍ସ ଥିଲେ। She is the foundation of philosopher of modern nursing। ତେଣୁ ତାଙ୍କୁ ସ୍ମରଣ କରିବା ପାଇଁ ସମଗ୍ର ବିଶ୍ୱରେ ଥିବା ନର୍ସିଂ ଅନୁଷ୍ଠାନଗୁଡ଼ିକରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଏ। ସେ ବିଶ୍ୱର ପ୍ରଥମ ମହିଳା ଯାହାଙ୍କୁ କି ୧୯୦୭ ମସିହାରେ Order of merit ପୁରସ୍କାରରେ ସମ୍ମାନିତ କରାଯାଇଛି।

ସମ୍ବଲପୁର ନର୍ସିଂ କଲେଜରେ ମଧ୍ୟ ନର୍ସିଂ ଦିବସ ପାଳିତ ହୋଇଥାଏ। ଏଥିରେ କଲେଜର ମୁଖ୍ୟ ପରିଚାଳକ ରଘୁନନ୍ଦନ ନାଏକ, ଅଧକ୍ଷା ଡା. ରୋଜାଲିନ ଷ୍ଟିଫେନ ଓ କଲେଜର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ସହିତ ଅନ୍ତର୍ଜାତୀୟ ନର୍ସ ଦିବସର ମହତ୍ତ୍ୱ ବିଷୟରେ ନର୍ସିଂ ପିଲାଙ୍କୁ ଉଦ୍‌ବୋଧନ ଦିଅନ୍ତି।












# ଶ୍ରୀ ଶ୍ରୀ କଲେଜ ଅଫ୍ ନର୍ସିଂ

କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶାନ୍ତ ପରିବେଶରେ ଅବସ୍ଥିତ 'ଶ୍ରୀ ଶ୍ରୀ କଲେଜ ଅଫ୍ ନର୍ସିଂ' ବାସ୍ତବରେ ନିଜ ଶୈକ୍ଷିକ ବାତାବରଣ ପାଇଁ ବିଖ୍ୟାତ। ଏଠାରେ ପେସାଦାର ଚିକିତ୍ସକଙ୍କ ଦ୍ୱାରା କେବଳ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦିଆଯାଏନାହିଁ, ବରଂ ଦୟାଳୁ ଚିକିତ୍ସକଙ୍କ ଦ୍ୱାରା ରୋଗୀମାନଙ୍କୁ ମାନସିକସ୍ତରରେ ମଧ୍ୟ ଉତ୍ତମ ଚିକିତ୍ସାସେବା ଯୋଗାଇଦେବା ସମ୍ପର୍କରେ ଶିକ୍ଷା ଦିଆଯାଏ। ଏହା ନର୍ସିଂର କଳା ଓ ବିଜ୍ଞାନର ଏକ ସହଜ ମିଶ୍ରଣ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ନର୍ସିଂ ପ୍ରତିଷ୍ଠାନ ସାମଗ୍ରିକ ସ୍ୱାସ୍ଥ୍ୟର ପ୍ରତୀକ ଭାବେ ସଦର୍ପେ ଦଣ୍ଡାୟମାନ ହୋଇଥିବାବେଳେ ଜନକଲ୍ୟାଣର ଅନୁସନ୍ଧାନ କରିବାକୁ ପରମ୍ପରା ଆଧୁନିକତା ସହ ମିଶିଯାଇଥାଏ।

## ସାମଗ୍ରିକ ସ୍ୱାସ୍ଥ୍ୟ

ଆମ କାର୍ଯ୍ୟକ୍ରମ ପରମ୍ପରାର ସୀମା ଡେଇଁ ପାରମ୍ପରିକ ଚିକିତ୍ସା ଜ୍ଞାନ, ଯୋଗରୁ ମିଳୁଥିବା ଶାନ୍ତି ଏବଂ ସାମଗ୍ରିକ ଉପଚାରର ଜାଗରୁକତାକୁ ନର୍ସିଂ ଶିକ୍ଷାର ମୌଳିକ ଢାଞ୍ଚା ସହ ମିଶାଇବାକୁ ପ୍ରସ୍ତୁତ କରିଛି। ଆମ ମତରେ ବାସ୍ତବ କଲ୍ୟାଣ ନିମନ୍ତେ କେବଳ ଶାରୀରିକ ଜୀବନଶକ୍ତି ନୁହେଁ, ଅଧିକନ୍ତୁ ମାନସିକ ଶାନ୍ତି, ସାମାଜିକ ସଦ୍ଭାବ, ଆର୍ଥିକ ସ୍ଥିରତା ଏବଂ ଆଧ୍ୟାତ୍ମିକ ସମ୍ବର୍ଦ୍ଧନାର ବି ଆବଶ୍ୟକତା ରହିଛି।

## କଠୋର ଶୈକ୍ଷଣିକ, ବ୍ୟବହାରିକ ବୁଦ୍ଧି

ଆମର ପାଠ୍ୟକ୍ରମ ଶୈକ୍ଷଣିକ କଠୋରତାକୁ ବ୍ୟବହାରିକ ଅନୁଭବ ସହ ଯୋଡ଼ିଥାଏ। ଏହି ପାଠ୍ୟକ୍ରମ ଆପଣଙ୍କୁ ସ୍ୱାସ୍ଥ୍ୟରକ୍ଷାର ବହୁମୁଖୀ ଦାବି ନିମନ୍ତେ ପ୍ରସ୍ତୁତ କରିଥାଏ। ଏଠାରେ ଅଧ୍ୟୟନ କରୁଥିବା ପ୍ରତ୍ୟେକଙ୍କୁ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ପ୍ରସ୍ତୁତ କରିବା ହିଁ ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ। ଆରୋଗ୍ୟ ସମ୍ପର୍କିତ ତାଲିମ ସାଙ୍ଗକୁ ଉତ୍ତମ ଭାବବିନିମୟ ଶିକ୍ଷା ମାଧ୍ୟମରେ ଚିକିତ୍ସାର ସଫଳ ତଥା ପ୍ରଭାବଶାଳୀ କୌଶଳ ସମ୍ପର୍କରେ ଏଠାରେ ଶିକ୍ଷା ପ୍ରଦାନ କରାଯାଏ।

## ବିବିଧତାରେ ଏକତା

ଆମର ଶ୍ରେଣୀଗୃହ ଏବଂ କ୍ଲିନିକାଲ ଶିକ୍ଷାରେ ଆଧୁନିକ ସ୍ୱାସ୍ଥ୍ୟର ଦେଖାରଖା ପାଇଁ ଦୃଢ଼ ଭିତ୍ତିଭୂମି ରହିଛି। ଆମ ମତରେ ସମାଜ ହେଉଛି ଅସଂଖ୍ୟ ସଂସ୍କୃତି, ପୃଷ୍ଠଭୂମି ଏବଂ ଲୋକପରମ୍ପରାରେ ସମୃଦ୍ଧ ଏକ ଚିତ୍ରପଟ।

## ଭବିଷ୍ୟତର ଉତ୍ତମ ନର୍ସିଂ ବ୍ୟକ୍ତିତ୍ୱ ସୃଷ୍ଟି କରିବା

ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟରେ ଆମ ପ୍ରାଧ୍ୟାପକମାନେ କେବଳ ଇନ୍‌ଷ୍ଟ୍ରକ୍ଟର ନୁହନ୍ତି, ଅଧିକନ୍ତୁ ସେମାନେ ପଥପ୍ରଦର୍ଶକ ଭଳି ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାର କ୍ଷମତା ରଖନ୍ତି। ଉଚ୍ଚକୋଟୀର ଶିକ୍ଷାଦାନ ପଦ୍ଧତି ଏବଂ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଛାତ୍ରଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଦ୍ୱାରା ସେମାନେ ନର୍ସିଂ ଶିକ୍ଷାକୁ ଏକ ଅପହଞ୍ଚ ଉଚ୍ଚତାକୁ ନେଇପାରିଛନ୍ତି। ଫଳରେ ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ପିଲାମାନେ ସ୍ୱାସ୍ଥ୍ୟସେବାରେ ନିଜ ନିଜ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରିପାରନ୍ତି।

## ଉତ୍କୃଷ୍ଟତାର ମାର୍ଗ

ଏଠାରେ ଯେକୌଣସି ଛାତ୍ରୀଛାତ୍ର ବିଏସ୍‌ସି ନର୍ସିଂ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରନ୍ତୁ କିମ୍ବା ଜିଏନ୍‌ଏମ୍ ନର୍ସିଂ କୋର୍ସ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟସ୍ଥିତ ନର୍ସିଂ ମହାବିଦ୍ୟାଳୟରେ ସେମାନଙ୍କୁ ଯନ୍ତ୍ରପାତିରେ ସମୃଦ୍ଧ ବିଶ୍ୱସ୍ତରୀୟ ପ୍ରୟୋଗଶାଳା ଓ ସର୍ବୋତ୍କୃଷ୍ଟ କ୍ଲିନିକାଲ ପ୍ରଶିକ୍ଷଣ ହାତପାଆନ୍ତାରେ ଉପଲବ୍ଧ ହୋଇପାରିବ, ଯାହା ପ୍ରଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ବିଶେଷକରି 'ଜେନେରାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି'ରେ ଆମର ଡିପ୍ଲୋମା ପାଠ୍ୟକ୍ରମ ନିର୍ଦ୍ଦିଷ୍ଟ ଭାବରେ ସେହିମାନଙ୍କୁ ଲକ୍ଷ୍ୟକରି ପ୍ରସ୍ତୁତ କରାଯାଇଛି, ଯାହା ବ୍ୟକ୍ତି, ପରିବାର ଓ ସମୁଦାୟର କ୍ରମବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟସେବା ଚାହିଦାକୁ ପୂରଣ କରିବାରେ ସଫଳ ହୋଇପାରିବ।

## ଏଇଠୁ ଆରମ୍ଭ ଆପଣଙ୍କ ଯାତ୍ରା

ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ ଜରିଆରେ ଆମ ସହ ଯୋଡ଼ିହୁଅନ୍ତୁ, ଯେଉଁଠାରେ ଉତ୍କୃଷ୍ଟତାଭରା କରୁଣା ଓ ନବୀନତାରେ ଭରପୂର ପରମ୍ପରା ଉପଲବ୍ଧ ହୁଏ। ଏଭଳି ଏକ ଦୁନିଆରେ ପାଦ ରଖନ୍ତୁ, ଯେଉଁଠାରେ ସ୍ୱାସ୍ଥ୍ୟସେବା କେବଳ ଏକ ପେସା ନୁହେଁ, ଏକ ଆହ୍ୱାନ ପାଲଟେ। ଅନ୍ୟମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାର ଅବସର ସାଙ୍ଗକୁ ପାଲଟେ ସମସ୍ତଙ୍କ ପାଇଁ ଅନୁକମ୍ପାର ଅନୁଭବ। ସମଗ୍ର ଉପଚାରକ ପାଲଟିବା ଲକ୍ଷ୍ୟରେ ଏହିଠାରୁ ହିଁ ଆରମ୍ଭ ହୁଏ ଆପଣଙ୍କ ଯାତ୍ରା।







# ଅନ୍ତର୍ଜାତୀୟ ସେବିକା ଦିବସ





### ବୋଉର ସ୍ୱପ୍ନ ଥିଲା



ମୋ ବୋଉର ସ୍ୱପ୍ନ ଥିଲା ସେ ଜଣେ ନର୍ସ ହେବେ। କିନ୍ତୁ ପାରିବାରିକ ସମସ୍ୟା ଯୋଗୁ ସେ ହୋଇପାରିଲା ନାହିଁ। ତେଣୁ ମୋତେ ସେ ନର୍ସିଂ କ୍ଷେତ୍ରରେ ଯିବା ପାଇଁ ଉତ୍ସାହିତ କରିଥିଲା। ଯଦିଓ ମୋର ଇଚ୍ଛା ନ ଥିଲା, କିନ୍ତୁ ବୋଉର ସ୍ୱପ୍ନକୁ କିପରି ପୂରଣ କରିବି ତାହା ମୋର ଲକ୍ଷ୍ୟ ଥିଲା। ଏବେ ଏହି କ୍ଷେତ୍ରରେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ କାମ କରିସାରିଲିଣି। ଆଉ ଏହି କାମଠାରୁ କିଛି ଭଲ କାମ ନାହିଁ ବୋଲି ଏବେ ମୁଁ ଅନୁଭବ କରୁଛି।

**- ସସ୍ମିତା ପ୍ରିୟଦର୍ଶିନୀ ସାହୁ, ନର୍ସ, ନୀଳାଦ୍ରିବିହାର ୟୁପିଏଚ୍‌ସି, ଭୁବନେଶ୍ୱର**

### ନର୍ସିଂ ପ୍ରତି ମାନସିକତା ବଦଳୁଛି



ଦୀର୍ଘ ୨୦ବର୍ଷ ହେଲାଣି ନର୍ସିଂ କ୍ଷେତ୍ରରେ କାର୍ଯ୍ୟ କରୁଛି। ପୂର୍ବରୁ ନର୍ସିଂ ପ୍ରତି ଯେଉଁ ମାନସିକତା ଥିଲା, ଏବେ ତାହା ବଦଳିଲାଣି। ପିଲା ଏବେ ଏ କ୍ଷେତ୍ରରେ ଆଗକୁ ଆସିଲେଣି। ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଭିତ୍ତିଭୂମିର ବିକାଶ ହୋଇଛି। ଯଦିଓ ରୋଗୀଟିଏ ଏକ ସ୍ୱତନ୍ତ୍ର ରୋଗ ନେଇ ସେହି ରୋଗ ବିଶେଷଜ୍ଞଙ୍କ ପାଖକୁ ଯାଇଥାଏ, କିନ୍ତୁ ନର୍ସମାନେ ହିଁ ପରବର୍ତ୍ତୀ ସେବା ଦେଇଥାନ୍ତି। ତେଣୁ ଏହାଠାରୁ ଆଉ କିଛି ବଡ଼ ସେବା ନାହିଁ ବୋଲି ମୁଁ ମନେକରେ।

**- ସୁମତି ପାଇକରାୟ, ସମ୍ପାଦିକା, କ୍ୟାପିଟାଲ ହସ୍ପିଟାଲ ନର୍ସିଂ କର୍ମଚାରୀ ସଂଘ**

### ମାନବ ସେବା ପାଇଁ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ



ନର୍ସିଂ ଏକ ଭଲ ସ୍ତରର ପ୍ରଫେଶନ ନୁହେଁ ବୋଲି ଭାବିବା ସହ ପିଲା ଏ ଦିଗରେ ଯିବା ଉଚିତ ନୁହେଁ ବୋଲି ବହୁତ ଲୋକ କୁହନ୍ତି। ଏଭଳି ଏକ ପୁରୁଣା ଚିନ୍ତାଧାରାକୁ ବଦଳାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଆସିବା ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ଭଲ ପାଠ ପଢ଼ିବା ସହିତ ପ୍ରବେଶିକା ପରୀକ୍ଷା ମଧ ଦେବାକୁ ପଡ଼ିଥାଏ। ତେଣୁ ନର୍ସିଂ ପ୍ରତି ଏଭଳି ହୀନ ମାନସିକତା ରଖିବା ଉଚିତ ନୁହେଁ। ମାନବ ସେବା ପାଇଁ ଏହା ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ। କରୋନା ସମୟରେ ନର୍ସମାନେ ହିଁ ଆଗଧାଡ଼ିର ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲେ।

**- ସାଧନା କୁମାରୀ, ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ଏମ୍ସ ଭୁବନେଶ୍ୱର**

### ଏହି ବୃତ୍ତି ଭଗବାନଙ୍କ ଦାନ



୨୦୦୧ ମସିହାରୁ ଏହି ବୃତ୍ତିରେ ଯୋଗଦେଲି। ସେତେବେଳେ ଲୋକେ ଏହି ବୃତ୍ତିକୁ ଆସୁ ନ ଥିଲେ। ଆମକୁ ସବୁ କାମ କରିବାକୁ ପଡୁଥିଲା। ଡ୍ୟୁଟି ଭିତରେ ଟିକେ ବି ଫାଙ୍କା ମିଳୁ ନ ଥିଲା। ହେଲେ ଡ୍ୟୁଟି ସରିବା ପରେ ବହୁତ ଶାନ୍ତି ମିଳୁଥିଲା। କାରଣ ଭଗବାନ ମୋ ଦ୍ୱାରା ଏତେ ଲୋକଙ୍କ ସେବା କରାଉଛନ୍ତି। ଏହି ବୃତ୍ତି ଭଗବାନଙ୍କ ଦାନ। ଚିକିତ୍ସା ଶୈଳୀରେ ବିକାଶକୁ ଦେଖି ବର୍ତ୍ତମାନ ସ୍ୱତନ୍ତ୍ର ଭବେ ବିଭିନ୍ନ ବିଭାଗ ପାଇଁ ନର୍ସିଂ କୋର୍ସ କରାଯାଉଛି। ଯୁବପିଢ଼ି ଏହି ବୃତ୍ତିକୁ ଏବେ ଆଗ୍ରହର ସହ ଆପଣାଉଛନ୍ତି।

**- ଝରଣା ଜେନା, ନର୍ସିଂ ଆସୋସିଏଶନ ସଭାପତି, ଏସ୍‌ସିବି ମେଡିକାଲ**

### ଲୋକଙ୍କ ସେବା କରିବା ପାଇଁ ନର୍ସିଂ ପଢ଼ିଲି



ମୁଁ ଜଣେ ନର୍ସିଂ ଛାତ୍ରୀ। ରୋଗୀ ସେବା କରିବାକୁ ମୋତେ ଭଲ ଲାଗେ। ଜଣେ ନର୍ସଙ୍କ ଉତ୍ତମ ଚିକିତ୍ସା ସେବା ଦ୍ୱାରା ରୋଗୀ ଶୀଘ୍ର ଭଲ ହୋଇଥାଏ। ଦୁଃଖ ସମୟରେ ରୋଗୀଙ୍କ ପରିବାରକୁ ଆଶ୍ୱାସନା ଦେଇଥାଏ। ମୁଁ ଲୋକଙ୍କ ସେବା କରିବା ପାଇଁ ଏହି ପାଠ ପଢ଼ିବାକୁ ବାଛିଲି। ଲୋକଙ୍କ ଦୁଃଖବେଳେ ସେମାନଙ୍କ କାମରେ ଆସିବି। ସେଥିପାଇଁ ଏହି ବୃତ୍ତିକୁ ବାଛିଛି।

**- ଆର୍ଯ୍ୟା କୁମାରୀ ବିଶ୍ୱ ବିଜୟିନୀ ଡାକୁଆ, ନର୍ସିଂ ଛାତ୍ରୀ, ଏସ୍‌ସିବି ମେଡିକାଲ କଲେଜ**

### ନର୍ସିଂ ସେବା ନୁହେଁ, ଏକ ତପସ୍ୟା



ନର୍ସିଂ, କେବଳ ସେବା ନୁହେଁ, ଏହା ଏକ ତପସ୍ୟା। ମାନବ ସେବା ହିଁ ମାଧବ ସେବା। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଦରକାର। ଏବେ ନର୍ସିଂ ପ୍ରଫେଶନ୍‌ରେ ବହୁତ ଷ୍ଟାଫ୍ ପିଏଚ୍.ଡି. କରିସାରିଲେଣି। ତେଣୁ ନର୍ସିଂ ଅଫିସରଙ୍କୁ ମଧ ଡାକ୍ତରଙ୍କ ଭଳି ପ୍ରେସ୍‌କ୍ରାଇବ୍ କରିବାକୁ ଅନୁମତି ଦେଲେ ତାହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିବ।

**- ନିତ୍ୟାନନ୍ଦ କହଁର, ସିନିୟର ନର୍ସିଂ ଅଫିସର, ଏସ୍‌ସିବି ମେଡିକାଲ**

## ବ୍ରାଇଟ୍ ସ୍କୁଲ ଅଫ୍ ନର୍ସିଂ

ନର୍ସିଂ କ୍ଷେତ୍ରରେ 'ବ୍ରାଇଟ ସ୍କୁଲ ଅଫ ନର୍ସିଂ' ଏକ ଉଚ୍ଚମାନର ଗୁଣାତ୍ମକ ଶିକ୍ଷାନୁଷ୍ଠାନ, ଯାହା ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଅବସ୍ଥିତ। ଏହି ଶିକ୍ଷାନୁଷ୍ଠାନଟି 'ବ୍ରାଇଟ ଏଡୁକେଶନାଲ ଚାରିଟେବୁଲ ଟ୍ରଷ୍ଟ' ଦ୍ୱାରା ୨୦୦୭ରୁ ପରିଚାଳିତ। ଏହି ନର୍ସିଂ ଶିକ୍ଷାନୁଷ୍ଠାନଟି ଓଡ଼ିଶା ସରକାରଙ୍କ ONMRC, DME&T, Govt. of Odisha ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅଟେ। ଏଠାରେ ସରକାରଙ୍କ ସମସ୍ତ ନିୟମାନୁସାରେ କାର୍ଯ୍ୟ ପରିଚାଳିତ କରାଯାଏ। ଟ୍ରଷ୍ଟର ଚେୟାରମ୍ୟାନ ଇଂ ବିଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ ଦୀର୍ଘ ବର୍ଷ ଧରି ବହୁତ ସୁନ୍ଦର ଭାବରେ ପରିଚାଳିତ ହୋଇ ଆସୁଅଛି। ସେ ଜଣେ ଉଚ୍ଚଶିକ୍ଷିତ, ଅମାୟିକ, ଛାତ୍ରବତ୍ସଳ ବ୍ୟକ୍ତି ଅଟନ୍ତି। ତାଙ୍କର ଶିକ୍ଷା କ୍ଷେତ୍ରରେ ବହୁତ ବର୍ଷ ଧରି ଅଭିଜ୍ଞତା ଅଛି। ତାଙ୍କର ପ୍ରତ୍ୟକ୍ଷ ପରିଚାଳନାରେ ଛାତ୍ରୀଛାତ୍ରଙ୍କର ସମସ୍ତ ସୁବିଧା ଅସୁବିଧାର ସମାଧାନ ହୁଏ। ଏଠାରେ ଗରିବ, ଏସ୍‌ସି, ଏସ୍‌ଟି ଶ୍ରେଣୀର ପିଲାମାନେ ବହୁତ ସ୍ୱଳ୍ପ ମୂଲ୍ୟରେ ନର୍ସିଂ ପାଠ ପଢ଼ିବାର ସ୍ୱପ୍ନକୁ ସାକାର କରିବା ସହ ନିଜକୁ ଧନ୍ୟ ମନେ କରନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଏସ୍‌ସି, ଏସ୍‌ଟି ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତିର ସମସ୍ତ ସୁବିଧା କରାଯାଏ। ବ୍ୟାଙ୍କ ଋଣର ସୁବିଧା ମଧ ପାଇ ପାରୁଛନ୍ତି। ଗରିବ ପିଲାମାନେ କିପରି ସ୍ୱଳ୍ପ ଖର୍ଚ୍ଚରେ ଭୁବନେଶ୍ୱର ସହରରେ ରହି ଗୁଣାତ୍ମକ ନର୍ସିଂ ଶିକ୍ଷା ପାଇ ପାରିବେ, ତାହା ଅନୁଷ୍ଠାନର ଚେୟାରମ୍ୟାନ ବିଜୟ ଜେନାଙ୍କ ମୂଳ ଲକ୍ଷ୍ୟ।

'ବ୍ରାଇଟ ସ୍କୁଲ ଅଫ ନର୍ସିଂ' ଶିକ୍ଷାନୁଷ୍ଠାନ ଅଭ୍ୟାସଗତ ଶିକ୍ଷା ପାଇଁ ବହୁ ବଡ଼ ବଡ଼ କର୍ପୋରେଟ ହସ୍ପିଟାଲ ସହ ଅନୁବନ୍ଧିତ ହୋଇଛି। ଏଠାରେ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ଲାଇବ୍ରେରୀ ସବୁ ପ୍ରକାରର ସୁବିଧା ଅଛି। ଏଠାରେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଏ। ସର୍ବୋପରି 'ବ୍ରାଇଟ ସ୍କୁଲ ଅଫ ନର୍ସିଂ' ନର୍ସିଂ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ଅନୁଷ୍ଠାନ।

ଏଠାରେ ଗୁଣାତ୍ମକ ଶିକ୍ଷା ଲାଭ ସହ ଛାତ୍ରୀଛାତ୍ରଙ୍କର ବ୍ୟକ୍ତି ଏବଂ ଚରିତ୍ରର ବିକାଶ କରାଯାଏ। ଏଠାରେ ଛାତ୍ରୀଛାତ୍ରଙ୍କର ବିକାଶର ପୂର୍ଣ୍ଣତା ମିଳିବା ସହ ସବୁ ପ୍ରକାରର ବାଧାବିଘ୍ନକୁ ସାମ୍ନା କରିବାକୁ ମନରେ ଦୃଢ଼ତା ଆଣିଥାଏ। ଏଠାରେ ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ଉନ୍ନତି ଯଥା ମାନସିକ ଏବଂ ବୌଦ୍ଧିକ ସ୍ତରର ବିକାଶ ପାଇଁ ସବୁ ପ୍ରକାରର ଚେଷ୍ଟା କରାଯାଏ। ବିଭିନ୍ନ ସମୟରେ ବକ୍ତୃତା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଏ। ଏବେ ଶିକ୍ଷାନୁଷ୍ଠାନରେ ମେ' ୬ ରୁ ୧୨ ପର୍ଯ୍ୟନ୍ତ ନର୍ସିଂ ସପ୍ତାହ ପାଳନ କରାଯାଉଛି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ମାନର ନର୍ସିଂ ସେବା ଯୋଗାଇ ଦେବା ପାଇଁ ଅନୁଷ୍ଠାନ ବଦ୍ଧପରିକର। Miss Fresher ନର୍ସିଂ ଛାତ୍ରୀକୁ ସମ୍ବର୍ଦ୍ଧିତ କରାଗଲା। ଏହି ଅବସରରେ କଲ୍‌ଚରାଲ ପ୍ରୋଗ୍ରାମର ଆୟୋଜନ କରାଯାଇଥିଲା।

## ସାରଦାଦେବୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ

ସାରଦାଦେବୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ୨୦୦୬ରେ କେବଳ ଏଏନ୍‌ଏମ୍ କୋର୍ସକୁ ନେଇ ଗଢ଼ିଉଠିଥିଲା। ପରେ ଏହାର କଳେବର ବୃଦ୍ଧି ପାଇ ଜିଏନ୍‌ଏମ୍, ବି.ଏସ୍‌ସି. ଆଦି କୋର୍ସ ସୃଷ୍ଟି ହୋଇଥିଲା। ଅଭିଭାବକ ଓ ପରିଚାଳନା ସମିତିର ମିଳିତ ସହଯୋଗରେ ଏବେ ଏହାର ନିଜସ୍ୱ ବିଲ୍ଡିଂ, ପାଠାଗାର, ଛାତ୍ରୀନିବାସ, ଛାତ୍ରାବାସ, ବୃହତ ପ୍ରୟୋଗଶାଳା, ନିଜସ୍ୱ ପରିବହନ ବ୍ୟବସ୍ଥା ଆଦି ସୃଷ୍ଟି ହୋଇପାରିଛି। ଅତ୍ୟାଧୁନିକ ଶ୍ରେଣୀଗୃହ, ଅଭିଜ୍ଞ ଶିକ୍ଷକଙ୍କ ଶିକ୍ଷାଦାନ ଓ ସୁପରିଚାଳନା ଦ୍ୱାରା ଅନୁଷ୍ଠାନର ମାନ ବୃଦ୍ଧି ହୋଇପାରିଛି। ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଆଧାରିତ ମେଡିକାଲ ପ୍ରଶିକ୍ଷଣ ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ସହ ଅନୁବନ୍ଧିତ ହୋଇପାରିଛି। ହଷ୍ଟେଲ୍‌ର ସୁପରିଚାଳନା ଯୋଗୁ ୧୦୦ରୁ ଅଧିକ ଛାତ୍ରୀଛାତ୍ର ସେଠାରେ ସହାବସ୍ଥାନ କରୁଛନ୍ତି। ଅଦ୍ୟାବଧି ଶହ ଶହ ନର୍ସିଂ ଛାତ୍ରୀଛାତ୍ର ବିଭିନ୍ନ କୋର୍ସରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ଉକ୍ତ ଅନୁଷ୍ଠାନର ଅନେକ ନର୍ସିଂ ଛାତ୍ରୀ କରୋନାଯୋଦ୍ଧା ଭାବେ ବିଭିନ୍ନ ସରକାରୀ ହସ୍ପିଟାଲରେ କାର୍ଯ୍ୟନିର୍ବାହ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଉତ୍ତମ ଶୃଙ୍ଖଳା ବ୍ୟବସ୍ଥା ପାଇଁ ସାରଦାଦେବୀ ଇନ୍‌ଷ୍ଟିଚ୍ୟୁଟ ସରକାରୀ ପରୀକ୍ଷା କେନ୍ଦ୍ର ଭାବେ ଏକଦା ସୁନାମ ଅର୍ଜନ କରିଛି। ଏହାର ଅଧ୍ୟବସାୟୀ ଛାତ୍ରୀଛାତ୍ରମାନେ ବର୍ଷ ତମାମ ବିଭିନ୍ନ ସେମିନାର, ପଥପ୍ରାନ୍ତ ନାଟକ, ଅଭିଭାଷଣ, ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ, ହେଲ୍‌ଥ କ୍ୟାମ୍ପ, ନଗର ପରିକ୍ରମା, ସଫେଇ କାର୍ଯ୍ୟକ୍ରମ ଆଦି ପରିଚାଳନା କରୁଛନ୍ତି। ଏବେ ଅନୁଷ୍ଠାନ ତା'ର ନିଜସ୍ୱ ବିଲ୍ଡିଂ ସହ ସରକାରଙ୍କ ସମସ୍ତ ମାନଦଣ୍ଡକୁ ସୁଚାରୁରୂପେ ଗ୍ରହଣ କରିଛି। ବିଦ୍ୟାଳୟର ନିଜସ୍ୱ ହଷ୍ଟେଲ୍‌ରେ ସୁପରିଚାଳନାଭିତ୍ତିରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ଅତିରିକ୍ତ କ୍ଲାସ, ଅଫଲାଇନ୍ କ୍ଲାସ, ଅନ୍‌ଲାଇନ୍ କ୍ଲାସ ଆଦିର ବ୍ୟବସ୍ଥା କରିପାରିଛି। ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ନିଜସ୍ୱ ବସ୍‌ର ବ୍ୟବସ୍ଥା କରିଛି।

ପ୍ରତିବର୍ଷ ମେ' ୧୨ତାରିଖକୁ ବିଶ୍ୱ ନର୍ସିଂ ଦିବସ ଭାବେ ପାଳନ କରାଯାଇଥାଏ। ଏତଦ୍ ବ୍ୟତୀତ ଉକ୍ତ ଦିନ ବାର୍ଷିକ ଉତ୍ସବ ମଧ ପାଳନ କରାଯାଏ। ଏହି ଅବସରରେ ବିଭିନ୍ନ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ସହ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଏ। ଏବେ ଅନୁଷ୍ଠାନରେ ଡି. ଫାର୍ମା, ଡିଏମ୍‌ସିଟି ଆଦି ଅତିରିକ୍ତ କୋର୍ସ ମଧ ଯୋଡ଼ି ହୋଇଛି। ପ୍ରତିବର୍ଷ ବୋର୍ଡ ବିଦ୍ୟାଳୟ ପରିଚାଳିତ ପରୀକ୍ଷାରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ପାଇଆସୁଛନ୍ତି ଏବଂ ସରକାରଙ୍କ ବିବିଧ ସୁବିଧା ସୁଯୋଗ ସବୁ ପାଇଆସୁଛନ୍ତି। ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଛାତ୍ରୀଛାତ୍ର ଏଠାରେ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ହଷ୍ଟେଲ ଓ ଶ୍ରେଣୀଗୃହରେ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଂସ୍ଥାପକ ଡା. ସତୀଶ କୁମାର ପ୍ରଧାନଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ଶ୍ରମଦାନ ସ୍ୱରୂପ ଉକ୍ତ ଅନୁଷ୍ଠାନ ଆଜି ରାଜ୍ୟର ଏକ ସଫଳ ଶିକ୍ଷାନୁଷ୍ଠାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି।



















# ମାରୁତି ସୁଜୁକିର ଦ ଏପିକ ନ୍ୟୁ-ସୁଇଫ୍ଟର ବଜାର ପ୍ରବେଶ




ସମ୍ବଲପୁର ଅଇଁଠାପାଲି ନିକଟସ୍ଥ ଓଡ଼ିଶୀ ମୋର୍ଟସ ପରିସରରେ ମାରୁତି ସୁଜୁକି କମ୍ପାନୀର ଦ ଏପିକ (ଇପିଆଇସି)ନ୍ୟୁ-ସୁଇଫ୍ଟ ଚାରି ଚକିଆ ଯାନ ଶୁଭାରମ୍ଭ କରାଯାଉଛି।

**ସମ୍ବଲପୁର,୧୧।୫(ବି.ଶଙ୍କର)**

## ଓଡ଼ିଶୀ ମୋର୍ଟସ ପରିସରରେ ଶୁଭାରମ୍ଭ ଉତ୍ସବ

ମାରୁତି ସୁଜୁକି କମ୍ପାନୀର ଦ ଏପିକ (ଇପିଆଇସି)ନ୍ୟୁ-ସୁଇଫ୍ଟ ଚାରି ଚକିଆ ଯାନ ସମ୍ବଲପୁର ଅଇଁଠାପାଲି ନିକଟସ୍ଥ ଓଡ଼ିଶୀ ମୋର୍ଟସ ପରିସରରେ ଶୁଭାରମ୍ଭ ହୋଇଛି। ଏସବିଆଇ ଏଜିଏମ ବିଶ୍ୱରଞ୍ଜନ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ବଜାର ପ୍ରବେଶ କରାଇଥିଲେ। ସମ୍ବଲପୁର ଓଡ଼ିଶୀ ମୋର୍ଟସ ନିର୍ଦ୍ଦେଶିକା ରଚି ଜଲାନ, ବୁଢ଼ାରଜା ସ୍ଥିତ ଏସବିଆଇ ଶାଖା ପ୍ରବନ୍ଧକ, ଶ୍ରୀକାନ୍ତ ନାୟକ, ଅଇଠାପାଲି ଛକ ସ୍ଥିତ ଏସବିଆଇ ଶାଖା ପ୍ରବନ୍ଧକ ଅଙ୍କୁର ସେଠୀ, ସୁନ୍ଦରମ ଶାଖା ପ୍ରବନ୍ଧକ ପଙ୍କଜ ଅଗ୍ରୱାଲ, ଅଇଁଠାପାଲି ୟୁନିୟନ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୁବୋଧ ପ୍ରଧାନ, ବରାଇପାଲି ୟୁନିୟନ ବ୍ୟାଙ୍କ ଶାଖା ପ୍ରବନ୍ଧକ ସଞ୍ଜିତ କୁମାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁର ଓଡ଼ିଶୀ ମୋର୍ଟସ ଏରିନା ଶୋରୁମ ପ୍ରବନ୍ଧକ ନିତ୍ୟାନନ୍ଦ ରାଉତ ଉତ୍ସବ ପରିଚାଳନା କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ରଚି କହିଥିଲେ ଯେ, ଗ୍ରାହକମାନଙ୍କ ମନ ମୁତବତ ଦ ଏପିକ ନ୍ୟୁ-ସୁଇଫ୍ଟ ଚାରି ଚକିଆ ଯାନର ସମ୍ବଲପୁରରେ ବଜାର ପ୍ରବେଶ କରାଯାଇଛି। ଏହା ଗ୍ରାହକମାନଙ୍କୁ ନିଶ୍ଚିତ ଭାବେ ଆକର୍ଷିତ କରିବ। ଏଥିସହ ଗାଡି ଚଳାଇବା ସମୟରେ ମଧ ଆରାମ ଦାୟକ ଅନୁଭବ କରିବେ। ଏହି ଚାରି ଚକିଆ ଯାନ ଅତ୍ୟାଧୁନିକ ଫିଚର ନେଇ ବଜାରକୁ ଆସିଛି। ତେଣୁ ଗ୍ରାହକମାନେ ଏହାକୁ ନିଶ୍ଚିତ ଭାବେ କିଣିବେ ବୋଲି ଆଶା ରହିଛି। ସେହିପରି ଓଡ଼ିଶୀ ମୋର୍ଟସ ପ୍ରାଇଭେଟ ଲିମିଟେଡ ସର୍ବଦା ଗ୍ରାହମାନଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛି, ଆଗକୁ ମଧ ଏହିଧାରା ବଜାୟ ରହିବ ବୋଲି ନିର୍ଦ୍ଦେଶିକା ରଚି କହିଥିଲେ। ସୂଚନାଯୋଗ୍ୟ ଯେ, ଜେଡ ସିରିଜ ଇଞ୍ଜିନ ବିଶିଷ୍ଟ ଦ ଏପିକ ନ୍ୟୁ ସୁଇଫ୍ଟ ଚାରି ଚକିଆ ଯାନ ସର୍ବଧିକ ମିତବ୍ୟୟି ସାବ୍ୟସ୍ତ ହୋଇଛି। ଯାହା ଗୋଟିଏ ଲିଟର ପେଟ୍ରୋଲରେ ୨୫.୭୨ କିଲୋମିଟର ଅତିକ୍ରମ କରିପାରୁଛି। ଏହାର ସମସ୍ତ ଭେରିଏଣ୍ଟରେ ୬ଟି ଲେଖାଁଏ ଏୟାର ବ୍ୟାଗ, ପଛ ସିଟରେ ଏସି, ବେତାର(ୱେରଲେସ) ଚାର୍ଜର ପ୍ରଭୃତି ସୁବିଧା ରହିଛି।


## Format C-1

(for candidate to publish in Newspapers)

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No 536 of 2011 (Public Interest Foundation & Qrs. Vs. Union of India & Anr.)

Name and address of Candidate : **Jual Oram, At - Kendudihi, PO-Kaleiposh, PS-Lahunipara, Dist - Sundargarh, Pin - 770040**

Name of Political Party : **Bharatiya Janata Party (BJP)**

(Independent candidates should write "Independent" here)

Name of Election : **General Election to Loksabha - 2024.**

*Name of Constituency : **02, Sundargarh (ST) Parliamentary Constituency.**

I Jual Oram, a candidate for the above mentioned election, declare for public information the following details about my criminal antecedents :

(A) Pending criminal cases

| Sl. No. | Name of Court | Cases No. and dated | Status of cases (s) | Section (s) of Acts concerned and brief description of offences (s) |
|---|---|---|---|---|
| 1 | JMFC, Rourkela | G.R. No - 62/2022, JMFC, Rourkela | Pending | U/s 294, 509 IPC Intending to insult the modesty of women |
| 2 | SDJM, Bonai | Gr. No - 480/2007 | Pending | U/s - 143, 341, 283, 149 IPC/174 Blockage of Rail line for public issue |
| 3 | JMFC, Rourkela | G.R. No 62/1999 | Pending | U/s - 143, 341 of IPC Blockage of road for public issue |

(B) Details about cases of conviction for criminal offences

| Sl. No. | Name of Court & date (s) of order (s) | Description of offences (s) & punishment imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |
| 2 | NIL | NIL | NIL |
| 3 | NIL | NIL | NIL |

*in the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- (Girish Chandra Sahu)**
**Election Agent of Sj. Jual Oram.**
**02, Sundargarh (ST) Parliamentary Constituency**


## ପ୍ରଥମ ପୃଷ୍ଠାରୁ...

### ରତ୍ନଭଣ୍ଡାର ଚାବି...

ମୂଲ୍ୟାଙ୍କନ କରୁଥିବା ବ୍ୟକ୍ତିମାନେ ରତ୍ନଭଣ୍ଡାରକୁ ଅମୂଲ୍ୟ କହି ହାତ ଟେକି ଦେଇଥିଲେ। କିନ୍ତୁ ଗତ ୪୦ ବର୍ଷରୁ ଅଧିକ ସମୟ ହେଲାଣି ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ୬ ବର୍ଷ ହେଲା ମିଳୁନାହିଁ। ଏଭଳି ଅମୂଲ୍ୟ ଭଣ୍ଡାରର ଚାବି ବି ସରକାର ସମ୍ଭାଳି ପାରୁନାହାନ୍ତି। ରାଜ୍ୟ ସରକାରକହୁଛନ୍ତି ଡୁପ୍ଲିକେଟ ଚାବି ମିଳିଛି। ଡୁପ୍ଲିକେଟ ଚାବି କାହିଁକି ତିଆରି ହୋଇଥିଲା ? ଡୁପ୍ଲିକେଟ ଚାବିରେ କେହି ରତ୍ନଭଣ୍ଡାର ଖୋଲୁ ଥିଲେ କି? ଚାବି ହଜିବା ଗମ୍ଭୀର ବିଷୟ। କିନ୍ତୁ ଡୁପ୍ଲିକେଟ ଚାବି ତା'ଠାରୁ ଅଧିକ ଗମ୍ଭୀର ବିଷୟ। ରତ୍ନ ଭଣ୍ଡାର, ଜଗନ୍ନାଥଙ୍କ ଜମି ବିଷୟରେ ସମସ୍ତ ଓଡ଼ିଶାବାସୀ ଏବଂ ଦେଶବାସୀଙ୍କ ଜାଣିବାର ଅଧିକାର ଅଛି। ଏହି ଘଟଣାର ତଦନ୍ତ ସରକାର ଜଣେ ଆୟୋଗଙ୍କୁ ଦେଇଥିଲେ। କିନ୍ତୁ ତାହାର ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ରାଜ୍ୟର ନବୀନ ସରକାର ଏହା ଉପରେ କାହିଁକି କିଛି କହୁନାହାନ୍ତି। କାହା ପାପ ଲୁଚାଇବାକୁ ଚାହୁଁଛନ୍ତି? ଓଡ଼ିଶାରେ ଭାଜପା ସରକାର ଆସିଲେ ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ ହେବ। ଏହା ମୋଦିଙ୍କର ଗ୍ୟାରେଣ୍ଟି ବୋଲି ସେ କହିଛନ୍ତି। ସମାବେଶରେ ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଷୟରେ କଡ଼ା ଟିପ୍ପଣୀ ଦେଇ କେତେକ ପ୍ରଶ୍ନ କରିଛନ୍ତି। ନବୀନବାବୁ ବହୁ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ଅଛନ୍ତି। କିନ୍ତୁ ଆଜି ଓଡ଼ିଶାର ଜନତା କାହିଁକି ଦୁଃଖିତ ଅଛନ୍ତି? ମୁଖ୍ୟମନ୍ତ୍ରୀ ବିନା କାଗଜ ଦେଖି ରାଜ୍ୟର ସବୁ ଜିଲା ଏବଂ ସେଗୁଡ଼ିକର ମୁଖ୍ୟାଳୟର ନାଁ କହିପାରିବେ ନାହିଁ। ଯେଉଁ ମୁଖ୍ୟମନ୍ତ୍ରୀ କାଗଜ ବିନା କିଛି କହିପାରିବେ ନାହିଁ, ସେ ଓଡ଼ିଶାବାସୀଙ୍କ ଦୁଃଖ ଜାଣିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଲୋକଙ୍କ ସହ ଜଡ଼ିତ ଥିବା ଜଣେ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ କରନ୍ତୁ ବୋଲି ମୋଦି ଆହ୍ୱାନ ଦେଇଛନ୍ତି। ଥରେ ସାହସ କରି ସମସ୍ତ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଏହି ସମାବେଶରେ କନ୍ଧମାଳ ଏମପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ପ୍ରାର୍ଥୀ ଉମାଚରଣ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀଙ୍କ ସହିତ କନ୍ଧମାଳର ୭ଟି ବିଧାନସଭା ମଣ୍ଡଳୀର ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

### ରାମ ମନ୍ଦିର, ପରମାଣୁ ବୋମା କଥା କହିଲେ

ଦେଶରେ ବହୁ ବର୍ଷରୁ ପ୍ରତୀକ୍ଷା ଥିବା ରାମମନ୍ଦିର କଥା ଉଠାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ରାମ ମନ୍ଦିର ନିର୍ମାଣ ହେଲା। ଆମର ପୂର୍ବଜମାନେ ନିଶ୍ଚିତ ଶାନ୍ତି ପାଉଥିବେ। ଆଜିର ଦିନରେ ପୋଖରାନରେ ଅଟଳ ବିହାରୀ ବାଜପେୟୀ ସରକାରଙ୍କ ସମୟରେ ପରମାଣୁ ବୋମା ପରୀକ୍ଷଣ ହୋଇଥିଲା, ଯାହା ବିଶ୍ୱ ଦେଖିଲା। କିନ୍ତୁ କଂଗ୍ରେସ ସରକାର ଏସବୁ ଉପରେ ପଛଘୁଞ୍ଚା ଦେଉଥିଲା। ପରମାଣୁ ପରୀକ୍ଷା ହେବା ପରେ ସାରା ବିଶ୍ୱରେ ରହୁଥିବା ଭାରତୀୟ ଗର୍ବ କରିଥିଲେ। କଂଗ୍ରେସ ସବୁବେଳେ ନିଜ ଦେଶକୁ ଡରାଇବାକୁ ଚେଷ୍ଟା କରୁଥିଲା। ପାକିସ୍ତାନ ପାଖରେ ପରମାଣୁ ବୋମା ଅଛି ବୋଲି କହୁଥିଲା ବୋଲି ମୋଦି କହିଛନ୍ତି।

### କଣ୍ଟାବାଞ୍ଜିର ୧୦ ଗାଁର...

ଗରିବ କରି ରଖିଛନ୍ତି। ୨୫ବର୍ଷ ଧରି ଶାସନ କରି ମଧ ଲୋକଙ୍କ ବିକାଶ କରିପାରି ନ ଥିବା ବିଜେଡି ସରକାରକୁ ପରିବର୍ତ୍ତନ କରିବାର ସମୟ ଆସିଛି। ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। କିନ୍ତୁ କଣ୍ଟାବାଞ୍ଜିର ୧୦ଟି ଗାଁର ନାଁ ମଧ ନବୀନ କହିପାରିବେ ନାହିଁ। ସେ ନିର୍ବାଚନ ପ୍ରଚାରରେ କଣ୍ଟାବାଞ୍ଜି ଆସିଲେ ତାଙ୍କୁ ଏ ବିଷୟରେ ବିନା କାଗଜ ଦେଖି କହିବାକୁ କହିବେ ବୋଲି ଉପସ୍ଥିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏବେ ନବୀନଙ୍କୁ ବଲାଙ୍ଗୀରର ଜନସାଧାରଣ ବାଜା ବଜାଇ ବିଦା କରନ୍ତୁ ବୋଲି ମୋଦି ନିବେଦନ କରିଛନ୍ତି।

### ଓଡ଼ିଶାରେ ଜନ୍ମିତ...

ବରଗଡ଼ରେ ଶନିବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ସମାବେଶରେ ମୋଦି ନାଁ ନ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିଛନ୍ତି। ଏଠାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଣେ ସୁପର ସିଏମ୍ ଅଛନ୍ତି। ୫ବର୍ଷ ହେଲା ବାହାର ଲୋକ ଓଡ଼ିଶାକୁ କବ୍‌ଜା କରି ନେଇଛନ୍ତି। ଯାହାଙ୍କୁ ଓଡ଼ିଶା ବାବଦରେ ଜଣାନାହିଁ, ତାଙ୍କ ହାତରେ ଓଡ଼ିଶା ଶାସନ ଚାଲିବା ଉଚିତ କି ବୋଲି ଉପସ୍ଥିତ ଜନତାଙ୍କୁ ମୋଦି ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟରେ ଶାସନକୁ ଆସିଲେ, ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେବେ ବୋଲି ମୋଦି କହିଛନ୍ତି।

### ଆଇଓଏସ୍‌ରେ ପ୍ରୋଫାଇଲ୍...

ୟୁଜର୍ସଙ୍କ ପ୍ରିଭେସି ସୁରକ୍ଷା ପାଇଁ କମ୍ପାନୀ ଏହି ପଦକ୍ଷେପ ନେବାକୁ ଯାଉଛି ବୋଲି ସୂଚନା ଦେଇଛି। ରିପୋର୍ଟ ଅନୁଯାୟୀ, ଓନରଙ୍କ ବିନା ଅନୁମତିରେ ସ୍କ୍ରିନ୍‌ଶଟ ନେବାକୁ ଚାହିଁଲେ ଏହି ଫିଚର ପ୍ରିଭେସି ସୁରକ୍ଷା ସକାଶେ ଏକ ଅତିରିକ୍ତ ଲେୟାର ଭାବେ କାର୍ଯ୍ୟ କରିବା ସହ ସମ୍ପୃକ୍ତ ୟୁଜରଙ୍କୁ ତତ୍କାଳ ବ୍ଲକ୍ କରିଦେବ। ଏଥିସହ ପ୍ରୋଫାଇଲ ଫଟୋଗୁଡ଼ିକର ଦୁରୁପଯୋଗକୁ ମଧ ବନ୍ଦ କରାଯାଇପାରିବ। ହ୍ୱାଟ୍ସଆପ୍‌ର ପରବର୍ତ୍ତୀ ଅପଡେଟ୍‌ରେ ଏହା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ନେଗିଗୁଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ



**କୋକସରା,୧୧।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ନେଗିଗୁଡ଼ାଠାରେ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ସକାଳୁ ଆରମ୍ଭ ହୋଇଛି। ଶୁକ୍ରବାର ନିକଟସ୍ଥ ବେହେରା ନଦୀରୁ ଗଙ୍ଗା ଆବାହନକରି କଳସଯାତ୍ରା ପୂର୍ବକ ବେଦିରେ ଅଧିବାସ ପୂଜନ ହୋଇଥିଲା। ପୂଜକ ଭାବରେ ଜ୍ୟୋର୍ତିର୍ବିଦ ଭୂପେଶ ତିୱାରୀ, ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, ଧ୍ରୁବ ତିୱାରୀ, ମିଥିଲେଶ ତିୱାରୀ ଦାୟିତ୍ୱ ତୁଲାଉଛନ୍ତି। କର୍ତ୍ତା ଭାବେ ହରେକୃଷ୍ଣ ଦାସ ଓ ସ୍ତ୍ରୀ ରମ୍ଭା ଦେବୀ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ନାମଯଜ୍ଞରେ ୭ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। ଭକ୍ତମାନଙ୍କ ପାଇଁ କମିଟି ପକ୍ଷରୁ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଛି। ନାମଯଜ୍ଞ କମିଟି ସମ୍ପାଦକ ଧନବଳ ନାଗ, ହେତୁରାମ ନାଗ, ତୁଳସୀ ରାମଗୋପାଳ, ଦିଗେଶ୍ୱର ଗୋପାଳ, କ୍ଷମାସାଗର ବାଗ, ନିରାକାର ଗୋପାଳ, କୃପାସିନ୍ଧୁ ଦାସଙ୍କ ସମେତ ନେଗିଗୁଡ଼ା ଗ୍ରାମବାସୀ ସହଯୋଗ କରିଛନ୍ତି।


**ବିଶେଷ ଘୋଷଣା।**

ବଡ଼ଗାଁ ଲ୍ୟାମ୍ପସର ଚାଷୀ ଭାଇମାନଙ୍କୁ ଅବଗତ କରାଯାଉଛି ଯେ ଉକ୍ତ ଲ୍ୟାମ୍ପସର ଦୁଇ ଗୋଟି Tractor ସହିତ Trolly ଓ ଗୋଟିଏ Rotavetor ଓ ଲଙ୍ଗଳ ଭଡ଼ା ସୂତ୍ରରେ ଦେବାର ନିଷ୍ପତ୍ତି ନିଆଯାଇଛି। ଏଣୁ ଇଚ୍ଛୁକ ଭାଇମାନେ 16.05.24 ରୁ 22.05.24 ପର୍ଯ୍ୟନ୍ତ ଉକ୍ତ ଦରଖାସ୍ତ ଦେଇପାରିବେ।

ଶ୍ରୀ ଭୁଲୁକୁ ଠେମରିଆ, ସଭାପତି / ଅଭିମନ୍ୟୁ ତ୍ରିପାଠୀ, Lamps MD
ବଡ଼ଗାଁ, ଯୋଗାଯୋଗ - **9777112112**


# ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମତଦାନ ଆରମ୍ଭ



ଝାରସୁଗୁଡ଼ା,୧୧।୫(ସଞ୍ଜୟ ମାଲି): ଭାରତୀୟ ନିର୍ବାଚନ ଆୟୋଗ ଏଥର ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ବାସ ଭବନକୁ ଯାଇ ମତଦାନ କରାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ଶନିବାର ଝାରସୁଗୁଡା ଜିଲା ତାଳପଟିଆ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଶତାୟୁ ପୁରୁଷ ଯୁଧିଷ୍ଠିର ମହାପାତ୍ର ତାଙ୍କ ବାସଭବନରେ ମତଦାନ କରିଛନ୍ତି। ଝାରସୁଗୁଡା ଜିଲାରେ ଆସନ୍ତା ୨୦ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ଶନିବାର ଝାରସୁଗୁଡାରୁ ପୋଲିଂ ଅଧିକାରୀଙ୍କ ଏକ ୩ ଜଣିଆ ଦଳ ମହାପାତ୍ରଙ୍କ ଘରକୁ ଯାଇ ତାଙ୍କର ଭୋଟ ଗ୍ରହଣ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ସ୍ୱାଧୀନତା ଭାରତର ପ୍ରଥମ ସାଧାରଣ ନିର୍ବାଚନରୁ ଆରମ୍ଭ କରି ଅଦ୍ୟାବଧି ହୋଇଥିବା ସମସ୍ତ ପଞ୍ଚାୟତ, ବିଧାନସଭା ଓ ଲୋକ ସଭା ନିର୍ବାଚନରେ ମହାପାତ୍ର ମତଦାନ କରିଛନ୍ତି। ଗତ ଝାରସୁଗୁଡା ଉପନିର୍ବାଚନରେ ବୟସ ଅଧିକ ହେବା କାରଣରୁ ସେ ହ୍ୱିଲ ଚେୟାରରେ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଥିଲେ। ତେବେ ଚଳିତ ଥର ନିଜ ବାସଭବନରେ ରହି ମତଦାନ କରିଥିବାରୁ ମହାପାତ୍ର ବେଶ ଖୁସି ଅଛନ୍ତି। ନିର୍ବାଚନ ଆୟୋଗର ଏହି ଅଭିନ ପଦକ୍ଷେପକୁ ଜିଲାବାସୀଙ୍କ ସହ ବୁଦ୍ଧିଜୀବୀମାନେ ପ୍ରଶଂସା କରିବା ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ସେ ଗର୍ବିତ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ରିଷିଡାରେ ବିରାଟ ପର୍ବ ନାଟକ ଆରମ୍ଭ

**ରିଷିଡା,୧୧।୫(ସୁଶାନ୍ତ ମଲ୍ଲିକ)**

କର୍ଲାମୁଣ୍ଡା ବ୍ଲକ ରିଷିଡା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିରାଟପର୍ବ ନାଟକ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ରଜନୀରେ ପଞ୍ଚୁପାଣ୍ଡବ ଅଜ୍ଞାତବାସ, ଶନିବାର ଦ୍ୱିତିୟ ରଜନୀରେ ବ୍ୟାଘ୍ର ଓ ମଲ୍ଲ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ସଭାପତି ଭୋଳାରାମ ଭୋଇ, ସମ୍ପାଦକ ତରୁଣ ରଣା, ଉପସଭାପତି କୈଳାସ କୁମୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ତ୍ତା ଭାବରେ ଉର୍ମିଳା ଦଣ୍ଡସେନା, ଦିଲିପ ଦଣ୍ଡସେନା ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ଚଳିତବର୍ଷ ଏହି ଅନୁଷ୍ଠାନ ସର୍ବପୁରାତନ ସଂକଳ୍ପର ପୂର୍ଣ୍ଣାହୁତି ପୂରଣ କରୁଛି। ବିରାଟ ପର୍ବ ନାଟକ ଶୁକ୍ରବାର ପୂର୍ଣ୍ଣାହୁତି ସହ ଶେଷ ହେବ।


## Format C-I

(For candidate to publish in Newspapers, TV)

**Declaration about Criminal Cases**

(As per the judgment dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate: Shri Mukesh Mahaling

Name of Political Party: Bharatiya Janata Party (BJP)

(Independent candidates should write "Independent" here)

Name of Election: General Election 2024

*Name of Constituency: 66 - Loisingha (SC) Assembly Constituency

I Shri Mukesh Mahaling (Name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending Criminal Cases

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Sambalpur Town P.S. | Sambalpur Town P.S. Case No. 29, Date: 21.01.2021 | Pending for investigation | U/S Disaster management Act, 2005- 56, Epidemic, Diseases Act, 1897-3, IPC 1860-143, IPC 1860-269, IPC 1860-270, IPC 1860-336, IPC 1860-353 |

(B) Details about cases of conviction for criminal offences

| Sl. No. | Name of Court & date(s) of order(s) | Description of Offence(s) & punishment imposed | Maximum Punishment Imposed |
|---|---|---|---|
| NIL | NIL | NIL | NIL |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd./- Mukesh Mahaling**



## Format C-1

(For Candidate to Publish in Newspapers, TV)

**Declaration about Criminal Cases**

(As per the Judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate: **LAXMAN BAG, AT- KHUTULUMUNDA, P.O/P.S.-KANTABANJI, DISTRICT- BOLANGIR, ODISHA, PIN- 767039**.

Name of Political Party: BHARATIYA JANATA PARTY

(Independent candidates should write "Independent" here)

Name of Election: ODISHA LEGISLATIVE ASSEMBLY - 2024

Name of Constituency: 70- KANTABANJI

I **LAXMAN BAG** (Name of Candidate), a candidate for the above mentioned election, declare for public information the following details about my criminal antecedents:

(A) Pending Criminal Cases

| Sl. No. | Name of Court | Case No. and Dated | Status of Cases | Section(s) of Acts Concerned and Brief Description of Offence(s) |
|---|---|---|---|---|
| 01 | J.M.F.C., KANTABANJI | F.I.R. No. 219/23, G.R. Case No. 333 of 2023 | Pending | (I) Section-143/148/149/283/341 of I.P.C. Rioting, Arm with death the weapons, Unlawful assemble, Causing danger, obstruction or injury in any public way, Wrong full restrain to any person. |
| 02 | J.M.F.C., BANGOMUNDA | F.I.R. No. 46/22, G.R. Case No. 74 of 2022 Dt.01.03.2012 | Pending | (II) Section-147/148/149/186/283/294/341/353/506 of I.P.C. Rioting, Arm with death the weapons, Unlawful assemble, Causing danger, obstruction or injury in any public way, Wrong full restrain to any person, Assault or use of criminal force to a woman with intent to outrage her modesty, Criminal Intimidation. |
| 03 | J.M.F.C., KANTABANJI | F.I.R. No. 301/20, G.R. Case No. 758 of 2020 Dt.23.12.2022 | Pending | (III) Section-3 Epidemic Diseases Act, U/S-149/143/147/269/270/294/341/353 of I.P.C. and Section 3 of Prevention of damaged to public property. (III) Unlawful assemble, Rioting, Negligently doing any act, Malignantly doing any act, Wrong full restrain to any person, Assault or use of criminal force to a woman with intent to outrage her modesty, Criminal Intimidation. |
| 04 | J.M.F.C., KANTABANJI | F.I.R. No. 35/2016, G.R. Case No. 403 of 2016 Dt.08.09.2016 | Pending | (IV) Section-143/144/294/323/379/506/427/149 of I.P.C. (IV) Unlawful assemble, Using obscene language, assault, theft, criminal intimidation and mischief. |
| 05 | J.M.F.C., KANTABANJI | F.I.R. No. 34/2016, G.R. Case No. 402 of 2016 Dt.08.09.2016 | Pending | (V) Section-143/427/379/149 of I.P.C. (V) Unlawful assemble, mischief and theft. |
| 06 | J.M.F.C., KANTABANJI | F.I.R. No. 193/2016, G.R. Case No. 394 of 2016 Dt.07.09.2016 | Pending | (VI) Section-143/336/427/153(A)/149 of I.P.C. (VI) Unlawful assemble mischief. |
| 07 | J.M.F.C., KANTABANJI | F.I.R. No. 37/2016, G.R. Case No. 90 of 2016 Dt.25.02.2016 | Pending | (VII) Section-294/507 of I.P.C. (VII) Using Obscene language and criminal intimidation over phone. |
| 08 | J.M.F.C., BANGOMUNDA | F.I.R. No. 21/2016, G.R. Case No. 38 of 2016 Dt.23.01.2016 | Pending | (VIII) Section-7 Criminal Law Amendment Act and U/S-147/148/149/283/294/506 of I.P.C. (VIII) Rioting, Arm with death the weapons, Unlawful assemble, Causing danger, obstruction or injury in any public way, Using obscene language, criminal intimidation. |
| 09 | J.M.F.C., KANTABANJI | F.I.R. No.109/2015, G.R. Case No. 460 of 2015 Dt.03.11.2015 | Pending | (IX) Section-336/353/294/355/34 of I.P.C. (IX) Using obscene Language, insult, theft to the security. |
| 10 | J.M.F.C., KANTABANJI | F.I.R. No.30/2014, G.R. Case No. 125 of 2014 Dt.09.04.2014 | Pending | (X) Section-147/148/341/294/323/427/325/171 C/307/149 of I.P.C. and Section-25 and 27 Arm Act. (X) Unlawful assemble, Wrongful Restrain, assault, criminal intimidation and mischief, Attempted to Murder, Causing Grievous Hurt, Unlawful possession of Arms. |
| 11 | J.M.F.C., KANTABANJI | F.I.R. No.100/2012, G.R. Case No. 236 of 2012 Dt.14.08.2012 | Pending | (XI) Section-341/294/323/147/148/506/149 of I.P.C. (XI) Wrongful restrain, assault, unlawful assemble, criminal intimidation. |
| 12 | ASST. SESSION JUDGE, TITLAGARH | F.I.R. No. 24/2007, S.T. Case No. 49-22 of 2022-23 Dt.18.10.2007 | Pending | (XII) Section-367/368/342/374/34 of I.P.C. (XII) Abduction, Wrongful confinement, Wrongful restrains, compulsory Labor. |

(B) Details about cases of conviction for criminal offences

| Sl. No. | Name of Court & Date(s) of Order(s) | Description of Offence(s) & Punishment imposed | Maximum Punishment Imposed |
|---|---|---|---|
| 1 | Nil | Nil | Nil |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.



## Format C-1

(For candidate to publish in Newspapers, TV)

**Declaration about Criminal Cases**

(As per the Judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India and Anr.)

Name and Address of Candidate : **JOGESH KUMAR SINGH, At/P.O.: Sargipali, P.S.: Lephripada, Dist.: Sundargarh**

Name of Political Party : BIJU JANATA DAL

(Independent candidates should write "Independent" here)

Name of Election : General Election to the State Legislative Assembly of Odisha - 2024

Name of Constituency : 09 - Sundargarh (ST)

I, **Jogesh Kumar Singh** (name of candidate), a candidate for the above mentioned election; declare for public information the following details about my criminal antecedents:

(A) Pending Criminal Cases

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of affence(s) |
|---|---|---|---|---|
| 1 | J.M.F.C., Hemgir, Sundargarh | Gr Case No. 486/2016 Hemgir P.S. Case No. 77, Dtd. 22.05.2016 | For Charge | U/s- 143, 341, 506, 283, 185, 147, 120(B), 149 IPC/7 Cr. L.A. Act. |
| 2 | Nil | Nil | Nil | Nil |
| 3 | Nil | Nil | Nil | Nil |

(B) Detail about cases of conviction for criminal offence(s)

| Sl. No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1. | NA | NA | NA |
| 2. | NA | NA | NA |
| 3. | NA | NA | NA |

*In the case of election to Council of States or election to Legislative Council by MLAs, Mention the election concerned in the place of name of constituency.

## ସଂକ୍ଷେପରେ

### ଖଲିଆପାଲିରେ ବିଜେଡିର କର୍ମୀ ସମ୍ମିଳନୀ

**ପଦ୍ମପୁର,୧୧।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଟିକେ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ଯୁବ ସଭାପତି ଦୁଷ୍ମନ୍ତ ପଟେଲ, ପଞ୍ଚାୟତ ଯୁବ ସଭାପତି ସଚି ବାଗ, ସମିତି ସଭ୍ୟ ଭବାନୀ ସାମିନି ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥିନୀ ବର୍ଷା ସିଂ ବରିହା ଓ ଲୋକ ସଭା ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ୨୦ଜଣ ୱାର୍ଡମେମ୍ବରଙ୍କ ସମେତ ୩୦୦ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ପଦ୍ମପୁରରେ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀରେ ଶୋଭାଯାତ୍ରା

**ପଦ୍ମପୁର,୧୧।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ରାହ୍ମଣ ସମାଜ ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀର ମିଳିତ ଆନୁକୂଲ୍ୟରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଉଭୟ ବ୍ରାହ୍ମଣ ସମାଜ ଗାୟତ୍ରୀ ବାହିନୀ ଓ ପର୍ଶୁରାମ ବାହୀନି କର୍ମକର୍ତ୍ତାମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ସହିତ ବିଭିନ୍ନ ଛକ ଯାଗାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରା ପରେ ସମସ୍ତ ବ୍ରାହ୍ମଣ ପରିବାର ପକ୍ଷରୁ ସ୍ଥାନୀୟ ବ୍ରାହ୍ମଣ କଲ୍ୟାଣ ମଣ୍ଡପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ, ଚନ୍ଦ୍ର ଶେଖର ତ୍ରିପାଠୀ, ପର୍ଶୁରାମ ବାହିନୀର ଭରତ ପଣ୍ଡା, ପ୍ରମୋଦ ମିଶ୍ର, ଅମିୟ ପୁରୋହିତ, ଦିବ୍ୟ କିଶୋର ପଣ୍ଡା, ଶୁରେଶ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଦଳ ଛାଡ଼ିଲେ ବରିଷ୍ଠ ଭାଜପା ନେତା ଡା. ସୁଶୀଲ ଶର୍ମା



**ପଦ୍ମପୁର,୧୧।୫ (ପ୍ରଦୀପ୍ତ ଦାଶ):** ଭାଜପା ଛାଡିଲେ ବରଗଡ ଜିଲାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମୁରାରୀ ମିଶ୍ରଙ୍କ ଜାମାତା ଡା ସୁଶୀଲ ଶର୍ମା। ଦଳର ସଭାପତି ମନମୋହନ ସାମଲଙ୍କ ପାଖକୁ ତାଙ୍କର ଇସ୍ତଫାପତ୍ର ପଠାଇ ଥିବା କହିଛନ୍ତି। ଦଳ ପାଇଁ ସେ କଠିନ ପରିଶ୍ରମ କରିଥିଲେ ମଧ୍ୟ ନେତୃତ୍ୱଙ୍କ ତାଙ୍କ ପ୍ରତି ଆସ୍ଥା ରଖି ପାରି ନ ଥିଲା। ଦଳରେ ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଛି। ତାଙ୍କ ପାଇଁ ଆଉ କିଛି ବାକି ନାହିଁ ବୋଲି ଇସ୍ତଫା ପତ୍ରରେ ଡା.ଶର୍ମା ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ ଡା. ଶର୍ମା ବିଜେପୁର ବିଧାନ ସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ମାତ୍ର ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ତେଣୁ ସେ ଦଳ ଛାଡ଼ିଥିବା କହିଛନ୍ତି। ଏହାପରେ ତାଙ୍କର ଆଭିମୁଖ୍ୟ କ'ଣ ହେବ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

# ଆରମ୍ଭରୁ ଧାନ ବିକ୍ରିବଟା ମନ୍ଥର

- ପୁଣି ଟୋକନ ସମସ୍ୟା
- ବଢ଼ୁଛି ଚାଷୀ ଅସନ୍ତୋଷ

**ବରଗଡ଼,୧୧।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାରରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ରୁ ଏହା ଆରମ୍ଭ କରାଯାଇଛି। ରବିବାର ବରଗଡ଼ ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ଏହି ପ୍ରକ୍ରିୟା ଚାଲିବ। ମାତ୍ର ଧାନ କିଣାବିକା ଆରମ୍ଭରୁ ଚାଷୀ ଅସନ୍ତୋଷ କୁହୁଳିବାରେ ଲାଗିଛି। ଅନ୍ୟବର୍ଷ ଭଳି ଏଥର ମଧ୍ୟ ଟୋକନ ସମସ୍ୟା ରହିଥିବାବେଳେ ମଣ୍ଡିରେ ସଂଗ୍ରହ ହେଉଥିବା ଧାନ ଅନୁପାତରେ ତାହା ବିକ୍ରି ହେଉ ନ ଥିବା ସୂଚନା ମିଳିଛି। ଶୁକ୍ରବାର ସୁଦ୍ଧା ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ୩୧ହଜାର ୪୩୭ ପକେଟ୍‌ ଧାନ ଆସିଛି। ମାତ୍ର ସେଥିରୁ କେବଳ ୧୪ ହଜାର ୩୬୭ ପ୍ୟାକେଟ୍‌ ଧାନ ବିକ୍ରି ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଧାନବିକ୍ରି ତଥା ଉଠାଣରେ ଏଭଳି ମନ୍ଥରତା ଆଗକୁ ଜଟିଳ ସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ରହିଛି। କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସମୟରେ ଝଡ଼ବର୍ଷା ହେଉଥିବାବେଳେ ସେଭଳି ସ୍ଥିତି ଉପୁଜିଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି।

ଏଥର ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ଥିବା ସମୁଦାୟ ୧୯୭ ମଣ୍ଡିରେ ଧାନ କିଣାବିକା ଚାଲିବ। ଏଥିରେ ୫୨ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠି (ଡବ୍ଲୁଏସ୍‌ଏଚ୍‌ଜି) ଜରିଆରେ ଯୋଗାଣ ବିଭାଗ ଧାନ କ୍ରୟ କରୁଛି। ସେହିପରି ଏଥର ଗ୍ରେଡ଼-ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୨୦୩ ଟଙ୍କା ଏବଂ ସାଧାରଣ ଧାନ ଦର କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ଜଳସେଚିତ ଅଞ୍ଚଳ ଚାଷୀଙ୍କଠାରୁ ଏଥର ଏକର ପ୍ରତି ୨୬ କୁଇଣ୍ଟାଲ ଲେଖାଏ ଧାନ କିଣାଯାଉ ଥିବାବେଳେ ପୂର୍ବଭଳି ଟୋକନ କଟକଣା ରହିଛି। ତେବେ ଟୋକନ କଟକଣାକୁ ନେଇ ପୁଣି ଚାଷୀମହଲରେ ଅସନ୍ତୋଷ ଦେଖାଯାଇଛି। ଯେଉଁ ଚାଷୀମାନେ ଧାନ ଅମଳ କରି ସାରିଛନ୍ତି, ସେମାନଙ୍କୁ ମିଳିଥିବା ଟୋକନରେ ବିକ୍ର ଦିବସ ବିଳମ୍ବ ରହିଥିବାବେଳେ ଯେଉଁମାନେ ଧାନ ଅମଳ କରି ନାହାନ୍ତି, ସେମାନଙ୍କୁ ମିଳିଥିବା ଟୋକନରେ ବିକ୍ର ଦିବସ ଆଗୁଆ ରହିଥିବା ଚାଷୀମାନେ କହିଛନ୍ତି। ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ପଞ୍ଜୀକରଣ ସମୟରେ ସେ ମେ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ତାଙ୍କ ଧାନ ବିକ୍ରି ଦିବସ ଧାର୍ଯ୍ୟ କରିବାକୁ ଉଲ୍ଲେଖ କରିଥିଲେ। ମାତ୍ର ତାଙ୍କୁ ମିଳିଥିବା ଟୋକନରେ ମେ ୨୩ ତାରିଖରେ ବିକ୍ରି ଦିବସ ରହିଛି। ଅନ୍ୟପଟେ ସେ ଗତ ୫ ତାରିଖରୁ ଧାନ ଅମଳ କରି ସାରିଛନ୍ତି ଏବଂ ୧୦ ତାରିଖରୁ ବିକ୍ରି ପାଇଁ ମଣ୍ଡିରେ ଧାନ ପକାଇ ସାରିଥିବା ନେକାଣ୍ଟି କହିଛନ୍ତି। ତେବେ କେବଳ ନେକାଣ୍ଟି ନୁହଁନ୍ତି, ଜିଲାର ଅନେକ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଯାଇଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟୋକନରେ ବିକ୍ରି ଦିବସ ବିଳମ୍ବିତ ହୋଇଥିବା ଯୋଗୁ ଖରାତାତିରେ ଚାଷୀଙ୍କୁ ଧାନ ଜଗିବାକୁ ପଡୁଛି। ଉଲ୍ଲେଖଯୋଗ୍ୟ, ଚାଷୀ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ କାଗଜାତ୍‌ରେ ଚାଷୀଙ୍କୁ ସେମାନଙ୍କ ସମ୍ଭାବ୍ୟ ଅମଳ ଧାନ ବିକ୍ରି ଦିବସର ତାରିଖ ଉଲ୍ଲେଖ କରାଯିବାକୁ କୁହାଯାଇଥାଏ। ତାକୁ ଭିତ୍ତି କରି ଟୋକନରେ ବିକ୍ରି ଦିବସ ଧାର୍ଯ୍ୟ କରାଯିବା କଥା। ମାତ୍ର ପଞ୍ଜୀକରଣରେ ଚାଷୀ ଧାର୍ଯ୍ୟ କରିଥିବା ବିକ୍ରି ଦିବସକୁ ଗୁରୁତ୍ୱ ଦିଆଯାଉ ନ ଥିବା ଯୋଗୁ ପ୍ରତିବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ସମୟରେ ଟୋକନ କଟକଣା ଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା ହେଉଛି। ଚାଷୀମାନେ ଏଭଳି କଟକଣା ଉଠାଇବାକୁ ବାରମ୍ବାର ଦାବି କରି ଆସିଛନ୍ତି। କିନ୍ତୁ ଧାନ କିଣାବିକାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ସେଭଳି କଟକଣା କରାଯାଇଥିବା ବିଭାଗୀୟ ଅଧିକାରୀମାନେ କହି ଆସୁଛନ୍ତି।



କାଦୋବାହାଲ ମଣ୍ଡିକୁ ଚାଷୀମାନେ ଆଣିଥିବା ଧାନ।

### ଗାଇସିଲେଟରେ ବିଜେଡି ପ୍ରାର୍ଥିନୀ ରିତା ସାହୁଙ୍କ ପ୍ରଚାର ଜୋର୍‌ଦାର

**ଗାଇସିଲେଟ,୧୧।୫(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଆଗାମୀ ୨୦ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବଚନ ପାଇଁ ଗାଇସିଲେଟ ଅଞ୍ଚଳରେ ପ୍ରାର୍ଥୀମାନେ ଗାଁଗାଁ ପଡାପଡା ବୁଲି ପଥ ପ୍ରାନ୍ତ ସଭା କରି ଭୋଟର ମାନଙ୍କୁ ନିଜ ତଥା ଦଳ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। ଏହିକ୍ରମରେ ବିଜୁ ଜନତା ଦଳ ପ୍ରାର୍ଥିନୀ ରିତା ସାହୁ ବସ୍ତିମଧ୍ୟରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଆର୍ଶୀବାଦ ନେଇ ପ୍ରଚାର କରିଛନ୍ତି। ସେଠାରେ ଆୟୋଜିତ ନିର୍ବାଚନୀ ସଭାରେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ନାରାୟଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମ୍ବିକା ପ୍ରାସଦ ତ୍ରିବେଦୀ, ସମିତି ସଭ୍ୟ ଦେବେନ୍ଦ୍ର କୁମାର ଯୋଷୀ, ରବିନ୍ଦ୍ର ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଯୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ, ଡା. ସୁନିଲ କମାର ପଣ୍ଡା ଓ ଭାରତ ଦାଶ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧିବକ୍ତା ଗୁବୁଲ ଦାଶ ଧନ୍ୟବାଦ ଦେଇଥିଲେ। ସେଠାରୁ ଭୋଇପାଲିରେ ଅନୁଷ୍ଠିତ ରାମାୟଣ ପାରାୟଣସ୍ଥଳକୁ ଯାଇ ଦର୍ଶନ କରି ଉପସ୍ଥିତ ଭକ୍ତମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ଗାଇସିଲେଟ ବ୍ଲକର ଜନସଂଖ୍ୟାବହୁଳ ଗ୍ରାମ କନ୍ଧମୁଣ୍ଡାରେ ରୋଡ ଶୋ' କରି ଭୋଟଭିକ୍ଷା କରିଥିଲେ। ପରେ ଟେଙ୍ଗନାପାଲି, କଟଉମାଲ, ମହାର ପାଲି, ଗୌରେନମୁଣ୍ଡା, ଟୁଙ୍ଗା ଆଦି ଗ୍ରାମରେ ସଭା କରି ଭୋଟଭିକ୍ଷା କରିଥିଲେ।



ବିଜେଡି ପ୍ରାର୍ଥିନୀ ରିତା ସାହୁ ନିର୍ବଚାନୀ ପ୍ରଚାର କରୁଛନ୍ତି।



ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ମାରକ ପ୍ରଦାନ କରୁଛନ୍ତି।

### ଆଜି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

**ବରଗଡ଼,୧୧।୫(ପ୍ରେମାନନ୍ଦ ଖମାରୀ)**

ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅନୁଯାୟୀ, ହେଲିକ୍ୟାପ୍ଟର ଯୋଗେ ଆସି ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟାରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌କୁ ପହଞ୍ଚିବେ। ସେଠାରେ ହେବାକୁ ଥିବା ଜନସଭାରେ ଉଦବୋଧନ ଦେବେ। କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନ ୪ଟା ୪୦ମିନିଟରେ ମୁଖ୍ୟମନ୍ତ୍ରୀ ଅସ୍ଥାୟୀ ହେଲିପ୍ୟାଡ଼କୁ ଯିବେ ଏବଂ ଅପରାହ୍ନ ୪ଟା ୫୦ମିନିଟରେ ସେଠାରୁ ହେଲିକ୍ୟାପ୍ଟର ଯୋଗେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପକୁ ଯିବେ। ସେଠାକୁ ଅପରାହ୍ନ ୫ଟା ୧୦ମିନିଟରେ ପହଞ୍ଚିବେ ଏବଂ ସେଠାରୁ ଅପରାହ୍ନ ୫ଟା ୧୫ ମିନିଟରେ ଅନ୍ୟ ଏକ ହେଲିକ୍ୟାପ୍ଟର ଯୋଗେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି।

### ହରଭଙ୍ଗା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ

**ବୌଦ୍ଧ,୧୧।୫(ଅଜିତ କୁମାର ବାରିକ)**

ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା କମିଟି ଅଧ୍ୟକ୍ଷ୍ୟ ପ୍ରିତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତରେ ୧୬ ବିଭିନ୍ନ ମାମଲା ଫଇସଲା କରାଯାଇଥିଲା। ଲୋକ ଅଦାଲତରେ ସରକାରୀ ଓକିଲ ଅଜିତ କୁମାର ପରିଡା ଓ ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

### ଝାରବନ୍ଧ ବ୍ଲକରେ ବିଧାୟିକା ବର୍ଷା ସିଂ ବରିହାଙ୍କ ମାରାଥନ ପ୍ରଚାର



ଝାରବନ୍ଧ ବ୍ଲକରେ ବିଜୁ ଜନତା ଦଳର ପ୍ରାର୍ଥିନୀ ବର୍ଷା ପ୍ରଚାର କରୁଛନ୍ତି।

**ପଦ୍ମପୁର,୧୧।୫(ପ୍ରଦୀପ୍ତ ଦାଶ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ କୁମ୍ଭିର, ଚଣ୍ଡିଭଟା, ଅମଠି ଓ ଝାରବନ୍ଧ ପଞ୍ଚାୟତରେ ବିଧାୟକ ପ୍ରାର୍ଥିନୀ ବର୍ଷା ସିଂ ବରିହା ମାରାଥନ ପ୍ରଚାର କରିଛନ୍ତି। ବିଗତ ଦିନରେ ହୋଇଥିବା ଉନ୍ନୟନମୂଳକ କାମଗୁଡିକର ହିସାବ ଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଧାନସଭା ପାଇଁ ତାଙ୍କୁ ଓ ଲୋକ ସଭା ପାଇଁ ପରିଣିତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ପ୍ରଚାରରେ ବିଜେଡି ବ୍ଲକ ସଭାପତି ଯତୀନ୍ଦ୍ର ହାତୀ, ବରିଷ୍ଠ ନେତା ନନ୍ଦଲାଲ ମହାପାତ୍ର, ଜବାହରଲାଲ ସିଂ ବରିହା, ବିଦ୍ୟୁତ୍‌ ରଞ୍ଜନ ପଧାନ, ମାନଭଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ସୁଶୀଲ ମରେଇ ଯୋଗଦେଇଥିଲେ। ସେହିପରି ତୁର୍ଲା ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ବର୍ଷା ସିଂ ବରିହାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଝାରବନ୍ଧ ବ୍ଲକ ତୁର୍ଲା ଗ୍ରାମର ଗୁଲୁ ଅଗ୍ରୱାଲଙ୍କ ସମେତ ୧୪ଜଣ ଭାଜପା ମହିଳା କର୍ମୀ ଅନ୍ନପୂର୍ଣ୍ଣା ସାହୁ, ବାସନ୍ତୀ ମେହେର, ବନିତା ସାହୁ, ଉଷା ମେହେର, ସୀତା ପ୍ରଧାନ , ଜୟନ୍ତୀ ମିର୍ଦ୍ଧା, ପ୍ରତିମା ମିର୍ଦ୍ଧା, ରୁକ୍ମିଣୀ ମେହେର, ଗୀତାଞ୍ଜଳି ମେହେର, ଶାନ୍ତି ସାହୁ, ସାବିତ୍ରୀ ରଣା, ବବିତା ଅଗ୍ରୱାଲ, ଗୁନୁ ସାହୁ, ସେବତୀ ପଧାନ ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳ ପକ୍ଷରୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା।

### ବରପାଲି ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠିଲା

**ବରପାଲି,୧୧।୫(ଚିତ୍ତରଞ୍ଜନ ସାହୁ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବରପାଲିର ୧୪୭ତମ ଶୀତଳ ଷଷ୍ଠୀ ଯାତ୍ରାର ପ୍ରାରମ୍ଭିକ ପର୍ବ ଥାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ ବାବା କପିଳେଶ୍ୱର ମନ୍ଦିରଠାରେ ରୁଦ୍ରାଭିଶେକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ଓ ସମ୍ପାଦକ ଜୟନ୍ତ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ଯାତ୍ରା କମିଟି ପକ୍ଷରୁ ଭଣ୍ଡାର ଗୃହ (ନୃପାରାଜ କ୍ଲବ) ଠାରୁ ଏକ ଭବ୍ୟ ଶୋଭାଯାତ୍ରା ଘଣ୍ଟ ବାଦ୍ୟ, ଦୁଲ ଦୁଲି ବାଜା ସହ ନଗର ପରିକ୍ରମା କରି କପିଳେଶ୍ୱର ମନ୍ଦିରଠାରେ ପହଞ୍ଚି ପୂଜା ଅର୍ଚ୍ଚନା କରିଥିଲେ। ଅନ୍ୟପକ୍ଷରେ ଚଳିତବର୍ଷ ହୀମାଦ୍ରି ନଗର ହେବାକୁ ଥିବା ଶିବାଜୀ କ୍ଲବ ଓ ପଡ଼ା ର ଶୈବ ଭକ୍ତ ଚଳିତବର୍ଷ କନ୍ୟା ପିତାମାତାଙ୍କ ସହ ଏକ ଶୋଭାଯାତ୍ରାରେ କପିଳେଶ୍ୱର ମନ୍ଦିର ପହଞ୍ଚି ରୀତି ଅନୁସାରେ ପୂଜା ଅର୍ଚ୍ଚନା ପରେ ଯାତ୍ରା ପାଇଁ ଆଜ୍ଞା ମାଳ ଗ୍ରହଣ କରିଥିଲେ। ଶୁକ୍ରବାଠୁ ଆନୁଷ୍ଠାନିକ ଭାବେ ବରପାଲି ଶୀତଳ ଷଷ୍ଠୀ ଯାତ୍ରା କାର୍ଯ୍ୟ ଆରମ୍ଭ ହେଲା। ଏହି ଥାଳ ଉଠା କାର୍ଯ୍ୟକ୍ରମରେ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ଶହ ଶହ ସଂଖ୍ୟାରେ କମିଟି ସଭ୍ୟ ତଥା ଶୈବ ଭକ୍ତ ଯୋଗଦେଇଥିଲେ।



## ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

**ବରପାଲି,୧୧।୫(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୭ଟାରେ ପର୍ଶୁରାମଙ୍କ ପୂଜା ଅର୍ଚ୍ଚନା କରାଯିବା ପରେ ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏକ ସୁସଜ୍ଜିତ ରଥରେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ରଖି ଘଣ୍ଟ ବାଦ୍ୟ ସହ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପରେ ଏକ ସାଧାରଣ ସଭା ବ୍ରାହ୍ମଣ ସମାଜ ବ୍ଲକ ସଭାପତି କୃଷ୍ଣ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। ସଭାରେ ଜୟନ୍ତୀ ଆବାହକ ଅରୁଣ କୁମାର ପଣ୍ଡା, ଯୁଗ୍ମ ଆବାହକ ଅଶୋକ କୁମାର ପଣ୍ଡା, ଅଶୋକ ଦାଶ, ଜ୍ୟୋସ୍ନା ମୟୀ ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ପାଦକ ଶରତ କୁମାର ପାଣିଗ୍ରାହୀଙ୍କ ସମେତ ବ୍ଲକ ସମସ୍ତ ୟୁନିଟର କର୍ମକର୍ତ୍ତା ବ୍ରାହ୍ମଣ ସମାଜର ଏକତା ରକ୍ଷା ଉପରେ ମନ୍ତବ୍ୟ ରଖିଥିଲେ। ଡକ୍ଟର ସରୋଜ କୁମାର ଦାଶ ସଭା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଧର୍ମରାଜ ତ୍ରିପାଠୀ। ଜୟନ୍ତୀରେ ପଣ୍ଡିତ ସଦାନନ୍ଦ ଦାଶ, ଯୋଗେଶ ଦାଶ, ମେଘନାଦ ମିଶ୍ର,ନରେନ୍ଦ୍ର କୁମାର ହୋତା, ବାଳକୃଷ୍ଣ ପୁଝାରୀ, ଗାଗାରିନ ମିଶ୍ର,ସରୋଜ ତ୍ରିପାଠୀ ,ବିଭୂତି ମିଶ୍ର, ରମାକାନ୍ତ ତ୍ରିପାଠୀ, ଉପଗୁପ୍ତ ତ୍ରିପାଠୀ, ଦାମୋଦର ପଣ୍ଡା, ଭାଗ୍ୟ ଧର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ର ସମସ୍ତ ୟୁନିଟର ଶହ ଶହ ସଂଖ୍ୟାରେ କର୍ମକର୍ତ୍ତା ତଥା ସଭ୍ୟ ଉପସ୍ଥିତ ଥିଲେ।



ପର୍ଶୁରାମ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀ ଶୋଭାଯାତ୍ରା

**ବରଗଡ,୧୧।୫(ପ୍ରେମାନନ୍ଦ ଖମାରୀ)**

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶୁକ୍ରବାର ବରଗଡ ଜିଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀର ମିଳିତ ଆନୁକୂଲ୍ୟରେ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀକୁ ବର୍ଣ୍ଣାଢ଼୍ୟ ଢଙ୍ଗରେ ଆୟୋଜନ କରାଯାଇଛି। କର୍ମକର୍ତ୍ତାମାନେ ୯ ତାରିଖରେ ଅଧିବାସ ସହ ଅପରାହ୍ନରେ ସାଇ କ୍ରିଷ୍ଣା ପେଲେସଠାରେ ବ୍ରାହ୍ମଣ ପରିବାରଙ୍କ ଏକ ପାରିବାରିକ ବନ୍ଧୁ ମିଳନ ସହ ବ୍ରାହ୍ମଣ ପରିବାରର ଝିଅପୁଅଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ତଥା ନୃତ୍ୟଗୀତ ପରିବେଷଣ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିଲା। ଶୁକ୍ରବାର ସକାଳେ ମା' ଶ୍ୟାମା କାଳୀ ମନ୍ଦିରରେ ପ୍ରଭୁ ପର୍ଶୁରାମ, ମା' ଗାୟତ୍ରୀଙ୍କ ପୂଜାର୍ଚ୍ଚନା ସହ ପୁଷ୍ପାଞ୍ଜଳି ଓ ଆରତୀ ସହ ହବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା' ଶ୍ୟାମାକାଳୀ ମନ୍ଦିରରୁ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହା ବରଗଡ ରାଜୀବ ଗାନ୍ଧୀ ଛକ, ଲେଙ୍ଗୁ ମିଶ୍ର ଛକ, ଗଉଡପଡ଼ା ଛକ, କଚେରି ଛକ, ଏସ୍‌ପି ଅଫିସ ଛକ, ମିନିଷ୍ଟାଡିୟମ ଦେଇ ପୁଣି ମା' ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇଥିଲେ। ଏଥିରେ ଅଘୋରୀ ଦଳ, ରାୟପୁରର ପଞ୍ଜାବୀ ଢୋଲ ଦଳ, ରାଜସ୍ଥାନୀ ଡ୍ୟାନ୍ସ ଦଳ, ରେମତାର ଘଣ୍ଟ ପାର୍ଟି, ପୁରୀର ଓଡ଼ିଶୀ ନୃତ୍ୟ ଦଳ, ବାଞ୍ଜିପାଲିର ଡିଜେ, ଗଣ୍ଡିଆପାଲିର ପାରମ୍ପରିକ ସଂପ୍ରଦା ଦଳ, ଜଟଲାଶ୍ରିଗୀଡାର ଗୋବିନ୍ଦ ବେଣ୍ଡ ପାର୍ଟି ଦଳ ସମ୍ମିଳିତ ହୋଇଥିଲେ। ଶୋଭାଯାତ୍ରାରେ ସମ୍ମିଳିତ ସମସ୍ତ ବ୍ରାହ୍ମଣ ପରିବାରଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଜିଲାର ସମସ୍ତ ୧୨ ବ୍ଲକରେ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଭୁ ପର୍ଶୁରାମଙ୍କ ଶୋଭାଯାତ୍ରାର ଆୟୋଜନ ହୋଇଥିଲା ଏବଂ ବିଭିନ୍ନ ବ୍ଲକର ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିରେ ଜିଲା ବ୍ରାହ୍ମଣ ମହାସଭା, ଜିଲା ପର୍ଶୁରାମ ବାହିନୀ, ଦୁର୍ଗା ବାହିନୀର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇଥିଲେ ।



ବରଗଡ଼ରେ ମା' ଶ୍ୟାମାକାଳୀ ମନ୍ଦିରରୁ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା ବାହାରୁଛି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୩ ଗୁରୁତର

କୋକସରା,୧୧।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ): ପୃଥକ୍ ସ୍ଥାନରେ ଭାଲୁ ଆକ୍ରମଣରେ ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଜୟପାଟଣା ବ୍ଲକ ଉଚ୍ଛଲା ପଞ୍ଚାୟତ ଖଇରଭା ଗ୍ରାମର ଫଗନି ରାଉତ (୫୫) ଓ ତୁଳସା ରାଉତ (୬୫) ଶନିବାର ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତ ୨ ମହିଳାଙ୍କୁ ଜିଲା ସଦର ଡାକ୍ତରଖାନା ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି। ସେହିପରି କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ନୂଆଗାଁର ଯୁବକ କ୍ଷୀରସିନ୍ଧୁ ମାଝି (୩୫) ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ କୋକସରା ଡାକ୍ତରଖାନା ଓ ପରେ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତଦନ୍ତ ପରେ ଆହତମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକ କହିଛନ୍ତି।

### ବାଇକ୍ ରାଲିରେ ବୁଲିଲେ ବିଧାୟକ ପ୍ରାର୍ଥୀ

କେସିଙ୍ଗା,୧୧।୫(ତୁମେଶ୍ୱର ସାହୁ): ଆସନ୍ତା ୧୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଶନିବାର ଶେଷ ଦିନରେ କଳାହାଣ୍ଡି ଜିଲା ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥିନୀ ଲଳିତା ନାଏକ ସମର୍ଥକଙ୍କ ସହ ମୋଟରସାଇକେଲ ରାଲିରେ ବୁଲିଥିଲେ।ଅଧମୁଣ୍ଡା ଗ୍ରାମ ପଞ୍ଚାୟତରୁ ରାଲି ବାହାରି ଫଟକାମାଲ, ପାଷ୍ଟିକୁଡ଼ି, ନାସିଗା, ଦେଓଗାଁ, ଗାଇଗା, ଗୋକୁଳେଶ୍ୱର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ପ୍ରାର୍ଥିନୀ ନାଏକ ନବୀନ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଏହାସହ ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ଅନୁରୋଧ କରିଥିଲେ। ରାଲିରେ ବିଜେଡିର ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ଅନ୍ତିମ ଦିନରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

ରିଷିଡା, ୧୧।୫(ସୁଶାନ୍ତ ମଲ୍ଲିକ): ନର୍ଲା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ ଶନିବାର ଅନ୍ତିମ ଦିନରେ କର୍ଲାମୁଣ୍ଡା ବ୍ଲକର ଜୋନ 'କ' ଓ 'ଖ'ରେ ପ୍ରଚାର ଜୋରଦାର କରିଥିଲେ। ପ୍ରଚଣ୍ଡ ଖରା ସତ୍ତ୍ୱେ ଭକ୍ତଙ୍କ ସମର୍ଥନରେ ପ୍ରଚାରରେ ସାମିଲ ହୋଇଥିଲେ ହଜାରହଜାର ମହିଳାପୁରୁଷ ମତଦାତା। ଏକ ବାଇକ୍ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ରାଲିରେ ବାବୁଲି ମଣ୍ଡଳ, ନୀଳମାଧବ ସିଂଦେଓ, ଭୁପିନ୍ଦର ସିଂଙ୍କ ସମେତ ୭ଜଣ ସରପଞ୍ଚ, ୮ଜଣ ସମିତିସଭ୍ୟ ସାମିଲ ହୋଇଥିଲେ। ଏହାପରେ କର୍ମୀମାନେ ମଦନପୁର ରାମପୁରକୁ ପ୍ରଚାର ପାଇଁ ଯାଇଥିଲେ।

# ମଞ୍ଚକଳା ବଞ୍ଚିଲେ ସମାଜ ବଞ୍ଚିବ

ଭବାନୀପାଟଣା, ୧୧।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡିର ଅଗ୍ରଣୀ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ଭବାନୀପାଟଣାସ୍ଥିତ କଳାହାଣ୍ଡି ଲେଖକ କଳା ପରିଷଦଠାରେ ୧୦ଦିନ ଧରି ଚାଲିଥିବା ନାଟ୍ୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ନାଟକ କ୍ଷେତ୍ରରେ ପ୍ରତିଦିନ ଅଭିଜ୍ଞ ନାଟ୍ୟକର୍ମୀ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ପରମେଶ୍ୱର ମୁଣ୍ଡ, ଶୁଭେନ୍ଦୁ ମହାପାତ୍ର, ସୌରଭ ମହାପାତ୍ର ପ୍ରମୁଖ ଯୋଗଦେଇ ନାଟ୍ୟ ଶିକ୍ଷା ଦେଇଥିଲେ। ସଙ୍ଗୀତ, ନୃତ୍ୟ, ବାଦ୍ୟ, ମଞ୍ଚ ନିର୍ମାଣ, ଚରିତ୍ର, ସଂଳାପ ଆଦି ମଞ୍ଚ ନାଟକର ଗୋଟିଏ ଗୋଟିଏ ଉପାଦାନ। କଳା ପେଟପାଟଣା ପାଇଁ ନୁହଁ, ବରଂ ଜୀବନ ଗଢିବାରେ ସାହାଯ୍ୟ କରେ। ଉଦୀୟମାନ ଶିଶୁ କଳାକାର ହିଁ ଆଗାମୀ କାଲିର ଭବିଷ୍ୟତ। ମଞ୍ଚ କଳା ବଞ୍ଚିଲେ ହିଁ ସମାଜ ବଞ୍ଚିବ ବୋଲି ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିଗଣ ମତ ଦେଇଥିଲେ। ଉଦଯାପନୀ ପର୍ବରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ନାଟ୍ୟ କର୍ମଶାଳା ଉଦ୍‌ଯାପିତ**

ପ୍ରଭାସ ଚନ୍ଦ୍ର ମିଶ୍ର, ଖବରଦାତା ଦେବେନ୍ଦ୍ର ବିଶି, ପ୍ରତିଭା ଅନୁଷ୍ଠାନର ଅଧ୍ୟକ୍ଷ ଧାନାନନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର। କର୍ମଶାଳାରେ ଅଂଶଗ୍ରହଣ କରିଥିବା ଯୁବଶିଳ୍ପୀ ଶିବଶକ୍ତି ପୁରୋହିତ, ପ୍ରିୟଙ୍କା ପଟ୍ଟନାୟକ, ଶାଳିନୀ ମହାପାତ୍ର, ଶ୍ରାବଣୀ ରଥ, ଦୀପ୍ତିମୟୀ ସିଂ, ଅଦିତୀ ନିଶିତା ମିଶ୍ର, ରୋଶନ ନାଏକ, ନମ୍ରତା ନାଏକ, ପ୍ରେମଲାଲ ନାଏକ, ଅବିନାଶ ଅଗସ୍ତି, ରାହସ ଆରିୟନ ପାତ୍ର, ଅନିଷା ଠାକୁର, ସୁଧୃତୀ ଦାସ ପ୍ରମୁଖଙ୍କୁ ଅତିଥିଗଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରାଣୀ ଦାସ, ପ୍ରୀତି ପଟ୍ଟନାୟକ, ପ୍ରଦୀପ ଦାସ, ତାପସ ପଟେଲ, ଶେଖର ମିଶ୍ର, ପ୍ରତୀକ୍ଷା ଠାକୁର, ସଲୋନି ରଥ, ଅନ୍ୱେଷା ପଣ୍ଡା, ଶୁଭମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଡ଼ିଆଳରେ ରାଷ୍ଟ୍ରୀୟ ଲୋକଅଦାଲତ

ଖଡ଼ିଆଳ,୧୧।୫ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ସିନିୟର ଡିଭିଜନ ସିଭିଲ ଜଜ୍ ଚିନ୍ମୟୀ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଜୁନିଅର ଡିଭିଜନର ସିଭିଲ ଜଜ୍ ରିତୀ ତ୍ରିପାଠୀ, ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଉପସ୍ଥିତ ଥିଲେ। ଅଦାଲତରେ ୧୭ ଗୋଟି ସିଭିଲ କେସ ଓ ଗୋଟିଏ ବ୍ୟାଙ୍କିଂ କେସର ଫଇସଲା କରାଯାଇ ଏକଲକ୍ଷ ୯୫ ହଜାର ୧୯୭ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ସହ ସିଭିଲ ଜଜ୍ ଜୁନିଅର ଡିଭିଜନ ଅଦାଲତର ଗୋଟିଏ ସିଭିଲ କେସ ସମେତ ୨୨ ଗୋଟି କ୍ରିମିନାଲ କେସ ଏବଂ ଦୁଇଗୋଟି ପାରିବାରିକ ମାମଲାର ଫଇସଲା କରାଯାଇଥିଲା। ଏଥିସହ ବ୍ୟାଙ୍କ ଋଣ ଖିଲାପକାରୀଙ୍କଠାରୁ ସମୁଦାୟ ଦୁଇଲକ୍ଷ ୬୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ସରକାରୀ ଓକିଲ ନରେନ୍ଦ୍ର ମେହେର, ଆଦିତ୍ୟ ମହାପାତ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଓକିଲ ବିରଜା ସିଂ ଦଳପତି, ବରିଷ୍ଠ ଓକିଲ ଦିନେଶ ତିୱାରୀ, ଦୁତିକୃଷ୍ଣ ବେହେରା, ସଞ୍ଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ।


ଲୋକ ଅଦାଲତରେ ଜଜ୍‌ଙ୍କ ସହ ଓକିଲ ଓ ଅଧିକାରୀମାନେ।


ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପୋଲିଂ ପାର୍ଟି ଏକାଠି ହୋଇ ନିର୍ବାଚନମଣ୍ଡଳୀ ଗସ୍ତ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

# ବୁଥ୍‌କୁ ଗଲେ ପୋଲିଂ ପାର୍ଟି

ଭବାନୀପାଟଣା,୧୦।୫(ଉତ୍ତମ କୁମାର ଦାଶ)

ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିରେ କଳାହାଣ୍ଡି ଲୋକ ସଭା କ୍ଷେତ୍ର ରହିଛି। ଶନିବାର କଳାହାଣ୍ଡି ଜିଲାର ନର୍ଲା ଓ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ୫୬୫ ବୁଥ୍‌କୁ ପୋଲିଂ ପାର୍ଟି ଯାଇଛନ୍ତି। ଏହା ପୂର୍ବରୁ ସେମାନେ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଉପସ୍ଥିତ ରହି ନିଜର ଇଭିଏମ୍, ଭିଭିପିଏଟି ସହ ବ୍ୟାଟେରି, ଚାର୍ଜିଂ ଲାଇଟ୍, ଫାଷ୍ଟଏଡ୍ ଆଦି ସାମଗ୍ରୀ ଯାଞ୍ଚ କରିଥିଲେ। ପୋଲିଂ ପାର୍ଟିରେ ଉପରୋକ୍ତ ୨ଟି ନିର୍ବାଚନ ମଣ୍ଡଳୀ ପାଇଁ ମାଇକ୍ରୋ ଅବଜର୍ଭର୧୧୩, ସେକ୍ଟର ଅଫିସର ୯୫, ଭିଡିଓଗ୍ରାଫର ୬୦, ପ୍ରିଜାଇଡିଂ ଅଫିସର ୫୩୯, ପୋଲିଙ୍ଗ ଅଫିସର ୩୨୩୪ ସମେତ ପୋଲିସ କର୍ମଚାରୀ ରହିଛନ୍ତି। ସମସ୍ତେ ବସ୍ ଓ ବୋଲେରୋ ଯୋଗେ ନିଜ ନିଜ ବୁଥ୍‌କୁ ଯାଇଛନ୍ତି। ରବିବାର ଭବାନୀପାଟଣା, ଜୁନାଗଡ ଓ ଧର୍ମଗଡ ନିର୍ବାଚନ ମଣ୍ଡଳୀର ବୁଥ୍‌ଗୁଡିକୁ ପୋଲିଂ ପାର୍ଟି ଯିବେ ବୋଲି ଜଣାପଡିଛି।

### ନଦୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଲାଞ୍ଜିଗଡ,୧୧।୫(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ସାହାଜପଡା ଗ୍ରାମରେ ଶନିବାର ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୟସେନ ସାହୁକାରଙ୍କ ପୁଅ ଦିବାକର ସାହୁକାର (୧୨)। ସୂଚନାନୁସାରେ ରାୟଗଡା ଜିଲା ହାଟ ମୁନିଗୁଡାର ଜୟସେନ ସାହୁକାର ତାଙ୍କ ପରିବାର ସହିତ କୌଣସି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସାହାଜପଡା ବନ୍ଧୁ ଘରକୁ ଆସିଥିଲେ। ଅପରାହ୍ନରେ ଦିବାକର ଗାଁ ନିକଟ କଲ୍ୟାଣୀ ନଦୀକୁ ଶୌଚ ପାଇଁ ଯାଇଥିବାବେଳେ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବାକୁ ଯାଇଥିଲେ। ପରେ ଦିବାକର ନଦୀ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ଏ ନେଇ ମୃତ ଦିବାକରଙ୍କ ଅଜା ପଦ୍ମନାଭ ସାହୁ ବିଜେପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ମେଡିକାଲ ପଠାଇଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ଲାଞ୍ଜିଗଡ ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କା ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ସାହାଜପଡା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହେଇଛି।

# କୋକସରା ବ୍ଲକ୍: ୧୦୨ ବୁଥ୍‌ରେ ମତଦାନ କରିବେ ୯୧,୩୭୬ ଭୋଟର

କୋକସରା,୧୧।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ଆସନ୍ତା ୧୩ ତାରିଖରେ କଳାହାଣ୍ଡି ଲୋକ ସଭା ଓ ୭ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। କୋକସରା ବ୍ଲକ୍‌ର ୨୨ ପଞ୍ଚାୟତର ୧୦୨ ବୁଥ୍‌ରେ ମତଦାନ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବ୍ଲକ୍‌ର ୧୦୨ ବୁଥ୍‌ରେ ୯୧ ହଜାର ୩୭୬ ଜଣ ଭୋଟର ମତଦାନ କରିବେ। ଏମାନଙ୍କ ମଧ୍ୟରେ ପୁରୁଷ ୪୬,୦୦୬ ରହିଥିବା ବେଳେ ମହିଳା ଭୋଟର ୪୫,୩୬୯ ଓ ଜଣେ ତୃତୀୟ ଲିଙ୍ଗ ଭୋଟର ରହିଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ଧର୍ମଗଡ଼ ବିଧାନସଭାରେ ଭାଜପା, ବିଜେଡି, କଂଗ୍ରେସ ଦଳ ମଧ୍ୟରେ ତ୍ରିମୁଖୀ ଲଢ଼େଇହେବା ନେଇ ଚର୍ଚ୍ଚା ହେଉଛି। ତିନି ପ୍ରମୁଖ ଦଳକୁ ଛାଡି ଅନ୍ୟ ଦଳରୁ ୪ ପ୍ରାର୍ଥୀ ଓ ୫ ଜଣ ସ୍ୱାଧୀନଙ୍କୁ ମିଶାଇ ୧୨ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି।

# ଲାଞ୍ଜିଗଡ଼ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ଲାଞ୍ଜିଗଡ଼,୧୧।୫(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ପୋଲିସ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବସନ୍ତପଡ଼ା ଗ୍ରାମପଞ୍ଚାୟତର ବେଲମ୍ବା, କପାଗୁଡ଼ା, ବନ୍ଧଗୁଡ଼ା, ବସନ୍ତପଡ଼ା ଓ ଛତ୍ରପୁର ଗ୍ରାମପଞ୍ଚାୟତର ଛତ୍ରପୁର ସମେତ ବାଟେଲିମା ଗ୍ରାମଠାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଲାଞ୍ଜିଗଡ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍‌କାଙ୍କ ନେତୃତ୍ୱରେ କେସିଙ୍ଗା ଏସ୍‌ଡିପିଓ ବିନୋଦ ପାଟିଲ ଏଚ୍, ୩ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳ ସହ ଲାଞ୍ଜିଗଡ଼ ଥାନା ଏସ୍‌ଆଇ ଲିଙ୍ଗରାଜ ସେଠୀ, ଏସ୍‌ଆଇ ସ୍ୱର୍ଣ୍ଣଲତା ଗମାଙ୍ଗ, ଏସ୍‌ଆଇ ମାଝି ଗମାଙ୍ଗ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ୧୩ ତାରିଖରେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବ। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ପାଳନ ଏବଂ ଆଇନ ଶୃଙ୍ଖଳା ରକ୍ଷା, ପୋଲିସ ଉପରେ ଲୋକଙ୍କ ଆସ୍ଥା ପ୍ରକଟ ଉଦ୍ଦେଶ୍ୟରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ବୋଲି ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍‌କା ପ୍ରକାଶ କରିଛନ୍ତି।

# ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରିଲେ ଚାଷୀ

ଖଡ଼ିଆଳ,୧୧।୫(ସୁଜିତ କୁମାର ପ୍ରଧାନ)

ଚାଷଜମିକୁ ଜଳସେଚନ ସୁବିଧା ନ ହେଲେ ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳର ଚାଷୀମାନେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ହେଲେ ଏବେ ଦାବି ପୂରଣ ପ୍ରତିଶ୍ରୁତି ମିଳିଲା ପରେ ସେମାନେ ଏହି ନିଷ୍ପତ୍ତିରୁ ଓହରିଯାଇଛନ୍ତି। ଶନିବାର ଖଡ଼ିଆଳଠାରେ ଅଣଜଳସେଚିତ ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ କ୍ରିୟାନୁଷ୍ଠାନ କମିଟି ନୂଆପଡ଼ା ଜିଲା ତରଫରୁ ଖଡ଼ିଆଳ ଓ କୋମନା ବ୍ଲକ ଅନ୍ତର୍ଗତ ୫ ପଞ୍ଚାୟତର ୨୧ ଗ୍ରାମର ଚାଷୀ ଜମିକୁ ଜଳସେଚନ ଦାବିକରି ପୂର୍ବରୁ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ଏ ନେଇ ସେମାନେ ଜିଲାପାଳ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ନିର୍ବାଚନ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲା ପ୍ରଶାସନ ତରଫରୁ ଚାଷୀମାନଙ୍କ ସହ ଆଲୋଚନା କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଉଠିଲା ପରେ ଜଳସେଚନ ବ୍ୟବସ୍ଥା ନେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ନେଇ ଶତାଧିକ ଚାଷୀ ଆଲୋଚନା କରିବା ସହ ଭୋଟ ବର୍ଜନ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସହମତି ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ କମିଟି ସଭାପତି ଜଗତ ରାମ ଶବର, ଆବାହକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଅମରେଶ ପଟ୍ଟନାୟକ, ପ୍ରଦୀପ ତ୍ରିବେଦୀ, ଭୋଳା ଶବର, ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା,୧୧।୫ (ଉତ୍ତମ କୁମାର ଦାଶ)

**୭୨୭ ମାମଲା ଫଇସଲା**

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଚଳିତ ବର୍ଷ ୨୦୨୪ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୭୨୭ଟି ମାମଲାର ଫଇସଲା କରାଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦିପ୍ତି ରଞ୍ଜନ କାନୁନ୍‌ଗୋ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଅଦାଲତରେ ୯ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୬୨ଲକ୍ଷ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୧୮ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇ ୨ଲକ୍ଷ ୧୪ହଜାର ୬ଶହ ଟଙ୍କା ଆଦାୟ କରାଯାଇଥିଲା। ବିଚାରଯୋଗ୍ୟ ୧୬୨ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ୮ଟି ଏନ୍‌ଆଇ ଆକ୍ଟ ମାମଲା (ଦଫା-୧୩୮) ଫଇସଲା କରାଯାଇ ୨୯ଲକ୍ଷ ୭୧ହଜାର ୪୯୨ ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୫ଗୋଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୩୪୫ଟି ଫଇସଲା କରାଯାଇ ୬ଲକ୍ଷ ୭ହଜାର ୪୬୬ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୧୮୦ଟି ପ୍ରାକ ମୋକଦ୍ଦମା ସମନ୍ଧୀୟ ମାମଲାର ଫଇସଲା କରାଯାଇ ୨୩ଲକ୍ଷ ୨୭ହଜାର ୭୬୮ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ଲଳିତ କୁମାର ଦାସ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସ୍ମୃତିଲେଖା ବାରିକ, ସିନିୟର ସିଭିଲ ଜଜ୍ ସମାପିକା ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପି. ସୀତାଲକ୍ଷ୍ମୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମୃତତନୟା ଓ ଶ୍ରୀଚନ୍ଦନ ସେଠୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ସେହିପରି ଅତିରିକ୍ତ ଜିଲା ଜଜ୍ (ଏଫ୍‌ଟିଏସସି) ଯଦୁମଣି ମିଶ୍ର ଓ ରେଜିଷ୍ଟ୍ରାର ଶ୍ରୀଦିପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଭବାନୀପାଟଣାରେ ଅନୁଷ୍ଠିତ ଲୋକ ଅଦାଲତ।

# ଛତିଶଗଡ଼ ଭଳି ଓଡ଼ିଶାରେ ପଦ୍ମ ଫୁଟିବ

ନୂଆପଡ଼ା,୧୧।୫ (ମକାରୁ ବେମାଲ)



ସଭାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ନୂଆପଡ଼ା ଜିଲା ଗସ୍ତରେ ଆସି ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ଛତିଶଗଡ଼ ରାୟପୁରରୁ ସେ ଆକାଶ ମାର୍ଗରେ ଆସି ଖରିଆର ରୋଡ ଗୋଟମା ଉଡାଜାହାଜ ପଡିଆରେ ଅବତରଣ କରି ସଡକ ପଥରେ ଆସି ନୂଆପଡା ପୋଲିସ ପଡିଆଠାରେ ଆୟୋଜିତ ସଭାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଓ ଏମ୍‌ପି ପ୍ରାର୍ଥୀ ମାଳବିକା କେଶରୀ ଦେଓଙ୍କ ପାଇଁ ଭୋଟ ମାଗିଥିଲେ। ଭାଜପା ଜିଲା ସଭାପତି ସୁବ୍ରତ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ସାଏ କହିଥିଲେ, ଓଡିଶାରେ ୨୫ ବର୍ଷର ସରକାର କୌଣସି ବିକାଶ କରିପାରି ନାହାନ୍ତି। ବିକାଶ କରିବୁ ବୋଲି ମିଛରେ ଲୋକଙ୍କୁ ଭୁକଆଁ ବୁଲାଉଛନ୍ତି। ଛତିଶଗଡରେ କଂଗ୍ରେସ ସରକାର ଥିବାବେଳେ କୌଣସି ବିକାଶ ହୋଇପାରୁ ନ ଥିଲା। ଭାଜପା ସରକାର ଗଠନ ହେବାର ୩ ମାସ ଭିତରେ ଅନେକ କିଛି ବିକାଶ ହୋଇସାରିଲାଣି। ନିର୍ବାଚନ

**ନିର୍ବାଚନୀ ସଭାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଦୃଢୋକ୍ତି**

ପୂର୍ବରୁ ଯାହା ଘୋଷଣା କରିଥିଲୁ ତାହା କାର୍ଯ୍ୟକାରୀ କରି ସାରିଲୁଣି। ଛତିଶଗଡ଼ ଭଳି ଓଡ଼ିଶାରେ ମଧ ପଦ୍ମ ଫୁଟିବ ବୋଲି ସାଏ ଦୃଢୋକ୍ତି ପ୍ରକାଶ କରିଥିଲେ। ଓଡ଼ିଶାରେ ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ପରିବର୍ତ୍ତନ ହୋଇ ଡବଲ ଇଞ୍ଜିନ ସରକାର ହେବ। ତା'ପରେ ବିକାଶ ହୋଇଚାଲିବ। ନୂଆପଡ଼ାରେ ମେଡିକାଲ କଲେଜ, ନର୍ସିଂ କଲେଜ ଓ ସୁପରସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ ହେବ। ମାତୃ ଯୋଜନାରେ ଗୃହିଣୀଙ୍କୁ ୫୦ ହଜାର ଟଙ୍କା, ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା, ମାଛ ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଭତ୍ତା, ଯୁବତୀ ଯୁବକଙ୍କୁ ୨୦ କୋଟି ଟଙ୍କା ଋଣ, ୫ ଲକ୍ଷ ଲୋକଙ୍କୁ ନିଯୁକ୍ତି, ୩୫ ଲକ୍ଷ ଚାଷୀଙ୍କୁ କୃଷକ ସମ୍ମାନନିଧିରେ ପ୍ରତିବର୍ଷ ୬ ହଜାର ଟଙ୍କା,୧ କୋଟି ପରିବାରଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ବୀମା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାଏ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ ଉତ୍ତରାଖଣ୍ଡ ବିଧାୟକ ପୁରନ୍ଦର ମିଶ୍ର, ଖଲ୍ଲାରୀ ବିଧାୟକ ପ୍ରାର୍ଥିନୀ ଅଳକା ଚନ୍ଦ୍ରାକାର, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ପୂର୍ବତନ କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ସିଂଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ,ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ସମ୍ପାଦକ ତୁଳସ ପଟେଲ, କମଲେଶ ଦୀକ୍ଷିତ, ପପ୍ପୁ ଠାକୁର, ଦେବଧର ସାହୁ, ବୈରାଜ ସାହୁ, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ମୁରଲିଧର ସୁନା, କିଷାନ ମୋର୍ଚ୍ଚା ଜିଲା ସଭାପତି ଗୋବର୍ଦ୍ଧନ ସାହୁ, ଦୃଷ୍ଟିଚନ୍ଦ୍ର ମାଝି, ରାଜେଶ୍ୱରୀ ସାହୁ, ସରିତା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ।

## ସଂକ୍ଷେପରେ

### ବେକେରୀ ଦୋକାନରେ ଅଗ୍ନିକାଣ୍ଡ

**ରାଉରକେଲା, ୧୧।୫(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ଶନିବାର ସକାଳେ ଏକ ବେକେରୀ ଦୋକାନରେ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଛି। ଦୋକାନର ପ୍ରାୟ ସମସ୍ତ ସାମଗ୍ରୀ ଜଳିପୋଡି ନଷ୍ଟ ହୋଇଯାଇଛି। ଘଟଣା ସ୍ଥଳରେ ଅଗ୍ନିଶମର ୨ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦାଙ୍କ ସୂଚନା ଅନୁସାରେ, ପ୍ଲାଣ୍ଟସାଇଟ୍ ରୋଡ ପୁରୁଣା ଷ୍ଟେଶନ ନିକଟରେ ଥିବା ବେକେରୀ ଦୋକାନରେ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଜଳିପୋଡି ନଷ୍ଟ ହୋଇଯାଇଛି ବୋଲି ହାଁସଦା ସୂଚନା ଦେଇଛନ୍ତି।

### ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ରାଉରକେଲା, ୧୧।୫, (ଦିନେଶ ମିଶ୍ର):** ରାଉରକେଲାର ସମାଜିକ ଅନୁଷ୍ଠାନ ହାପି ମୋମେଣ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଆର୍ଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବି.କେ ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସିଆଇଏସ୍ଏଫର ବରିଷ୍ଠ କମାଣ୍ଡେଣ୍ଟ ଅଶୋକ ଜଲାୱାନି ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଏହି ଶିବିରରେ ସିଆଇଏସ୍ଏଫ ଯବାନ ଓ ହାପି ମୋମେଣ୍ଟସର ୩୫ ଜଣ ସଦସ୍ୟ ରକ୍ତଦାନ କରିଥିଲେ। ଏହି ଶିବିରକୁ ଡ. ସୁମନ ଦତ୍ତ, ପଙ୍କଜ କୁମାର ଦାସ, କାମିନୀ ଗୌରୀ, ସତ୍ୟବାନ ସଲାହୁ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରଶ୍ମିତା ପଣ୍ଡା ସହଯୋଗ କରିଥିଲେ।

### ଗଞ୍ଜେଇ ଜବତ: ୨ ଗିରଫ

**ରାଉରକେଲା, ୧୧।୫(ସଙ୍ଗୀତା ଜେନା):** ନିର୍ବାଚନ ପାଇଁ ରାଉରକେଲା ଷ୍ଟେସନ୍‌ରେ ଯାଞ୍ଚ କରାଯାଉଛି। ଆର୍‌ପିଏଫ୍, ଚକ୍ରଧରପୁର ସିଆଇବି ଓ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦ୍ୱାରା ଶନିବାର ଯାଞ୍ଚ କରାଯାଇଥିବା ବେଳେ ପ୍ରାୟ ସାଢ଼େ ୬ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇ ଅବକାରୀ ବିଭାଗକୁ ହସ୍ତାନ୍ତର କରିଛି ଆରପିଏଫ୍। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଝାଡଖଣ୍ଡ କେମୁର ଜିଲାର ରଞ୍ଜନ ପାଣ୍ଡେ(୫୦) ଓ ଅଭୟ ଶାହା(୨୦)। ସୂଚନାଅନୁଯାୟୀ, ଯାଞ୍ଚ ବେଳେ ଅଭିଯୁକ୍ତ ଦ୍ୱୟ ଏକ ବ୍ୟାଗରେ ଗଞ୍ଜେଇ ଧରି ସନ୍ଦିଗ୍ଧ ଭାବେ ବୁଲାବୁଲି କରୁଥିଲେ। ସନ୍ଦେହଜନକ ଭାବେ ଉଭୟଙ୍କୁ ଧରି ପଚରାଉଚୁରା କରାଯିବା ପରେ ସେମାନେ ଗଞ୍ଜେଇ ରଖିଥିବା ସ୍ୱୀକାର କରିଥିଲେ। ତେବେ ଝାଡଖଣ୍ଡରୁ ଆସି ଓଡ଼ିଶାର ଅନ୍ୟ ସ୍ଥାନକୁ ଏହା ପଠାଯାଉଥିବା ପ୍ରାଥମିକ ତଦନ୍ତରେ ଜଣାପଡ଼ିଥିବା ଆରପିଏଫ୍ କହିଛି। ଏ ନେଇ ମାମଲା ନ.° ୬୯/୨୪ ରୁଜୁ ହୋଇଛି।

### କୁମ୍ଭକାର ସମାଜର କୂଳଦେବତାଙ୍କ ଜନ୍ମଉତ୍ସବ

**ରାଉରକେଲା, ୧୧।୫(ସଙ୍ଗୀତା ଜେନା) :** ହନୁମାନ ବାଟିକାରେ କୁମ୍ଭକାର ସମାଜର କୂଳଦେବତା ନାରାୟଣ,ରୁଦ୍ରପାଳ,ମାତା ରତ୍ନେଶ୍ୱରୀଙ୍କ ଅଷ୍ଟମ ବାର୍ଷିକ ଜନ୍ମଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସକାଳ ସମୟରେ ମନ୍ଦିର ପୂଜକ ଉଦୟ ପାଣ୍ଡେ ଘଟସ୍ଥାପନା ଓ ସୂର୍ଯ୍ୟପୂଜା ବିଧି କରିଥିଲେ। କର୍ତ୍ତାକର୍ତ୍ତ୍ରୀ ଭାବେ ବିଭୂତି ପରିଡ଼ା ଓ ରଶ୍ମୀ ପରିଡ଼ା ଦାୟିତ୍ୱ ସମ୍ପାଦନା କରିଥିଲେ। ଏହି ଅବସରରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ପରେ ନାରାୟଣ, ରୁଦ୍ରପାଳ, ରତ୍ନେଶ୍ୱରୀ ସେବା ସଂସ୍ଥାର ସମ୍ପାଦିକା ନମିତା ବେହେରା ଅନୁଷ୍ଠାନର କାର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାସନ୍ତୀକଲୋନୀ, ଗୋଲଘର, କୁମ୍ଭାରପଡ଼ା, ଛେଣ୍ଡ କଳିଙ୍ଗବିହାର, ଫର୍ଟିଲାଇଜର, ପୋଲିସ କଲୋନୀ, ଏଲ୍ ଆଇସି କଲୋନୀ ସମେତ ଅନ୍ୟ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସଭାନେତ୍ରୀ ଦୀପା ପ୍ରଜାପତି, କେ କେ ପ୍ରଜାପତି, ଚକ୍ରଧର ମୁଦୁଲି, ସିଦ୍ଧେଶ୍ୱର ରଣା, ରାଜେଶ ବେହେରା, ମୀନତି ବେହେରା, ସନାତନ ବେହେରା, ବଙ୍ଗାଳି ବେହେରା, ବସନ୍ତ ବେହେରା, ବନମାଳୀ ବେହେରା ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।


ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।

# ସହରରେ ସୁରକ୍ଷା ବ୍ୟବସ୍ଥା ଢିଲା

**ରାଉରକେଲା, ୧୧।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ହୋଇ ପାରୁନାହିଁ। ସହରରେ ଅଗ୍ନି ସୁରକ୍ଷା,ପରିବହନଗତ ସୁରକ୍ଷା, ଟ୍ରାଫିକ ସୁରକ୍ଷା ଭଳି ଅତି ଆବଶ୍ୟକ ଜରୁରିକାଳୀନ ସୁରକ୍ଷା ବ୍ୟବସ୍ଥା ଠିକ୍ ଭାବେ ପରିଚାଳନା ହେଉନାହିଁ। ବିଭିନ୍ନ ଅନୁଷ୍ଠାନ,ପ୍ରତିଷ୍ଠାନ ଓ ଆପାର୍ଟମେଣ୍ଟ, ଶପିଂ ମଲ୍, ଇଣ୍ଡଷ୍ଟ୍ରିଆଲ, ସରକାରୀ ବେସକାରୀ ଡାକ୍ତରଖାନା, ସ୍କୁଲ, କଲେଜଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ଉପରୋକ୍ତ ସମସ୍ତ ଅନୁଷ୍ଠାନ ଓ ପ୍ରତିଷ୍ଠାନ ରାଉରକେଲା ବିଭାଗ ଅଧୀନରେ ଥିବା ବେଳେ ବିଭାଗର ଡେମୋଷ୍ଟ୍ରେଶନ ବ୍ୟବସ୍ଥା କମଚଳା ଢଙ୍ଗରେ ଚାଲିଛି। ନିୟମ ମୁତାବକ, ଯେଉଁ ଆପାର୍ଟମେଣ୍ଟର ପରିସୀମା ୨ଶହ ସ୍କୋୟାର ମିଟର ଥିବ ସେଠାରେ ୪ରୁ ଉର୍ଦ୍ଧ୍ୱ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା କଥା। ମାତ୍ର ଏହି ନିୟମକୁ କେହି ମାନୁ ନାହାନ୍ତି। ସହରର ବଡ଼ ବଡ଼ ଅନୁଷ୍ଠାନରେ ଅଗ୍ନି ନିର୍ବାପକ ଯନ୍ତ୍ର,ଫାୟାର ହାଇଡ୍ରେଟ ସିଷ୍ଟମ ଓ ଫାୟାର ବକେଟ୍ ସହ ଆକସ୍ମିକ ଅଗ୍ନିଜନିତ ଦୁର୍ବିପାକ ପାଇଁ ପର୍ଯ୍ୟାପ୍ତ ପାଣି ରଖିବା ନିର୍ଦ୍ଧାରିତ ଥିବା ବେଳେ କେବଳ ଅଗ୍ନି ନିର୍ବାପକ ଯନ୍ତ୍ର ରଖି ଅଗ୍ନି ସୁରକ୍ଷା ନିୟମ ପାଳନ ହେଉଛି। କପଡ଼ା,ଗ୍ରୋସରି ଦୋକାନ ଓ ହୋଟେଲଗୁଡିକରେ ଅଗ୍ନି ନିର୍ବାପକ ଯନ୍ତ୍ର ନିହାତି ଆବଶ୍ୟକ ଥିବା ବେଳେ ପ୍ରାୟ ଦୋକାନରେ ଏହି ଯନ୍ତ୍ର ରଖାଯାଉନାହିଁ। ଅନ୍ୟପଟେ ରାଉରକେଲା ସହରରେ ଅଗ୍ନିଶମ ବିଭାଗ ପକ୍ଷରୁ ଏଯାଏଁ ୧୫ମିଟର ଉଚ୍ଚତା ବିଶିଷ୍ଟ ଯଥା ୪-୫ ତାଲା ବିଶିଷ୍ଟ ମାତ୍ର ୬୦ଟି ଆପାର୍ଟମେଣ୍ଟକୁ ଅଗ୍ନି ସୁରକ୍ଷା ଅନୁବନ୍ଧନଗତ ପ୍ରମାଣପତ୍ର ମିଳିଥିବାବେଳେ ବହୁ ଆପାର୍ଟମେଣ୍ଟକୁ ଏଯାଏ ପ୍ରମାଣପତ୍ର ମିଳିପାରିନାହିଁ। ସହରରେ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ପ୍ରଣାଳୀରେ ସହରବାସୀଙ୍କ ସୁରକ୍ଷା ସହ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ମଜଭୁତ କରିବା ନିମନ୍ତେ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ନାମକ ରକ୍ଷା ମନ୍ତ୍ରଣାଳୟ ଏକ ନବରତ୍ନ କମ୍ପାନୀ ୬ କୋଟି ୪୨ଲକ୍ଷ ୩୦ହଜାର ସରକାରୀ ଆର୍ଥିକ ପରିଯୋଜନାରେ ରାଉରକେଲା ସ୍ମାର୍ଟ ସିଟି ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ବ୍ୟବସ୍ଥାରେ ସହର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ କାମ ହାତକୁ ନେଇଥିବା ବେଳେ କାମ ସରିବାର ନାଁ ଧରୁନାହିଁ। ଟ୍ରାଫିକ ବିଭାଗରେ ନିୟୋଜିତ କର୍ମଚାରୀଙ୍କୁ ଠିକ୍ ସମୟରେ ଗ୍ରୀଷ୍ମ ସୁରକ୍ଷା ନିରାପଦ କିଟ୍ ଯଥା: ଚଷମା ,ଟୋପି ଆଦି ପ୍ରଦାନ କରାଯାଉନାହିଁ। ଜଣେ ମାତ୍ର ଟ୍ରାଫିକ ଇନ୍‌ସ୍ପେକ୍ଟରଙ୍କ ଭରସାରେ ଟ୍ରାଫିକ ନିୟନ୍ତ୍ରଣ ହେଉଛି। ରାଉରକେଲା ପରିବହନ ବିଭାଗ ପକ୍ଷରୁ ମଧ ଯାନବାହନ ଫିଟ୍‌ନେସ୍ ଆଦି ବିଭିନ୍ନ ଯାଞ୍ଚ ପ୍ରକ୍ରିୟା ଆବଶ୍ୟକ ଭିତ୍ତିଭୂମି ଅଭାବ ହେତୁ ଠିକ୍ ଭାବେ ସମ୍ପାଦନ ହୋଇପାରୁନାହିଁ। ଲୋକଙ୍କ ଜରୁରିକାଳୀନ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିହିତ ହସ୍ତକ୍ଷେପ ନିତାନ୍ତ ଆବଶ୍ୟକ ହୋଇପଡିଛି ବୋଲି ସହରର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ରାଉରକେଲା ସହକାରୀ ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦାଙ୍କୁ ପଚାରିବାରୁ, ରାଉରକେଲା ସହରରେ ସମସ୍ତ ଅନୁଷ୍ଠାନ, ପ୍ରତିଷ୍ଠାନ ଓ ଆପାର୍ଟମେଣ୍ଟରେ ଅଗ୍ନିଜନିତ ସୁରକ୍ଷା ବ୍ୟବସ୍ଥା ଯେଉଁଭଳି ରହିବ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏନେଇ ରାଉରକେଲା ଆଞ୍ଚଳିକ ପରିବହନ ପ୍ରବନ୍ଧକ ଭି. ସାମନ୍ତସିଂ ରାୟ କହିଛନ୍ତି, ପ୍ରତିମାସ ପରିବହନଜନିତ ଅବାଧ ଯାନବାହନ ଚାଳାନା ଉପରେ ଯାଞ୍ଚ ହେଉଛି। କମର୍ସିଆଲ ଯାନବାହନ ଫିଟ୍‌ନେସ ଯାଞ୍ଚ ମଧ ହେଉଛି। ଆଗକୁ ଲୋକଙ୍କ ଯାନବାହନଜନିତ ଅଧିକ ସୁରକ୍ଷା ନିମନ୍ତେ ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ସେ କହିଥିଲେ।


ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସହ ଦଳରେ ସାମିଲ ହୋଇଥିବା କର୍ମୀମାନେ।


ଦିଲୀପଙ୍କ ସହ ସୁମିତ।

## ଦିଲୀପଙ୍କୁ କୃତଜ୍ଞତା ଜଣାଇଲେ ଗିନିଜ ୱାର୍ଲ୍ଡ ରେକର୍ଡଧାରୀ ସୁମିତ

**ରାଉରକେଲା, ୧୧।୫ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ସୁମୀତ କୁମାର ସିଂ ଗିନିନ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସୁମି୍ତ ଦିଲୀପ ରାୟଙ୍କ ସମର୍ଥନ ଓ ସହଯୋଗକୁ ପ୍ରଶଂସା କରିଛନ୍ତି, ସୁନୀତ କହିଛନ୍ତି, ଦିଲୀପଙ୍କ ସହଯୋଗ ଫଳରେ ଆଜି ଏହି ସଫଳତା ମିଳିପାରିଛି। ପ୍ରକାଶ ଥାଉକି, ସୁମିତ ମାନୁଆଲ ଟ୍ରେଡମିଲରେ ୬୮.୦୪ କି.ମି ଦ୍ରୁତ ଦୌଡ଼ ଲଗାଇ ଗିନିଜ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି।

## ୩୬୪ ମାମଲାର ସମାଧାନ

**ରାଷ୍ଟ୍ରୀୟ ଲୋକ ଅଦାଲତ**

**ରାଉରକେଲା, ୧୧।୫(ବିପ୍ଳବ ରଞ୍ଜନ ଦାଶ)**

ପାନପୋଷ ବିରଜାପାଲି ସ୍ଥିତ ନୂତନ ସିଭିଲ କୋର୍ଟ ପରିସରରେ ଶନିବାର ସକାଳ ୮ଟାରେ ପ୍ରଥମ ଅତିରିକ୍ତ ଜିଲା ଜର୍ଜ ଡ. ଭି.ସୂଜାତାଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଲୋକ ଅଦାଲତରେ ଫ୍ୟାମିଲ କୋର୍ଟ ଜର୍ଜ ଲିଲି ସେନାପତି, ଦ୍ୱିତୀୟ ଅତିରିକ୍ତ ଜିଲାଜର୍ଜ ମନୋଜ କୁମାର, ଏସଡିଜିଏମ ଅରୋଲିପି ପରିଜା, ସିଭିଲ ଜର୍ଜ ଚରଣ ଜେନା,ଗ୍ରାମାଞ୍ଚଳ ମାଜିଷ୍ଟ୍ରେଟ ସୌରଭ ଶର୍ମା,ଉମାକାନ୍ତ ବେହେରା ଏବଂ କରୋନିକା ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତର ଅର୍ଥ ଆଦାୟ,ବିବାହ ଛାଡପତ୍ର ସିଭିଲ ମାମଲା ଏବଂ ଅପରାଧିକ ଜନିତ ବିଭିନ୍ନ ମାମାଲାରେ ମୋଟ ୬୫୯ଟି ଅଭିଯୋଗ ଆଗତ ହୋଇଥିଲା। ମୋଟ ୩୬୪ଟି ମାମଲା ସମାଧାନ ହେବା ସହିତ ୩କୋଟି ୩୩ଲକ୍ଷ ୮୪ହଜାର ୬୩୧ଟଙ୍କା ଜରିମାନା ଆଦାୟ ଆଦେଶ ହୋଇଥିଲା। ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ ଶିବିରରେ ପ୍ରଥମ ବେଞ୍ଚ ଆଇନଜୀବୀ ବସନ୍ତ କୁମାର ପାତ୍ର, ସ୍ନେହଲତା ପଟ୍ଟନାୟକ ଏବଂ ଦ୍ୱିତୀୟ ବେଞ୍ଚ ଆଇନଜୀବୀ ବୈଷ୍ଣବ ଚରଣ ନାୟକଙ୍କ ସହିତ ସାମାଜିକ କର୍ମୀ ନିରଜୀ ଜେନା ସମ୍ମିଳିତ ରହି ସମସ୍ତ ଅଭିଯୋଗର ସମୀକ୍ଷା କରିଥିଲେ। ଏଥିସହ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଳତ ଆୟୋଜନରେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର, ଦଣ୍ଡପାଣି ଚୌଧୁରୀ, ଏସ କେ ବାରିକ, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ଏବି ଷଡଙ୍ଗୀ, ପି.ସି ପାତ୍ର, ବି ଏନ ପଢିଆରୀଙ୍କ ଏବଂ ସୁରେଶ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।


ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ଅତିଥିମାନେ।

## ରବିଶଙ୍କରଙ୍କ ଜନ୍ମଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ରାଉରକେଲା, ୧୧।୫(ସଙ୍ଗୀତା ଜେନା)**

ଆସନ୍ତା ୧୩ରେ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେଶନ ପ୍ରତିଷ୍ଠାତା ରବିଶଙ୍କରଙ୍କ ୬୮ତମ ଜନ୍ମ ଉତ୍ସବ ପାଳନ ହେବାକୁ ଯାଉଛି। ସମଗ୍ର ବିଶ୍ୱରେ ପ୍ରାୟ ୧୯୦ଟି ଦେଶରେ ଏହା ପାଳିତ ହେବ। ସ୍ଥାନୀୟ ଆର୍ଟ ଅଫ୍ ଲିଭିଂ ପରିବାର ପକ୍ଷରୁ ଉକ୍ତ ଜନ୍ମ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧୩ ତାରିଖ ସକାଳେ ସେକ୍ଟର-୨ ରବିଶଙ୍କର ବିଦ୍ୟାମନ୍ଦିର, ସେକ୍ଟର-୬ କେନ୍ଦ୍ରୀୟ ବିଦ୍ୟାଳୟ, ଉଦିତନଗର ଓ କଳିଙ୍ଗବିହାର ଠାରେ ସାଧକଙ୍କ ପାଇଁ ସୁଦର୍ଶନ କ୍ରିୟା ଆୟୋଜନ କରାଯାଇଛି। ସେହିପରି ସେକ୍ଟର-୨ ବସ୍ ଷ୍ଟାଣ୍ଡରେ ସରବତ୍ ବଣ୍ଟନ କରାଯିବ। ସେହିପରି ସନ୍ଧ୍ୟାରେ ସେକ୍ଟର-୬ ଭଞ୍ଜଭବନଠାରେ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ମ୍ୟୁନିସିପାଲ କଲେଜର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୧୧।୫(ସଙ୍ଗୀତା ଜେନା)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ରେ ମ୍ୟୁନିସିପାଲ କଲେଜରୁ ୭ ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଉଭୟ କମର୍ସ ଓ ବିଜ୍ଞାନରେ ଛାତ୍ରୀଛାତ୍ର ଟପ୍ପର ହୋଇଛନ୍ତି। ବିଜ୍ଞାନରେ କୋମଲ ଚୌରାସିଆ, ଶୁଭଲକ୍ଷ୍ମୀ ବାରିକ, ହରିପ୍ରିୟା ସ୍ୱାଇଁ ଓ ବାଣିଜ୍ୟରେ ସୁଧାସ୍ମିତା ପ୍ରଧାନ, ବିପାସନା ମହାନ୍ତି, ଶ୍ୱେତା ସାଙ୍ଗଭି, ବସନ୍ତ ଲତା, ଗିରୀଶ କୁମାର ପ୍ରମୁଖ ଟପ୍ପର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କଲେଜ ଅଧକ୍ଷ ଡ. ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଉକ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀପ୍ତିରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିବାବେଳେ ଅଧାପକ ଆକାଶ ଚନ୍ଦ୍ର ଦାସ, ମହେଶ୍ୱତା ମହାପାତ୍ର, ଅଲିଶା ସେନ୍, ଅନିଲ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୁକ୍ତା ବେହେରା, ଆର୍ଶୀବାଦ ମାଝି, ସୁଦୀପ୍ତି କେର୍କେଟା, ପ୍ରେରଣା ପ୍ରଧାନ, ସ୍ୱାଗତିକା ସାମଲ, ରବିନ୍ଦ୍ର ଧୂପାଲ, ନିରଞ୍ଜନ ଦାସ, ହେମନ୍ତ ପୂହାଣ, ଗଗନ ବିହାରୀ ନାୟକ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।


କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ପ୍ରଗତି ଉତ୍କଳ ସଂଘର ସମ୍ବର୍ଦ୍ଧନା ସଭା

**ରାଉରକେଲା, ୧୧।୫, (ଦିନେଶ ମିଶ୍ର)**

ରାଉରକେଲା ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଡ.ନଗେନ କୁମାର ଦାସ, ପ୍ରଭାତ କୁମାର ମଲ୍ଲିକ ଓ ଡ. କ୍ଷୀରୋଦ କୁମାର ବରାଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ବରିଷ୍ଠ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଅଜୟ କୁମାର ଗୋସ୍ୱାମୀ, ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, ରାଧାମୋହନ ନାୟକ, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର, ସତ୍ୟନାରାୟଣ ଦାଶ, ଶୁଭ୍ରାଂଶୁ ଶେଖର ମହାପାତ୍ର, ଧରଣୀଧର ସାମଲ, ସ୍ମିତା ମିଶ୍ର, ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ବିଶିଷ୍ଟ ପ୍ରଗତିଶୀଳ କବି ଜଳଧର ପ୍ରଧାନଙ୍କ ବିୟୋଗରେ ସଂଘ ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା।



ସଭାରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

## ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ: ଯାତାୟାତରେ ବାଧା

- ହନ୍ତସନ୍ତ କଲୋନିବାସୀ
- ୭ ଦିନ ଭିତରେ ପଦକ୍ଷେପ ନେବାକୁ କହିଲା ଆର୍‌ଏମ୍‌ସି

**ରାଉରକେଲା, ୧୧।୫(ଦିନେଶ ମିଶ୍ର)**

ରାଉରକେଲା ସହର ସ୍ମାର୍ଟ ସିଟିର ମାନ୍ୟତା ପାଇବା ପରେ ବିଭିନ୍ନ ସ୍ଥାନରେ ଚାଲିଛି ବହୁ ଉନ୍ନତିମୂଳକ କାର୍ଯ୍ୟ। କେଉଁଠି ରାସ୍ତା ଚଉଡ଼ା କରାଯାଉଛି ତ ଆଉ କେଉଁଠି ଷ୍ଟାଚ୍ୟୁ ନିର୍ମାଣ ହେଉଛି। ଏସବୁ କାର୍ଯ୍ୟ ଚାଲିଥିବା ବେଳେ ସହରରେ କିଛି ଘରୋଇ କଣ୍ଟ୍ରାକ୍ଟର ଓ ବ୍ୟବସାୟୀ ବେଆଇନ ଭାବେ ରାସ୍ତା ଉପରେ ଘରୋଇ ନିର୍ମାଣ ସାମଗ୍ରୀ ପକାଇ କଲୋନିବାସୀଙ୍କୁ ହନ୍ତସନ୍ତ କରୁଥିବା ଅଭିଯୋଗ ହୋଇଛି। ଏହିଭଳି ଦୃଶ୍ୟ ରାଉରକେଲା ସହରର ବାସନ୍ତୀ କଲୋନି ସ୍ଥିତ ଏଲ୍ ବ୍ଲକ୍ ଓ ବିଏଲ୍ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ବାସନ୍ତୀ କଲୋନି ସହରର ଏକ ପ୍ରମୁଖ ଅଞ୍ଚଳ ହୋଇଥିବାବେଳେ ଏଠାରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ଅଞ୍ଚଳରେ ଏଲ୍ ବ୍ଲକ୍ ଦେଇ ଯାଇଥିବା ମୁଖ୍ୟ ରାସ୍ତା ଉପରେ ଆଜିକୁ ପ୍ରାୟ ୭ ଦିନ ଧରି ଇଟା, ବାଲି ଓ ଗୋଡ଼ି ଭଳି ଘରୋଇ ନିର୍ମାଣ ସାମଗ୍ରୀଗୁଡିକ ପଡ଼ି ରହି ରାସ୍ତା ଜାମ୍ କରୁଛି। ଫଳରେ କଲୋନି ଭିତରକୁ ଜରୁରିକାଳୀନ ଗାଡ଼ି ଆସିପାରୁନାହିଁ। ସେହିଭଳି ବାସନ୍ତୀ କଲୋନି ସ୍ଥିତ ବିଏଲ୍ ବ୍ଲକ ଛକରେ କେତେଜଣ ସ୍ଥାନୀୟ ଠିକା କଣ୍ଟ୍ରାକ୍ଟର ରାସ୍ତା ଉପରେ ଗୋଡ଼ି ଓ ଲୁହାରଡ୍ ଭଳି ବିଭିନ୍ନ ଘରୋଇ ଉପକରଣ ପକାଇ ରଖିଛନ୍ତି। ରାସ୍ତା ସଙ୍କୁଚିତ ହେବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ମଧ ଦେଖିବାକୁ ମିଳିଛି। ଏନେଇ ଆର୍‌ଏମ୍‌ସିର ସିଇଓ ଆଶୁତୋଷ କୁଲକର୍ନିଙ୍କୁ ପଚାରିବାରୁ, ବାସନ୍ତୀ କଲୋନିର ବିଭିନ୍ନ ଅଞ୍ଚଳର ରାସ୍ତାକଡ଼ରେ ପଡ଼ିଥିବା ଘରୋଇ ନିର୍ମାଣ ଉପକରଣକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଆର୍‌ଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ପଠାଇ ଆସନ୍ତା ୭ ଦିନ ଭିତରେ ଉଚିତ ପଦକ୍ଷେପ ନେବୁ । ଏଥିସହ ରାସ୍ତାକଡ଼ରେ ଏଭଳି ବେଆଇନ ଭାବେ ଘରୋଇ ଉପକରଣ ସାମଗ୍ରୀ ନ ପକାଇବାକୁ ସଚେତନ କରାଇବୁ ବୋଲି କମିଶନର କୁଲକର୍ନି କହିଥିଲେ।


ରାସ୍ତା ଉପରେ ଗଦା ହୋଇଥିବା ବାଲ, ଗୋଡି।

## ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ଅଭିଯୋଗ

ରେଢ଼ାଖୋଲ,(ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଧିନ ଲୁହାପଙ୍କ ଗ୍ରାମ ନିକଟରେ ଥିବା ରିଲାଏନ୍ସ ଟାୱାରରୁ ୩ଟି ବ୍ୟାଟେରି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(୧୨୯/୨୩) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଏସ ଆଇ ଅସୀମା ଏକ୍କା କହିଛନ୍ତି। ବ୍ୟାଟେରି ଚୋରି ହୋଇଥିବା ନେଇ କମ୍ପାନୀର ଟେକନିସିଆନ ରଞ୍ଜନ ସ୍ୱାଇଁ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଛନ୍ତି।

# ୨ ମାସ ପରେ ବି ଧରାପଡୁନାହାନ୍ତି ମାଷ୍ଟରମାଇଣ୍ଡ

ଦେବଗଡ଼,୧୧।୫(ଶଶାଙ୍କ ଶେଖର ଝାଙ୍କର)



**ଧଉରାଗୋଠରେ ନିଷିଦ୍ଧ ଅଫିମ ଚାଷ ଧରା ପଡ଼ିବା ଘଟଣା**

- ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ
- ଅବକାରୀ ସବୁ ଜାଣିଶୁଣି ଚୁପ
- ଭିଜିଲାନ୍ସ ତଦନ୍ତ ଦାବି
- ବିଭାଗୀୟ ଅଧିକାରୀ ମିଶି ଥିବା ସନ୍ଦେହ

ଦେବଗଡ଼ ଜିଲା ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ ଧଉରାଗୋଠ ଗ୍ରାମର ସରକାରୀ ଜମିରେ ଥିବା ନିଷିଦ୍ଧ ଅଫିମ ବଗିଚା ଲୋକ ଲୋଚନକୁ ଆସିବାର ୨ ମାସ ବିତିଯାଇଛି। କିନ୍ତୁ ଅଫିମ ଚାଷର ମାଷ୍ଟର ମାଇଣ୍ଡଙ୍କୁ ଧରିବାରେ ଅବକାରୀ ବିଭାଗ ବିଫଳ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଅବକାରୀ ବିଭାଗର କେତେକ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ପରୋକ୍ଷ ସମର୍ଥନରେ ଅଫିମ ଚାଷ ଚାଲିଥିବାରୁ ଜାଣିଶୁଣି ଧରୁ ନ ଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚସ୍ତରୀୟ ଓ ଭିଜିଲାନ୍ସ ତଦନ୍ତ ହେଲେ ହିଁ ସତ୍ୟ ସାମ୍ନାକୁ ଆସିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୩ ବର୍ଷ ହେଲା ଉକ୍ତ ନିର୍ଦ୍ଦିଷ୍ଟ ସରକାରୀ ଜମିରେ ବେଆଇନ ଅଫିମ ଚାଷ ହୋଇ ଆସୁଥିଲା। ମାତ୍ର ଚାଷୀ ଜନ ଟାଓ ଏହା ଏକ ବିଦେଶୀ ପ୍ରଜାତିର ସୋରିଷ ବୋଲି କହୁଥିବାରୁ ଏହା ଅଫିମ ବୋଲି ସେମାନେ ଜାଣିପାରି ନ ଥିଲେ। ତେବେ କିଛି ଦିନ ପୂର୍ବେ ରିଆମାଳ ଅବକାରୀ ବିଭାଗ ଜଣେ ପ୍ରଭାବଶାଳୀ ଏଏସଆଇ ସାଦା ପୋଷାକରେ ଆସି ଚାଷୀ ଜନ ଟାଓ ସହିତ ଫୁସୁରୁ ଫାସୁରୁ ହେଉଥିବା ଦେଖିବାକୁ ପାଇବା ପରେ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ସୋରିଷ ଗଛ କୁହାଯାଉଥିବା ଉକ୍ତ ଗଛରେ ରଙ୍ଗ ବେରଙ୍ଗର ଫୁଲ ଫୁଟିବା ସହ ବଡ ବଡ ଫଳ ଫଳିଥିବାରୁ କେତେକ ଯୁବକ ଏହାର ଚିତ୍ର ଉତ୍ତୋଳନ କରି ଗୁଗୁଲରେ ସର୍ଚ୍ଚ କରିବାରୁ ଏହା ନିଷିଦ୍ଧ ଅଫିମ ବୋଲି ଜଣାପଡିଥିଲା। ଫଳରେ ଗତ ମାର୍ଚ୍ଚ ୩ ତାରିଖ ସକାଳେ ଧଉରାଗୋଠ ଗ୍ରାମର ବହୁ ପୁରୁଷ ଓ ମହିଳା ସେଠାରେ ପହଞ୍ଚି ମିଳିତ ଭାବେ ଉକ୍ତ ବଗିଚାରେ ଚଢାଉ କରିବା ସହ ଜନ ଟାଓଙ୍କୁ କାବୁ କରିଥିଲେ। ତେବେ ଗ୍ରାମବାସୀଙ୍କୁ ଦେଖି ଉକ୍ତ ବଗିଚାରେ ଥିବା ମାଷ୍ଟର ମାଇଣ୍ଡ କେନ୍ଦୁଝର ଜିଲାର ଅମ୍ଳାନ ଭଦ୍ରା ସେଠାରୁ ଦୌଡି ପଳାଇଥିଲେ। ଗ୍ରାମବାସୀ ତଥା ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ ଆଚାର୍ଯ୍ୟ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ଅବକାରୀ ଅଧୀକ୍ଷିକା ବାସନ୍ତୀ ପ୍ରଭା ନାୟକ ଓ ଇନ୍ସପେକ୍ଟର ମଧୁସୂଦନ ସାହୁ ସଦଳବଳେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହି ଅବସରରେ ଗ୍ରାମବାସୀ କାବୁ କରିଥିବା ଜନ ଟାଓଙ୍କୁ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପରେ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଫିମ ଗଛଗୁଡି ଉପାଡି ପୋଡି ଦିଆଯାଇଥିଲା। ଅବକାରୀ ବିଭାଗ ଜନ ଟାଓଙ୍କୁ ଏନ୍ଡିପିଏସ ଆକ୍ଟରେ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମାତ୍ର ଇତି ମଧ୍ୟରେ ଏ ଘଟଣାର ୨ ମାସ ବିତିଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ ଅମ୍ଳାନ ଭଦ୍ରାଙ୍କୁ ଗିରଫ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅବକାରୀ ବିଭାଗର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବକାରୀ ବିଭାଗ ସଚିବ ଏ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି କି ଉଚ୍ଚସ୍ତରୀୟ ଓ ଭିଜିଲାନ୍ସ ତଦନ୍ତ କରି ଅବକାରୀ ବିଭାଗର ମିଶି ଥିବା ଅଧିକାରୀଙ୍କୁ ଗିରଫ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବିଜେଡିରେ ସାମିଲ ହେଲେ ପୂର୍ବତନ କାଉନ୍ସିଲର



ବିଜେଡିରେ ଯୋଗଦେଇଥିବା ୨ ପୂର୍ବତନ କାଉନସିଲର।

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

ବରିଷ୍ଠ ଭାଜପା ନେତା ତଥା ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୯ର ପୂର୍ବତନ କାଉନସିଲର ଦିଲୀପ ସାହୁ, ୱାର୍ଡ ନମ୍ବର ୩୨ର ପୂର୍ବତନ କାଉନସିଲର ରାଜେନ୍ଦ୍ର ଗଡତିଆ ବିଜେଡିରେ ଯୋଗ ଦେଇଛନ୍ତି। ସମ୍ବଲପୁର ବିଧାନସଭା ପ୍ରାର୍ଥୀ ବିଧାୟକ ରୋହିତ ପୂଜାରୀଙ୍କ ସାକ୍ଷୀପଡ଼ା ସ୍ଥିତ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ନବାଗତମାନଙ୍କୁ ପୂଜାରୀ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ତଥା ନିର୍ମଳ ଭାବମୂର୍ତ୍ତି ଓ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗଦେଇଛନ୍ତି ବୋଲି ନବାଗତମାନେ କହିଥିଲେ।

## ସଂକ୍ଷେପରେ

### ଅନାଥ ଶିଶୁଙ୍କୁ ସମବେଦନା ଜଣାଇଲେ ପ୍ରଣବ

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

ସମ୍ବଲପୁର ବିହାରୀପଡ଼ାରେ ମାତାପିତାଙ୍କୁ ହରାଇଥିବା ଚାରି ଅନାଥ ସନ୍ତାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ନିର୍ବାଚନୀ ପ୍ରଚାର ପାଇଁ ଘରକୁ ଘର ଯାଇ ପ୍ରଚାର କରୁଥିବା ସମୟରେ ବିହାରୀପଡାରେ ପହଞ୍ଚି ଥିବା ପ୍ରଣବପ୍ରକାଶ ଉକ୍ତ ମାତାପିତା ଛେଉଣ୍ଡ ଶିଶୁଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ନିଜ ମାଉସୀଙ୍କ ସହିତ ରହୁଥିବା ରାଣୀ କୁମାରୀ, ରାଗିନୀ କୁମାରୀ, ଚାହତ କୁମାରୀ ଓ ଅର୍ଣ୍ଣବ ସାହୁ ଚାରି ଭଉଣୀଭାଇଙ୍କ ପିତା ରବୀନ୍ଦ୍ର ପ୍ରସାଦ ସାହୁ ଓ ମା' ପୁନମ ଦେବୀ ଅଳ୍ପ ଦିନ ବ୍ୟବଧାନରେ ସଂସାର ଛାଡ଼ି ଚାଲିଯାଇଛନ୍ତି। ସେମାନଙ୍କୁ ଭେଟି ସମବେନା ଜଣାବା ସହ ପ୍ରଣବ ନିର୍ବାଚନ ପରେ ସରକାରୀ ନିମାନୁସାରେ ସହଯୋଗ ସହିତ ସେମାନଙ୍କ ପାଠପଢା କିପରି ଆଗେଇ ପାରିବ ତାହାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ସିଦ୍ଧାର୍ଥ ଶାହା, ଦୁଲାଲ ଚନ୍ଦ୍ର ରାୟ, ଭଗତ ଶର୍ମା, ଡଲି ସାହୁ, ଜିତୁ ଗଡଲି, ନମନ ସିଂ, ଟାଇଗର, ପିଣ୍ଟୁ ରାଜା ପ୍ରମୁଖ ଉକ୍ତ ଶିଶୁମାନଙ୍କୁ ସାକ୍ଷାତ କରିଥିଲେ।

### ଅଘରିଆ ଦିବସରେ ଆଦର୍ଶ ଚାଷୀ ସମ୍ମାନିତ

କୁଚିଣ୍ଡା,୧୧।୫(ବିରଞ୍ଚି ଦର୍ଶା)

ଅଖିଳ ଭାରତୀୟ ଅଘରିଆ ସମାଜ ବାମଣ୍ଡା ଆଞ୍ଚଳିକ କମିଟି ପକ୍ଷରୁ ସାତକମାଠାରେ ଅକ୍ଷୟ ତୃତୀୟା ଓ ଅଘରିଆ ଦିବସ ପାଳିତ ହୋଇଯାଇଛି। ଅଘରିଆ ସମାଜ ଉପଦେଷ୍ଟା ଗଙ୍ଗାଧର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଅଧ୍ୟାପକ ବିନୋଦ ପଟେଲ ମୁଖ୍ୟବକ୍ତା, ଲଇଡା ଅଘରିଆ ଧାମର ବିନୟ କୁମାର ଚୌଧୁରୀ, ଉପସଭାପତି ନରେଶ ଚନ୍ଦ୍ର ପଟେଲ, କୁସୁମୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଭୋଜପୁର ସଭାପତି ଦେବାନନ୍ଦ ପଟେଲ ଏବଂ ବନମାଳୀ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅକ୍ଷୟ ତୃତୀୟାକୁ ସମାଜ ପକ୍ଷରୁ ଅଘରିଆ ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋଚନା କରି ସମାଜ ଏକତାକୁ ବଜାର ରଖିବା ଦିଗରେ ବକ୍ତାଗଣ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାମରା ମଣ୍ଡଳରୁ ଲିଙ୍ଗରାଜ ପଟେଲ, ଜମନକିରା ମଣ୍ଡଳରୁ ଶେଷଦେବ ପଟେଲ, କୁଚିଣ୍ଡା ମଣ୍ଡଳରୁ ଆଲୋକ ପଟେଲ ଓ କୁସୁମୀ ମଣ୍ଡଳରୁ ବୀରେନ୍ଦ୍ର ନାୟକଙ୍କୁ ଆଦର୍ଶ ଚାଷୀଭାବେ ସମ୍ମାନୀତ କରାଯାଇଥିଲା। ପରେ ନବ ନିର୍ବାଚିତ ରାଜ୍ୟ ଯୁବ ସଭାପତି ପୀତବାସ ପଟେଲ ଶପଥ ପାଠ କରିଥିଲେ। ଆଞ୍ଚଳିକ ସଭାପତି ଅଶୋକ କୁମାର ପଟେଲ ଓ କୁଚିଣ୍ଡା ମଣ୍ଡଳ ସଭାପତି ମନୋରଞ୍ଜନ ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଞ୍ଚଳିକ ସମ୍ପାଦକ ନିଳାଦ୍ରି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଧାପକ ସତ୍ୟ ନାରାୟଣ ପଟେଲ, ଲଲାଟେନ୍ଦୁ ପଟେଲ, କଲ୍ୟାଣୀ ପଟେଲ, ଲିନା ପଟେଲ ଏଥିରେ ସହଯୋଗ କରିଥିଲେ।

# ପୁରୁଣାପାଣି ଗ୍ରାମରେ କଂଗ୍ରେସର ନିର୍ବାଚନୀ ସଭା



ଦେବଗଡ଼,୧୧।୫(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଲୁଲଙ୍ଗ ଗ୍ରାମପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଶନିବାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ଯୋଗାଯୋଗ ଓ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ଗତିକୃଷ୍ଣ ପ୍ରଧାନ, ସୁରେଶ କେର୍କେଟ୍ଟା, କ୍ଷେତ୍ରବାସୀ ପାତ୍ର ଓ ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଦଳ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ। ଏହି ଅବସରରେ ଗ୍ରାମବାସୀମାନଙ୍କୁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କାର୍ଡ ଓ ଲିଫ୍ଲେଟ ପ୍ରଦାନ କରିବା ସହ ଦଳର ବିଧାନସଭା ପ୍ରାର୍ଥୀ ହେମ୍ବ୍ରମ ଓ ଲୋକ ସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନଙ୍କୁ ଭୋଟ ଦେଇ ବିଜୟୀ କରିବାକୁ କଂଗ୍ରେସ ନେତା ଓ କର୍ମୀମାନେ ନିବେଦନ କରିଥିଲେ।

# ଅମଳ ବେଳେ ଧାନ ଫସଲରେ ଚକଡ଼ା ରୋଗ



କବରାପାଲଇ ଅଞ୍ଚଳରେ ଚକଡା ଲାଗି କ୍ଷତିହୋଇଥିବା ଚାଷୀଙ୍କ ଫସଲ।

ସମ୍ବଲପୁର,୧୧।୫ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯଜୁମୁରା ବ୍ଲକ କବରାପାଲି ଅଞ୍ଚଳରେ ଧାନ ଫସଲରେ ଚକଡା ପୋକ ଲାଗି ବ୍ୟାପକ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ କିଛି ଦିନ ମଧ୍ୟରେ ତୀବ୍ର ଗତିରେ ଚକଡା ରୋଗ ମାଡିଯିବା ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଯାଇଛି ବୋଲି ଦିଲିପ ବଡାଇ, ସଞ୍ଜୟ ବଡାଇ, କାସିରାମ ପ୍ରଧାନ, ଭରତ ଭୋଇ, ସୁରେନ୍ଦ୍ର ପ୍ରଧାନ, ଜଗଦୀଶ ସାହୁଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି।ଏନେଇ କୃଷି ବିଭାଗକୁ ଅଭିଯୋଗ କରାଯିବା ପରେ ଗ୍ରାମ ସେବିକା ଯୋଗିତା ବର୍ଗେ କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରି ବିଭାଗୀୟ ଅଧିକାରୀମାନଙ୍କୁ କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରିଛନ୍ତି। ଫସଲ ବୀମା କରିଥିବା ବେଳେ ଚକଡା ଯୋଗୁ କ୍ଷତିପୂରଣ ମିଳିବ ନାଁ ନାହିଁ ତାହା ଚାଷୀଙ୍କୁ ଚିନ୍ତାରେ ପକାଇଛି। କ୍ଷତି ସମ୍ବନ୍ଧିୟ ରିପୋର୍ଟ ଉପରିସ୍ଥ ଅଧିକାରୀ ଏବଂ ବୀମା କମ୍ପାନୀକୁ ପ୍ରଦାନ କରିଥିବା ଗ୍ରାମସେବିକା କହିଛନ୍ତି ।

# ଲଇମୁରା ଥାନାଞ୍ଚଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଦେବଗଡ଼,୧୧।୫(ଶଶାଙ୍କ ଶେଖର ଝାଙ୍କର)

ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ଭୟଶୂନ୍ୟ କରିବା ଉଦ୍ଦେଶ୍ୟରେ ଦେବଗଡ ଜିଲା ପୋଲିସ ପକ୍ଷରୁ ଲଇମୁରା ଥାନାଞ୍ଚଳର ଡିମିରିକୁଦା, ଝରାଗୋଗୁଆ ଓ ଲଇମୁରା ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଦେବଗଡ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫ୍ଲାଗମାର୍ଚ୍ଚରେ ଲଇମୁରା ଥାନା ଅଧିକାରୀ ପଙ୍କଜ ମାଝି ଓ ଏଆସଆଇ କମଳ ଲୋଚନ ସାମଲଙ୍କ ସମେତ ବହୁ ସଶସ୍ତ୍ର ପୋଲିସ ଫୋର୍ସ ଅଂଶଗ୍ରହଣ କରିଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଅନ୍ୟ ଜଣେ ଗୁରୁତର

ଦେବଗଡ଼,୧୧।୫(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ଥାନା ଅନ୍ତର୍ଗତ ଝୁମ୍ପୁରା ଗ୍ରାମ ନିକଟ ୨୩ ନଂ. ଜାତୀୟ ରାଜପଥରେ ହାଇୱା ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ଅନୁଗୋଳ ଜିଲା ପାଲଲହଡା ଥାନା ଅନ୍ତର୍ଗତ ଜମରଡିହୀ ଗ୍ରାମର ପ୍ରଫୁଲ୍ଲ ଧିବର (୨୪)। ଗୁରୁତର ଆହତ ହେଲେ ବାରକୋଟ ଥାନା ଅନ୍ତର୍ଗତ ଝିକିମିକି ଗ୍ରାମର ଗଗନ ସୁଦାମ ଧିବର (୧୮)। ସୂଚନା ଅନୁଯାୟୀ ସୁଦାମ ଓ ପ୍ରଫୁଲ୍ଲ ଏକ ବାଇକ (ନଂ.ଓଡି୩୫ଜି-୦୨୮୩)ଯୋଗେ ବଲାଣି ପଟୁ ବାରକୋଟ ପଟକୁ ଆସୁଥିଲେ। ସମ୍ମୁଖ ପଟୁ ଆସୁଥିବା ଏକ ହାଇୱା ଟ୍ରକ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିବା ବେଳେ ସୁଦାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୁଦାମଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁଦାମଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ବାରକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପୋଲିସ ଏକ ମାମଲା ରୁଜୁକରି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଭାଜପା ପକ୍ଷରୁ ସତ୍ୟନାରାୟଣ ପାଣିଙ୍କୁ ସମ୍ବର୍ଦ୍ଧନା



ଓଡ଼ିଶା ସରପଞ୍ଚ ମହା ସଂଘର ମୁଖ୍ୟ ପରାମର୍ଶ ଦାତା ସତ୍ୟନାରାୟଣ ପାଣିଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

ଦେବଗଡ଼,୧୧।୫(ଶଶାଙ୍କ ଶେଖର ଝାଙ୍କର)

ଭାଜପାରେ ଯୋଗଦେଇଥିବା ବରିଷ୍ଠ ବିଜେଡି ନେତା ତଥା ଦେବଗଡ ଜିଲା ସରପଞ୍ଚ ସଂଘ ସଭାପତି ଓ ଓଡିଶା ସରପଞ୍ଚ ମହା ସଂଘର ମୁଖ୍ୟ ପରାମର୍ଶ ଦାତା ସତ୍ୟ ନାରାୟଣ ପାଣି(ହାଡି)ଙ୍କୁ ଶନିବାର ଦେବଗଡ ଜିଲା ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଭାଜପା କାର୍ଯ୍ୟାଳୟରେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟର ଅନ୍ୟତମ ବରିଷ୍ଠ ଭାଜପା ନେତା(କେନ୍ଦ୍ରପଡା ଜିଲା) ଭୁବନାନନ୍ଦ ଜେନା ଓ ଜିଲା ଭାଜପା ସଭାପତି ସାହୁ ଦଳୀୟ ଟୋପି ଓ ଉତରୀୟ ପ୍ରଦାନ ପୂର୍ବକ ପାଣିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ପାଣିଗ୍ରାହୀଙ୍କ ଯୋଗଦାନ ଜିଲାରେ ଭାଜପା ସଂଗଠନକୁ ଅଧିକ ସୁଦୃଢ କରିବ ବୋଲି ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଉପସଭାପତି ସତ୍ୟ ନାରାୟଣ ପାଣି(ଟିଲୁ),କାଉନଶିଲର ଇତିଶ୍ରୀ ମିଶ୍ର, ବରିଷ୍ଠ ଭାଜପା ନେତା ଇଂ. ସୁଜିତ କୁମାର ପ୍ରଧାନ, ସୁଧିର କୁମାର ବ୍ରହ୍ମା ଓ ଭୋଳେଶ୍ୱର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନା ଯୋଗ୍ୟ ଯେ, ପାଣି ଶୁକ୍ରବାର ଭାଜପା ପକ୍ଷରୁ ସମ୍ବଲପୁରଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ଦେବଗଡ ବିଧାୟକ ପ୍ରାର୍ଥୀ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଓ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ଉପସ୍ଥିତିରେ ଭାଜପା ସାମିଲ ହୋଇଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

ବରଗଡ଼,୧୧।୫(ପ୍ରେମାନନ୍ଦ ଖମାରୀ)

ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅନୁଯାୟୀ, ହେଲିକ୍ୟାପ୍ଟର ଯୋଗେ ଆସି ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟାରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌କୁ ପହଞ୍ଚିବେ। ସେଠାରେ ହେବାକୁ ଥିବା ଜନସଭାରେ ଉଦବୋଧନ ଦେବେ। କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନ ୪ଟା ୪୦ମିନିରେ ମୁଖ୍ୟମନ୍ତ୍ରୀ ଅସ୍ଥାୟୀ ହେଲିପ୍ୟାଡ୍‌କୁ ଯିବେ ଏବଂ ଅପରାହ୍ନ ୪ଟା ୫୦ମିନିଟରେ ସେଠାରୁ ହେଲିକ୍ୟାପ୍ଟର ଯୋଗେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପକୁ ଯିବେ। ସେଠାକୁ ଅପରାହ୍ନ ୫ଟା ୧୦ମିନିଟରେ ପହଞ୍ଚିବେ ଏବଂ ସେଠାରୁ ଅପରାହ୍ନ ୫ଟା ୧୫ ମିନିଟରେ ଅନ୍ୟ ଏକ ହେଲିକ୍ୟାପ୍ଟର ଯୋଗେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି।

# ଜିଲା ଓକିଲ ସଂଘ ନବନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୧।୫(ଭବାନୀ ଶଙ୍କର ଭୋଇ)




ଖବରଦାତା ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟମାନେ।

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ଶନିବାର ବୁଢାରଜା ସ୍ଥିତ ଏକ ହୋଟେଲରେ ସମ୍ବଲପୁର ଜିଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ଓକିଲ ସଂଘର ସଭାପତି ସତ୍ୟନାରାୟଣ ପଣ୍ଡା, ଉପସଭାପତି ସିଦ୍ଧାର୍ଥ ଶେଖର ସାହୁ, ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ସହ ସମ୍ପାଦକ ଅନୁପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ହିମାଂଶୁ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର ଓ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସମ୍ବର୍ଦ୍ଧନା ସଭା ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି ରାଜ୍ୟର ସମସ୍ତ ଆଇନଜୀବୀ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ। କିଛିଦିନ ପୂର୍ବରୁ ଫୁଲବାଣୀଠାରେ ସଂଘର ୫୨ ତମ ବାର୍ଷିକ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଆଇନଜୀବୀମାନଙ୍କ କଲ୍ୟାଣ ପାଣ୍ଠିର ସହାୟତା ରାଶି ବାର୍ଷିକ ୫ କୋଟିରୁ ୧୦ କୋଟିକୁ ବୃଦ୍ଧି କରିଥିବାରୁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହାସହିତ ରାଜ୍ୟର ସମସ୍ତ ଆଇନଜୀବୀ ମୃତ୍ୟଜନିତ, ସମ୍ପୂର୍ଣ୍ଣ ଅକ୍ଷମତା, ଅବସର ଜନିତ ସହାୟତା ରାଶିକୁ ୨୦ ଲକ୍ଷ ଟଙ୍କା ସହାୟତା ରାଶି ପାଇବାପାଇଁ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦକୁ ପ୍ରସ୍ତାବ ଦିଆଯାଇଛି । ନିଖିଳ ଓଡିଶା ଆଇନଜୀବୀ ସଂଘ ଓ ରାଜ୍ୟର ବିଭିନ୍ନ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଆଇନଜୀବୀମାନଙ୍କୁ ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଆଇନଜୀବୀମାନଙ୍କ ସୁରକ୍ଷା, ସ୍ୱାଧୀନତା ଓ ସମ୍ମାନ ରକ୍ଷା କରାଯିବା ପାଇଁ ଏକ ରାଜ୍ୟ ସ୍ତରୀୟ ସମ୍ମିଳନୀ କରାଯାଇ ଏଥିରେ ଦେଶର ସମସ୍ତ ରାଜ୍ୟର ଆଇନଜୀବୀ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବାର କାଉନସିଲ ଅଫ ଇଣ୍ଡିଆ ଅଧ୍ୟକ୍ଷ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଆଇନଜୀବୀମାନଙ୍କ ସ୍ୱାର୍ଥ ପାଇଁ ଆଇନରେ ପରିବର୍ତ୍ତନ ଆଣିବାକୁ ସଂଘ ଦାବି କରିଛି। ଏଥିପାଇଁ ଆଡ଼ଭୋକେଟ ପ୍ରୋଟେକସନ ବିଲ ଆଣିବାପାଇଁ ପ୍ରସ୍ତାବ ଦିଆଯାଇଥିଲା । ସମ୍ବଲପୁର ଆଇନଜୀବୀମାନେ ନିଜର ନ୍ୟାର୍ଯ୍ୟ ଦାବି ଆନ୍ଦୋଳନ ସମୟରେ ହୋଇଥିବା ଫୌଜଦାରି ମାମଲା ଗୁଡିକ ପ୍ରତ୍ୟାହାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସଂଘ ଅଧ୍ୟକ୍ଷ ମହାନ୍ତି ଦାବି ଉପସ୍ଥାପନା କରିଥିବା କହିଥିଲେ। ଖବରଦାତା ସମ୍ମିଳନୀରେ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟେଲ ଓ ସମ୍ବଲପୁର ଓକିଲ ସଂଘର ପୂର୍ବତନ ସଭାପତି ଆର୍ତ୍ତତ୍ରାଣ ମିଶ୍ର, ସଂଘ ସମ୍ପାଦକ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ମୋହନ କୁମାର ପଣ୍ଡା, ନଗେନ କୁମାର ନନ୍ଦ, କାର୍ଯ୍ୟକାରୀ ସଦସ୍ୟ ଲଗ୍ନଜିତ ମହାନ୍ତି ଓ ଚରଣ ସ୍ୱାଇଁ ଓ ସମ୍ବଲପୁର ଓକିଲ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ ।




# ମୁମ୍ବାଇକୁ ପ୍ରାରମ୍ଭିକ ସଫଳତା

କୋଲକାତା, ୧୧।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର) ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସକୁ ମିଳିଛି ପ୍ରାରମ୍ଭିକ ସଫଳତା। ଖବର ପ୍ରସ୍ତୁତ ବେଳକୁ କେକେଆର ୧୩ ଓଭରରେ ୬ ଉଇକେଟ ହରାଇ

## ଦେଢ଼ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ମ୍ୟାଚ୍

୧୨୫ ରନ୍ କରିଛି। କୋଲକାତାର ଇଡେନ୍ ଗାର୍ଡେନ୍ସରେ ଖେଳା ଯାଇଥିବା ମ୍ୟାଚ୍‌ଟି ବର୍ଷା କାରଣରୁ ପ୍ରାୟ ଦେଢ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ମ୍ୟାଚ୍‌କୁ ୧୬ ଓଭର ବିଶିଷ୍ଟ କରାଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା।

ପ୍ରଥମ ବଲ୍‌ରୁ ହିଁ କେକେଆର ବ୍ୟାଟର ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ନୁଆନ୍ ଥୁସାରାଙ୍କ ପ୍ରଥମ ବଲ୍‌ରୁ ଛକା ସହ ଇନିଂସ ଆରମ୍ଭ କରିଥିଲେ ଫିଲ୍ ସଲ୍ଟ। ପରବର୍ତ୍ତୀ ୩ ବଲ୍ ଡଟ୍ ରହିଥିବା ବେଳେ ପଞ୍ଚମ ବଲ୍‌ରେ ବଡ ଶଟ୍ ଖେଳିବାକୁ ଯାଇ ଅଂଶୁଲ କମ୍ବୋଜଙ୍କୁ କ୍ୟାଚ୍ ଦେଇଥିଲେ ସଲ୍ଟ। ପରବର୍ତ୍ତୀ ଓଭରରେ ଯଶପ୍ରୀତ୍ ବୁମ୍‌ରା ଏକ ଚମତ୍କାର ୟର୍କର ଜରିଆରେ ସୁନୀଲ ନାରିନ୍‌ଙ୍କୁ ବୋଲ୍ଡ କରିଥିଲେ। ତେବେ ଭେଙ୍କଟେଶ ଆୟର ଚମତ୍କାର ବ୍ୟାଟିଂ କରିଥିଲେ। ଅଧିନାୟକ ଶ୍ରେୟସ୍ ଆୟର ପୁଣି ଥରେ ବିଫଳ ହୋଇ ମାତ୍ର ୭ ରନ କରି ଅଂଶୁଲ କାମ୍ବୋଜଙ୍କ ବଲରେ ବୋଲ୍ଡ ହୋଇଥିଲେ। ଭେଙ୍କଟେଶ ୨୧ ବଲ୍ ଖେଳି ୬ ଚୌକା ଓ ୨ ଛକା ସହ ୪୨ ରନ୍ କରିଥିଲେ। ଅନ୍ୟ ପକ୍ଷରେ ନୀତିଶ ରାଣା(୩୩)ଙ୍କ ସହ ସେ ଚତୁର୍ଥ ଉଇକେଟରେ ୩୭ ରନ୍ ଯୋଡିଥିଲେ। ପୀୟୁଷ ଚାୱଲା ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିବା ବେଳେ ବଡ ଶଟ୍ ଖେଳିବାକୁ ଯାଇ ଆୟର ପ୍ୟାଭିଲିୟନ୍ ଫେରିଥିଲେ। ଖବର ପ୍ରସ୍ତୁତ ବେଳକୁ ରିଙ୍କୁ ସିଂ ୮ ଓ ଆନ୍ଦ୍ରେ ରସେଲ ୨୪ ରନରେ ବ୍ୟାଟିଂ କରୁଛନ୍ତି। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା, ନୁଆନ୍ ଥୁସାରା, ଅଂଶୁଲ କାମ୍ବୋଜ ଓ ପୀୟୁଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଉଇକେଟ ନେବା ପରେ ବୁମ୍‌ରାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।



ବର୍ଷା ପରେ ପଡ଼ିଆରେ ଜମିଥିବା ପାଣି ସଫା କରୁଛନ୍ତି ଗ୍ରାଉଣ୍ଡ ଷ୍ଟାଫ୍।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୪୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ଗୁଜରାଟ ଟାଇଟନ୍ସ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ରାଜସ୍ଥାନ**
ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**ବେଙ୍ଗାଲୁରୁ ବନାମ ଦିଲ୍ଲୀ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମୁଣ୍ଡରେ ବୋତଲ ବାଜି ଜୋକୋଭିଚ୍ ଆହତ




ରୋମ୍, ୧୧।୫(ପି.ଟି.)

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଟେନିସ୍ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ ମୁଣ୍ଡରେ ବୋତଲ ବାଜି ଆହତ ହୋଇଛନ୍ତି। ଇଟାଲିଆନ୍ ଓପନର ମ୍ୟାଚ୍ ପରେ ଏହି ଘଟଣା ଘଟିଥିଲା। ଜଣେ ଫ୍ୟାନ୍‌ଙ୍କୁ ଅଟୋଗ୍ରାଫ ଦେଉଥିବା ବେଳେ ସେ ଆହତ ହୋଇଥିଲେ। ଟାଇଟଲ ଜିତିବା ପରେ ପ୍ରଥମ ଧାଡିରେ ବସିଥିବା ଜଣେ ଫ୍ୟାନ୍ ଅଟୋଗ୍ରାଫ ମାଗିଥିଲେ। ଅଟୋଗ୍ରାଫ ପାଇଁ ଫ୍ୟାନ୍ ଜଣଙ୍କ ଜୋକୋଭିଚ୍‌ଙ୍କ ହାତକୁ ନୋଟ୍‌ବୁକ୍ ବଢାଉଥିବା ବେଳେ ତାଙ୍କ ବ୍ୟାକ୍‌ପ୍ୟାକରେ ଥିବା ଏକ ଆଲୁମିନିୟମ ପାଣି ବୋତଲ ଜୋକୋଭିଚ୍‌ଙ୍କ ମୁଣ୍ଡରେ ପଡିଥିଲା। ଫଳରେ ସେ ସାମାନ୍ୟ ଆହତ ହୋଇଥିଲେ। ସେ ତଳେ ପଡି ଯାଇଥିବା ବେଳେ ତାଙ୍କୁ ସୁରକ୍ଷାକର୍ମୀ ଲକର ରୁମ୍‌କୁ ନେଇଥିଲେ। ପରେ ସୋସିଆଲ ମିଡିଆ ସାଇଟ୍ 'ଏକ୍ସ'ରେ ପୋଷ୍ଟ କରିବା ସହ ସେ ସୁସ୍ଥ ଥିବା କହିଛନ୍ତି ଜୋକୋଭିଚ୍। ବିଭିନ୍ନ ସୋସିଆଲ୍ ମିଡିଆରେ ହୋଇଥିବା ପୋଷ୍ଟକୁ ନେଇ ସେ ଫ୍ୟାନମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଏବେ ସୁସ୍ଥ ଥିବାବେଳେ ହୋଟେଲ ରୁମ୍‌ରେ ବିଶ୍ରାମ ନେଉଥିବା ପ୍ରକାଶ କରିଛନ୍ତି। ମୁଣ୍ଡରେ ସାମାନ୍ୟ ଫୁଲା ରହିଥିବା ବେଳେ ସେ ଆଇସ୍ ପ୍ୟାକ ଲଗାଉଥିବା ପ୍ରକାଶ କରିଥିଲେ।

ସାଧାରଣତଃ ମ୍ୟାଚ୍ ପରେ ପ୍ରେସ୍ କନ୍‌ଫରେନ୍ସରେ ଭାଗ ନେଉଥିବା ଜୋକୋଭିଚ୍ ସିଧା ଡାକ୍ତରଙ୍କୁ ଭେଟିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ରବିବାର ପରବର୍ତ୍ତୀ ମ୍ୟାଚ୍ ଖେଳିବେ। ଫ୍ରେଞ୍ଚ କ୍ୱାଲିଫାୟର କୋରେଣ୍ଟିନ୍ ମୌଟେଟଙ୍କୁ ଉଦ୍‌ଘାଟନୀ ମ୍ୟାଚ୍‌ରେ ୬-୩, ୬-୧ରେ ପରାସ୍ତ କରିଥିଲେ ଜୋକୋଭିଚ୍। ୩୬ ବର୍ଷୀୟ ଜୋକୋଭଥିଚ୍ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

# ଆର୍ଥିକ ପୁରସ୍କାର ଘୋଷଣାକୁ ସମାଲୋଚନା

କରାଚୀ, ୧୧।୫ (ପି.ଟି.)

ଆଜଲାନ ଶାହା କପ୍ ଜିତିଲେ ଜାତୀୟ ଦଳର ସଦସ୍ୟମାନଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିବା ଲାଗି ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)ର ନିଷ୍ପତ୍ତିକୁ ଦେଶର କିଛି ପୂର୍ବତନ ଖେଳାଳି ସମାଲୋଚନା କରିଛନ୍ତି। ପିଏଚ୍ଏଫ୍ ପ୍ରଥମେ ଖେଳାଳିମାନଙ୍କ ବକେୟା ପାଉଣା ଏବଂ କର୍ମଚାରୀମାନଙ୍କ ବେତନ କରୁ ବୋଲି ସେମାନେ କହିଛନ୍ତି। ପାକିସ୍ତାନ ୧୩ବର୍ଷ ପରେ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହୋଇ ଜାପାନ ସହ ମୁକାବିଲା କରିଛି। ପାକିସ୍ତାନ ଚାମ୍ପିୟନ ହେଲେ ଖେଳାଳିମାନଙ୍କୁ ଆର୍ଥିକ ପୁରସ୍କାର ମିଳିବ ବୋଲି ପିଏଚ୍ଏଫ୍ ସମ୍ପାଦକ ରାଣା ମୁଜାହିଦ ମାଲେସିଆର ଇପୋହଠାରେ ଘୋଷଣା କରିଥିଲେ।

# ପଞ୍ଚମ ବିଜୟ ଲକ୍ଷ୍ୟରେ ଆର୍‌ସିବି

ବେଙ୍ଗାଲୁରୁ, ୧୧।୫(ପି.ଟି.)

ଚମତ୍କାର ଫର୍ମରେ ରହିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) କ୍ରମାଗତ ପଞ୍ଚମ ବିଜୟ ଲକ୍ଷ୍ୟରେ ରହିଛି। ରବିବାର ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଆରସିବି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଧୀମା ଓଭର ହାର ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ନିୟମିତ ଅଧିନାୟକ ରିଷଭ ପନ୍ତ ଏହି ମ୍ୟାଚ୍ ଖେଳିବେ ନାହିଁ। ଫଳରେ ଦିଲ୍ଲୀ ଉପରେ ଅତିରିକ୍ତ ଚାପ ରହିବ। ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଧୀମା ଓଭର ପାଇଁ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କାର ଫାଇନ୍ ସହ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା। ଅନ୍ୟ ପକ୍ଷରେ କ୍ରମାଗତ ୪ ମ୍ୟାଚ ଜିତିବା ସହ ଚମତ୍କାର ଫର୍ମରେ ରହିଛି ଆରସିବି। ପଞ୍ଚମ ମ୍ୟାଚ୍ ଜିତିବା ସହ ପ୍ଲେ ଅଫ୍ ଆଶା ଜୀବିତ ରଖିବାକୁ ଚାହିଁବ ଦଳ। ସମାନ ଭାବରେ ଦିଲ୍ଲୀ ପାଇଁ ଏହି ମ୍ୟାଚ୍‌ଟି ଗୁରୁତ୍ୱପୂର୍ଣ୍ଣ। ପ୍ଲେ ଅଫ୍ ପ୍ରବେଶ ପାଇଁ ଏହି ମ୍ୟାଚରେ ଦିଲ୍ଲୀକୁ ମଧ୍ୟ ନିଶ୍ଚୟ ବିଜୟ ଆବଶ୍ୟକ। ଅନ୍ୟ ପକ୍ଷରେ ଆରସିବିର ପୂର୍ବତନ ଅଧିନାୟକ ବିରାଟ କୋହଲି ଚମତ୍କାର ଫର୍ମରେ ରହିଛନ୍ତି। ୧୫୩ ଆଭରେଜ ସହ ସେ ୬୩୪ ରନ୍ ସ୍କୋର କରିଛନ୍ତି। ଆରସିବି ୧୨ ମ୍ୟାଚ୍‌ରୁ ୧୦ଟିରେ ବିଜୟ ହାସଲ କରିଛି। ପଏଣ୍ଟ ଟେବୁଲରେ ଦଳ ସପ୍ତମ ସ୍ଥାନରେ ରହିଛି। ତେବେ କ୍ରମାଗତ ୪ ବିଜୟ ସହ ଦଳ ଆତ୍ମବିଶ୍ୱାସରେ ରହିଛି। ରଜତ ପଟିଦାର ଓ ଫାଫ୍ ଡୁ ପ୍ଲେସି ମଧ୍ୟ ଚମତ୍କାର ବ୍ୟାଟିଂ କରି କୋହଲିଙ୍କୁ ସହଯୋଗ କରିଛନ୍ତି। ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଦଳ ସମ୍ପୂର୍ଣ୍ଣ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ବେଳେ ପ୍ରଥମ ଥର ପାଇଁ ପେସ୍ ବୋଲର ମାନେ ବିଜୟରେ ଯୋଗଦାନ ଦେଇଥିଲେ। ମହମ୍ମଦ ସିରାଜ ୩ ଓ ଯଶ ଦୟାଲ ୨ ଉଇକେଟ ନେଇଥିବା ବେଳେ ଉଭୟଙ୍କ ଇକୋନୋମୀ ୧୦ ତଳେ ରହିଥିଲା। ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ୍ ଆରସିବି ବୋଲରଙ୍କ ପାଇଁ ଚିନ୍ତାର କାରଣ ହୋଇ ପାରନ୍ତି। ଚଳିତ ସିଜନରେ ସେ ୨୩୬ ଷ୍ଟ୍ରାଇକ୍‌ରେଟ୍‌ରେ ବ୍ୟାଟିଂ କରିଛନ୍ତି। ସେହିପରି ଦିଲ୍ଲୀ ସ୍ପିନରଙ୍କ ମଧ୍ୟରେ କୁଲଦୀପ ଯାଦବ ଓ ଅକ୍ଷର ପଟେଲ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ଚମତ୍କାର ଇକୋନୋମୀ ହାରରେ ଉଇକେଟ ନେବାରେ ସଫଳ ହୋଇଛନ୍ତି। ଚିନ୍ନାସ୍ୱାମୀ ଗ୍ରାଉଣ୍ଡରେ ଏକ ହାଇ ସ୍କୋରିଂ ମ୍ୟାଚ୍ ଆଶା କରିବେ ଫ୍ୟାନ୍।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ